# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୨/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, October 12/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 318 | ମୂଲ୍ୟ ₹୭/-





# ଇସ୍ରାଏଲରେ ଗଢ଼ିଲା ଏକତା ସରକାର


ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍ ସହରରେ ହମାସ୍‌ର ରାଜନୈତିକ ଅଫିସ ସଦସ୍ୟ ଜକାରିଆ ଅବୁ ମାମର ନିହତ ହୋଇଛନ୍ତି। ବାପାଙ୍କ ମୃତଦେହ ସତ୍କାର ବେଳେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ତାଙ୍କ ଝିଅ ଓ ଜଣେ ସମ୍ପର୍କୀୟା।

**ଜେରୁଜେଲମ୍/ଗାଜା ସିଟି,୧୧।୧୦**

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଜଣେ ବରିଷ୍ଠ ବିରୋଧୀ ନେତା ବୁଧବାର ଯୁଦ୍ଧକାଳୀନ ଏକତା ସରକାର ଗଠନ ପାଇଁ ସହମତି ପ୍ରକାଶ କରିଛନ୍ତି। ଯୁଦ୍ଧରେ ୨,୨୦୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହୋଇଥିବାବେଳେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ବିରୋଧରେ ଚାଲିଥିବା ଅପରେଶନ୍‌କୁ ଏହି ୟୁନିଟି ଗଭର୍ନମେଣ୍ଟ ଅନୁଧ୍ୟାନ କରିବ।

ଇସ୍ରାଏଲର ଯୁଦ୍ଧ ଉଦ୍ୟମକୁ ବଳ ଦେବା ଲାଗି ପୂର୍ବରୁ ଜରୁରିକାଳୀନ ଏକତା ସରକାରରେ ନିଃସର୍ତ୍ତ ସାମିଲ ହେବା ନେଇ ନ୍ୟାଶନାଲ ୟୁନିଟି ପାର୍ଟି ନେତା ବେନ୍ନି ଗାଣ୍ଟ୍ଜ ସଙ୍କେତ ଦେଇଥିଲେ। ବୁଧବାର ସେ ନେତାନ୍ୟାହୁଙ୍କ ସହ ଏକ ମିଳିତ ବିବୃତିରେ ସମାନ କଥା ଦୋହରାଇଛନ୍ତି। ଅତୀତରେ ପ୍ରତିରକ୍ଷା ମନ୍ତ୍ରୀ ଓ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଏଫ୍‌ଡି) ମୁଖ୍ୟ ଭାବେ କାର୍ଯ୍ୟ କରିଥିବା ବେନ୍ନି କହିଛନ୍ତି, ସେମାନେ ଏକ ୫ ଜଣିଆ 'ଯୁଦ୍ଧ-ପରିଚାଳନା' କ୍ୟାବିନେଟ୍ ଗଠନ କରିବେ। ସେଥିରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ, ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗଲାଣ୍ଟ, ୨ ଜଣ ଶୀର୍ଷ ଅଧିକାରୀ ଏବଂ ସେ ନିଜେ ସଦସ୍ୟ ରୂପେ ରହିବେ। ମୁଖ୍ୟ ବିରୋଧୀ ନେତା ୟାର ଲାପିଡ୍‌ଙ୍କୁ ମଧ୍ୟ କ୍ୟାବିନେଟ୍‌ରେ ସାମିଲ ହେବାକୁ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ସେ ଏନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ଯୁଦ୍ଧ ସମୀକ୍ଷା

**୧.** ୧୯୭୩ର ୟୋମ୍ କିପ୍ପୁର ଯୁଦ୍ଧ ସହ ତୁଳନା କଲେ ଇସ୍ରାଏଲୀ ସାମରିକ ବଳର ଗତି ଉଭୟ ସମୟ ଓ ମୁତୟନ କ୍ଷେତ୍ରରେ ଅଧିକ ବିଳମ୍ବିତ ହୋଇଥିବା ମନେହୁଏ। ଇସ୍ରାଏଲ ଭଳି ଏକ ଛୋଟ ଦେଶ ପାଇଁ ଏହା ଅତ୍ୟନ୍ତ ଅସ୍ୱାଭାବିକ।

**୨.** ହମାସ୍ ଅନୁପ୍ରବେଶର ମୁକାବିଲା ପାଇଁ ଜବାବ ଦେବାକୁ ଇସ୍ରାଏଲକୁ ଅଧିକ ସମୟ ଲାଗିଛି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, କୌଣସି ମଣିଷ ଥିବା ଅନୁପ୍ରବେଶ ନିରୋଧୀ ଗ୍ରୀଡ୍ ସେଠାରେ ନ ଥିଲା। ଏହା ପ୍ରଥମ ୪-୫ ଘଣ୍ଟାର ଦୟନୀୟ ସ୍ଥିତିକୁ ଦର୍ଶାଉଛି। ସମ୍ପୂର୍ଣ୍ଣ ଅଚଳାବସ୍ଥା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି।

**୩.** କୌଣସି ଦେଶ ପାଇଁ ବିଶେଷକରି ସବୁ ସୀମାରେ ଲଢ଼ିଥିବା ଇସ୍ରାଏଲ କ୍ଷେତ୍ରରେ ଏକ ପରିଭାଷିତ ସାମରିକ କ୍ଷେତ୍ରର ସୁରକ୍ଷା କରୁଥିବା ଢାଞ୍ଚାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଅନୁଚିତ, ଯାହାକି ଇସ୍ରାଏଲର ଦକ୍ଷିଣାଞ୍ଚଳରେ ଦେଖିବାକୁ ମିଳିଥିଲା। ଏକ ବ୍ରିଗେଡ୍‌କୁ ୱେଷ୍ଟ ବ୍ୟାଙ୍କକୁ ସ୍ଥାନାନ୍ତର କରାଯିବା ଦ୍ୱାରା ଦକ୍ଷିଣ ଇସ୍ରାଏଲ ପ୍ରତିରକ୍ଷାବିହୀନ ହୋଇଯାଇଥିଲା।

**୪.** ପ୍ରଯୁକ୍ତି ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁ ଅଭେଦ୍ୟ ସୁରକ୍ଷାକୁ ନେଇ ଭୁଲ୍ ଧାରଣା ଦେଇଥାଏ। କାରିଗରି ବିଦ୍ୟା ମଣିଷକୁ ଶକ୍ତି ବୃଦ୍ଧି କ୍ଷେତ୍ରରେ ସହାୟକ ହୋଇପାରେ। କିନ୍ତୁ ପରିଶେଷରେ ମୁହାଁମୁହିଁ ସଂଘର୍ଷ ବେଳେ ସାହସୀ ସୈନ୍ୟମାନେ ହିଁ ବିଜୟୀ ହୋଇଥାଆନ୍ତି।

**୫.** ସେନା ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ବା ସଙ୍ଗଠନ ଜନଶକ୍ତି ହ୍ରାସର ଅଧୀନ ନୁହେଁ, ଯାହାକୁ ନାଗରିକ ସର୍ବସ୍ୱ ଅନୁଶାସନ ଦ୍ୱାରା ଚୁପ୍ କରାଯାଇପାରିବ। ପର୍ଯ୍ୟାପ୍ତ ସାମରିକ ବଳ ମୁତୟନକୁ ନିଜ ନିଜ କ୍ଷେତ୍ର ପାଇଁ ଉତ୍ତରଦାୟୀ କରାଯାଇପାରିବ। କିନ୍ତୁ ସାମରିକ ପ୍ରସ୍ତୁତି ପରିବର୍ତ୍ତେ ମନଲୋଭା ବଜେଟ ଓ ରାଜନୈତିକ ସୁବିଧାବାଦରେ ସନ୍ତୁଳନ ରକ୍ଷା ଉଦ୍ୟମ କରୁଥିବା ତଥା ଅମଲାତନ୍ତ୍ରୀ କଲମ ଚଳାଉଥିବା ନିର୍ବୋଧଙ୍କୁ ଉତ୍ତରଦାୟୀ କରାଯାଇପାରିବ ନାହିଁ।

**୬.** ଏପରି କି ଗତ ୭ ତାରିଖରେ ହମାସ୍ ଆକ୍ରମଣ କରିବାର ପଞ୍ଚମ ଦିନରେ ମଧ୍ୟ ଗାଜାରେ ଇସ୍ରାଏଲ ପକ୍ଷରୁ ଉପଯୁକ୍ତ ଭାବେ ଆକ୍ରମଣ ଆରମ୍ଭ ହୋଇପାରି ନାହିଁ। ସୈନ୍ୟ ଓ ଉପକରଣ ଠୁଳ କରିବା ପାଇଁ ଅନେକ ସମୟ ଲାଗିଯାଇଛି। ଫଳରେ ଗାଜାରୁ ନିଜ ସମ୍ପତ୍ତି ଅନ୍ୟତ୍ର ନେବା ପାଇଁ ହମାସ୍‌କୁ ପର୍ଯ୍ୟାପ୍ତ ସମୟ ମିଳିଛି। ଏହାଦ୍ୱାରା ଗାଜା ବାହାରୁ ଆଉ ଦିନେ ଲଢ଼ିବା ପାଇଁ ହମାସ୍ ସୁଯୋଗ ପାଇଛି।


ଇସ୍ରାଏଲର ରକେଟ୍ ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ ଗାଜା ସିଟି।

# ରାଜସ୍ଥାନ ଭୋଟ ନଭେମ୍ବର ୨୫ରେ

**ନୂଆଦିଲ୍ଲୀ,୧୧।୧୦**

ରାଜସ୍ଥାନ ବିଧାନସଭା ନିର୍ବାଚନ ନଭେମ୍ବର ୨୩ରେ ହେବାର ଥିଲା। ୨୩ ତାରିଖରେ ଅନେକ ବାହାଘର ଥିବାରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ବୁଧବାର ଏହାକୁ ନଭେମ୍ବର ୨୫ ପର୍ଯ୍ୟନ୍ତ ଘୁଞ୍ଚାଇଦେଇଛନ୍ତି। ତେଣୁ ରାଜ୍ୟର ୨୦୦ଟି ଯାକ ନିର୍ବାଚନମଣ୍ଡଳୀର ଭୋଟର ୨୫ରେ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ଯୋଧପୁର ଭାଜପା ଏମ୍‌ପି ପି.ପି. ଚୌଧରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ଓ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏନେଇ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଥିଲା। ଚୌଧରୀ କହିଥିଲେ, ନଭେମ୍ବର ୨୩ରେ ରାଜସ୍ଥାନରେ ୫୦,୦୦୦ରୁ ଅଧିକ ବିବାହ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଭୋଟ ତାରିଖ ପରିବର୍ତ୍ତନ କରାଯାଉ। ତେଣୁ କମିଶନ ଉପରୋକ୍ତ ନିଷ୍ପତ୍ତି ନେଇଥିବା ଏକ ବିବୃତିରେ ଜଣାଇଛନ୍ତି। ତେବେ ଭୋଟ ଗଣତି ନିର୍ଦ୍ଧାରିତ ତାରିଖ ଡିସେମ୍ବର ୩ରେ ହେବ।

### ବିବାହ ପାଇଁ ନିର୍ବାଚନ ଘୁଞ୍ଚିଲା

# ପଠାନ୍‌କୋଟ୍ ଆକ୍ରମଣର ମାଷ୍ଟରମାଇଣ୍ଡ ନିହତ

**ନୂଆଦିଲ୍ଲୀ,୧୧।୧୦(ପି.ଟି.)**


ଶାହିଦ ଲତିଫ

ଜୈଶ୍-ଏ-ମହମ୍ମଦ ଆତଙ୍କବାଦୀ ତଥା ୨୦୧୬ ପଠାନ୍‌କୋଟ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଶାହିଦ ଲତିଫ ଏବଂ ତାଙ୍କ ଭାଇଙ୍କୁ ବୁଧବାର ପାକିସ୍ତାନର ସିଆଲକୋଟ ଜିଲାର ଏକ ମସ୍‌ଜିଦ ବାହାରେ ଗୁଳିକରି ହତ୍ୟା କରାଯାଇଛି। ଭୋର ସମୟରେ ଦସ୍କା ସହରର ନୁର ମଦିନା ମସ୍‌ଜିଦରେ ନମାଜ ପାଠ କରି ଫେରୁଥିବାବେଳେ ୫୩ ବର୍ଷୀୟ ଲତିଫ ଓ ଭାଇ ହରିସ ହାଶିମ୍‌ଙ୍କୁ ୩ ଜଣ ବାଇକ୍ ଆରୋହୀ ଗୁଳି କରିଥିଲେ। ୧୯୯୩ରେ ଆତଙ୍କବାଦୀ ଲତିଫ୍ ପାକ୍-ଅଧିକୃତ କଶ୍ମୀର(ପିଓକେ)ରୁ କଶ୍ମୀରକୁ ଅନୁପ୍ରବେଶ କରିଥିଲେ। ୨୦୧୬ ଜାନୁୟାରୀ ୨ରେ ପଞ୍ଜାବର ପଠାନ୍‌କୋଟ୍‌ସ୍ଥିତ ଭାରତୀୟ ବାୟୁସେନା ଘାଟି ଉପରେ ହୋଇଥିବା ଆକ୍ରମଣ ସମେତ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପର ମାଷ୍ଟରମାଇଣ୍ଡ ଥିଲେ।

# ଭାରତୀୟ ଦୂତାବାସରେ ହେଲ୍‌ପଲାଇନ୍ ଡେସ୍କ

**ନୂଆଦିଲ୍ଲୀ,୧୧।୧୦**

ଯୁଦ୍ଧ ପ୍ରଭାବିତ ଇସ୍ରାଏଲର ତେଲ୍ ଆଭିଭ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ନିଜ ନାଗରିକମାନଙ୍କ ପାଇଁ ୨୪ ଘଣ୍ଟିଆ ହେଲ୍‌ପଲାଇନ୍ ଡେସ୍କ ଖୋଲାଯାଇଛି। ସହାୟତା ପାଇଁ +୯୭୨-୩୫୨୨୬୭୪୮ ଏବଂ +୯୭୨-୫୪୩୨୭୮୩୯୨ ନମ୍ବରକୁ ଭାରତୀୟମାନେ ଫୋନ୍ କରିପାରିବେ। ଭାରତୀୟମାନଙ୍କୁ ସତର୍କ ରହି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସୁରକ୍ଷା ପ୍ରୋଟୋକଲ ମାନିବାକୁ ପରାମର୍ଶ ଦିଆଯାଇଛି।

# ଆମେରିକାରେ ଅକ୍ଷରଧାମ ମନ୍ଦିର ଖୋଲିଲା

### ବିଶ୍ୱର ଦ୍ୱିତୀୟ ବଡ଼ ମନ୍ଦିର

**ରୋବିନ୍ସଭିଲେ,୧୧।୧୦**



ଆମେରିକାର ନ୍ୟୁଜର୍ସିରେ ବିଶ୍ୱର ଦ୍ୱିତୀୟ ବୃହତ୍ ତଥା ୱେଷ୍ଟର୍ନ ହେମିସ୍ପିୟରର ସର୍ବବୃହତ୍ ହିନ୍ଦୁ ମନ୍ଦିର ଉଦ୍‌ଘାଟିତ ହୋଇଯାଇଛି। ୧୮୫ ଏକର ଭୂମିରେ ବିସ୍ତୃତ ତଥା ୧୯୧ ଫୁଟ୍ ଉଚ୍ଚତାର ଏହି ଅକ୍ଷରଧାମ ମନ୍ଦିର ରୋବିନ୍ସଭିଲେରେ ଅବସ୍ଥିତ। ନ୍ୟୁୟର୍କ ସିଟିର ୯୯ କି.ମି. ଦକ୍ଷିଣରେ ଥିବା ଏହି ମନ୍ଦିରକୁ ମହନ୍ତ ସ୍ୱାମୀ ମହାରାଜଙ୍କ ୯୦ତମ ଜନ୍ମଦିନ (ଗତ ୮ ତାରିଖ)ରେ ଉଦ୍‌ଘାଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡେଲାୱେର ଗଭର୍ନର ଜନ୍ କର୍ନେ ଏବଂ କଂଗ୍ରେସମ୍ୟାନ୍ ଷ୍ଟେନି ହୋୟରଙ୍କ ସମେତ ବହୁ ହିନ୍ଦୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ଫୁର୍‌ସତ୍

# ସତର୍କତାକୁ ପ୍ରାଥମିକତା

### ଆଜି ବିଶ୍ୱ ଗଣ୍ଠିବାତ ରୋଗ ଦିବସ



**ଦୁ**ଇଟି ହାଡ଼ କିମ୍ବା ଏକାଧିକ ହାଡ଼ର ମିଳନ ଯେଉଁଠିରେ, ସେହି ହାଡ଼ମାନେ ବିଭିନ୍ନ ଦିଗକୁ, ତଳୁ ଉପରକୁ, ପାର୍ଶ୍ୱରୁ ପାର୍ଶ୍ୱକୁ ବୁଲି ପାରନ୍ତି ଓ ସ୍ଥଳ ବିଶେଷରେ କେବଳ ପାଖକୁ ପାଖ ଲାଗି କରି ଥାଆନ୍ତି, ତାହାକୁ ଗଣ୍ଠି ବା ଖଞ୍ଜା କୁହାଯାଏ। ଆମ ଶରୀରରେ ଜନ୍ମ ସମୟରେ ପାଖାପାଖି ୨୭୦ଟି ହାଡ଼ ବା ଅସ୍ଥି ଥାଏ। ତାହା ସମୟକ୍ରମେ ୨୦୬କୁ ହ୍ରାସ ପାଇଥାଏ। ଏହାର ଅନେକ କାରଣ ରହିଛି। ସେହିପରି ଆମ ଶରୀରରେ ପାଖାପାଖି ୩୬୦ ଖଞ୍ଜା ବା ଗଣ୍ଠି ଥାଆନ୍ତି। ମୁଣ୍ଡରେ ଗୋଟିଏ ହାଡ଼ ସହ ଆଉ ଗୋଟିଏ ହାଡ଼ ଲାଗିଥାଏ, ମାତ୍ର କୌଣସି ଚଳନ ନ ଥାଏ। ସେହିପରି ଛାତି ଓ ଅନ୍ୟ ସ୍ଥାନରେ ଥିବା ଉପାସ୍ଥିମାନଙ୍କର ଗତିଶୀଳ ଖଞ୍ଜା ନ ଥାଏ। ମେରୁଦଣ୍ଡରେ ଥିବା ଖଞ୍ଜାର ଚଳନ ମଧ୍ୟ ଖୁବ୍ ସୀମିତ ଯଥା ସାମାନ୍ୟ ଓ ଆଗ ପଛକୁ ଥାଏ। ମାତ୍ର କାନ୍ଧ, ଆଣ୍ଠୁ ଇତ୍ୟାଦି ଅନେକ ଦିଗକୁ ବୁଲିପାରନ୍ତି। ଆଣ୍ଠୁ କେବଳ ପଛକୁ, କହୁଣି କେବଳ ପଛକୁ ଓ ଆଗକୁ ହୋଇଥାଏ। ହାତର ଆଙ୍ଗୁଠି ଓ ପାଦର ଆଙ୍ଗୁଠି ମଧ୍ୟ ସୀମିତ ବୁଲିପାରନ୍ତି। ହିପ୍ ଜଏଣ୍ଟ ବା ନିତମ୍ବ ଖଞ୍ଜା ଓ କାନ୍ଧର ଖଞ୍ଜାରେ ଦୁଇଟି ହାଡ଼ ବଲ୍ ଓ ସକେଟ ପରି ଥାଆନ୍ତି।

ସାଧାରଣତଃ ଏଠାରେ ଅଧିକ ମାତ୍ରାରେ ଦେଖାଯାଉଥିବା ଗଣ୍ଠିବାତ ଯଥା ବଡ଼ ବଡ଼ ଖଞ୍ଜା- ଦୁଇଟି କାନ୍ଧ, ଦୁଇଟି କହୁଣି, ଦୁଇଟି ନିତମ୍ବ, ଦୁଇଟି ଆଣ୍ଠୁ, ବେକର ମେରୁଦଣ୍ଡ, ପାଦର ଓ ପାପୁଲି ଗଣ୍ଠିରେ ହେଉଥିବା କେତେକ ଗଣ୍ଠି ବା ଖଞ୍ଜା ବିଷୟରେ ଆମର କିଛି ଜ୍ଞାନ ରହିବା ନିହାତି ଦରକାର। ଆଣ୍ଠୁଗଣ୍ଠି ରୋଗ ପୁରୁଷମାନଙ୍କଠାରୁ ମହିଳାମାନଙ୍କୁ ଅଧିକ ମାତ୍ରାରେ ହୋଇଥାଏ। ପ୍ରାୟ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ମଧ୍ୟରୁ ୪୦% ଲୋକେ ଏଥିରେ ପୀଡ଼ିତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ଲୋକମାନଙ୍କ ମଧ୍ୟରୁ ଚାରି ଜଣରୁ ଜଣଙ୍କର ଗଣ୍ଠିଜନିତ ରୋଗ ଥାଏ।

ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ଯନ୍ତ୍ରଣା ଲାଘବ ପାଇଁ, ଦରଜ କମିବା ଔଷଧ (ପେନ୍‌କିଲର) ଖାଇଲେ ତାହା କ୍ରମଶଃ କିଡ୍‌ନୀ ଖରାପ କରିଥାଏ ଏବଂ ସ୍ଥଳ ବିଶେଷରେ ପାକସ୍ଥଳୀ ଓ ଖାଦ୍ୟନଳୀରେ କ୍ଷତ ଓ ଘାଆ ସୃଷ୍ଟି କରିଥାଏ।

ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଛୋଟ ଛୋଟ ଗଣ୍ଠି ଯଥା ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଗଣ୍ଠି ମଧ୍ୟରେ ଥିବା ସାଇନୋଭିଆଲ ତରଳ ରସରେ ହ୍ରାସ ହେଲେ, ବୟସାଧିକ କାରଣରୁ କ୍ୟାଲ୍‌ସିୟମର ଅଭାବ, ଭିଟାମିନ୍-ଡି'ର ଅଭାବ ପାଇଁ ଗଣ୍ଠି ରୋଗ ହୋଇଥାଏ। ଏହାବ୍ୟତୀତ ଦୁର୍ଘଟଣାରେ ଆଘାତ ଲାଗି ଯଦି ହାଡ଼ମାନଙ୍କୁ ପରସ୍ପର ସହିତ ଖଞ୍ଜାରେ ବାନ୍ଧି ରଖିଥିବା ତନ୍ତୁ ଛିଡ଼ିଯାଆନ୍ତି, ସଂକ୍ରମିତ ହୁଅନ୍ତି ଅବା ଫୁଲି ଯାଆନ୍ତି ତାହାହେଲେ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ। ଗାଉଟ୍ (gout)ରେ ଗଣ୍ଠିରେ ୟୁରିକ୍ ଏସିଡ୍ ଜମା ହୋଇ ଗଣ୍ଠିବାତ ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ ଅଧିକ ମୌଳିକ କ୍ୟାଲ୍‌ସିୟମ ଫସ୍‌ଫେଟ୍ (BCP) ଜମା ହେବା ଦ୍ୱାରା ମଧ୍ୟ ଗଣ୍ଠି ପ୍ରଭାବିତ ହୋଇଥାଏ।

ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖକୁ 'ବିଶ୍ୱ ଗଣ୍ଠିବାତ ରୋଗ ଦିବସ' (ୱାର୍ଲ୍ଡ ଆର୍ଥ୍ରାଇଟିସ୍ ଡେ) ଭାବରେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଚଳିତବର୍ଷର ସ୍ଲୋଗାନ ହେଉଛି- 'ଏହା ଆମ ହାତରେ ଅଛି, କାର୍ଯ୍ୟାନୁଷ୍ଠାନ ନିଅନ୍ତୁ' (It is in your hands, take action)। ଏକ ସର୍ଭେରୁ ଜଣାପଡିଛି ଯେ, ଆମ ଦେଶରେ ପ୍ରାୟ ୧୮ କୋଟି ଲୋକ ର୍ୟୁମାଟଏଡ ଆର୍ଥ୍ରାଇଟିସ୍‌ରେ ପୀଡ଼ିତ ଏବଂ ପ୍ରତି ଚାରି ଜଣରେ ଜଣେ ଗଣ୍ଠି ରୋଗରେ ପୀଡ଼ିତ। ଏଥିପାଇଁ ଆମକୁ ବୟସ ବୃଦ୍ଧି ସହିତ ସତର୍କ ରହିବାକୁ ପଡ଼ିବ। ଶରୀରରେ ଯଦି କ୍ୟାଲ୍‌ସିୟମ ଏବଂ ଭିଟାମିନ୍-ଡି'ର ଅଭାବ ରହିଛି, ତାହାକୁ ପୂରଣ କରିବାକୁ ପଡ଼ିବ। ଏହା ସହ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ। ଗୋଟିଏ ପୋଜିସନ୍‌ରେ ଅଧିକ ସମୟ ବସିବା ଅନୁଚିତ। ଏଭଳି ସମସ୍ୟା ଥିଲେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

**- ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର**
ମୋ : ୯୪୩୭୭୪୨୪୯୯

# କର୍ଣ୍ଣ ଭୂମିକାରେ ଶାହିଦ



**ମୁମ୍ବାଇ:** ଆଗକୁ ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ 'ରାମାୟଣ' ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିବାବେଳେ ଏବେ 'ମହାଭାରତ' ପୃଷ୍ଠଭୂମିରେ ଏକ ଫିଲ୍ମ ନିର୍ମାଣ କରାଯାଉଛି ବୋଲି ସାମ୍ନାକୁ ଆସିଛି। ଅନେକ ଦିନ ହେଲା କର୍ଣ୍ଣଙ୍କ ଉପରେ ଏକ ଫିଲ୍ମ ନିର୍ମାଣ ହେବ ବୋଲି ଚର୍ଚ୍ଚା ହେଉଥିଲା। ତେବେ କର୍ଣ୍ଣଙ୍କ ଭୂମିକା ପାଇଁ ଚରିତ୍ର ମିଳିଯାଇଛି। ବଲିଉଡ୍ ଅଭିନେତା ଶାହିଦ କପୁର ମହାଭାରତରେ କର୍ଣ୍ଣଙ୍କ ଭୂମିକା ନିଭାଇବେ। ତେବେ ସିନେମାର ପ୍ରଯୋଜନା ଦାୟିତ୍ୱରେ ବାସୁ ଭଗନାନୀ ଓ ଜ୍ୟାକି ଭଗନାନୀ ଥିବା ଜଣାପଡ଼ିଛି। ଏହି ଫିଲ୍ମ ସମ୍ପର୍କରେ ୨୦୨୧ରେ ବାସୁ ଭଗନାନୀ ଘୋଷଣା କରିଥିଲେ। ଏପରି କି ଫିଲ୍ମର ଟାଇଟଲ୍ ଲୋଗୋ ମଧ୍ୟ ଜାରି କରାଯାଇଥିଲା। ଫିଲ୍ମ କର୍ଣ୍ଣଙ୍କ ଉପରେ ଆଧାରିତ ହେବ ବୋଲି ନିର୍ମାତା କହିଥିଲେ। କର୍ଣ୍ଣ ଭୂମିକା ପାଇଁ ପ୍ରଥମେ ସାଉଥ୍ ସୁପରଷ୍ଟାର୍ ବିକ୍ରମଙ୍କୁ ବଛାଯାଇଥିଲା। ଏହାପରେ ରଣବୀର ସିଂଙ୍କ ନାଁ ମଧ୍ୟ ଶୁଣିବାକୁ ମିଳିଥିଲା। ଶାହିଦ ୧୯୯୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ସ୍ୱରୂପ ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ ଚଳିତବର୍ଷ ବ୍ଲଡି ଡ୍ୟାଡିରେ ଦେଖିବାକୁ ମିଳିଥିଲା। ଏଥିସହ ସେ ଅନେକ ମ୍ୟୁଜିକ୍ ଭିଡିଓ ମଧ୍ୟ କରିଛନ୍ତି।

# ଆଖିର ଯତ୍ନ ମୂଳ କଥା



**ଆ**ମ ଶରୀରର ସମସ୍ତ ଅଙ୍ଗ ମଧ୍ୟରୁ ଚକ୍ଷୁ ହେଉଛି ଏକ ସ୍ୱତନ୍ତ୍ର ତଥା ମୂଲ୍ୟବାନ୍ ଅଙ୍ଗ। ଯାହା ଦ୍ୱାରା ଆମେ ଏ ସୁନ୍ଦର ଦୁନିଆକୁ ଦେଖିପାରୁଛୁ । ଆଖି ଦ୍ୱାରା ପଢ଼ିବା, ଲେଖିବା, ଦେଖିବାଠାରୁ ଆରମ୍ଭ କରି ଅନେକ କାମ ହୋଇଥାଏ ଏବଂ ଥରେ ଦୃଷ୍ଟିଶକ୍ତି ହରାଇଲେ ମଣିଷ ଅନ୍ଧ ହୋଇଯାଏ ଓ କୌଣସି କାମ କରିପାରେ ନାହିଁ। ତେଣୁ ଆଖିର ଯତ୍ନ ନେଇ ତାକୁ ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଜରୁରୀ। ସେଥିପାଇଁ ପ୍ରତ୍ୟେକ ବର୍ଷ ସାରା ବିଶ୍ୱରେ ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାରକୁ 'ବିଶ୍ୱ ଦୃଷ୍ଟି ଦିବସ' ଭାବେ ପାଳନ କରାଯାଉଛି । ପ୍ରତି ବର୍ଷ ଏହା ପାଇଁ ସ୍ୱତନ୍ତ୍ର ଥିମ୍ ପ୍ରସ୍ତୁତ ହୋଇଥାଏ । ଏ ବର୍ଷର ଥିମ୍ ହେଉଛି 'ଲଭ୍ ୟୋର୍ ଆଇଜ୍ ଆଟ୍ ୱର୍କ' ନିଜନିଜ ଆଖିକୁ ଭଲ ପାଆନ୍ତୁ ଓ ଆଖିର ଯତ୍ନ ନିଅନ୍ତୁ।

ଆଖିର ଯତ୍ନ ନେବାକୁ ହେଲେ ପାଞ୍ଚଟି ଜିନିଷ ଆଖି ଆଗରେ ରଖିବାକୁ ହୋଇଥାଏ। ପ୍ରଥମଟି ହେଉଛି ପ୍ରିଭେନ୍‌ଶନ୍ ବା' ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ । ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ ସହ ଭିଟାମିନ୍ ଏ, ବି ଓ ସି'ଯୁକ୍ତ ଖାଦ୍ୟ ତଥା ଗାଜର, ସବୁଜ ପନିପରିବା ଓ ଫଳ ଖାଇବା ଭଲ । ଏହା ଛଡ଼ା ଧୂମପାନ ଓ ମଦ୍ୟପାନରୁ ଦୂରେଇ ରହିବା ଆବଶ୍ୟକ। ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲେ ଉପଯୁକ୍ତ ଔଷଧ ସେବନ ଓ ଆଖିର ଚେକ୍‌ଅପ୍ କରିବା ଜରୁରୀ। ସୁରକ୍ଷା ଦୃଷ୍ଟିରୁ ଆଇସ୍କ୍ରିନ୍ ବା ଆଖି ଉପରେ ଚାପ ପକାଇବେ ନାହିଁ। କମ୍ପ୍ୟୁଟର ସ୍କ୍ରିନ୍ ଆଗରେ ବେଶୀ ସମୟ କାମ ନ କରି ମଝିରେ ମଝିରେ ବିଶ୍ରାମ ନେବେ ଓ ଆଣ୍ଟିଗ୍ଲେୟାର ଚଷମା ପିନ୍ଧିବେ।

ପ୍ରିଜର୍ଭ- ନିଜେ ନିଜ ଆଖିକୁ ବିଭିନ୍ନ ପ୍ରକାର କ୍ଷତିକାରକ ଜିନିଷରୁ ଦୂରେଇ ରଖିବା ସହ ନିୟମିତ ଚେକ୍‌ଅପ୍ କରାନ୍ତୁ। ତେଣୁ ସବୁବେଳେ ଆଖିର ଯତ୍ନ ଓ ଚିକିତ୍ସା ତଥା ନିଜ କର୍ମକ୍ଷେତ୍ରରେ ମଧ୍ୟ କେମିତି ନିୟମିତ ଏହାର ଯତ୍ନ ନେବେ, ତା' ଉପରେ ବିଶେଷ ଧ୍ୟାନ ଦିଅନ୍ତୁ। ଶିଶୁଙ୍କ ଚକ୍ଷୁର ସୁରକ୍ଷା ପାଇଁ ସବୁବେଳେ ସୁଷମ ଖାଦ୍ୟ ଖୁଆଇବା ସହ ବାହାରେ ଖୋଲା ସୂର୍ଯ୍ୟ କିରଣରେ କିଛି ସମୟ ବୁଲାଇବା ଦରକାର ।

ଆଖିରୋଗ ସବୁ ବୟସରେ ହୋଇଥାଏ। ଶିଶୁମାନଙ୍କଠାରୁ ଆରମ୍ଭ କରି ବୟସ୍କମାନଙ୍କ ଯାଏଁ ସମସ୍ତେ ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ତେବେ ବିଶେଷ ଭାବରେ ଦୃଷ୍ଟିଦୋଷ, ଧଳା ମୋତିଆ ବା' କାଟାରାକ୍ଟ , କଳା ମୋତିଆ ବା ଗ୍ଲୁକୋମା, ଡାଏବେଟିକ୍ ରେଟିନୋପାଥି, ଆଖିଧରା ରୋଗ (କଂଜକ୍ଟି ଭାଇଟିସ୍) କେରାଟାଇଟିସ୍ ବା' କର୍ଣ୍ଣିଆ ରୋଗ ଇତ୍ୟାଦି ଆଖିକୁ ଆକ୍ରାନ୍ତ କରିଥାଏ । ସେଥିପାଇଁ ସମସ୍ତେ ନିଜ ନିଜ ଚକ୍ଷୁର ଯତ୍ନ ନେବା ସହ ଏଥିରେ ସାମାନ୍ୟ ସମସ୍ୟା ଦେଖାଦେଲେ ଅବହେଳା ନ କରି ତୁରନ୍ତ ଜଣେ ଚକ୍ଷୁରୋଗ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଇବା ଆବଶ୍ୟକ।

### ବିଶ୍ୱ ଦୃଷ୍ଟି ଦିବସ

**- ଡା. ସୋନାଲି ଷଡ଼ଙ୍ଗୀ, ଚକ୍ଷୁରୋଗ ବିଶେଷଜ୍ଞ, କଟକ**
ମୋ : ୯୪୩୭୧୬୫୦୦୭

# ୧୦୪ ବର୍ଷୀୟା ସ୍କାଏଡାଇଭରଙ୍କ ମୃତ୍ୟୁ

**ୱାଶିଂଟନ**

କିଛିଦିନ ତଳେ ସବୁଠୁ ଅଧିକ ବୟସ୍କା ଭାବେ ସ୍କାଏଡାଇଭିଂ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିବା ୧୦୪ ବର୍ଷୀୟା ଚିକାଗୋର ଡୋରୋଥି ହୋପନରଙ୍କ ଶୋଇଥିବା ଅବସ୍ଥାରେ ସୋମବାର ମୃତ୍ୟୁ ଘଟିଛି। ଡୋରୋଥି ୧୩ ହଜାର ୫୦୦ ଫୁଟ୍ ଉଚ୍ଚରୁ ଡେଇଁ ଦୁନିଆର ସବୁଠୁ ଅଧିକ ବୟସ୍କା ସ୍କାଏଡାଇଭର ଭାବେ ରେକର୍ଡ କରିଥିଲେ। ଚିକାଗୋ ସହରର ପ୍ରାୟ ୮୬ ମାଇଲ ଦକ୍ଷିଣ- ପଶ୍ଚିମରେ ଥିବା ଓଟାୱାର ସ୍କାଏଡାଇଭ୍ ଚିକାଗୋରେ ତାଙ୍କ ସଉକ ପୂରଣ କରିଥିଲେ। ସ୍କାଏଡାଇଭିଂରେ ସେ ପୂରା ୭ ମିନିଟ୍ ପର୍ଯ୍ୟନ୍ତ ମଜା ଉଠାଇଥିଲେ। ଏତେ ଅଧିକ ବୟସ ସୁଦ୍ଧା ସଉକ ପାଇଁ ସେ ତାଙ୍କ ବୟସକୁ ଖାତିର କରି ନ ଥିଲେ। ଡୋରୋଥି ଜଣେ ଖୋଲା ହୃଦୟ ଏବଂ ସାହସୀ ମଣିଷ ଥିଲେ। ପୂର୍ବରୁ ଡୋରୋଥିଙ୍କୁ ୧୦୦ ବର୍ଷ ହୋଇଥିଲାବେଳେ ସେ ସ୍କାଏଡାଇଭିଂ କରିଥିଲେ। ଡୋରୋଥିଙ୍କ ପୂର୍ବରୁ ଏହି ରେକର୍ଡ ସ୍ୱିଡେନର ରୁଟ୍ ଲିନିଆ ଇଙ୍ଗିଗାର୍ଡ ଲାର୍ସନଙ୍କ ପାଖରେ ଥିଲା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୨/୨୦୨୩ | Bhubaneswar, Thursday, October 12/2023 | ପୃଷ୍ଠା-୧



## ଜନ୍ମଦିନ ପାଳିଲେ ପାଣ୍ଡ୍ୟା

ଆଫଗାନିସ୍ତାନ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ ମ୍ୟାଚ ପୂର୍ବରୁ ନିଜର ୩୦ତମ ଜନ୍ମଦିନ ପାଳିଛନ୍ତି ଭାରତୀୟ କ୍ରିକେଟ ଦଳର ଉପଅଧିନାୟକ ତଥା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା।

୧୨ ୧୧

## 'ବଡେ ମିଆଁ ଛୋଟେ ମିଆଁ'ରେ ଟାଇଗର

ଆସନ୍ତାବର୍ଷ ଏପ୍ରିଲରେ ରିଲିଜ ହେବାକୁ ଥିବା 'ବଡେ ମିଆଁ ଛୋଟେ ମିଆଁ' ଫିଲ୍ମରେ ଅକ୍ଷୟ କୁମାରଙ୍କ ସହ ଟାଇଗର ଶ୍ରଫ୍‌ଙ୍କୁ ଦେଖିବାକୁ ମିଳିବ।



# ଭାରତର ଦମ୍‌ଦାର ବିଜୟ

**ନୂଆଦିଲ୍ଲୀ, ୧୧।୧୦**

ଯଶପ୍ରୀତ୍ ବୁମ୍‌ରାଙ୍କ ଚମତ୍କାର ବୋଲିଂ ଏବଂ ଅଧିନାୟକ ରୋହିତ ଶର୍ମାଙ୍କ ରେକର୍ଡ ଶତକ ବଳରେ ଭାରତ ଚଳିତ ଦିନିକିଆ ବିଶ୍ୱକପ୍‌ରେ ବୃହତ୍ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ରୋହିତ ଶର୍ମାଙ୍କ ଦଳ ୮ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ୫୦ ଓଭରରେ ୮ ଉଇକେଟ ହରାଇ ୨୭୨ ରନ କରିଥିଲା। ୨୭୩ ରନ ବିଜୟ ଲକ୍ଷ୍ୟକୁ ଭାରତ ୩୫ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ପୂର୍ବ ମ୍ୟାଚରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ହରାଇଥିବା ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଆସନ୍ତା ୧୪ ତାରିଖରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଘରୋଇ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ବଡ଼ ସ୍କୋରର ଚାପ ନ ଥିବାରୁ ରୋହିତ ଶର୍ମା ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ମାତ୍ର ୩୦ ବଲ୍‌ରୁ ୫୦ ରନ ପୂରଣ କରିଥିବା ଭାରତ ଅଧିନାୟକ ୬୩ ବଲ୍‌ରୁ ହାସଲ କରିଥିଲେ କ୍ୟାରିୟରର ୩୧ତମ ଓ ବିଶ୍ୱକପ୍‌ରେ ୭ମ ଶତକ। ଏଥିସହ ସେ ଦିନିକିଆ ବିଶ୍ୱକପ୍‌ରେ ଦ୍ରୁତ ଶତକ ହାସଲକାରୀ ଭାରତୀୟ ହୋଇଥିଲେ ଏବଂ ସର୍ବାଧିକ ଶତକ ହାସଲରେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଥିଲେ। ସଚିନ ବିଶ୍ୱକପ୍‌ରେ ୬ଟି ଶତକ ଅର୍ଜନ କରିଥିଲେ। ରୋହିତ ଓ ଇଶାନ କିଶନ ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳର ସହଜ ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ପ୍ରଥମ ଉଇକେଟରେ ୧୧୨ ବଲ୍‌ରୁ ୧୫୬ ରନ ସଂଗ୍ରହ ପରେ ୧୯ତମ ଓଭରର ୪ର୍ଥ ବଲ୍‌ରେ କିଶନଙ୍କୁ ଆଉଟ କରି ଆଫଗାନିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ ତାରକା ସ୍ପିନର ରଶିଦ ଖାଁ। କିଶନ ୪୭ ବଲ୍‌ରୁ ୪୭ ☞ପୃଷ୍ଠା-୨



ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଶତକ ହାସଲ କରିବା ପରେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ ଶର୍ମା।

# ଗର୍ଭପାତ ନେଇ ବିଭାଜିତ ମତ



- **୨୬ ସପ୍ତାହର ଗର୍ଭ ନଷ୍ଟ ରାୟକୁ କେନ୍ଦ୍ରର ଚ୍ୟାଲେଞ୍ଜ**
- **ବୃହତ୍ ପୀଠ ଶୁଣିବେ ମହିଳାଙ୍କ ଗୁହାରି**

**ନୂଆଦିଲ୍ଲୀ,୧୧।୧୦**

ଜଣେ ୨୭ ବର୍ଷୀୟା ବିବାହିତା ମହିଳାଙ୍କ ୨ ସନ୍ତାନ ଅଛନ୍ତି। ସେ ତୃତୀୟ ସନ୍ତାନକୁ ଗର୍ଭରେ ଧାରଣ କରିଛନ୍ତି। କିନ୍ତୁ ସ୍ୱାସ୍ଥ୍ୟଗତ, ଆର୍ଥିକ ଓ ମାନସିକ ସମସ୍ୟା ଯୋଗୁ ତୃତୀୟ ପିଲାର ଲାଳନପାଳନ କରିବାରେ ଅସମର୍ଥ ଥିବା ଦର୍ଶାଇ ୨୬ ସପ୍ତାହର ଗର୍ଭ ନଷ୍ଟ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମକୋର୍ଟ ଏନେଇ ସୋମବାର ତାଙ୍କୁ ଅନୁମତି ଦେଇଥିବାବେଳେ କେନ୍ଦ୍ର ସରକାର ଏହା ବିରୋଧରେ ଏକ ରିକଲ୍ ଆପ୍ଲିକେଶନ୍ ଦାଖଲ କରିଛନ୍ତି। ୨ ମହିଳା ବିଚାରପତି ଜଷ୍ଟିସ୍ ହିମା କୋହଲି ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଉପରେ ବୁଧବାର ବିଭାଜିତ ରାୟ ଦେବା ସହ ଉଚିତ୍ ବିଚାର ପାଇଁ ମାମଲାକୁ ବୃହତ୍ ପୀଠ ନିକଟକୁ ପଠାଇଦେଇଛନ୍ତି। ଗର୍ଭବତୀ ମହିଳାଙ୍କ ସପକ୍ଷରେ ଆସିଥିବା ରାୟ ବିରୋଧରେ କେନ୍ଦ୍ର ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ)ର ଡାକ୍ତରୀ ରିପୋର୍ଟ ଦାଖଲ କରାଯାଇଥିଲା। ଭ୍ରୁଣଟି 'ଜୀବନକ୍ଷମ' ଥିବାରୁ ବଞ୍ଚିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଏହାର ଶୁଣାଣି ବେଳେ ଜଷ୍ଟିସ୍ କୋହଲି କହିଥିଲେ, ଏକ ଭ୍ରୁଣର ହୃଦ୍‌ସ୍ପନ୍ଦନ ବନ୍ଦ କରିବାକୁ କେଉଁ ଅଦାଲତ ଆଦେଶ ଦେବେ। ମହିଳାଙ୍କ ଗର୍ଭ ନଷ୍ଟ ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଅନ୍ୟପକ୍ଷେ ଜଷ୍ଟିସ୍ ନାଗରତ୍ନା କହିଥିଲେ, ଗର୍ଭପାତ ପାଇଁ ଦୃଢ଼ ନିଶ୍ଚିତ ଥିବା ମହିଳାଙ୍କ ନିଷ୍ପତ୍ତିକୁ କୋର୍ଟ ସମ୍ମାନ ଦେବା ଉଚିତ। ଖଣ୍ଡପୀଠଙ୍କ ଅକ୍ଟୋବର ୯ ରାୟକୁ ଜଷ୍ଟିସ୍ ନାଗରତ୍ନା ଯଥାର୍ଥ ଦର୍ଶାଇବା ସହ କେନ୍ଦ୍ରର ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ୨ ବିଚାରପତିଙ୍କ ମତଭେଦ ଭିତରେ ଖଣ୍ଡପୀଠ କେନ୍ଦ୍ରର ଆବେଦନକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ସମ୍ମୁଖରେ ଉପସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସିଜେଆଇ ଏହାର ଉପଯୁକ୍ତ ବିଚାର ଲାଗି ଏକ ବୃହତ୍ ଖଣ୍ଡପୀଠ ଗଠନ କରିପାରନ୍ତି।

୨୬ ସପ୍ତାହର ଗର୍ଭବତୀ ଥିବା ମହିଳା ଜଣକ ସୋମବାର ୨ ଜଣିଆ ଖଣ୍ଡପୀଠଙ୍କୁ କହିଥିଲେ, ସେ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତିକରୁଛନ୍ତି। ଏପରିକି ପ୍ରସବ ପରବର୍ତ୍ତୀ ଅବସାଦ ମଧ୍ୟ ଦେଖାଦେଇଥିବାରୁ ସେ ତୃତୀୟ ସନ୍ତାନର ଲାଳନପାଳନ କରିପାରିବେ ନାହିଁ। ତେଣୁ ତାଙ୍କୁ ଗର୍ଭପାତ ପାଇଁ ଅନୁମତି ଦିଆଯାଉ। ଖଣ୍ଡପୀଠ ତାଙ୍କ ଅନୁରୋଧ ରକ୍ଷାକରି ଅନୁମତି ଦେଇଥିଲେ। ମଙ୍ଗଳବାର କେନ୍ଦ୍ର ସରକାର ଏମ୍ସ ପକ୍ଷରୁ ଜାରି ରିପୋର୍ଟ ସର୍ବୋଚ୍ଚ ଅଦାଲତରେ ଦାଖଲ କରିବା ସହ ଉକ୍ତ ରାୟ ପ୍ରତ୍ୟାହାର କରିବାକୁ ନିବେଦନ କରିଥିଲେ। ବୁଧବାର ଶୁଣାଣି ବେଳେ ଅଦାଲତ ଉକ୍ତ ରିପୋର୍ଟ ଦାଖଲର ସମୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଷ୍ଟିସ୍ କୋହଲି କହିଥିଲେ, ଆମେ ରାୟ ଦେବା ପରେ ଏପରି ରିପୋର୍ଟ କାହିଁକି ଦାଖଲ କରାଯାଉଛି? ପୂର୍ବରୁ କାହିଁକି ଦାଖଲ ☞ପୃଷ୍ଠା-୨

> "ଏକ ଭ୍ରୂଣର ହୃଦ୍‌ସ୍ପନ୍ଦନ ବନ୍ଦ କରିବାକୁ କେଉଁ ଅଦାଲତ ଆଦେଶ ଦେବେ? ମହିଳାଙ୍କ ଗର୍ଭ ନଷ୍ଟ ପାଇଁ ଅନୁମତି ଦିଆଯାଇପାରିବ ନାହିଁ।
> –ଜଷ୍ଟିସ୍ ହିମା କୋହଲି





> "ଗର୍ଭପାତ ପାଇଁ ଦୃଢ଼ ନିଶ୍ଚିତ ଥିବା ମହିଳାଙ୍କ ନିଷ୍ପତ୍ତିକୁ କୋର୍ଟ ସମ୍ମାନ ଦେବା ଉଚିତ। ପ୍ରତ୍ୟେକ ଖଣ୍ଡପୀଠ ହେଉଛନ୍ତି ସୁପ୍ରିମକୋର୍ଟ।
> –ଜଷ୍ଟିସ୍ ବି.ଭି. ନାଗରତ୍ନା

# ବିଲେଇ ପାଇଁ ଜୀବନ ଗଲା

## ଉଦ୍ଧାର କରିବାକୁ କୂଅକୁ ଡେଇଁଥିଲେ

**ଭୁବନେଶ୍ୱର,୧୧।୧୦ (ସତ୍ୟଜିତ୍ ରାଉତ)**

ରାଜଧାନୀରେ ଏକ ପରିତ୍ୟକ୍ତ କୂଅରୁ ବିଲେଇ ଉଦ୍ଧାର କରିବାକୁ ଯାଇ ଜଣେ ଆଇସକ୍ରିମ୍ ବେପାରୀଙ୍କ ଜୀବନ ଯାଇଛି। ପଟିଆ ରେଳ ଷ୍ଟେଶନ ନିକଟରେ ବୁଧବାର ଏହି ଅଭାବନୀୟ ଘଟଣା ଘଟିଛି। ପ୍ରାୟ ୬୦ ଫୁଟ ଗଭୀର ଏକ ପରିତ୍ୟକ୍ତ କୂଅରେ ଜଣେ ବ୍ୟକ୍ତିଙ୍କ ପୋଷା ବିଲେଇ ପଡ଼ିଯିବା ପରେ ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଇଥିଲା। ବିଲେଇକୁ ଉଦ୍ଧାର କରିବାକୁ ଯାଇ ଜଣଙ୍କ ପରେ ଜଣେ ୩ଜଣ କୂଅ ଭିତରକୁ ପଶିଥିଲେ। ହେଲେ ସେମାନେ ବିଲେଇକୁ ଉଦ୍ଧାର କରିବା ପରିବର୍ତ୍ତେ ଫସିଯାଇଥିଲେ। କୂଅ ଭିତରୁ ଅଗ୍ନିଶମ ବାହିନୀ ପକ୍ଷରୁ ଦୁଇ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ଜଣଙ୍କ ଜୀବନ ଚାଲିଯାଇଥିଲା। ମୃତ ବ୍ୟକ୍ତି ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲାର ଶିବରାମ ସାହୁ (୫୦)। ତେବେ ଉଦ୍ଧାର ହୋଇଥିବା ଦୁଇ ଜଣଙ୍କ ମଧ୍ୟରୁ ସ୍ଥାନୀୟ ଅଞ୍ଚଳର ଶଙ୍କର ଦାସଙ୍କ ଅବସ୍ଥା ଗୁରୁତର ରହିଛି। ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଉଦ୍ଧାରଙ୍କ ମଧ୍ୟରୁ ଶିବରାମଙ୍କ ଭାଇ ଭଜରାମ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ମଞ୍ଚେଶ୍ୱର ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୧୦୪/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ଶିବରାମଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ କୂଅରେ ☞ପୃଷ୍ଠା-୨

# ଲିଥିୟମ ଉପରେ ୩% ରୟାଲଟି ଧାର୍ଯ୍ୟ

**କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି**

**ନୂଆଦିଲ୍ଲୀ,୧୧।୧୦**

ଲିଥିୟମ, ନିଓବିୟମ ଏବଂ ବିରଳ ମୃତ୍ତିକା ଉପାଦାନ (ଆର୍‌ଇଇ) ପାଇଁ ବୁଧବାର କେନ୍ଦ୍ର ରୟାଲଟି ହାର ଅନୁମୋଦନ କରିଛି। ଲିଥିୟମ ଏବଂ ନିଓବିୟମ ପାଇଁ ୩% ଲେଖାଏ ରୟାଲଟି ହାର ସ୍ଥିର ହୋଇଥିବାବେଳେ ଆର୍‌ଇଇ ଲାଗି ଏହି ହାର ୧% ସ୍ଥିର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଉପରୋକ୍ତ ୩ ଗୁରୁତ୍ୱପୂର୍ଣ୍ଣ ତଥା ରଣନୈତିକ ଖଣିଜ ପଦାର୍ଥ ଉପରେ ରୟାଲଟି ହାର ଧାର୍ଯ୍ୟ କରିବା ପାଇଁ ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟାମକ) ଅଧିନିୟମ, ୧୯୫୭ (ଏମ୍‌ଏମ୍‌ଡିଆର୍ ଅଧିନିୟମ)ର ସଂଶୋଧନକୁ ଅନୁମୋଦନ କରିଥିବା ଖଣି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ଏହି ରୟାଲଟି ହାର ଅନୁମୋଦନ ଫଳରେ କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ଦେଶରେ ଲିଥିୟମ, ନିଓବିୟମ ଏବଂ ଆର୍‌ଇଇ ବ୍ଲକ ନିଲାମ କରିବାକୁ ସକ୍ଷମ ହେବେ। ଖଣିଜ ପଦାର୍ଥ ଉପରେ ରୟାଲଟି ହାର ଏହାର ନିଲାମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏମ୍‌ଏମ୍‌ଡିଆର୍ ଅଧିନିୟମ ସଂଶୋଧନ କରାଯିବା ଦ୍ୱାରା ଲିଥିୟମ ଏବଂ ନିଓବିୟମ ସମେତ ୬ଟି ଖଣିଜ ପଦାର୍ଥକୁ ଆଣବିକ ଖଣିଜ ପଦାର୍ଥ ତାଲିକାରୁ ବାଦ୍ ଦିଆଯାଇଥିଲା। ଫଳରେ ଘରୋଇ କ୍ଷେତ୍ରକୁ ନିଲାମ ମାଧ୍ୟମରେ ଏହି ଖଣିଜ ପଦାର୍ଥଗୁଡ଼ିକର ଉତ୍ତୋଳନ ଅନୁମତି ଏବଂ ରିହାତି ମିଳିପାରିବ। ଏଥିସହ ଖଣି ମନ୍ତ୍ରଣାଳୟ ଏହି ଖଣିଜ ପଦାର୍ଥର ହାରାହାରି ବିକ୍ରୟ ମୂଲ୍ୟ (ଏଏସ୍‌ପି) ଆକଳନ କରିବା ପାଇଁ ଏକ ପଦ୍ଧତି ପ୍ରସ୍ତୁତ କରିଛି, ଯାହା ନିଲାମ ପାରାମିଟର ନିର୍ଣ୍ଣୟ କରିବାରେ ସାହାଯ୍ୟ ☞ପୃଷ୍ଠା-୨

# ରକ୍ତ ପରୀକ୍ଷାରେ ପ୍ରାରମ୍ଭରୁ ଚିହ୍ନଟ ହେବ ଗର୍ଭାଶୟ କର୍କଟ

## ଚିହ୍ନଟ ପ୍ରକ୍ରିୟା ୯୧ ପ୍ରତିଶତ ଠିକ୍ ରହିବ

**ଲଣ୍ଡନ ୧୧।୧୦**

ଗର୍ଭାଶୟ କର୍କଟକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇପାରିବ। ଏଥିପାଇଁ ଏକ ରକ୍ତ ପରୀକ୍ଷା କରିବାକୁ ପଡ଼ିବ। ସେହି ରକ୍ତ ପରୀକ୍ଷା ଗର୍ଭାଶୟ କର୍କଟକୁ ଚିହ୍ନଟ କରିବାରେ ୯୧ପ୍ରତିଶତ ଠିକ୍ ହେବ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ଅନୁସନ୍ଧାନକାରୀମାନେ ୩୭୦ଟି ରକ୍ତ ନମୁନା ନେଇ ଏହି ଗବେଷଣା କରିଥିଲେ। ଏ ସମ୍ପର୍କରେ କ୍ଲିନିକାଲ କ୍ୟାନ୍‌ସର ରିସର୍ଚ୍ଚ ଜର୍ନାଲରେ ପ୍ରକାଶ ପାଇଛି। ଅନୁସନ୍ଧାନକାରୀମାନେ ଏକ ନୂତନ ରକ୍ତ ପରୀକ୍ଷା ଗବେଷଣା କରିଛନ୍ତି, ଯାହା ପ୍ରାରମ୍ଭିକ ପର୍ଯ୍ୟାୟରେ ଗର୍ଭାଶୟ କର୍କଟକୁ ଚିହ୍ନଟ କରିବାକୁ ସକ୍ଷମ ହେଉପାରୁଛି। ଏହା ପେଲ୍‌ଭିକ୍ ମାସ୍ ଠିକ୍ ଅଛି ନା ତାହା ଗର୍ଭାଶୟ କର୍କଟରେ ଆକ୍ରାନ୍ତ ହୋଇଛି ତାହା ଜଣାପଡ଼ିଯିବ। ଓଭାପ୍ରିଣ୍ଟ ନାମରେ ଜଣାଶୁଣା ଏହି ପରୀକ୍ଷଣ ବିଭିନ୍ନ ପ୍ରକାର ପ୍ରାରମ୍ଭିକ ପର୍ଯ୍ୟାୟ କର୍କଟ ଚିହ୍ନଟ କରିବାର ଏକ ନୂତନ ଉପାୟ। ଓଭାପ୍ରିଣ୍ଟ ହାଇ-ଗ୍ରେଡ୍ ସିରୋସ୍ ଓଭାରିଆନ କାର୍ସିନୋମା(ଏଚ୍‌ଜିଏସ୍‌ଓସି)କୁ ଚିହ୍ନଟ କରିଥାଏ। କର୍କଟ ଆରମ୍ଭ ହୋଇଥିବା ବେଳେ ଏହା ଚିହ୍ନଟ ହୋଇଥାଏ ଏବଂ ଏହାକୁ ଚିକିତ୍ସା କରିବା ସହଜ ହୋଇପାରିଥାଏ। ଏଚ୍‌ଜିଏସ୍‌ଓସି ହେଉଛି ଗର୍ଭାଶୟ କର୍କଟର ସବୁଠାରୁ ସାଧାରଣ ପ୍ରକାର। ଏହା ମଧ୍ୟ ସବୁଠାରୁ ଘାତକ ରୂପ। କାରଣ କ୍ଲିନିକାଲ୍ ବିଶେଷଜ୍ଞମାନେ ଠିକ୍ ସମୟରେ ଏହାର ସ୍କ୍ରିନିଂ କରିପାରନ୍ତି ନାହିଁ। ପେଲ୍‌ଭିକ୍ ମାସ୍ ଥିବା ରୋଗୀ କ୍ଷେତ୍ରରେ ସେହି ମାଂସଟି ସାଧାରଣ ଭାବେ ବୃଦ୍ଧି ପାଇଛି ନା ତାହା କର୍କଟ ହୋଇଛି ତାହା ଜାଣିବା କଷ୍ଟକର ହୋଇଥାଏ। ଏଭଳି କ୍ଷେତ୍ରରେ ଅନ୍ୟ କର୍କଟ ରୋଗ ଜାଣିବା ପାଇଁ ପରୀକ୍ଷା କରାଯାଉଥିବା ବାୟୋପ୍‌ସି ମଧ୍ୟ ଏକ ବିକଳ୍ପ ପରୀକ୍ଷଣ ହୋଇପାରେନାହିଁ। ଫଳରେ ଡାକ୍ତରଙ୍କ ☞ପୃଷ୍ଠା-୨

# ସ୍କୁଟର ଯୋଜନାର ଶୁଭାରମ୍ଭ

## ମା'ମାନେ ଆଣିଛନ୍ତି ଓଡ଼ିଶା ପାଇଁ ନୂଆ ଗତି, ଶକ୍ତି ଓ ପ୍ରଗତି: ମୁଖ୍ୟମନ୍ତ୍ରୀ

- **୨ ଲକ୍ଷ ମିଶନ ଶକ୍ତି ସଦସ୍ୟ, ତୃଣମୂଳ ଷ୍ଟାଫ୍ ପାଇବେ ସ୍କୁଟର ଋଣ**
- **ସୁଧ ଖର୍ଚ୍ଚ ବହନ କରିବେ ସରକାର**
- **ସ୍କୁଟର ପାଇଲେ ୧୫ ହଜାର ସଦସ୍ୟ**

**ଭୁବନେଶ୍ୱର,୧୧।୧୦(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ କହିଛନ୍ତି ଯେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଜି ଦିନଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇରହିବ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଜି ଆମେ ଆଉ ଏକ ପାଦ ଆଗକୁ ଆସିଛୁ। ମିଶନ ଶକ୍ତି ମା'ମାନଙ୍କୁ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେଉଛୁ। ସେମାନଙ୍କର ଏହି ଋଣ ବାବଦକୁ ରାଜ୍ୟ ସରକାର ୫୨୮ କୋଟି ଟଙ୍କାର ସୁଧ ଦେବେ। ଏହି ଯୋଜନାରେ ୨ ଲକ୍ଷରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ସ୍କୁଟର ପାଇବେ। ଯୋଜନାର ଶୁଭାରମ୍ଭ ଅବସରରେ ୧୫ ହଜାର ସଦସ୍ୟଙ୍କୁ ସ୍କୁଟର ଦିଆଯାଇଛି। ଗତି ହିଁ ଶକ୍ତି। ଗତି ହିଁ ସଶକ୍ତୀକରଣ। ସ୍କୁଟର ଯୋଜନା ମା'ମାନଙ୍କ ଯାତାୟାତକୁ ସୁଗମ କରିବ। ବୃତ୍ତିଗତ କ୍ଷେତ୍ରରେ ମଧ୍ୟ ନୂଆ ସୁଯୋଗ ଆଣିବ। ମା'ମାନେ ବହୁତ ଭଲ କାମ କରୁଛନ୍ତି। ମୋର ପୂରା ବିଶ୍ୱାସ ମା'ମାନେ ଏବେ ଆହୁରି ଭଲ କାମ କରିବେ। ୭୦ ଲକ୍ଷ ସଦସ୍ୟମାନଙ୍କ ନିଜର ଅନୁଷ୍ଠାନ ମିଶନ ଶକ୍ତି ଆହୁରି ମଜଭୁତ ହେବ। ମା'ମାନଙ୍କ ଗତିଶୀଳତା ଓଡ଼ିଶାର ପ୍ରଗତିକୁ ନୂଆ ବେଗ ଦେବ। ମିଶନ ଶକ୍ତି ସଦସ୍ୟଙ୍କୁ ସରକାରୀ କାମ ଦେବାରେ ସମଗ୍ର ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବ୍ଲକ ଓ ଜିଲାସ୍ତରୀୟ ମିଶନ ଶକ୍ତି ଫେଡେରେଶନ ସରକାରୀ କାର୍ଯ୍ୟ ପାଇଁ ଯାନ ସୁବିଧା ଯୋଗାଇ ଦେବା ବାବଦରେ ଘୋଷଣା କରିଛନ୍ତି। ଯାନ ସୁବିଧା ବଳରେ ସେମାନଙ୍କର ଦକ୍ଷତା ବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ଉଦ୍ୟୋଗୀଭାବେ ପରିଣତ କରିବା ଆମର ଲକ୍ଷ୍ୟ। ଏଥିପାଇଁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫୦ କୋଟି ଟଙ୍କାର ସୁଧ ସହାୟତା ସିଧାସଳଖ ☞ପୃଷ୍ଠା-୨


ଭୁବନେଶ୍ୱରର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ବୁଧବାର ସ୍କୁଟର ଯୋଜନାର ଶୁଭାରମ୍ଭ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଆଜିର ସମ୍ପାଦକୀୟ**

**ଗ୍ଲୋବାଲ ସାଉଥ୍‌ର ନୂତନ ପଥ**

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ଅକ୍ଟୋବର, ୨୦୨୩

**ଆଜିର ମନ୍ତବ୍ୟ**

"ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଶଦ୍ରୋହ ଆଇନ ଉଚ୍ଛେଦ ନାମରେ ପ୍ରସ୍ତାବିତ ଭାରତୀୟ ନ୍ୟାୟ ସଂହିତାରେ ଆହୁରି କଠୋର ଓ ଏକଚ୍ଛତ୍ରବାଦୀ ପଦକ୍ଷେପର ବ୍ୟବସ୍ଥା କରିବାକୁ ଯାଉଛି। -**ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ନ ଦେଖିଲେ ବଣିଆ ଦେଖ**
**ବାଘ ନ ଦେଖିଲେ ବିରାଡ଼ି ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚିତ ହୋଇଥାନ୍ତି। ସେହିପରି ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଠକ ଠକ ମାଳି ଗଡ଼ା**
**ଲୋକ ଜାଣିବାକୁ ଆଖି ବୁଜି ବସେ**
**ଭୋଜନ ଶୁଖୁଆ ପୋଡ଼ା।**

ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା ଓ ଲାଳସା ଗ୍ରହଣୀୟ ହୋଇ ନ ଥାଏ। ଉପରେ ନିରାମିଷାଶୀ ଠାକୁର ଭକ୍ତ ଅଥଚ ଗୋପନରେ ଆମିଷ ଆହାର କରୁଥିବା ଭଣ୍ଡ ସାଧୁଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

**ଭୁବନେଶ୍ୱରରେ ରାସ୍ତା ନିର୍ମାଣ ପରେ ବାରମ୍ବାର ଖୋଳାଖୋଳି**




# ଗେ' ଚାଟ୍ ଆପ୍‌ରେ ଫସାଇ ଲୁଟୁଥିଲେ

### ୪ ନାବାଳକଙ୍କ ସମେତ ଗ୍ୟାଙ୍ଗ୍‌ର ୫ ଧରାପଡ଼ିଲେ

**ଭୁବନେଶ୍ୱର,୧୧।୧୦ (ସୂର୍ଯ୍ୟକାନ୍ତ ବେହେରା) :** ଗ୍ରୀଣ୍ଡର ଗେ' ଚାଟ୍ ଆପ୍‌ରେ ଯୁବକଙ୍କ ସହ ଚାଟିଂ କରୁଥିଲେ। ସମ୍ପର୍କ ବଢ଼ାଇ ବିଶ୍ୱାସ ଜନ୍ମାଇବା ପରେ ମଉଜମସ୍ତି ପାଇଁ ଭୁବନେଶ୍ୱର ଗ୍ୟାରେଜ ଛକକୁ ଡାକୁଥିଲେ। ଏହାପରେ ଯୁବକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଘରକୁ ଡାକି ନେଇ ନିର୍ଯାତନା ଦେଉଥିଲେ। ଉଲଗ୍ନ କରି ମାଡ ମାରିବା ସହ ପାଖରେ ଥିବା ଟଙ୍କା, ସୁନା ଚେନ୍ ଛଡାଇ ନେଉଥିଲେ। ଏପରିକି ମାଡ ବେଳର ଭିଡିଓ ଶୁଟ୍ କରି ଭାଇରାଲ ଧମକ ଦେଇ ଫୋନ୍ ପେ ଜରିଆରେ ଆକାଉଣ୍ଟରୁ ବି ଟଙ୍କା ଟ୍ରାନ୍ସଫର କରିନେଉଥିଲେ। ରାଜଧାନୀରେ କିଛିଦିନ ସକ୍ରିୟ ଥିବା ଏପରି ଏକ ଗ୍ୟାଙ୍ଗକୁ ଲିଙ୍ଗରାଜ ଥାନା ପୋଲିସ ଧରିଛି। ଏହି ଗ୍ୟାଙ୍ଗରେ ୪ଜଣ ନାବାଳକ ଓ ଜଣେ ସାବାଳକ ରହିଛନ୍ତି। ଦୁଇଟି ଅଭିଯୋଗ ଆଧାରରେ ପୋଲିସ ପୃଥକ ମାମଲା ରୁଜୁ କରି ସମସ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିବାବେଳେ ଅନ୍ୟତମ ଅଭିଯୁକ୍ତ ତଥା ଗଞ୍ଜାମର ଏ. ମନୋଜ ଦୋରାଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଗୋଟିଏ ବୁଲେଟ, ୩୪ ହଜାର ଟଙ୍କା ଟଙ୍କା ଜବତ କରାଯାଇଛି। ଏଥିସହ ସାଇବର ସେଲ୍ ସହାୟତାରେ ୮୫,୧୩୭ ଟଙ୍କା ଥିବା ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ବ୍ଲକ କରିଛି। ତେବେ ଧରାପଡିଥିବା ଅଭିଯୁକ୍ତମାନେ ଲୁଟ୍ ଟଙ୍କାକୁ ମିଶାଇ କିସ୍ତିରେ ଏକ ଆଇଫୋନ କିଣିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ତେବେ ଏଭଳି କେତେ ଜଣଙ୍କୁ ଆକ୍ରମଣ କରି ଟଙ୍କା ନେଇଛନ୍ତି ତାହାର ଅଧିକ ଖୋଳତାଡ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନାନୁସାରେ, ବଡଗଡ ଥାନା ଅଞ୍ଚଳର ଜଣେ ଯୁବକ ଗ୍ରୀଣ୍ଡର ଗେ' ଚାଟ୍ ଆପ୍ ଜରିଆରେ ଚାଟ୍ କରୁଥିବାବେଳେ ଅଭିଯୁକ୍ତମାନଙ୍କ ସହ ଯୋଗାଯୋଗରେ ଆସିଥିଲେ। ସମ୍ପର୍କ ବଢିବା ପରେ ଅଭିଯୁକ୍ତମାନେ ତାଙ୍କୁ ଖାଇବା ଦେବା ପାଇଁ ଗ୍ୟାରେଜ ଛକକୁ ଡାକିଥିଲେ। ଏହାପରେ ଧରାପଡିଥିବା ୫ ଅଭିଯୁକ୍ତ ଗ୍ୟାରେଜ ଛକ ଅଞ୍ଚଳରେ ଥିବା ଏକ ଟିଣଘରକୁ ନେଇ ସାଇକେଲ ଚେନ, ପ୍ଲାଷ୍ଟିକ ପାଇପ, କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରି ଟଙ୍କା, ସୁନା ଚେନ୍ ଆଦି ଲୁଟିନେବା ପରେ ଧମକ ଦେଇ ଛାଡ଼ିଥିଲେ। ଫଳରେ ଯୁବକ ଜଣକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କର ବାମ କାନର ପରଦା ଫାଟିଯିବାରୁ ତାଙ୍କୁ କିଛି ଶୁଭୁନାହିଁ। ତେବେ ଚିକିତ୍ସା ପରେ ସେ ଏନେଇ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ସେହିପରି ମେଣ୍ଢାଶାଳସ୍ଥିତ ସିଏସ୍‌ସିରେ ବ୍ଲକ ଡାଟା ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ସନ୍ତୋଷ କୁମାର ବିଶ୍ୱାଳ ଘରକୁ ଫେରୁଥିବାବେଳେ ଗ୍ୟାଙ୍ଗ୍‌ର ଜଣେ ଯୁବକ ଲିଫ୍ଟ ମାଗି ତାଙ୍କ ସହ ଆସିଥିଲେ। କିଛିବାଟ ଆସିବା ପରେ ବାଟରେ ତାଙ୍କୁ ଥଣ୍ଡା ପିଇବାକୁ ଦେଇ ସମ୍ପର୍କରେ ବଢ଼ାଇଥିଲେ। ଏଥିସହ ତାଙ୍କୁ ଉକ୍ତ ଘରକୁ ଡାକିନେଇ ମିଳିମିଶି ମାଡ ମାରିବା ସହ ତାଙ୍କ ଆକାଉଣ୍ଟରୁ ଦେଢ ଲକ୍ଷ ଟଙ୍କା, ମୋବାଇଲ ଫୋନ୍ ଆଦି ନେଇଯାଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଉକ୍ତ ଗ୍ୟାଙ୍ଗ୍‌କୁ ଠାବ କରିଥିଲା।

# ସିଏମ୍‌ସିର ଚଢ଼ାଉ, ୪ ଶୋ'ରୁମ୍ ସିଲ୍

**କଟକ,୧୧।୧୦, (ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସହର ବିଭିନ୍ନ ଅଞ୍ଚଳରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ଚଢାଉ କରାଯାଇଛି। ବିଶେଷକରି ମଙ୍ଗଳାବାଗ, ବାଦାମବାଡି, ରାଣୀହାଟ, ଲିଙ୍କ୍‌ରୋଡ୍ ଅଞ୍ଚଳରେ ଥିବା ବହୁ ଶୋ'ରୁମ ଏବଂ ଶପିଂ ମଲ୍‌ରେ କାଗଜପତ୍ର ଏବଂ ଲାଇସେନ୍ସ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୪ଟି ଶୋ'ରୁମ୍‌କୁ ସିଲ୍ କରାଯିବା ସହ ଗୋଟିଏ ଶପିଂ ମଲ୍‌ରୁ ଜରିମାନା ଆଦାୟ କରାଯାଇଥିଲା। ମଙ୍ଗଳାବାଗସ୍ଥିତ ଜୟରାମ ଲେଙ୍କା ଶୋ'ରୁମ, ପିଟର ଇଂଲଣ୍ଡ ଶୋ'ରୁମ, ମଧୁପାଟଣାସ୍ଥିତ ଓଲା ଗାଡି ଶୋ'ରୁମ ଓ ବାଦାମବାଡିସ୍ଥିତ ଫ୍ୟାଶନ କଲିକତା ବଜାରକୁ ସିଲ୍ କରାଯାଇଛି। ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନର ଲାଇସେନ୍ସ ନଥିବାବେଳେ ବ୍ୟବସାୟୀମାନେ ଦୀର୍ଘଦିନ ଧରି ୟୁଜର୍ସ ଫି' ଦେଉ ନ ଥିଲେ। ସେହିଭଳି ବାଦାମବାଡି ଟ୍ରାଫିକ ଛକ ନିକଟ କସ୍‌ମୋ ବଜାର ସମ୍ମୁଖରେ ବେଆଇନ ପାର୍କିଂ କରାଯାଇଥିବାରୁ ଜରିମାନା ଆଦାୟ କରାଯାଇଥିଲା। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

# ବଳିଦାନ ଦିବସରେ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୧୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ସର୍ବକନିଷ୍ଠ ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ୮୫ତମ ବଳିଦାନ ଦିବସ ବୁଧବାର ୟୁନିଟ୍-୮ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଧାୟକ ଅମର ପ୍ରସାଦ ଶତପଥୀ, ବାଜି ରାଉତ ସ୍ମୃତି ସଂସଦର ସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚ୍, ସାହିତ୍ୟିକ ସନାତନ ମଲ୍ଲିକ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତିଙ୍କ ସମେତ ବହୁ ଢେଙ୍କାନାଳ ବାସିନ୍ଦା ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆର୍‌ବିଆଇ ଆଗରେ ନୋଟ୍ ଫିଙ୍ଗି ପ୍ରତିବାଦ

### ଚିରାଫଟା ନୋଟ୍ ବଦଳାଇବାକୁ ହଟହଟା

**ଭୁବନେଶ୍ୱର,୧୧।୧୦(ସତ୍ୟଜିତ୍ ରାଉତ)**

ଚିରାଫଟା ନୋଟ୍ ବଦଳାଇବାକୁ ଲୋକେ ନାନା ହଟହଟାର ସମ୍ମୁଖୀନ ହେଉଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆ)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ଥିବା କାଉଣ୍ଟର ବନ୍ଦ ହୋଇଯାଇଥିବାବେଳେ ବିଭିନ୍ନ ବ୍ୟାଙ୍କ୍ ମନା କରୁଛି। ଫଳରେ ଟଙ୍କା ବଦଳାଇବାକୁ ଆସିଥିବା କେତେଜଣ ଲୋକ ଆର୍‌ବିଆଇ ସମ୍ମୁଖରେ ଚିରାଫଟା ନୋଟ୍‌କୁ ଫିଙ୍ଗି ଅଭିନବ ପ୍ରତିବାଦ କରିଛନ୍ତି। ଏସବୁ ନୋଟ୍‌କୁ ବ୍ୟାଙ୍କ୍‌ରେ ବଦଳାଇବାକୁ କହି ଆର୍‌ବିଆଇ କର୍ମଚାରୀମାନେ ସେମାନଙ୍କୁ ଫେରାଇ ଦେବାପରେ ଲୋକେ ଅସନ୍ତୋଷ ପ୍ରକାଶ କରି ଏଭଳି କରିଥିବା ଜଣାପଡିଛି। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ୧୫ରୁ ଉର୍ଦ୍ଧ୍ୱ ଗ୍ରାହକ ୨୦, ୫୦, ୧୦୦ ଟଙ୍କିଆ ଆଦି ଚିରା ଫଟା ଓ ନଷ୍ଟ ନୋଟ୍‌କୁ



ଫିଙ୍ଗି ଆର୍‌ବିଆଇ ଆଗରେ ପ୍ରତିବାଦ କରୁଥିଲେ। ଖବର ପାଇ ଖାରବେଳନଗର ଥାନା ପୋଲିସ ସେଠାରେ ପହଞ୍ଚି ଥିଲା। ଆର୍‌ବିଆଇ ଅଧିକାରୀ ଓ ପୋଲିସ ଗ୍ରାହକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ଅକ୍ଟୋବର ୩ରୁ ଆର୍‌ବିଆଇ ଚିରାଫଟା ନୋଟ୍‌କୁ ଗ୍ରହଣ କରିବନି ବୋଲି ଗାଇଡ୍‌ଲାଇନ୍ ଜାରି କରିଛି। ଏସବୁ ନୋଟ୍‌କୁ ସ୍ଥାନୀୟ ବ୍ୟାଙ୍କ୍‌ରେ ବଦଳାଇ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ହେଲେ ବ୍ୟାଙ୍କଗୁଡ଼ିକ ଏହି ଚିରାଫଟା ନୋଟ୍‌କୁ ଗ୍ରହଣ କରୁ ନ ଥିବା ସମ୍ପୃକ୍ତ ଲୋକେ ଅଭିଯୋଗ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଚନ୍ଦ୍ର କେନ୍ଦ୍ରରେ ଶନିଙ୍କ ଯୋଗୁ ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହୋଇପାରନ୍ତି। ବିଗତ ଦିନର ସମସ୍ୟା ଗୁଡ଼ିକର ସମାଧାନ ସକାଶେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିବ। ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ଦ୍ୱାରା ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଖଳଲୋକଙ୍କ କଥାକୁ ସତ ମଣି ଘର ଲୋକଙ୍କୁ ଭୁଲ୍ ବୁଝିବେ।

**ବୃଷ** - ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଅସଂପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ଦିନଟିର ରୋଜଗାରଠାରୁ ଖର୍ଚ୍ଚ ବଳିଯିବ। ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବ।

**ମିଥୁନ** - କୌଣସି ଅପରିଚିତଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିଯାଇ ପାରନ୍ତି। ଗତକାଲିର କଳି ତକରାଳ ବିଷୟରେ ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ।

**କର୍କଟ** - ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜର ଲୋକଙ୍କ ତରଫରୁ ସହଯୋଗ ପାଇବେନି। ନିର୍ମାଣାଧୀନ ଗୃହ, ରାସ୍ତା କାମ, ହଠାତ୍ କିଛିଦିନ ସକାଶେ ଅଟକି ରହିଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅପରାଜିତ ରହିବେ।

**ସିଂହ** - ଅଟକି ରହିଥିବା କାମ ଆଜି ସାରିବାରେ ସଫଳ ହେବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରି କେତେକାଂଶରେ ଋଣମୁକ୍ତ ହେବାର ସୂଚନା ରହିଛି। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା** - ବିଭିନ୍ନ କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହୋଇପାରନ୍ତି।

**ତୁଳା** - ରାଶିରେ ମଙ୍ଗଳ ହେତୁ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ନିଜ ଲୋକଙ୍କୁ ଭୁଲ୍ ବୁଝିବେ ଏବଂ ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରିବା ଠିକ୍ ହେବନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ।

**ବିଛା** - ଆଜି ଦିନସାରା ଟେନ୍ସନରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ପଡ଼ୋଶୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ଧନୁ** - ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ, କିନ୍ତୁ କର୍ମକ୍ଷେତ୍ରରେ ଅସ୍ଥିରତା ଅଶାନ୍ତିର କାରଣ ହୋଇପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବମାନ ଦେବେ, ଯାହାକି ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍‌ଶିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇ ପାରନ୍ତି।

**ମକର** - ଶନିଙ୍କ କୁପ୍ରଭାବରୁ ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବେ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି। ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ବିଷୟ, ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ ପାଇଁ ବ୍ୟସ୍ତତା ବଢ଼ିବ।

**କୁମ୍ଭ** - ଆଜି ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ବନ୍ଧୁମାନଙ୍କ ସହ କଥା କଟାକଟି କାରଣରୁ ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ି ହେବ ନାହିଁ। ଆର୍ଥିକ ସ୍ଥିତି ସେତେଟା ଭଲ ନଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** - ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରି ସମାଧାନରେ ଉପନୀତ ହୋଇପାରନ୍ତି। ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସି ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ଆତ୍ମୀୟମାନଙ୍କ ସହ ଜମିଜମା ବଣ୍ଟନକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

ଆଜି ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଗୁରୁବାର, ଅକ୍ଟୋବର ୧୨ ତାରିଖ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ଦିବା ଘ.୧୧।୩୫ ମି. ପର୍ଯ୍ୟନ୍ତ ପୂର୍ବାଫାଲ୍‌ଗୁନୀ/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୪୩ ଗତେ ଘ.୦୭।୧୬ ମଧ୍ୟେ ଶୁଦ୍ଧ ଶୁଭବେଳ। ଦିବା ଘ.୦୧।୦୦ ମି. ଗତେ ଘ.୦୨।୨୭ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଭାରତର ଦମ୍‌ଦାର...

(୫ ଚୌକା, ୨ ଛକା) ରନ କରିଥିଲେ। ରୋହିତଙ୍କ ସହ କ୍ରିଜ୍‌ରେ ଯୋଗଦେଇ ବିରାଟ କୋହଲି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ତେବେ ସ୍କୋର ୨୦୫ ହୋଇଥିବାବେଳେ ରଶିଦଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ ରୋହିତ। ସେ ୮୪ ବଲ୍‌ରୁ ୧୬ ଚୌକା ଓ ୫ ଛକା ସହାୟତାରେ ୧୩୧ ରନ କରିଥିଲେ। ଏହି ଅବସରରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା ମାରିବାରେ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍‌ଙ୍କ ରେକର୍ଡ ଭାଙ୍ଗିଥିଲେ। ରୋହିତଙ୍କ ବିଦାୟ ପରେ ଆଉ କ୍ଷତି ହେବାକୁ ଦେଇ ନ ଥିଲେ କୋହଲି ଓ ଶ୍ରେୟସ ଆୟର। ଦୁହେଁ ଅସମାପ୍ତ ତୃତୀୟ ଉଇକେଟରେ ୫୬ ବଲ୍‌ରୁ ୬୮ ରନ ସଂଗ୍ରହ କରି ୧୫ ଓଭର ବାକିଥାଇ ଦଳକୁ ବିଜୟୀ କରିଥିଲେ। ଅର୍ଦ୍ଧଶତକ ହାସଲ କରିଥିବା କୋହଲି ୫୬ ବଲ୍‌ରୁ ୬ ଚୌକା ସହ ୫୫ ଓ ଆୟର ୨୩ ବଲ୍‌ରୁ ୨୫ ରନକରି ଅପରାଜିତ ରହିଥିଲେ। ଆଫଗାନିସ୍ତାନ ପକ୍ଷରୁ କେବଳ ରଶିଦ ଖାଁ ୨ଟି ଉଇକେଟ ପାଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଆଫଗାନିସ୍ତାନ ଅଧିନାୟକ ହସମତୁଲ୍ଲା ଶାହିଦି। ଓପନିଂ ଯୋଡ଼ିରେ ୩୨ ରନ ସଂଗ୍ରହ ହେବା ପରେ ୭ମ ଓଭରର ୪ର୍ଥ ବଲ୍‌ରେ ଇବ୍ରାହିମ୍ ଜଦ୍ରାନଙ୍କୁ ଉଇକେଟ କିପର ଲୋକେଶ ରାହୁଲଙ୍କ ହାତରେ କ୍ୟାଚ କରାଇ ଆଫଗାନିସ୍ତାନକୁ ପ୍ରଥମ ଝଟ୍‌କା ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା। ଜଦ୍ରାନ ୨୨ ରନ କରିଥିଲେ। ଅନ୍ୟତମ ଓପନର ରହମଦୁଲ୍ଲା ଗୁରବାଜ ଓ ରହମତ ଶାହା ମଧ୍ୟ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସ୍କୋର ୬୩ ହୋଇଥିବାବେଳେ ରହମଦୁଲ୍ଲା ୨୧ ଓ ରହମତ ୧୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ଦଳର ସଙ୍କଟ ସମୟରେ ଶତକୀୟ ଭାଗୀଦାରି ଗଢ଼ିଥିଲେ ଅଧିନାୟକ ହସମତୁଲ୍ଲା ଓ ଆଜମତୁଲ୍ଲା ଓମାରଜାଇ। ଉଭୟ ୪ର୍ଥ ଉଇକେଟରେ ୧୨୮ ବଲ୍‌ରୁ ୧୨୧ ରନ ସଂଗ୍ରହ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୬୯ ବଲ୍‌ରୁ ୬୨ (୨ ଚୌକା, ୪ ଛକା) ରନ କରିଥିବା ଓମାରଜାଇଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଶତକମୁହାଁ ହୋଇଥିବା ହସମତୁଲ୍ଲାଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ପ୍ୟାଭିଲିୟନ ପଥ ଦେଖାଇଥିଲେ କୁଳଦୀପ ଯାଦବ। ୮୮ ବଲ୍‌ରୁ ୮ ଚୌକା, ୧ ଛକା ସହାୟତାରେ ୮୦ ରନ କରିଥିଲେ ହସମତୁଲ୍ଲା। ଆଫଗାନିସ୍ତାନର ପ୍ରଥମ ଅଧିନାୟକ ଭାବେ ସେ ବିଶ୍ୱକପ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ନିର୍ଭରଯୋଗ୍ୟ ମହମ୍ମଦ ନବି (୧୯ ରନ)ଙ୍କ ସମେତ ଟେଲ୍ ଏଣ୍ଡରଙ୍କ ବିଫଳତା ଯୋଗୁ ଆଫଗାନିସ୍ତାନ ଇନିଂସ ୨୭୨/୮ରେ ସୀମିତ ରହିଥିଲା। ବିଶ୍ୱକପ୍‌ରେ ଏହା ହେଉଛି ଦଳର ଦ୍ୱିତୀୟ ସର୍ବାଧିକ ସ୍କୋର। ୨୦୧୯ରେ ଲିଡ୍‌ସଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କରିଥିବା ୨୮୮ ରନ ଆଫଗାନିସ୍ତାନର ବିଶ୍ୱକପ୍‌ରେ ସର୍ବାଧିକ ସ୍କୋର। ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା ମାତ୍ର ୩୯ ରନଦେଇ ୪ଟି, ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ କୁଳଦୀପ ଯାଦବ ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ସ୍କୁଟର ଯୋଜନାର ...

ଦିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଜିଲାର ମା' ମଙ୍ଗଳା ଏସ୍‌ଏଚ୍‌ଜି ଓ କଟକ ଜିଲାର ଜୟ ଶ୍ରୀରାମ ଏସ୍‌ଏଚ୍‌ଜିକୁ ସୁଧ ବାବଦ ଚେକ୍ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି ଯେ ଗତିଶୀଳତା ହିଁ ସଶକ୍ତୀକରଣ। ଏହାକୁ ପାଥେୟ କରି ଏହି ଐତିହାସିକ ମିଶନ ଶକ୍ତି ସ୍କୁଟର ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ୨ ଲକ୍ଷ କମ୍ୟୁନିଟି ସପୋର୍ଟ ଷ୍ଟାଫ୍, ବିଜ୍‌ନେସ କରେସପଣ୍ଡେଣ୍ଟ ଏଜେଣ୍ଟ ଏବଂ ଏକ୍‌ଜିକ୍ୟୁଟିଭ କମିଟି ମେମ୍ବର ସେମାନଙ୍କ ପସନ୍ଦ ମୁତାବକ ସ୍କୁଟର କିଣିବା ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇବେ। ଏହି ପଦକ୍ଷେପ ମିଶନ ଶକ୍ତି ଫେଡେରେଶନ ସହିତ କାର୍ଯ୍ୟରତ ଓ ଏହା ଅଧୀନରେ କାର୍ଯ୍ୟରତ ସଦସ୍ୟମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବ।

ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଅବସରରେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଜି ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପର ଉଦ୍‌ଘାଟନ ହୋଇଛି। ୧୫ ହଜାର ଏସ୍‌ଏଚ୍‌ଜି ସଦସ୍ୟ ସ୍କୁଟର ନେଇଛନ୍ତି। ୨ ଲକ୍ଷ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ପର୍ଯ୍ୟାୟକ୍ରମେ ସ୍କୁଟର ନେବେ। ଆମର ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟମାନେ ହେଲେ ମିଶନ ଶକ୍ତିର ସେନାପତି। ସେମାନେ ମିଶନ ଶକ୍ତିକୁ ନୂଆ ଦିଗ ଦେଉଛନ୍ତି। ଏହି ସ୍କୁଟର ହେଉଛି ମିଶନ ଶକ୍ତି ମା'ମାନଙ୍କ ପରିଚୟ ଓ ଦକ୍ଷତାର ପ୍ରତୀକ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ, ମିଶନ ଶକ୍ତିର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଏବଂ ଗୀତାଞ୍ଜଳି ବସ୍ତିଆ ଉପସ୍ଥିତ ଥିଲେ। ରାଜ୍ୟର ପ୍ରତ୍ୟେକ ଜିଲା ଓ ବ୍ଲକ ସଂଘର ସଦସ୍ୟାମାନେ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିଭାଗୀୟ ନିର୍ଦ୍ଦେଶକ ଏନ୍. ତିରୁମାଲା ନାୟକ ଧନ୍ୟବାଦ ଦେଇଥିଲେ।

## ବିଲେଇ ପାଇଁ ...

ପଡ଼ିଥିବା ବିଲେଇର ମଧ୍ୟ ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ଥାନୀୟ ଅଞ୍ଚଳର ଜଣଙ୍କ ପୋଷା ବିଲେଇ ବୁଲୁଥିବାବେଳେ ପାଚେରି ନ ଥିବା ଉକ୍ତ କୂଅ ଭିତରେ ପଡ଼ିଯାଇଥିଲା। ପରେ ମାଲିକ ଉପରେ ରହି ବାଲ୍‌ଟି ଦ୍ୱାରା ବିଲେଇକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଉକ୍ତ କୂଅ ଭିତରକୁ ପଶି ବିଲେଇକୁ ଉଦ୍ଧାର କରିଦେବେ ବୋଲି ଶିବରାମ କହିଥିଲେ। ସାହସିକତାର ସହ ଶିବରାମ ଉକ୍ତ କୂଅ ଭିତରକୁ ଯାଇ ଅଣନିଃଶ୍ୱାସୀ ହେବା ସହ ପାଣିରେ ବୁଡ଼ିଯାଇଥିଲେ। ଏହାପରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଶଙ୍କର ଉକ୍ତ କୂଅ ଭିତରକୁ ଯାଇ ସେ ମଧ୍ୟ ଫସିଯାଇଥିଲେ। ଶିବରାମ ଓ ଶଙ୍କର କୂଅ ଭିତରେ ଜୀବନ ସହ ସଂଘର୍ଷ କରୁଥିବା ବେଳେ ଭଜରାମ ମଧ୍ୟ କୂଅ ଭିତରକୁ ପଶି ଫସିଯାଇଥିଲେ। ଏନେଇ ଖବର ପାଇ ମଞ୍ଜେଶ୍ୱର ଅଗ୍ନିଶମ ଟିମ୍ ପହଞ୍ଚି ୩ଜଣଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଶିବରାମଙ୍କର ମୃତ୍ୟୁ ହୋଇଯାଇଥିଲା।

## ରକ୍ତ ପରୀକ୍ଷାରେ ପ୍ରାରମ୍ଭରୁ ...

ପାଇଁ ସର୍ବୋତ୍ତମ ଚିକିତ୍ସା ପଦ୍ଧତି ବାଛିବା କଷ୍ଟକର ହୋଇଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗର୍ଭାଶୟ କର୍କଟ ଚିହ୍ନଟ ହେଲେ, ରୋଗୀମାନଙ୍କର ୫ବର୍ଷ କିମ୍ବା ତା'ଠାରୁ ଅଧିକ ବଞ୍ଚିବାର ୯୦ପ୍ରତିଶତରୁ ଅଧିକ ସୁଯୋଗ ଥାଏ। କିନ୍ତୁ ଶେଷ ପର୍ଯ୍ୟାୟରେ କର୍କଟ ଚିହ୍ନଟ ହେଲେ ସେମାନଙ୍କର ଜୀବିତ ରହିବା ସମ୍ଭାବନା ୪୦ ପ୍ରତିଶତରୁ କମ୍ ହୋଇଯାଏ। ଏ ସମ୍ପର୍କରେ ଆମେରିକା ସାଉଥ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଜେନୋମିକ ଏବଂ ଏପିଜେନୋମିକ ରେଗୁଲେଶନ ରିସର୍ଚ୍ଚ ପ୍ରୋଗ୍ରାମର ଗବେଷକ ବୋଡୋର ସାଲହିୟା କହିଛନ୍ତି, କର୍କଟ ଶୀଘ୍ର ଚିହ୍ନଟ ହେଲେ ଜୀବନ ରକ୍ଷା ହୋଇପାରିଥାଏ। ଯଦି ଆମେ ପ୍ରାଥମିକ ସ୍ତରର ଗର୍ଭାଶୟ କର୍କଟକୁ ଠିକ୍ ଭାବରେ ଚିହ୍ନଟ କରିପାରିବା, ତେବେ ଆମେ ରୋଗର ଫଳାଫଳକୁ ପରିବର୍ତ୍ତନ କରିପାରିବା ଏବଂ ବଞ୍ଚିବାର ହାରକୁ ବୃଦ୍ଧି କରିପାରିବା।

## ଲିଥିୟମ ଉପରେ ...

କରିବ। ସୂଚନାଥାଉ କି, ଜମ୍ମୁ କଶ୍ମୀରରେ ୫୯ ଲକ୍ଷ ଟନ୍ ଲିଥିୟମ ରହିଛି। ଏହା ଚିହ୍ନଟ ହେବା ପରେ ଭାରତ ବିଶ୍ୱର ସପ୍ତମ ବୃହତ୍ତମ ଲିଥିୟମ ଭଣ୍ଡାରସମ୍ପନ୍ନ ଦେଶ ପାଲଟିଛି। ଯୁକ୍ତରାଷ୍ଟ୍ରର ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ଅନୁଯାୟୀ ଭାରତରେ ଆବିଷ୍କାର ହେବା ପୂର୍ବରୁ ସାରା ବିଶ୍ୱରେ ୯୮ ନିୟୁତ ଟନ୍ ଲିଥିୟମ ଭଣ୍ଡାର ରହିଥିଲା। ଲିଥିୟମ ଭଣ୍ଡାର କ୍ଷେତ୍ରରେ ବୋଲିଭିଆ ବିଶ୍ୱରେ ପ୍ରଥମ ସ୍ଥାନରେ ରହିଛି। ଏହାପରେ ଆର୍ଜେଣ୍ଟିନା ଦ୍ୱିତୀୟ, ଆମେରିକା ତୃତୀୟ, ଚିଲି ଚତୁର୍ଥ, ଅଷ୍ଟ୍ରେଲିଆ ପଞ୍ଚମ ଏବଂ ଚାଇନା ଷଷ୍ଠ ସ୍ଥାନରେ ରହିଛି। ଏହି ଦେଶଗୁଡ଼ିକରେ ବିଶ୍ୱର ଲିଥିୟମ ଭଣ୍ଡାରର ୭୬% ରହିଛି।

## ଗର୍ଭପାତ ନେଇ...

କରାଗଲାନାହିଁ? ଏକ ଭ୍ରୂଣର ହାର୍ଟବିଟ୍ ବନ୍ଦ କରିବାକୁ କେଉଁ କୋର୍ଟ କହିବେ? ଏହା ପରେ ଉଭୟ ବିଚାରପତି କହିଥିଲେ, କୋର୍ଟ ଅର୍ଡରକୁ ପଲଟାଇବା ପାଇଁ ପନ୍ଥା ରହିଛି। କିନ୍ତୁ ଏପରି ଭାବେ ତାହା କରାଯାଇ ନ ଥାଏ। ରାୟ ଦେବା ପରେ ଏମ୍ସ ରିପୋର୍ଟ ଦାଖଲ କରିବାର ତାତ୍ପର୍ଯ୍ୟ ଆମେ ଆପଣଙ୍କ ପକ୍ଷ ଶୁଣିନାହୁଁ ଭଳି ମନେହେଉଛି। ମହିଳା ଜଣକ ବର୍ତ୍ତମାନ ଆହୁରି ଚାପଗ୍ରସ୍ତ ହୋଇପଡ଼ିଛନ୍ତି। ସୋମବାର ଶୁଣାଣି ବେଳେ ଉପରୋକ୍ତ ବିନ୍ଦୁ ସମ୍ପର୍କରେ ଉଲ୍ଲେଖ କରା ନ ଯିବା ନେଇ କେନ୍ଦ୍ରକୁ ଖଣ୍ଡପୀଠ ଭର୍ତ୍ସନା କରିଥିଲେ। ଜଷ୍ଟିସ୍ ନାଗରତ୍ନା କହିଥିଲେ, ଯେତେବେଳେ ଏହି ଅଦାଲତଙ୍କ ଗୋଟିଏ ଖଣ୍ଡପୀଠ ଏକ ପ୍ରସଙ୍ଗରେ ରାୟ ଦେଉଛନ୍ତି, ଆପଣ ତାକୁ ସମାନ କୋର୍ଟରେ ୩ ଜଣିଆ ବିଚାରପତିଙ୍କ ଖଣ୍ଡପୀଠରେ କିପରି ଚ୍ୟାଲେଞ୍ଜ କରିପାରିବେ? ଯଦି ଆଜି ଭାରତ ସରକାର ଏପରି କରିବେ ତେବେ ଆସନ୍ତା କାଲି ଘରୋଇ ପକ୍ଷ ମଧ୍ୟ ସମାନ ଉପାୟ ଆପଣାଇବେ। ପ୍ରତ୍ୟେକ ଖଣ୍ଡପୀଠ ହେଉଛନ୍ତି ସୁପ୍ରିମକୋର୍ଟ। ଆମେ ଭିନ୍ନ ନୋହୁଁ, ବରଂ ଗୋଟିଏ ଅଦାଲତ।

Govt. of Uttarakhand | Azadi Ka Amrit Mahotsav | G20 भारत 2023 INDIA | DESTINATION UTTARAKHAND GLOBAL INVESTORS SUMMIT 2023 — Peace To Prosperity

Aadi Kailash



Jageshwar Dham



# Gift of Projects worth Rs 4200 cr to Uttarakhand





## Total 23 Development Projects to add impetus to Infrastructure, Education, Health, Electricity, Drinking Water, Sports, Tourism, Disaster Mitigation and Horticulture

Under the guidance of Prime Minister Narendra Modi ji, Uttarakhand is moving towards new heights. Our heartfelt gratitude to him for giving significance to the state, which is set to surge ahead as per his aspirations. PM Narendra Modi ji's contribution to the state is immense and important, his connection with Uttarakhand is that of 'heart and karma'.

**Pushkar Singh Dhami**
Chief Minister, Uttarakhand

The construction of developed India for the 21st century rests on two primary pillars - pride in heritage and, second every possible effort for the development. Today, both these pillars are being strengthened by Uttarakhand. This decade will be the decade of Uttarakhand.

**Narendra Modi**
Prime Minister

## Inauguration and foundation Stone laying by Narendra Modi
Prime Minister

## Laying the Foundation Stone
13 Projects Rs 2854 cr.

**Farmers income will increase**

- For Construction of 21398 Poly - houses
- For Cultivation of High Density Intensive Apple Orchards

**Infrastructure Development**

- 05 works of 02 laning & slope treatment on National Highways
- Construction of 32 bridges in the state

**Strengthening disaster management**

- Strengthening of Fire Safety infrastructure and rescue equipments under SDRF
- Up-gradation of State Emergency Operation Centre (SEOC) in Dehradun
- Treatment for the prevention of landslides in Baliyanala, Nainital district

**Expansion of education, health and sports facilities**

- Construction of Hostels and Computer Labs in 20 Model Degree Colleges
- 100 bedded Sub District Hospital in Someshwar, Almora
- Construction of 50 bedded Hospital block in Champawat
- Velo-drome construction work in Rudrapur
- Construction of Astro-turf hockey ground in Sports Stadium, Haldwani

**Development of Manaskhand temple area in the line of Char Dham**

- Development of infrastructure facilities in Jageshwar Dham, Haat Kalika and Naina Devi Temple under Manaskhand Mandir Mala Mission

## in Gracious Presence of

**Pushkar Singh Dhami**
Chief Minister, Uttarakhand

**Ajay Bhatt**
Union Minister of State

**Minister, GoUK**
Satpal Maharaj
Ganesh Joshi
Premchand Agrawal
Subodh Uniyal
Dr. Dhan Singh Rawat
Rekha Arya
Saurabh Bahuguna

**M. P.**
Dr. Ramesh Pokhriyal 'Nishank'
Ajay Tamta
Kalpana Saini
Naresh Bansal
Rekha Verma

12 October, 2023 (Thursday)
Time : 2:30 PM onwards

Venue : Shri Surendra Singh Valdia Sports Stadium, Pithoragarh

## Inauguration
10 Projects Rs 1349 cr.

**Infrastructure Development**

- 76 Roads under PMGSY
- 25 Bridges in Rural Areas under PMGSY
- 15 Block Office Buildings in 09 Districts.
- 03 Road Strengthening Works under Central Road Fund
  - Kausani-Bageshwar Road
  - Dhari-Doba-Girechina Road
  - Nagla- Kiccha SH Road Double laning
- laning/strengthening Works of National Highways
  - NH 309B-Almora- Petsal-Panuanoula-Danya
  - NH 125-Tanakpur-Chalthi

**Availability of drinking water and electricity facilities in hilly areas**

- 38 Rural Pumping drinking water schemes & 03 Tubewell based drinking water schemes
- 419 Rural Gravity drinking water schemes
- 39 bridges in the state and USDMA Building in Dehradun
- Artificial Lake in Tharkot, Pithoragarh
- 132 KV Pithoragarh-Lohaghat-Champawat transmission line








**Issued in Public Interest by Department of Information and Public Relations, Uttarakhand**

www.uttarainformation.gov.in | uttarakhandDIPR | DIPR_UK | uttarakhand DIPR

"ମା' ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି। ଏବେ ହେଉ ବା ପରେ ହେଉ– ତା'ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ ଓ ଅନିବାର୍ଯ୍ୟ। **–ଶ୍ରୀଅରବିନ୍ଦ**



# ଗ୍ଲୋବାଲ ସାଉଥ୍‌ର ନୂତନ ପଥ



ଗର୍ଡନ ବ୍ରାଉନ

ଅନ୍ତର୍ଜାତୀୟ ଆର୍ଥିକ ଢାଞ୍ଚାରେ ସଂସ୍କାର ଆଣିବା ପାଇଁ ବାର୍ବାଡିଆନ ପ୍ରଧାନମନ୍ତ୍ରୀ ମିଆ ଆମୋର ମୋଟ୍‌ଲିଙ୍କ ଉଚ୍ଚାଭିଳାଷୀ ବ୍ରିଜ୍‌ଟାଉନ ଏଜେଣ୍ଡା ଜଳବାୟୁ ନ୍ୟାୟ ପାଇଁ ଏକ ଶକ୍ତିଶାଳୀ ଯୁକ୍ତି ହୋଇପାରିଛି। କିନ୍ତୁ ଆଜି ଆମେ ସମ୍ମୁଖୀନ ହେଉଥିବା ଗଭୀର ଆହ୍ୱାନକୁ ମୁକାବିଲା କରିବା ପାଇଁ ସେ ଏକମାତ୍ର ବିଶ୍ୱ ନେତା ନୁହନ୍ତି। ଗ୍ଲୋବାଲ ସାଉଥ୍‌ରୁ ଏକ ନୂତନ ପିଢ଼ିର ନେତାମାନଙ୍କ ସ୍ୱର ଶୁଣିବାକୁ ମିଳୁଛି। ଉଦାହରଣ ସ୍ୱରୂପ, କେନିଆ ରାଷ୍ଟ୍ରପତି ୱିଲିୟମ ରୁଟୋ ଆଫ୍ରିକାରେ ଜଳବାୟୁ ସକାରାତ୍ମକ ଅଭିବୃଦ୍ଧି ଦିଗରେ ଏକ ନୂତନ ପଥ ପ୍ରସ୍ତୁତ କରୁଛନ୍ତି। ଲାଟିନ୍ ଆମେରିକାରେ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ବିଶ୍ୱ ଜଳବାୟୁ କାର୍ଯ୍ୟକ୍ରମକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଏକ ନୂତନ ମାର୍ଶାଲ ଯୋଜନା ପାଇଁ ଦାବି କରିଛନ୍ତି। ବ୍ରାଜିଲ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡି ସିଲ୍‌ଭା କ୍ଷୁଧା, ଦାରିଦ୍ର୍ୟ ତଥା ଅସମାନତାକୁ ନିୟନ୍ତ୍ରଣ କରିବା, ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ୨୦୨୪ରେ ତାଙ୍କ ଦେଶର ଜି୨୦ ଅଧ୍ୟକ୍ଷତା ସମୟରେ ପୁରୁଣା ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ଲକ୍ଷ୍ୟ ରଖିଛନ୍ତି।

ଏକ ଦଶନ୍ଧିର ସଂରକ୍ଷଣବାଦ ଏବଂ ବିଖଣ୍ଡିତ ପ୍ରକ୍ରିୟା ପରେ ଏହିସବୁ ପଦକ୍ଷେପ ଆବଶ୍ୟକ ସଂସ୍କାର ଆଣିବା ପାଇଁ ବିଶ୍ୱସ୍ତରୀୟ ସହମତି ସୃଷ୍ଟି କରିବାକୁ ଚେଷ୍ଟାକରେ। କୋଭିଡ୍–୧୯ ପରବର୍ତ୍ତୀ ବିଶ୍ୱରେ ଏହାର ବ୍ୟାପକ ପ୍ରଭାବ ପଡ଼ିଛି ବୋଲି ଜି୨୦ ଏବେ ଅନୁଭବ କରୁଛି। ଶକ୍ତି ଏବଂ ଖାଦ୍ୟ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ବିଶ୍ୱର ଗରିବ ଦେଶଗୁଡ଼ିକରେ ଅନିୟନ୍ତ୍ରିତ ଋଣ ଭାର ସାମ୍ନାକୁ ଆସିଛି। ଏହାସହ ରେକର୍ଡ ସଂଖ୍ୟକ ଜଳବାୟୁ ବିପର୍ଯ୍ୟୟକୁ ବିଶ୍ୱ ସାମ୍ନା କରୁଛି। ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଏବଂ ବିକାଶ ଲକ୍ଷ୍ୟ ହାସଲ କରିବାକୁ ବିକାଶଶୀଳ ଦେଶଗୁଡିକ ବାର୍ଷିକ ଅତି କମ୍‌ରେ ୧ ଟ୍ରିଲିୟନ ଡଲାର ଆବଶ୍ୟକ କରନ୍ତି । କିନ୍ତୁ ଏଥିପ୍ରତି ନିଷ୍କ୍ରିୟତା ଯୋଗୁ ଅଧିକ କ୍ଷତି ଘଟୁଛି। ଆମର ସାମୂହିକ ଭବିଷ୍ୟତ ପାଣ୍ଠି ଯୋଗାଣ ବୃଦ୍ଧି ଉପରେ ନିର୍ଭରକରେ ଏବଂ ଜୀବାଶ୍ମ ଇନ୍ଧନରୁ ଅପ୍ରତ୍ୟାଶିତ ଆୟ ଉପରେ ଏକ ଶୁଳ୍କ ଲଗାଇ ପାଣ୍ଠି ଯୋଗାଡ଼ ଆରମ୍ଭ କରିବାକୁ ହେବ। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫାତିହ ବିରୋଲଙ୍କ ଅନୁଯାୟୀ ୨୦୨୨ରେ ବିଶ୍ୱର ତୈଳ ଏବଂ ଗ୍ୟାସ୍ ଶିଳ୍ପର ଆୟ ପ୍ରାୟ ୪ ଟ୍ରିଲିୟନ ଡଲାର ଥିଲା । ତା' ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଏହା ହାରାହାରି ୨.୫ ଟ୍ରିଲିୟନ ଡଲାର ଅଧିକ। ବାସ୍ତବରେ ଏହି ଟଙ୍କା ଗ୍ରାହକଙ୍କଠାରୁ ଆସିଛି। ବିଶ୍ୱର କେତେକ ଧନୀ କମ୍ପାନୀ ଶକ୍ତିର ମୂଲ୍ୟ ଅତ୍ୟଧିକ ବଢ଼ାଇ ଜୀବନ ସଙ୍କଟ ସମୟରେ ଅତ୍ୟଧିକ ଲାଭ କରୁଛନ୍ତି । ଏହା ଗରିବ ଏବଂ ବିପଦରେ ଥିବା ଲୋକଙ୍କୁ ପ୍ରଭାବିତ କରିଛି । ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ଏହି ପ୍ରଭାବଶାଳୀ ଟ୍ୟାକ୍ସର ସବୁଠୁ ବଡ଼ ହିତାଧିକାରୀମାନେ ହେଉଛନ୍ତି ତୈଳ ଉତ୍ପାଦନକାରୀ ଦେଶ। ଏମାନଙ୍କ ମଧ୍ୟରେ କାନାଡା, ଅଷ୍ଟ୍ରେଲିଆ, ଇରାକ ଓ ଇରାନ ଭଳି ଦେଶର ମୋଟ ରପ୍ତାନି ରାଜସ୍ୱ ୨୦୨୨ରେ ପ୍ରାୟ ୧ ଟ୍ରିଲିୟନ ଡଲାର ଥିଲା। ଏହିସବୁ ଦେଶ ମଧ୍ୟରେ



ସବୁଠୁ ଆଗରେ ଥିବା ଦେଶରେ ମୁଣ୍ଡ ପିଛା ଆୟ ବିଶ୍ୱରେ ସର୍ବାଧିକ। ସ୍ଥାୟୀ ତଥା ସହନୀୟ ବିକାଶ ପାଇଁ ବିଶ୍ୱ ପାଣ୍ଠିକୁ ଅର୍ଥ ଦେବାକୁ ଏମାନେ ସକ୍ଷମ। ଅତ୍ୟଧିକ ହାଇଡ୍ରୋକାର୍ବନ ରପ୍ତାନି ରାଜସ୍ୱ ଉପରେ ସ୍ୱେଚ୍ଛାକୃତ ଭାବେ ଶୁଳ୍କ ଦେଇ ସେମାନେ ଏହା କରିପାରିବେ। ୨୦୨୨ରେ ସଂଯୁକ୍ତ ଆରବ ସଂଘର ରପ୍ତାନି ଆୟ (୧୧୯ ବିଲିୟନ ଡଲାର), କାତାର(୧୧୬ ବିଲିୟନ ଡଲାର), କୁଏତ୍(୯୮ବିଲିୟନ ଡଲାର), ନରୱେ( ପାଖାପାଖି ୧୭୪ ବିଲିୟନ ଡଲାର) ଏବଂ ସାଉଦି ଆରବ(୩୧୧ ବିଲିୟନ ଡଲାର) ଉପରେ ୩% ଶୁଳ୍କ ହେଲେ ସେଥିରୁ ମୋଟରେ ପାଖାପାଖି ୨୫ ବିଲିୟନ ଡଲାର ପାଣ୍ଠି ଯୋଗାଡ଼ ହୋଇପାରିବ। ନିକଟରେ ସାଉଦି ଏକୁଟିଆ ଫୁଟ୍‌ବଲ, ଫର୍ମୁଲା ୱାନ୍ ରେସ୍ ଏବଂ ଅନ୍ୟ ସ୍ପୋର୍ଟ୍ସ ଚୁକ୍ତି ଉପରେ କରିଥିବା ଖର୍ଚ୍ଚ ପରିମାଣ ଠାରୁ ବହୁ କମ୍।

ସୌଭାଗ୍ୟବଶତଃ, ଚଳିତ ବର୍ଷର ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୨୮) ୟୁଏଇରେ ଅନୁଷ୍ଠିତ ହେବ। ଜୁଲାଇରେ ତାଙ୍କର କାର୍ଯ୍ୟ ଯୋଜନା ବିଷୟରେ ବର୍ଣ୍ଣନା କରି କପ୍୨୮ର ନିଯୁକ୍ତ ଅଧ୍ୟକ୍ଷ ସୁଲତାନ ଅଲ ଜାବର ଯୋଜନାର ଚାରିଟି କାର୍ଯ୍ୟକ୍ରମ ମଧ୍ୟରେ ଗୋଟିକୁ 'କ୍ଲାଇମେଟ୍ ଫାଇନାନ୍ସ ଫିକ୍ସିଂ'ବା 'ଜଳବାୟୁ ପ୍ରଭାବକୁ ମୁକାବିଲା କରିବା ଲାଗି ଅର୍ଥ ସ୍ଥିର କରିବା' ଭାବେ ନାମିତ କରିଥିଲେ। ସେ ଯୁକ୍ତି ବାଢିଥିଲେ ଯେ ସମସ୍ତ ପ୍ରକାର ଅର୍ଥ ଯୋଗାଣ ଅଧିକ ଉପଲବ୍ଧ, ସୁଗମ ଏବଂ ସୁଲଭ ହେବା ଆବଶ୍ୟକ। ସେହିଭଳି ସେ ପ୍ରତିଶ୍ରୁତି ଦେଇ ଅର୍ଥ ଦେବାରେ ବିଳମ୍ବ କରିଥିବା ଦେଶଗୁଡ଼ିକୁ ତାହା ପ୍ରଦାନ କରିବାକୁ ଆହ୍ୱାନ ଦେଇଛନ୍ତି। କିନ୍ତୁ ଜି୨୦ ଅଧ୍ୟକ୍ଷ ଭାବେ ୟୁଏଇ ଏ କ୍ଷେତ୍ରରେ ନେତୃତ୍ୱ ନେବାର ଦାୟିତ୍ୱ ରହିଛି। କପ୍୨୮କୁ ଆରମ୍ଭ କରିବାର ସର୍ବୋତ୍ତମ ଉପାୟ ହେଉଛି ଆବୁଧାବି ଜାତୀୟ ତୈଳ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ତଥା ଗୋଷ୍ଠୀ ସିଇଓ ଅଲ୍ ଜାବର ତାଙ୍କ ଦେଶ ଆୟରୁ ୩ ବିଲିୟନ ଡଲାର ଦେବେ ଓ ଅନ୍ୟ ଧନୀ ଗଲ୍ଫ ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ସେହିପରି କରିବାକୁ ପ୍ରେରିତ କରିବେ ବୋଲି ଘୋଷଣା କରିବାକୁ ହେବ। ଅନୁଦାନ ଅର୍ଥରୁ ଅଧାରୁ ଅଧିକ ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡକୁ ଯାଇପାରେ, ଯାହା ଉପରେ କପ୍୨୭ ରେ ସହମତି ହୋଇଥିଲା। କିନ୍ତୁ ଆରମ୍ଭରୁ ଅଳ୍ପ ଅର୍ଥ ମିଳିପାରିଛି, ବାକିଗୁଡିକ ପୁଞ୍ଜି ଭାବରେ ବ୍ୟବହୃତ ହୋଇଛି ଏବଂ ଜଳବାୟୁ ପ୍ରଭାବ ହ୍ରାସ ପାଇଁ ନୂତନ କାର୍ଯ୍ୟକ୍ରମ ପାଇଁ ଅନୁଦାନ ପ୍ରଦାନ କରାଯାଇଛି । ଅନ୍ତର୍ଜାତୀୟ ସମୁଦାୟ ଏହି ଆଦାୟ ପାଣ୍ଠିକୁ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଏକ ବ୍ୟାପକ ଆର୍ଥିକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ବ୍ୟବହାର କରିବା ଆବଶ୍ୟକ। ଏହି ନୀତି ଉପରେ ଆଧାରକରି ଧନୀ ଓ ଅତ୍ୟଧିକ ପ୍ରଦୂଷଣ କରୁଥିବା ଦେଶଗୁଡ଼ିକ ବିଶ୍ୱ ତାପନରେ ଅଧିକ ପ୍ରଭାବିତ ଗରିବ ଦେଶଗୁଡ଼ିକର ସାହାଯ୍ୟ କରିବା ଲାଗି ଅଧିକ ଅର୍ଥ ଯୋଗାଇଦେବା ଉଚିତ। କେବଳ ସହାୟତା ବଜେଟ ବୃଦ୍ଧି କରାଯିବା ଉଚିତ ନୁହେଁ, ଗରିବ ଦେଶଗୁଡ଼ିକ ପାଇଁ ବିଶ୍ୱବ୍ୟାଙ୍କର ଅର୍ଥ ଯୋଗାଣ ସଂସ୍ଥା ଅନ୍ତର୍ଜାତୀୟ ବିକାଶ ସଂଘ( ଆଇଡିଏ) ମଧ୍ୟ ଆସନ୍ତା ବର୍ଷ ଅତ୍ୟଧିକ ଅର୍ଥ ସଂଗ୍ରହ କରିବା ଦରକାର।

ସ୍ୱଳ୍ପ ଆୟକାରୀ ଦେଶଗୁଡିକ ପାଇଁ ୯୦ ବିଲିୟନ ଡଲାରର ରିହାତି ଅର୍ଥ ପ୍ରଦାନ କରିବା ହେଉଛି ଅର୍ଥନୀତିଜ୍ଞ ଏନ୍.କେ. ସିଂ ଏବଂ ଆମେରିକାର ପୂର୍ବତନ ଟ୍ରେଜେରି ସେକ୍ରେଟାରି ଲରେନ୍ସ ଏଚ୍ ସୁମର୍ସଙ୍କ ରିପୋର୍ଟର କେନ୍ଦ୍ରବିନ୍ଦୁ। ସେମାନେ ଯୁକ୍ତି କରନ୍ତି, ମଲ୍‌ଟିଲାଟେରାଲ ଡେଭଲପମେଣ୍ଟ ବ୍ୟାଙ୍କ ବା ବହୁପକ୍ଷୀୟ ବିକାଶ ବ୍ୟାଙ୍କ (ଏମ୍‌ଡିବିଏସ୍)ର ବ୍ୟବସ୍ଥା ତାହାର ସାମଗ୍ରିକ କ୍ଷମତା ବୃଦ୍ଧି କରିବା ଆବଶ୍ୟକ। ଅର୍ଥାତ୍, ମଧ୍ୟମ ଆୟକାରୀ ଦେଶଗୁଡିକ ପାଇଁ ବର୍ଷକୁ ଯାହା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି, ତାହାକୁ ୩ଗୁଣ ବଢ଼ାଇ ୩୦୦ ବିଲିୟନ ଡଲାର କରିବା ଦରକାର। ସେମାନଙ୍କର ପ୍ରସ୍ତାବର ଏକ ଅଂଶ ଭାବରେ ବିଶ୍ୱବ୍ୟାଙ୍କର ପୁନଃ ପୁଞ୍ଜୀକରଣ ଅନ୍ତର୍ଭୁକ୍ତ ହୋଇଛି। ସେମାନେ ଗ୍ୟାରେଣ୍ଟିର ବ୍ୟାପକ ବ୍ୟବହାରକୁ ସମର୍ଥନ କରନ୍ତି। ଉଚ୍ଚ ଆୟକାରୀ ଦେଶଗୁଡିକ ଏଭଳି ଗ୍ୟାରେଣ୍ଟି ପ୍ରଦାନ କରିପାରନ୍ତି ଏବଂ ଏହା କରିବା ଉଚିତ, ଯାହାଦ୍ୱାରା ଏମ୍‌ଡିବି ପୁଞ୍ଜିବଜାରରୁ ଆକର୍ଷଣୀୟ ସର୍ତ୍ତରେ ଋଣ କରିବାକୁ ସକ୍ଷମ ହେବ। ଏଭଳି ପଦକ୍ଷେପଗୁଡ଼ିକ ଠିକ୍ ଭାବରେ ପରିଚାଳିତ ହେଲେ ତାହା ଘରୋଇ କ୍ଷେତ୍ରର ଋଣ ପ୍ରଦାନକୁ ସଞ୍ଚାଳିତ କରିପାରିବ,ଯାହା ଜଳବାୟୁ ଲକ୍ଷ୍ୟ ସବୁକୁ ପୂରଣ କରିବା ପାଇଁ ଜରୁରୀ । ଶୁଳ୍କ ଏବଂ ଗ୍ୟାରେଣ୍ଟିର ବ୍ୟବହାର ଉପରେ ଯଦି କପ୍୨୮ ରେ ସହମତି ପ୍ରକାଶ ପାଏ ତେବେ ୨୦୩୦ ସୁଦ୍ଧା ବିକାଶଶୀଳ ଦେଶଗୁଡ଼ିକୁ ବାର୍ଷିକ ୧ ଟ୍ରିଲିୟନ ଡଲାର ଯୋଗାଇଦେବାରେ କପ୍୨୮ ଏକ ଉପଯୋଗୀ ପ୍ଲାଟ୍‌ଫର୍ମ ହୋଇପାରେ।

ସତୁରି ବର୍ଷ ପୂର୍ବେ, ମୂଳ ମାର୍ଶାଲ ଯୋଜନା ଅଧୀନରେ ଆମେରିକା ଯୁଦ୍ଧ ପରେ ପୁନର୍ନିର୍ମାଣ ପାଇଁ ୟୁରୋପକୁ ୧୩.୩ ବିଲିୟନ ଡଲାର (ଆଜିର ଅର୍ଥରେ ୧୬୯ ବିଲିୟନ ଡଲାର) ଋଣ ଦେଇଥିଲା। ବିଶ୍ୱସ୍ତରୀୟ ନେତୃତ୍ୱର ଏହା ଏକ ଉଲ୍ଲେଖନୀୟ କାର୍ଯ୍ୟ ଥିଲା ଯାହା ଦଶନ୍ଧି ଧରି ସ୍ଥିର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥିଲା। ଆଜିର ବିଶ୍ୱ ସମ୍ମୁଖୀନ ହେଉଥିବା ସଙ୍କଟଗୁଡିକ ସମ୍ପୂର୍ଣ୍ଣ ଭିନ୍ନ। ଏଣୁ ପ୍ରତିକ୍ରିୟାର ସ୍ତର ସମାନ ଭାବରେ ଉଚ୍ଚାଭିଳାଷୀ ହେବା ଆବଶ୍ୟକ। ଗ୍ଲୋବାଲ ସାଉଥ୍ ଦେଶଗୁଡିକ ଆଗକୁ ବଢ଼ିବାକୁ ରାସ୍ତା ଖୋଜୁଛନ୍ତି। ବର୍ତ୍ତମାନ ଗ୍ଲୋବାଲ ନର୍ଥରେ ଥିବା ସେମାନଙ୍କର ପ୍ରତିପକ୍ଷ ଧନୀଦେଶଗୁଡ଼ିକ ପଦକ୍ଷେପ ଗ୍ରହଣକରି ଆବଶ୍ୟକ ଅର୍ଥ ଯୋଗାଇଦେବା ଉଚିତ। ପ୍ରକୃତରେ ସେମାନଙ୍କ ପାଖରେ ହିଁ ଅର୍ଥ ଅଛି। କିନ୍ତୁ ପରବର୍ତ୍ତୀ ସଙ୍କଟ ଆସିବା ପୂର୍ବରୁ ଆମକୁ ରାଜନୈତିକ ସ୍ତରରେ ବିଚାରକରି ତାହାକୁ ବ୍ୟବହାର କରିବାକୁ ପଡ଼ିବ।

**ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ୍**

# ଟିକସ କମାଅ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଗଲା ମାସରେ କେନ୍ଦ୍ର ସରକାର ଯେତେବେଳେ ଘରୋଇ ରନ୍ଧନ ଗ୍ୟାସ ଏଲ୍‌ପିଜିର ସିଲିଣ୍ଡର ପିଛା ମୂଲ୍ୟ ୨୦୦ଟଙ୍କା ହ୍ରାସ କଲେ, ସେତେବେଳେ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ହ୍ରାସ ପାଇବା ଆଶା କରାଯାଉଥିଲା। ମାତ୍ର ଏବେ ଏହି ଆଶା କେବଳ ଆଶାରେ ରହିଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କହିବା ବାହୁଲ୍ୟ ଯେ ଗତ ୩ମାସ ଧରି ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବଢି ବଢି ଚାଲିଛି। ଆନ୍ତର୍ଜାତିକ ବଜାରରେ ତୈଳ ଦର ବଢିଲେ, ଆମ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବଢିଥାଏ। ପେଟ୍ରୋଲ ଓ ଡିଜେଲ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେବା ପରେ ଦୈନନ୍ଦିନ ଏହାର ମୂଲ୍ୟ ତୈଳ କମ୍ପାନୀଗୁଡିକ ବୃଦ୍ଧି କରିଥାନ୍ତି କିମ୍ବା ହ୍ରାସ କରିଥାନ୍ତି। କିନ୍ତୁ ଦେଶରେ ଏବେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଗତବର୍ଷ ମେ' ମାସଠାରୁ ଅର୍ଥାତ୍ ଗତ ୧୬ମାସ ଧରି ସ୍ଥିର ରହିଛି । ଏବେ ଗତ ୩ମାସ ଧରି କ୍ରମାଗତ ଭାବେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୧୦୦ଡଲାର ଅତିକ୍ରମ କରିଥିଲେ ମଧ୍ୟ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଏବେ ବୃଦ୍ଧି ପାଇବାର ସମ୍ଭାବନା ଆଦୌନାହିଁ। ଆଗକୁ ତଥା ଚଳିତ ବର୍ଷ ଶେଷ ଆଡକୁ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ୨୦୨୪ ଏପ୍ରିଲ କିମ୍ବା ମେ' ମାସରେ ଦେଶରେ ଲୋକସଭା ନିର୍ବାଚନ ହେବ। ତେଣୁ ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବଢିବ ନାହିଁ କିମ୍ବା ହ୍ରାସ ପାଇବନାହିଁ। ମୂଲ୍ୟ ସ୍ଥିର ରହିବ।

ସ୍ମରଣ କରାଯାଇପାରେ ଯେ ହିମାଚଳ ପ୍ରଦେଶରେ ସରକାର ଥାଇ ମଧ୍ୟ ଭାଜପା ଗୋଟିଏ ଲୋକ ସଭା ଓ ଦୁଇଟି ବିଧାନସଭା ଉପନିର୍ବାଚନରେ ଶୋଚନୀୟ ଭାବେ ପରାସ୍ତ ହେବା ପରେ ଦେଶରେ ସେହିଦିନଠାରୁ ତୈଳ ଦରରେ ବୃଦ୍ଧି ଘଟି ନାହିଁ। ବରଂ କେନ୍ଦ୍ର ସରକାର ସେତେବେଳେ ଲିଟର ପିଛା ୫ଟଙ୍କା କେନ୍ଦ୍ରୀୟ ଟିକସ ହ୍ରାସ କରିବା ସହ ରାଜ୍ୟମାନଙ୍କୁ ମଧ୍ୟ ଟିକସ ହ୍ରାସ କରିବାକୁ ଅନୁରୋଧ କରିଥିଲେ। କେବଳ ଭାଜପା ଶାସିତ ରାଜ୍ୟଗୁଡିକ କେନ୍ଦ୍ର ସରକାରଙ୍କ ଅନୁରୋଧକୁ ରକ୍ଷା କରି ଲିଟର ପିଛା ୫ରୁ ୬ଟଙ୍କା ରାଜ୍ୟ ଟିକସ କମାଇଥିଲେ। ତଥାପି ଦେଶରେ ଏବେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଲିଟର ପିଛା ୧୦୦ଟଙ୍କା ଉପରେ ରହିଛି। ଅନ୍ୟପକ୍ଷରେ ଦେଶରେ ଘରୋଇ ରନ୍ଧନ ଗ୍ୟାସର ମୂଲ୍ୟ ସିଲିଣ୍ଡର ପିଛା ମୂଲ୍ୟ ୧୧୨୫ରୁ ୧୧୩୫ ଟଙ୍କା ରହିଥିବାବେଳେ ନିର୍ବାଚନ ଓ ଖାଉଟିଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସିଲିଣ୍ଡର ପିଛା ୨୦୦ଟଙ୍କା ହ୍ରାସ କରିଥିଲେ। ଦେଶରେ ନିକଟ ଅତୀତରେ ତୈଳ ଦର ବୃଦ୍ଧି ଆଶଙ୍କା ନ ଥିବା ସତ୍ତ୍ୱେ ଦେଶରେ ଅର୍ଥନୀତି ଉପରେ ବିରାଟ ବୋଝ ଅର୍ଥାତ୍ ଚାପ ସୃଷ୍ଟି କରିଛି। ଗୋଟିଏ ପଟେ ତୈଳ କମ୍ପାନୀଗୁଡିକ ଉଚ୍ଚା ଦରରେ ଚାହିଦା ମୁତାବକ ଆମଦାନୀ କରିବାକୁ ବାଧ୍ୟ ହେଉଥିବାବେଳେ ଅନ୍ୟପଟେ କ୍ଷତିର ପରିମାଣ ମଧ୍ୟ ବଢି ଚାଲିଛି। ଏହା ସତ୍ୟ ଯେ, ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଦ୍ୱାରା ପରିବହନଜନିତ ବ୍ୟୟ ଭାର ବୃଦ୍ଧି ଯୋଗୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି। ଖାଉଟିଙ୍କ ଉପରେ ମହଙ୍ଗା ମାଡ ଯୋଗୁ ଗୋଟିଏ ପଟେ ଖାଉଟିଙ୍କ ବ୍ୟୟ ବଢି ଚାଲିଥିବାବେଳେ ଅନ୍ୟପଟେ 'ସଞ୍ଚୟ' ହାର ହ୍ରାସ ପାଇଥିବା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି। ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ରାଜସ୍ୱ ସଂଗ୍ରହର ମୁଖ୍ୟ ଉତ୍ସ ପାଲଟିଛି । କହିବା ବାହୁଲ୍ୟ ଯେ ଏକ ଲିଟର ପେଟ୍ରୋଲ ଉପରେ କେନ୍ଦ୍ର ସରକାରଙ୍କ ଟିକସ ହାର ପ୍ରାୟ ୩୩ ପ୍ରତିଶତ ରହିଥିବାବେଳେ ରାଜ୍ୟମାନଙ୍କ ଭାଟ୍ ଓ ଅନ୍ୟାନ୍ୟ ଟିକସ ହାର ୨୦ ପ୍ରତିଶତରୁ ଅଧିକ ରହିଛି। ଅର୍ଥାତ୍ ଗୋଟିଏ ଲିଟର ପେଟ୍ରୋଲର ପ୍ରକୃତ ମୂଲ୍ୟ ଉପରେ ୫୦ରୁ ୬୦ ପ୍ରତିଶତ ଟିକସ ରହିଛି, ଯାହାର ପରିଣତି ସ୍ୱରୂପ ଖାଉଟି ବ୍ୟୟଭାର ଓ ମହଙ୍ଗାମାଡ଼ର ସମ୍ମୁଖୀନ ହେଉଛନ୍ତି। ଖାଉଟିଙ୍କୁ ମହଙ୍ଗାମାଡରୁ ସୁରକ୍ଷା ଦେବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବର୍ତ୍ତମାନଠାରୁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ ରଖିବା ଦରକାର। ତେବେ ଏହାର ଗୋଟିଏ ଉପାୟ ହେଉଛି, ତୈଳ ଉପରେ ଲାଗୁ ହୋଇଥିବା ଟିକସ ହ୍ରାସ କରିବା।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

ବୁଲାପ୍ରାଣୀଙ୍କ ପେଟ ଭରିବା ସହ ସେମାନଙ୍କ ସେବାରେ ସଦା ବ୍ୟସ୍ତ ରହୁଛନ୍ତି ଗାଜିଆବାଦର ନୀହାରିକା ରାଣା। ସେ ପ୍ରତିଦିନ ୧୦୦ଟି ବୁଲାକୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ଏବେ ସୁଦ୍ଧା ସେ ମୋଟରେ ୫୦୦ ବୁଲା କୁକୁରଙ୍କୁ ଉଦ୍ଧାର କରିସାରିଲେଣି। ନୀହାରିକାଙ୍କ ବୟସ ଏବେ ୨୫। ସେ ୩ ବର୍ଷ ହେଲା ଆହତ ପ୍ରାଣୀଙ୍କୁ ଉଦ୍ଧାର କରୁଛନ୍ତି। ଏହି ଅଭିଯାନ ନିଜେ ଓ ନିଜ ଚାକିରି ଆୟରୁ ଖର୍ଚ୍ଚ କରୁଛନ୍ତି। ପିଲାବେଳୁ ନୀହାରିକା ରାସ୍ତାରେ ବୁଲୁଥିବା କୁକୁରମାନଙ୍କୁ ଖାଇବାକୁ ଦେଉଥିଲେ। ସେ ତାଙ୍କ କଲେଜ ପ୍ରୋଜେକ୍ଟ ପାଇଁ ପ୍ରାଣୀ ଉଦ୍ଧାର କରିବା କାର୍ଯ୍ୟକୁ ଚୟନ କରିଥିଲେ, ଯେଉଁଥିରେ ସେ ରାସ୍ତାରେ ବୁଲି ଆହତ କିମ୍ବା ରୋଗଗ୍ରସ୍ତ କୁକୁରମାନଙ୍କୁ ସାହାଯ୍ୟ କରୁଥିଲେ। କିଛିଦିନ ପରେ ଏହି ପ୍ରୋଜେକ୍ଟ ଶେଷ ହୋଇଯିବା ପରେ ସେ ଆଉ ତାହା ବନ୍ଦ କରି ନ ଥିଲେ। କୋଭିଡ୍ ମହାମାରୀ ସମୟରେ ସେ ଏହି କାର୍ଯ୍ୟକୁ ବଢ଼ାଇଥିଲେ। ସେତେବେଳେ ସେ ପ୍ରଥମେ ୨୫ଟି କୁକୁରଙ୍କୁ ଖାଇବାକୁ ଦେଉଥିଲେ ଓ ତାହା ବଢି ୧୨୦ରେ ପହଞ୍ଚିଥିଲା। କୋଭିଡ୍ ସମୟରେ ନୀହାରିକା ଘରପାଖରୁ ୧୦ କି.ମି. ଦୂର ଯାଇ କୁକୁରଙ୍କୁ ଖାଇବାକୁ ଦେଉଥିଲେ। ପ୍ରତିଦିନ ସକାଳୁ ଉଠି ସେ ଖାଦ୍ୟ ପ୍ରସ୍ତୁତ କରି ତାହାକୁ ନେଇ ରାସ୍ତାକୁ ବାହାରିଯାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୨ ଅକ୍ଟୋବର ୧୯୯୮

- କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ସୁଷମା ସ୍ୱରାଜ ଦିଲ୍ଲୀ ଭାଜପା ବିଧାୟକ ଦଳର ନେତ୍ରୀ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ।
- ବିଜୟୱାଡାର ଭବାନୀପୁରମ୍ ଅନ୍ତର୍ଗତ ଶିବାଳୟ ଶିଭାରୁଲୁ ଅଞ୍ଚଳରେ ଥିବା ଏକ ବାସଗୃହରେ ବାଣ ତିଆରି ଚାଲିଥିବାବେଳେ ବିସ୍ଫୋରଣ ଘଟି ୧୧ ମୃତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | 2 | | 4 | 6 | | |
| | | | | | | 5 | | |
| | 6 | | | | | 3 | 9 | |
| | | 4 | 6 | 5 | 2 | 9 | | |
| | 7 | | | | | | | |
| | | 8 | | | | | | 5 |
| | | | | | 9 | | | |
| | 2 | 5 | 7 | | | | | |
| | | | | 8 | 3 | 7 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 5 | 6 | 2 | 4 | 3 | 7 | 1 |
| 3 | 7 | 6 | 5 | 1 | 8 | 9 | 4 | 2 |
| 2 | 4 | 1 | 9 | 3 | 7 | 6 | 8 | 5 |
| 4 | 2 | 7 | 1 | 5 | 3 | 8 | 6 | 9 |
| 6 | 3 | 9 | 7 | 8 | 2 | 1 | 5 | 4 |
| 5 | 1 | 8 | 4 | 6 | 9 | 2 | 3 | 7 |
| 7 | 6 | 4 | 8 | 9 | 1 | 5 | 2 | 3 |
| 1 | 5 | 2 | 3 | 7 | 6 | 4 | 9 | 8 |
| 9 | 8 | 3 | 2 | 4 | 5 | 7 | 1 | 6 |

ଗତକାଲିର ଉତ୍ତର

# ଶ୍ରୀମନ୍ଦିର ଓ ଶାଳୀନ ପୋଷାକ

ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ଓଡ଼ିଆ ଜାତିର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର। ଏହାର ସୁରକ୍ଷା ପାଇଁ ଅତୀତରେ ଓଡ଼ିଆ ରାଜା ଓ ପ୍ରଜାଗଣ ଆଗକୁ ଆସି ବାହ୍ୟ ଶତ୍ରୁମାନଙ୍କ ଆକ୍ରମଣକୁ ପ୍ରତିହତ କରିଛନ୍ତି। ପରେ ଓଡ଼ିଶାର ନିର୍ବାଚିତ ଗଣତାନ୍ତ୍ରିକ ସରକାରଗୁଡ଼ିକ ବିଶେଷକରି ଏବକାର ଶାସନ ଶ୍ରୀମନ୍ଦିର ସୁରକ୍ଷା ତଥା ଏହାର ସୌନ୍ଦର୍ଯ୍ୟକରଣ ଲାଗି ଅହରହ ଚେଷ୍ଟିତ। ସେଥିପାଇଁ ଶ୍ରୀମନ୍ଦିର ଏବେ ସୁରକ୍ଷିତ ଓ ଏହାର କଳା ଭାସ୍କର୍ଯ୍ୟ ଅକ୍ଷତ। ନୀଳାଚଳ ଧାମ ସାରା ଜଗତରେ ଦିବ୍ୟ ଚେତନାର ବାହକ। ଶ୍ରୀମନ୍ଦିରରେ ବିରାଜିତ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ,ସୁଭଦ୍ରା ଓ ସୁଦର୍ଶନଙ୍କ ମହିମା ମଧ୍ୟ ବିଶ୍ୱବିଦିତ। ମନ୍ଦିରରେ ସବୁ ନୀତିକାନ୍ତି ବି ସ୍ୱତନ୍ତ୍ର। ଏତେସବୁ ଦିବ୍ୟ ଗରିମା ବହନ କରୁଥିବା ମନ୍ଦିରରେ ଏବେ ଧାଡ଼ି ଦର୍ଶନ ଖୁବ୍ ବ୍ୟବସ୍ଥିତ, ଶୃଙ୍ଖଳିତ। ତେବେ ପରିବର୍ତ୍ତିତ ସମୟକୁ ଲକ୍ଷ୍ୟ କରି ଶ୍ରୀମନ୍ଦିର ପ୍ରଶାସନ ଆଉ ପାଦେ ଆଗକୁ ଯାଇ ଦର୍ଶନ ବ୍ୟବସ୍ଥାରେ ଯୋଡ଼ିଛନ୍ତି ଡ୍ରେସ୍ କୋଡ୍। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ନିୟମ ଅନୁଯାୟୀ ଶାଳୀନ ପୋଷାକ ନ ପିନ୍ଧିଲେ ଶ୍ରୀମନ୍ଦିର ପ୍ରବେଶ ଅନୁମତି ମିଳିବ ନାହିଁ। ଅକ୍ଟୋବର ୯ରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଭକ୍ତମାନଙ୍କୁ ସମୟକ୍ରମେ ସଚେତନ କରାଯାଇ ଏହି ନିୟମ ୧ ଜାନୁଆରୀ ୨୦୨୪ରେ କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଛି। ନିୟମ ମୁତାବକ ୧୨ ବର୍ଷରୁ କମ୍ ପିଲାଙ୍କ ପାଇଁ ଏହା ଲାଗୁ ହେବ ନାହିଁ। ୧୨ ବର୍ଷରୁ ଉର୍ଦ୍ଧ୍ୱ ଭକ୍ତମାନେ ଶାଳୀନ ପୋଷାକ ପିନ୍ଧିଲେ ମନ୍ଦିରରେ ପ୍ରବେଶ କରିବେ।

ଶ୍ରୀମନ୍ଦିରରେ ଦିଅଁଙ୍କ ପାଇଁ ଖଞ୍ଜାଯାଇଛି ୧୨ ମାସରେ ତେର ପର୍ବ। ଶାନ୍ତିଶୃଙ୍ଖଳା ଓ ପବିତ୍ରତା ହେଉଛି ଏସବୁର ମୂଳମନ୍ତ୍ର। ଦର୍ଶନଠାରୁ ପୂଜା ବ୍ୟବସ୍ଥାରେ ମନ୍ଦିର ପ୍ରଶାସନର ରହିଛି ନିଷ୍ଠାପର ଉଦ୍ୟମ। ତେବେ ଏବକାର ଡ୍ରେସ୍ କୋଡ୍ ମନ୍ଦିର ଇତିହାସରେ ଏକ ନୂତନ ଓ ସଂସ୍କାରଧର୍ମୀ ଅଭିଯାନ। ଅତୀତରୁ ଏଯାବତ୍ ମନ୍ଦିରର ସବୁ କାର୍ଯ୍ୟକଳାପକୁ ଏ ଜାତି ସର୍ବଦା ଗ୍ରହଣ କରିଛି ଓ ସମ୍ମାନ ଦେଇ ପାଳନ ମଧ୍ୟ କରିଆସୁଛି। ତେବେ ଡ୍ରେସ୍ କୋଡ୍‌କୁ ମାନିବାକୁ ଆଗଭର ବା ନ ହେବ କାହିଁକି? ବେଶପୋଷାକ ଓ ଖାଦ୍ୟର ମନ ଉପରେ ଗଭୀର ପ୍ରଭାବ ଅଛି। ଏସବୁ ବ୍ୟକ୍ତିର ଅନ୍ତର୍ନିହିତ ଚେତନାକୁ ପ୍ରଭାବିତ କରେ। ଏଗୁଡ଼ିକ ସାତ୍ତ୍ୱିକ ହେଲେ ତାହାର ପ୍ରଭାବ ସକାରାତ୍ମକ ହୋଇଥାଏ। ଏଣୁ ଶ୍ରୀମନ୍ଦିରକୁ ଶାଳୀନ ପୋଷାକ ପିନ୍ଧି ଗଲେ ତାହାର ପ୍ରଭାବ ସକାରାତ୍ମକ ହେବା ସ୍ୱଭାବିକ।

ଦିଅଁଙ୍କର ସ୍ୱତନ୍ତ୍ର ନୀତିକାନ୍ତିରେ ସେମାନଙ୍କ ବେଶ ଓ ପୋଷାକର ଦିବ୍ୟ ପ୍ରଭାବ ଅଛି। ସେମାନଙ୍କ ଛପନଭୋଗ, ମହାପ୍ରସାଦ ସାତ୍ତ୍ୱିକ ଗୁଣ ଭରିଦିଏ। ତାଙ୍କ ଖାଦ୍ୟ ଓ ପୋଷାକ ପ୍ରତ୍ୟେକ ଭକ୍ତଙ୍କ ଚେତନାକୁ ସ୍ପନ୍ଦିତ କରୁଥିବାବେଳେ ଆମେ ଶାଳୀନ ପୋଷାକ ପିନ୍ଧି ଦର୍ଶନ କଲେ ମନରେ ଆହୁରି ଅଧିକ ଆଧ୍ୟାତ୍ମିକତା ଭରିଯିବ ନିଶ୍ଚୟ।

ଧର୍ମନିରପେକ୍ଷ ଭାରତ ବର୍ଷରେ ବିଭିନ୍ନ ଧର୍ମର ବିଶେଷ ଧର୍ମୀୟ ଭାବନା ରହିଛି। ସଭିଙ୍କ ଧର୍ମୀୟ ନୀତି ନିୟମ ସ୍ୱତନ୍ତ୍ର। ମୁସଲମାନ



ସମ୍ପ୍ରଦାୟରେ ମସ୍‌ଜିଦରେ କିମ୍ବା ଖ୍ରୀଷ୍ଟଧର୍ମର ଚର୍ଚ୍ଚରେ ପୋଷାକର ସଂଯମତା ଦେଖିବାକୁ ମିଳେ। ଶିଖ୍ ଧର୍ମର ଗୁରୁଦ୍ୱାରରେ ନୀତି ଆଧାରିତ ପୋଷାକର ସ୍ୱଚ୍ଛତା ଓ ପବିତ୍ରତା ନିଆରା। ସେହିଭଳି କଶ୍ମୀରରୁ କନ୍ୟାକୁମାରୀ ଯାଏ ବିଭିନ୍ନ ରାଜ୍ୟରେ ଥିବା ହିନ୍ଦୁ ମନ୍ଦିରଗୁଡ଼ିକରେ ଡ୍ରେସ୍ କୋଡ୍ ଲାଗୁ ହୋଇସାରିଛି। ଜମ୍ମୁ–କଶ୍ମୀରର ବାଢ଼େ ୱାଲି ମାତା ମନ୍ଦିର, ମହାରାଷ୍ଟ୍ର ନାଗପୁରସ୍ଥିତ ଦୁର୍ଗାମାତା ମନ୍ଦିର, ଅମ୍ବିକା ଦେବୀ ମନ୍ଦିର, ବିଠଲ ରୁକ୍ମିଣୀ ମନ୍ଦିର ସମେତ ୧୬ଟି ମନ୍ଦିରରେ ଡ୍ରେସ୍ କୋଡ୍ ଲାଗୁ କରାଯାଇଛି। ଏହା ବ୍ୟତୀତ ଉତ୍ତରାଖଣ୍ଡର ଦକ୍ଷିଣେଶ୍ୱର ମହାଦେବ ମନ୍ଦିର (ହରିଦ୍ୱାର) ଓ ନୀଳକଣ୍ଠ ମହାଦେବ ମନ୍ଦିର (ଋଷିକେଶ); ରାଜସ୍ଥାନର ଝାରଖଣ୍ଡ ମହାଦେବ ମନ୍ଦିର (ଜୟପୁର) ଏବଂ ଗୁଜରାଟର ଦ୍ୱାରିକାଧୀଶ ମନ୍ଦିର, ତାମିଲନାଡୁର କପିଳେଶ୍ୱର ଓ ପାର୍ଥସାରଥି ମନ୍ଦିର ସମେତ ଆହୁରି ଅନେକ ପୂଜାପୀଠରେ ଶାଳୀନ ପୋଷାକ ପିନ୍ଧିବାକୁ ନେଇ ନିୟମ କାର୍ଯ୍ୟକାରୀ ହୋଇଛି। ତେବେ ଏ କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନର ଏବକାର ନିଷ୍ପତ୍ତି ଏକ ନୂଆ ଫର୍ଦ୍ଦ ଯୋଡ଼ିହେବାକୁ ଯାଉଛି।

ଡ୍ରେସ୍ କୋଡ୍‌ର ପ୍ରଭାବ ଅଛି ବୋଲି ଏହାକୁ ବିଭିନ୍ନ କ୍ଷେତ୍ରରେ ସ୍ୱୀକାର କରାଯାଇଛି। ଏହା ଶୃଙ୍ଖଳା ଓ ସମାନତାର ପ୍ରତୀକ। ଏହା ଏକୀକତ୍ୱ ଭାବର ସଙ୍କେତ। କେବଳ ଧର୍ମୀୟ ବିଚାରଧାରା କିମ୍ବା ବ୍ୟବସ୍ଥାରେ ନୁହେଁ, ବରଂ ଗଣତାନ୍ତ୍ରିକ ବିଚାରରେ ଏହା ଦେଖାଯାଇଛି। ଗତମାସ ଅର୍ଥାତ୍ ୨୭ ସେପ୍ଟେମ୍ବରରେ ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ମନ୍ଦିର ଭାବେ ପରିଚିତ ଆମେରିକାର କଂଗ୍ରେସ ସିନେଟ୍ ମଧ୍ୟ ଡ୍ରେସ୍ କୋଡ୍‌କୁ ପାସ୍ କରିଛି। ଶିକ୍ଷାର ମନ୍ଦିର ସ୍କୁଲ ଓ କଲେଜଗୁଡ଼ିକରେ ଡ୍ରେସ୍ କୋଡ୍‌ର ସକାରାତ୍ମକ ପ୍ରଭାବ ପରିଦୃଷ୍ଟ। ସଭିଙ୍କ ସହଯୋଗ, ସମ୍ମିଳିତ ପ୍ରୟାସ ଏବଂ ଏକମତ ରହିଲେ ଡ୍ରେସ୍ କୋଡ୍ ସୁରୁଖୁରୁରେ ପାଳନ କରାଯାଇପାରିବ ଓ ତାହା ଫଳପ୍ରସୂ ହୋଇପାରିବ। ସାମାଜିକ ସ୍ତରରେ ଏହାର ପ୍ରଭାବ ଯେମିତି ସୁଦୂରପ୍ରସାରୀ ଧର୍ମୀୟସ୍ତରରେ ଏହା ଅନନ୍ୟ। ଏଣୁ ଶ୍ରୀମନ୍ଦିରର ଏବକାର ଡ୍ରେସ୍ କୋଡ୍ ନିଷ୍ପତ୍ତି ଏକ ଦିବ୍ୟ ତଥା ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ନୀତିକୁ ଶ୍ରୀମନ୍ଦିରରୁ ଆରମ୍ଭ କରାଯାଇଛି ସତ, କିନ୍ତୁ ଏହାକୁ ଓଡ଼ିଶାର କୋଣ ଅନୁକୋଣରେ ଥିବା ଦେବଦେବୀଙ୍କ ମନ୍ଦିରକୁ ସମ୍ପ୍ରସାରିତ କରାଯିବା ଦରକାର। ଭୁବନେଶ୍ୱରର ପ୍ରଭୁ ଲିଙ୍ଗରାଜ, ପୁରୀର ପ୍ରଭୁ ଲୋକନାଥ, କାକଟପୁର ମା' ମଙ୍ଗଳା, ଝଙ୍କଡ଼ବାସିନୀ ମା' ଶାରଳା, କେନ୍ଦ୍ରାପଡ଼ାର ବଳଦେବଜୀଉ, ଯାଜପୁରର ମା' ବିରଜା, ଘଟଗାଁର ମା' ତାରିଣୀ, ସମ୍ବଲପୁରର ମା' ସମଲେଇ ଓ ରାୟଗଡ଼ାର ମଝିଘରିଆଣୀ ଆଦି ମନ୍ଦିରଗୁଡ଼ିକରେ ଶାଳୀନ ପୋଷାକ ପିନ୍ଧି ଦର୍ଶନ ବ୍ୟବସ୍ଥା କରାଯିବା ଆବଶ୍ୟକ। ପୁରୀ ନୀଳାଚଳ ଧାମରୁ ଆରମ୍ଭ ହୋଇଥିବା ଡ୍ରେସ୍ କୋଡ୍ ପ୍ରତ୍ୟେକ ଭକ୍ତଙ୍କୁ ଦିଅଁ ଦର୍ଶନ ପାଇଁ ପ୍ରେରିତ କରୁ, ଏତିକି ଆଶା ରଖିବା।

**–ଶିବ ପ୍ରସାଦ ପୁହାଣ**

## ପାଠକ ଶ୍ରେଷ୍ଠ ବିଚାରକ

### କ'ଣ ପାଇଁ ଆମେରିକା ଯୁଦ୍ଧକୁ ଉସ୍‌କାଉଛି

ମହାଶୟ,

ରୁଷିଆ–ୟୁକ୍ରେନ୍ ଯୁଦ୍ଧ ବର୍ଷେରୁ ଉର୍ଦ୍ଧ୍ୱ ହୋଇଗଲାଣି। ବନ୍ଦ ହେବାର ନାଁ ଗନ୍ଧ ନାହିଁ। ଜାତିସଂଘ ମଧ୍ୟ ଅକର୍ମା। ପ୍ରାୟ ୫୦ବର୍ଷ ପୂର୍ବେ ଆମେରିକା ପ୍ରଥମେ ଚନ୍ଦ୍ରପୃଷ୍ଠକୁ ମନୁଷ୍ୟ ପଠାଇ ଗର୍ବ ଅନୁଭବ କରୁଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଲିଟିଲ ବୟ ଓ ଫ୍ୟାଟମ୍ୟାନ୍ ନାମକ ୨ଟି ପରମାଣୁ ବୋମା ଜାପାନର ହିରୋସିମା ଓ ନାଗାସାକୀ ଉପରେ ପକାଇଦେଲା। ଲକ୍ଷ ଲକ୍ଷ ଲୋକ ମରିଗଲେ ଓ ଅନେକ ପଙ୍ଗୁ ହୋଇ ଗଲେ। ଆଜି ବି ସେଠାରେ ବିକଳାଙ୍ଗ ଶିଶୁ ଜନ୍ମ ହେଉଛନ୍ତି। ବର୍ତ୍ତମାନ ଯୁଦ୍ଧକୁ ବନ୍ଦ ନ କରି ୟୁକ୍ରେନକୁ ଇନ୍ଧନ ଯୋଗାଇଲା ଭଳି ଯୁଦ୍ଧାସ୍ତ୍ର ଯୋଗାଉଛି। ଏଥିପାଇଁ ଆମେରିକା ଲଜ୍ଜିତ ମନେକରିବା ଉଚିତ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''ଜାଗ ଜାଗ ଜୀବନର
ସହଜ ସରଳ ପଥ ଲୋଡ଼ି
''ଜଟିଳ ଦୁଶ୍ଚିନ୍ତା ରାଜି ରହୁ ତବ
ପଛେ ଆଜି ପଡି।

–(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶ୍ରମିକଙ୍କ ସମସ୍ୟା ନେଇ ଶ୍ରମ ଅଧିକାରୀଙ୍କ ସହ ଆଲୋଚନା

ନୂଆପଡ଼ା,୧୧।୧୦(ମକାରୁ ବେମାଲ)

## ଜିଲା ଶ୍ରମିକ ମହାସଂଘର ବୈଠକ

ନୂଆପଡା ଜିଲା ଶ୍ରମିକ ମହାସଂଘର ଏକ ସାଧାରଣ ବୈଠକ ଜିଲା ଶ୍ରମ କାର୍ଯ୍ୟାଳୟ ଖରିଆର ରୋଡଠାରେ ବୁଧବାର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲାଙ୍କ ସହିତ ଜିଲାର ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶ୍ରମିକଙ୍କ ପଞ୍ଜୀକରଣ ଓ ନବୀକରଣରେ ଦେଖା ଦେଇଥିବା ସମସ୍ୟା, ଟ୍ରେଡ ୟୁନିୟନର ଭୂମିକାକୁ ଗୌଣ କରିବା ଭଳି ବିଭାଗୀୟ ଅବହେଳା ପ୍ରଚେଷ୍ଟାକୁ ବନ୍ଦ କରିବା ଓ ସମସ୍ୟା ସମାଧାନ କରିବା ପାଇଁ ଟ୍ରେଡ ୟୁନିୟନ ନେତୃମଣ୍ଡଳୀ ଦାବି କରିଥିଲେ। ଦାଦନ ପ୍ରବଣ ନୂଆପଡା ଜିଲାରେ ସାମାଜିକ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗର ଆବେଦନ ପତ୍ର ମଞ୍ଜୁର ନ ହୋଇ ପଡି ରହିଛି। ଏଥି ପାଇଁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅତିଦୁଃଖର ବିଷୟ ବୋଲି ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ୧୫ ରବିବାର ତରବୋଡ ଧାନ ମଣ୍ଡିଠାରେ ଶ୍ରମିକ ମହାସଂଘର ନୂଆଁଖାଇ ଭେଟଘାଟ ହେବ ବୋଲି ସଂଘ ନିଷ୍ପତ୍ତି ନେଇଛି। ନୂଆଁଖାଇ ଭେଟଘାଟ ଦିନ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା ହୋଇ ସରକାର ଉପରେ ଚାପ ପକାଇବା ପାଇଁ ଆଲୋଚନା କରାଯିବ ବୋଲି ସଂଘ ନିଷ୍ପତ୍ତି ନେଇଛି। କେଶବ ବେହେରା, ପ୍ରଦୀପ କୁମାର ଦଣ୍ଡସେନା, ସୁଖଦେବ ସାହୁ, ଜ୍ଞାନ ରଞ୍ଜନ ସାହୁ, ବାବୁଲାଲ ମାଝି, ଭକ୍ତବନ୍ଧୁ ଧରୁଆ, ଶ୍ରୀନିବାସ ବେହେରା, ଦେବ ସାଗର ନାଗ, ପୂର୍ଣ୍ଣ ଶବର, ଦିଗାମ୍ବର ମାଝି, ଦେବସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି।

## ସଂକ୍ଷେପରେ

### ନବରାତ୍ର ପୂଜା ପାଇଁ କର୍ମକର୍ତ୍ତା ଚୟନ

ସଇଁତଲା,୧୧।୧୦(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ଗାୟତ୍ରୀ ପରିବାର ତରଫରୁ ନବରାତ୍ର ପୂଜା ପାଇଁ ପ୍ରସ୍ତୁତି ବୈଠକ ସହ କର୍ମକର୍ତ୍ତା ଚୟନ ହୋଇଛି। ପରିବାରର ବରିଷ୍ଠ ସଦସ୍ୟ ଅଖିଳ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦିବଙ୍ଗତ ସଦସ୍ୟ ଉପେନ୍ଦ୍ର ସାହୁଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଚଳିତବର୍ଷ ପାଇଁ ସଭାପତି ଭାବେ ପ୍ରମୋଦ କୁମାର ବୈଠାରୁ, ଉପସଭାପତି ଭୀମସେନ ସ୍ୱାଇଁ, ସମ୍ପାଦକ ସୁରେଶ ରଣା, ସହସମ୍ପାଦକ ସରୋଜ ବୈଠାରୁ, କୋଷାଧ୍ୟକ୍ଷ ହରିବନ୍ଧୁ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ନବରାତ୍ର ପୂଜା ପାଇଁ ଆଲୋଚନା ହୋଇଥିଲା। ହରିପ୍ରସାଦ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ପୃଷେଠ୍, ଅଖିଳ ମୋହନ ସାହୁ, ପ୍ରଦୀପ କୁମାର ଜାଲ, ସଚ୍ଚିଦାନନ୍ଦ ଯାଦବ, ଦିଲୀପ ବର୍ଗର୍ତି, ହରି ଭୋଇ, ଲକ୍ଷ୍ମଣ ସେଠ୍, ରାଧାକା' ସାହୁ, ଓମ ପ୍ରକାଶ ଅଗ୍ରୱାଲ, ହେମରାଜ ସାହୁ, ଶିବା ସାହୁ, ବିନୟ ଭୋଇ, ପ୍ରମୋଦ ଦାସଙ୍କ ସହ ସମସ୍ତ ଗାୟତ୍ରୀ ପରିବାରର ସଦସ୍ୟ ଉପସ୍ଥିତ ଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଲୋଇସିଂହା, ୧୧।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନରେ ଅସୀମା ମହାନନ୍ଦ ଚାରିଟେବୁଲ ଟ୍ରଷ୍ଟ ଓ ବିଭିନ୍ନ ଅନୁଷ୍ଠାନର ମିଳିତ ଆନୁକୂଲ୍ୟ ଏବଂ ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ଚକ୍ଷୁ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାଜିକ କର୍ମୀ ଅଭିଷେକ ମହାନନ୍ଦ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଆଖପାଖ ଗ୍ରାମର ୭୭ ଜଣ ବୃଦ୍ଧାବୃଦ୍ଧ ଅଂଶଗ୍ରହଣ କରି ଆଖି ପରୀକ୍ଷା କରାଇଥିଲେ। ସେଥିରୁ ୨୫ ଜଣ ମୋତିଆ ବିନ୍ଦୁ ଚିହ୍ନଟ କରି ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ପଠାଯାଇଛି। ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ଡାକ୍ତର ଓ ଷ୍ଟାଫ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରକୁ ପୂଜା ମହାନନ୍ଦ, ଲାଲମନ ନାଗ, କୋସଲ ପରିବାର, ଆଦିବାସୀ ସଂଘ ସଦସ୍ୟ ସହଯୋଗ କରିଥିଲେ।

### ନୂତନ ସାମ୍ବାଦିକ ସଂଘ ଗଠିତ

ନର୍ଲା,୧୧।୧୦(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଦହଲ ଗ୍ରାମ ଆମ୍ବବଗିଚାଠାରେ ନୂତନ ସାମ୍ବାଦିକ ସଂଘ ଗଠିତ ହୋଇଛି। ଅସ୍ଥାୟୀ ସଭାପତି ଭିକାରି ଗୌଡ଼ଙ୍କ ସଭାପତିତ୍ୱରେ ନୂତନ ଭାବେ ସଭାପତି, ସମ୍ପାଦକ, କୋଷାଧକ୍ଷ ଚୟନ କରାଯାଇଥିଲା। ସମସ୍ତଙ୍କ ମତାମତ ଅନୁଯାୟୀ ନର୍ଲା ପ୍ରେସ ଆସୋସିଏଶନ ନାମରେ ନାମିତ କରାଯାଇ ସଭାପତି ଭାବେ ଆଇନଜୀବୀ ଦୀପକ କୁମାର ସାହୁ, ଉପସଭାପତି ଭାବେ ଚିନ୍ତାମଣି ନାଏକ, ସମ୍ପାଦକ ସନ୍ତୋଷ ପାତ୍ର, ସହସମ୍ପାଦକ କେଶବ ମେହେର, କୋଷାଧକ୍ଷ ସଞ୍ଜୀବ ଦାସ ଏବଂ ପରାମର୍ଶ ଦାତା ମୁଖ୍ୟ ଭାବେ ଭିକାରୀ ଗୌଡ଼ଙ୍କୁ ମନୋନୀତ କରାଯାଇଥିଲା। ସଙ୍ଗଠନ ଦାୟିତ୍ୱ ଭାବେ ଡୁଲାମଣି ସାହୁ, ବାବୁଲାଲ ବାଗ, ଗୁପ୍ତେଶ୍ୱର ହାତୀ, ନରୋତ୍ତମ ପାୟସିଂ, ତପନ କୁମାର ସାହୁ, କ୍ଷମାସାଗର ସାହୁ, ଗଣେଷ ଭୋଇଙ୍କୁ ମନୋନୀତ କରାଯାଇଥିଲା। ଉପସଭାପତି ଚିନ୍ତାମଣି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ମୁଖ୍ୟଅତିଥି ମନ୍ତ୍ରୀ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ନୂଆପଡ଼ା,୧୧।୧୦(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟଠାରେ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ନୂଆପଡା ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା କ୍ରୀଡା ପ୍ରତିଭାର ବିକାଶ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, କୁଲିଆବନ୍ଧା ସମିତି ସଭ୍ୟା କାମିନି ମାଝି, ବରିଷ୍ଠ ଆଇନଜୀବୀ ଧନୀରାମ ସାହୁ, ସାମାଜିକ କର୍ମୀ ହିରାଲାଲ ପଟେଲ, ସହ ଗୋଷ୍ଠି ଶୀକ୍ଷା ଅଧିକାରୀ ଉକ୍ଳମଣି ଅଗସ୍ତି, ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ, କିଶୋର ଚନ୍ଦ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ୧୪ରୁ ୧୭ବର୍ଷର କୁନି କ୍ରୀଡା ପ୍ରତିଭାମାନଙ୍କୁ ଜଣେ ସଫଳ କ୍ରୀଡାବିତ ଭାବେ ନିଜକୁ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

ଗୋଲାମୁଣ୍ଡା,୧୧।୧୦(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାଠାରେ ବୁଧବାର ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋଲାମୁଣ୍ଡା ମହାଭାରତ ପଡିଆଠାରେ ସାଇବର ସଚେତନତା ରଥକୁ ଗୋଲାମୁଣ୍ଡା ନୋଡାଲ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ସର୍ବ ମଙ୍ଗଳା କଲେଜ ଛାତ୍ରୀଛାତ୍ର, ବିଭିନ୍ନ ଏସଏଚଜି ଗ୍ରୁପ ମହିଳା ଓ ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମହାଭାରତ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଅନଲାଇନ ଠକେଇ ବିଷୟରେ ସଚେତନ କରାଯାଇଛି। ଗୋଲାମୁଣ୍ଡା ଆଇଆଇସି ଶ୍ୱେତପଦ୍ମା ସେଠ, ସାଇବର ସବଇନିସ୍ପେକ୍ଟର ବୈଦ୍ୟନାଥ ନାୟକ, ଏସବିଆଇ ବ୍ୟାଙ୍କ ମ୍ୟାନେଜର ବାଲ୍ମୀକି ପଣ୍ଡା କିପରି ସାଇବର ଠକେଇରୁ ନିଜେ ସୁରକ୍ଷିତ ରହି ପାରିବା ସେ ନେଇ ସଚେତନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ରାଉତ, ସର୍ବମଙ୍ଗଳା କଲେଜର ଜୟନ୍ତ ଜେନା, ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଗୋଲାମୁଣ୍ଡା ଥାନା ପୋଲିସ କର୍ମଚାରୀ ଓ ନୋଡାଲ ସ୍କୁଲ ଶିକ୍ଷକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଡିଓଙ୍କ ଏତଲା ପରେ ପୋଲିସ ତଦନ୍ତ

ଦେଓଗାଁ ୧୧।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

## କୁଲତାପଡା ପଞ୍ଚାୟତ ଆବାସ ଟଙ୍କା ହଡ଼ପ ଘଟଣା

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତରେ ଆବାସ ଟଙ୍କା ହଡ଼ପ ଘଟଣାରେ ବିଡିଓ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ୨୦୨୦–୨୧ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୃକ୍ତ ପଞ୍ଚାୟତର ପିଇଓ, ଜିଓଟେକ ଓ ବିପିସ ଜାଲିଆତି କରି ଟଙ୍କା ହଡ଼ପ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। କିନ୍ତୁ ବ୍ଲକ ପ୍ରଶାସନ ଏ ଦିଗରେ ତଦନ୍ତ ନ କରି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ଏହାପରେ ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ଟଙ୍କ ଗଡତ୍ୟା, ହେମରାଜ ପଧାନ, ସାଧୁ ମହାକୁର, କେଶବ କର, ସଞ୍ଜିବ ମହାକୁର ଆବାସ ଦୁର୍ନୀତିର ତଦନ୍ତ ପାଇଁ ହାଇକୋର୍ଟରେ ରିଟ୍ ପିଟିସନ ଦାଖଲ କରିଥିଲେ। ହାଇକୋର୍ଟ ଶୁଣାଣି କରି ଆବାସ ଦୁର୍ନୀତିର ତଦନ୍ତ ଭାର ଲୋକାୟୁକ୍ତଙ୍କୁ ହସ୍ତାନ୍ତର କରିଥିଲେ। ଲୋକାୟୁକ୍ତ ତଦନ୍ତ କରି ସତ୍ୟତା ପାଇବା ପରେ ଏଥିରେ ସମ୍ପୃକ୍ତ ୬ଜଣ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ଘଟଣାକୁ ଗମ୍ଭୀରତାର ସହ ନେଇ ଆବାସ ଗୃହ ଜାଲିଆତି କରି ଟଙ୍କା ହଡପ କରିଥିବା କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ଏତଲାକୁ ଭିତ୍ତିକରି ଏକ ମାମଲା ରୁଜୁ କରି ଜଣେ ପୂର୍ବତନ କର୍ମଚାରୀଙ୍କୁ ଥାନାରେ ପଚରାଉଚରା କରି ଛାଡ଼ିଦେଇଛି। ଏଥିସହ ଦୁର୍ନୀତି ସମୟର କାଗଜପତ୍ର ଯାଞ୍ଚ ଚଳାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ବିଡିଓ ମେହେରଙ୍କୁ ଏ ନେଇ ପଚାରିବାରୁ ପୋଲିସ ତଦନ୍ତ କରୁଛି। ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।

# ଜିଲା ସାମ୍ବାଦିକ ସଂଘର ଜରୁରୀ ବୈଠକ

ବଲାଙ୍ଗୀର,୧୧।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଂଘର ଏକ ଜରୁରୀ ବୈଠକ ବୁଧବାର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଶିବ ପ୍ରସାଦ ପରିଡ଼ାଙ୍କ ସଭାପତିତ୍ୱର ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ ଅଞ୍ଚଳର ଅଣପଞ୍ଜୀକୃତ ୱେବ ଓ ସାମାଜିକ ଗଣମାଧ୍ୟମର ସାମ୍ବାଦିକ କହି କେତେକ ଉପଦ୍ରବ କରୁଥିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହା ଉପରେ ଜିଲାପାଳ, ଏସ୍‌ପି ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀଙ୍କୁ ଲିଖିତ ଜଣାଇ ପଦେକ୍ଷପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରିକି କେତେକ ୱେବ ସାମ୍ବାଦିକଙ୍କ ମନଗଢା ଖବରକୁ ନିନ୍ଦା କରାଯାଇଥିଲା। ସଂଘ ପକ୍ଷରୁ ଏକ ୧୭ ଜଣିଆ କମିଟି ଗଠନ କରାଯାଇ ବିହିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ, ଉପସଭାପତି ବଳରାମ ମିଶ୍ର, ସଙ୍ଗଠନ ସମ୍ପାଦକ ଶରତଚନ୍ଦ୍ର ମିଶ୍ର, ସମ୍ପାଦକ ରଞ୍ଜିତ ବେହେରା, କୋଷାଧକ୍ଷ ସୁନୀଲ ମହାନ୍ତି, ପୂର୍ବତନ ସଭାପତି ଗୋପବନ୍ଧୁ ଶତପଥୀ, ହରିନାରାୟଣ ପୂଝାରୀ, ନବୀନ ପଶାୟତ, ସୁଧିର ମିଶ୍ର, ମନୋରଞ୍ଜନ ଯୋଶୀ, ବୀରେନ୍ଦ୍ର କୁମାର ଝାଙ୍କର, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, राँची

पत्रांकः–                दिनांक–

आवश्यक सूचना

एतद् द्वारा सूचित किया जाता है कि इस कार्यालय द्वारा ई–निविदा संख्या–06/2023-24/RWD/RANCHI, P.R.No.-308674 REO (23-24)_D द्वारा दैनिक समाचार पत्र में प्रकाशित हुई थी। इस निविदा को अपरिहार्य कारणवश रद्द किया जाता है। पुनः निविदा आमंत्रित की जायेगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR.NO.308889 REO(23-24):D

# ରାବଣ ଦରବାର ମୁଖ୍ୟ ଆକର୍ଷଣ

ସଇଁତଲା,୧୧।୧୦(ରାଖାଲ ପ୍ରସାଦ ଶତପଥି)

## ରୌପ୍ୟ ଜୟନ୍ତୀ ପାଳିବ ହାଟପଦା ନବରାତ୍ର ଦୁର୍ଗାପୂଜା

ବଲାଙ୍ଗୀର ଜିଲା ସଇଁତଲା ହାଟପଦାଠା ସାର୍ବଜନୀନ ନବରାତ୍ର ଦୁର୍ଗାପୂଜାର ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିବ। ଏଥିପାଇଁ କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଜନସାଧାରଣ କିଭଳି ମା'ଙ୍କ ଦର୍ଶନ ସହ ପାର୍ବଣ ସମୟରେ ଭରପୁର ମନୋରଞ୍ଜନ ପାଇପାରିବ ସେ ନେଇ ପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ପାଦକ ସୁବୋଧ ମିଶ୍ର ଓ କମିଟି ସଦସ୍ୟ ପ୍ରସ୍ତୁତି ଚଳାଇଛନ୍ତି। ଆସନ୍ତା ୧୪ ତାରିଖ ଅଧିବାସ ଓ କଳସ ଯାତ୍ରା, ୨୧ରେନ୍ ଭାଇଜିଉନ୍ତିଆ ଓଷା, ୨୪ରେ ରାବଣ ପୋଡ଼ି ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ଘଣ୍ଟବାଦ୍ୟ ସହ ଆଳତୀ ହେବ । ରୌପ୍ୟ ଜୟନ୍ତୀ ଉପଲକ୍ଷେ ଉତ୍ସବକୁ ମହାସମାରୋହରେ ପାଳନ କରିବାକୁ କମିଟି ସ୍ଥିର କରିଛି। ମାଁଙ୍କ ପୂଜା ଦୁର୍ଗା ମଣ୍ଡପରେ ନ ହୋଇ ହାଟପଦା ମଧ୍ୟଭାଗରେ ଏକ ଅସ୍ଥାୟୀ ପେଣ୍ଡାଲ ତିଆରି କରାଯାଇ ପୂଜାର୍ଚ୍ଚନା କରାଯିବ। ଉତ୍ସବ ପାଳନ ସମୟରେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଗାମୀ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକା ତୁଲାଉଥିବା ହୃଷୀକେଶ ଭୋଇଙ୍କ ଦ୍ୱାରା ରାବଣ ଦରବାର ଅନୁଷ୍ଠିତ ହେବ। ଏଥିସହ ମୀନା ବଜାର ଓ ଅପେରା ସ୍ଥାନୀୟ ଡ଼ାକବଙ୍ଗଳା ନିକଟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

आज़ादी का अमृत महोत्सव | G20

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)
OLATPUR, PO: BAIROI, DIST-CUTTACK, ODISHA

Ref. No.: AD 6B 19/06/2023    Date: 10th October, 2023

WALK-IN-INTERVIEW

Applications are invited from the eligible candidates for the post of "Senior Level Consultant (MSW)" on contractual basis for SVNIRTAR, Olatpur. Bairoi, Cuttack (Odisha).

| | | |
|---|---|---|
| 1. | Senior Level Consultant (MSW) | No. of post - 01, Age: Below 65 years |
| | Consolidated Pay | Rs.50,000/- per month (Consolidated) |
| | Essential Qualification and Experience | Master Degree in Social Science Or related field. Minimum 15 years' experience as Consultant in Social Developmental activities and consultancy of National and International repute. |
| | Duration | Initial period for 1 (one) year and extendable up to 3 years. |
| | Date, Time and Venue of the Interview | 19.10.2023 at 02:00 PM. Reporting time 09:30 hours Conference Hall of SVNIRTAR, Cuttack, (Odisha) |

For other terms and conditions, applicants are advised to visit our website https://www.svnirtar.nic.in or https://www. recruitment svnirtar.nic.in or www.crcguwahati.com for updated information in this regard.

Sd./-DIRECTOR

# କ୍ଲଷ୍ଟରସ୍ତରୀୟ ମିଲେଟ୍ସ ପ୍ରତିଯୋଗିତା

କର୍ଲାମୁଣ୍ଡା,୧୧।୧୦(ପ୍ରଦୀପ କୁମାର ସାହୁ)



ତେରେସିଙ୍ଗାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବରେ ମିଲେଟ୍ସ ପ୍ରତିଯୋଗୀତା ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ୧୩ଟି ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ବକ୍ତୃତା, ଚିତାଙ୍କନ, ଗୀତ, କନିଷ୍ଠ ଓ ବରିଷ୍ଠବର୍ଗର ଦଳଗତ ସଂସ୍କୃତିକ, ହସ୍ତାକ୍ଷର, ସୃଜନ ଶୀଳ ଲିଖନ, ପ୍ରବନ୍ଧ ଲିଖନ, ବିତର୍କ, ମିଲେଟ୍ସ ସମ୍ବନ୍ଧୀୟ କୁଇଜ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ଆୟୋଜନରେ ଶିକ୍ଷକ ସଞ୍ଜୀବ ନାଗ, ଆଶିଷ ମଲ୍ଲିକ, ସୁନିତା ପାତ୍ର, ପଙ୍କଜ ବାରିକ, ସୁଦର୍ଶନ ସାହୁ, ମୁକେଶ ବହିଦାର, ବିଷ୍ଣୁ ମହାନନ୍ଦ, ଦୀନ ବନ୍ଧୁ ସାହୁ, ରିତନ ଭୋଇ, ଜଗଯିବନ ବାଗ, ବେଳାର ଚନ୍ଦ୍ର ପୁଟେଲ, ଟିକେଶ୍ୱର ଗହୀର, ଦଶ ରଥ ବାର୍ଗେ, ପ୍ରୀତମ ହବୋ, ସୁରେଶ ଚନ୍ଦ୍ର ମିଶ୍ର, ଶାନ୍ତନୁ କୁମାର ମହାକୁଡ଼, ଆବାସ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମୀ ପଧାନ, ସୂର୍ଯ୍ୟମଣି ରଣା, ପିଙ୍କି ଜୈନ, ପ୍ରଜ୍ଞା ପରମିତା ପାଶା, ସବିତା ହରିପାଲ, ପ୍ରସନ୍ନ କୁମାର ସାହୁ, ଅରବିନ୍ଦ ସାହୁ,ସୁନିଲ ସାହୁ, ବାସୁଦେବ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗରୁଡ଼ ଧ୍ୱଜ ଗହୀର, ସମ୍ମାନିତ ଅତିଥି ସିଆରସିସି ହେମନ୍ତ କୁମାର ନାଏକ, ପିରବତୀ ମହିଳା ଯୁକ୍ତ ଦୁଇ ବିଦ୍ୟାଳୟ ଅଧକ୍ଷ ବିଷ୍ଣୁ ମହାନନ୍ଦ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁଧୀର ରଞ୍ଜନ ସୁନା, ପର୍ଶୁରାମ ଓଝା, ପ୍ରଶାନ୍ତ କୁମାର ସାହୁ ସହଯୋଗ କରିଥିବା ବେଳେ ତେରେସିଙ୍ଗା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ସେହିପରି ରେମଡ଼ା ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀର ସାଗର ସାହୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦୀପ୍ତି ରାଣୀ ସାହୁ, ସିଆରସିସି ସଞ୍ଜୟ ଦାସ, ଡାକ୍ତର ଜି.ପି ମନ୍ତ୍ରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

Office of District Manager
ODISHA STATE CIVIL SUPPLIES CORPORATION LTD. (OSCSC)
RAYAGADA, Phone: 9438200057
District Web site : www.rayagada.nic.in

Tender No. 1956    Dt-11.10.2023

District Manager, Odisha State Civil Supplies Corporation Ltd., **Rayagada** invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha for the Biennial Year 2023-25. |
| 2 | Availability of bid document in the portal | From **12.10.2023** |
| 3 | Last Date / Time for receipt of bids in the portal | **Dt.30.10.2023** up to **5.30 P.M.** |
| 4 | Date/Time of Opening of Technical Bid | **Dt.31.10.2023** at **11.00 A.M.** |
| 5 | Name and address of the Officer Inviting Tender | District Manager, OSCSC Ltd., **Rayagada** |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd., Rayagada

## ସଂକ୍ଷେପରେ

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ଅମରପାଲି,୧୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ମଙ୍ଗଳବାର ଭାଜପା ପକ୍ଷରୁ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ଭାଜପା ସଭାପତି ସାମଲ ଓ ଅନ୍ୟ ଅତିଥିମାନଙ୍କୁ ହିକୁଡି ନିକଟରେ କର୍ମୀମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଦଳ ତରଫରୁ ଏଠାରୁ ଏକ ବାଇକ୍ ଶୋଭାଯାତ୍ରା ବୀରମହାରାଜପୁର ପର୍ଯ୍ୟନ୍ତ କରାଯାଇଥିଲା। ପରେ ବୀରମହାରାଜପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ଜିଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଞ୍ଚାସୀନ ହୋଇ ବିଜେଡି ଓ କଂଗ୍ରେସ ଦଳକୁ ସମାଲୋଚନା କରିଥିଲେ। ଏହି ଅବସରରେ ଉଫୁଲା ଗ୍ରାମରୁ ମାଟି ସଂଗ୍ରହ କରାଯାଇଥିଲା। ପରେ ଉଫୁଲା ଗ୍ରାମରୁ ମୁଖ୍ୟ ଛକ ଦେଇ ସ୍ଥାନୀୟ କଲ୍ୟାଣମଣ୍ଡପ ଯାଏ ଶୋଭାଯାତ୍ରା କରାଯାଇ ସେଠାରେ ସଭା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ସ୍ଥାନରେ ରାଜ୍ୟ ସଭାପତିଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ବହୁ ସଂଖ୍ୟକ କର୍ମୀ ଓ ନେତା ଯୋଗ ଦେଇଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ତରଭା,୧୧।୧୦(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ରାମଜୀପଡାର ସ୍ୱର୍ଗତ ମହାଦେବ ସାହୁଙ୍କ ସ୍ତ୍ରୀ ପ୍ରେମସିନୀ ସାହୁ (୮୩)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପ୍ରଦୀପ ମୁଖାଗ୍ନି ପ୍ରଦାନ କରିଥିଲେ। ପ୍ରେମସିନୀ ଜଣେ ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଲୋଇସିଂହା, ୧୧।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନରେ ଅସୀମା ମହାନନ୍ଦ ଚାରିଟେବୁଲ ଟ୍ରଷ୍ଟ ଓ ବିଭିନ୍ନ ଅନୁଷ୍ଠାନର ମିଳିତ ଆନୁକୂଲ୍ୟ ଏବଂ ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ଚକ୍ଷୁ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାଜିକ କର୍ମୀ ଅଭିଷେକ ମହାନନ୍ଦ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଆଖପାଖ ଗ୍ରାମର ୭୭ ଜଣ ବୃଦ୍ଧାବୃଦ୍ଧ ଅଂଶଗ୍ରହଣ କରି ଆଖି ପରୀକ୍ଷା କରାଇଥିଲେ । ସେଥିରୁ ୨୫ ଜଣ ମୋତିଆ ବିନ୍ଦୁ ଚିହ୍ନଟ କରି ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ପଠାଯାଇଛି। ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ଡାକ୍ତର ଓ ଷ୍ଟାଫ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରକୁ ପୂଜା ମହାନନ୍ଦ, ଲାଲମନ ନାଗ, କୋସଲ ପରିବାର, ଆଦିବାସୀ ସଂଘ ସଦସ୍ୟ ସହଯୋଗ କରିଥିଲେ।

# ଶ୍ରମିକଙ୍କ ସମସ୍ୟା ନେଇ ଶ୍ରମ ଅଧିକାରୀଙ୍କ ସହ ଆଲୋଚନା

ନୂଆପଡ଼ା,୧୧।୧୦(ମକାରୁ ବେମାଲ)

ନୂଆପଡା ଜିଲା ଶ୍ରମିକ ମହାସଂଘର ଏକ ସାଧାରଣ ବୈଠକ ଜିଲା ଶ୍ରମ କାର୍ଯ୍ୟାଳୟ ଖରିଆର ରୋଡଠାରେ ବୁଧବାର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲାଙ୍କ ସହିତ ଜିଲାର ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶ୍ରମିକଙ୍କ ପଞ୍ଜୀକରଣ ଓ ନବୀକରଣରେ ଦେଖା ଦେଇଥିବା ସମସ୍ୟା, ଟ୍ରେଡ ୟୁନିୟନର ଭୂମିକାକୁ ଗୌଣ କରିବା ଭଳି ବିଭାଗୀୟ ଅବହେଳା ପ୍ରଚେଷ୍ଟାକୁ ବନ୍ଦ କରିବା ଓ ସମସ୍ୟା ସମାଧାନ କରିବା ପାଇଁ ଟ୍ରେଡ ୟୁନିୟନ ନେତୃମଣ୍ଡଳୀ ଦାବି କରିଥିଲେ। ଦାଦନ ପ୍ରବଣ ନୂଆପଡା



ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି।

ଜିଲାରେ ସାମାଜିକ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗର ଆବେଦନ ପତ୍ର ମଞ୍ଜୁର ନ ହୋଇ ପଡି ରହିଛି। ଏଥି ପାଇଁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅତିଦୁଃଖର ବିଷୟ ବୋଲି ଶ୍ରମିକ ମହଲରେ ଅସନ୍ତୋଷ

**ଜିଲା ଶ୍ରମିକ ମହାସଂଘର ବୈଠକ**

ପ୍ରକାଶ କରିଛନ୍ତି। ଆସନ୍ତା ୧୫ ରବିବାର ତରବୋଡ ଧାନ ମଣ୍ଡିଠାରେ ଶ୍ରମିକ ମହାସଂଘର ନୂଆଁଖାଇ ଭେଟଘାଟ ହେବ ବୋଲି ସଂଘ ନିଷ୍ପତ୍ତି ନେଇଛି। ନୂଆଁଖାଇ ଭେଟଘାଟ ଦିନ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା ହୋଇ ସରକାର ଉପରେ ଚାପ ପକାଇବା ପାଇଁ ଆଲୋଚନା କରାଯିବ ବୋଲି ସଂଘ ନିଷ୍ପତ୍ତି ନେଇଛି। କେଶବ ବେହେରା, ପ୍ରଦୀପ କୁମାର ଦଣ୍ଡସେନା, ସୁଖଦେବ ସାହୁ, ଜ୍ଞାନ ରଞ୍ଜନ ସାହୁ, ବାବୁଲାଲ ମାଝି, ଭକ୍ତବନ୍ଧୁ ଧରୁଆ, ଶ୍ରୀନିବାସ ବେହେରା, ଦେବ ସାଗର ନାଗ, ପୂର୍ଣ୍ଣ ଶବର, ଦିଗାମ୍ବର ମାଝି, ଦେବସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡ଼ରେ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଶୋଭାଯାତ୍ରା

ବରଗଡ଼,୧୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ବରଗଡ଼ ଖଜୁରଟିକ୍ରା ପାତ୍ର କଲ୍ୟାଣ ମଣ୍ଡପଠାରେ ବୁଧବାର ଏକଦିବସୀୟ ସଂକୀର୍ତ୍ତନ ସଂସ୍କୃତି କାର୍ଯ୍ୟଶାଳା ଏବଂ ସଂସ୍କୃତି ଜାଗରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା, ବରିଷ୍ଠ ସଦସ୍ୟ ପଞ୍ଚାନନ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ନବୀନ ପାତ୍ର, ସୁଶାନ୍ତ ସାହୁ, ପଞ୍ଚାନନ ବାଗ, ଗୁରୁ ସୁଶିଲ ଦାଶ, ସଂକୀର୍ତ୍ତନ ଗୁରୁ ନରସିଂହ ଦାଶ ପ୍ରମୁଖ ଉପସ୍ଥିତ ରହି ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରାରେ ୨୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ସାମିଲ ହୋଇ ସହର ପରିକ୍ରମା କରିଥିଲା । ଏହି ଅବସରରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ଓ କର୍ମଶାଳାରେ ବରିଷ୍ଠ ସଂକୀର୍ତ୍ତନ ମୃଦଙ୍ଗ ବାଦକ ଗୋପାଳ ମିଶ୍ର, ସାଧନ କର୍ମୀ ସଂକୀର୍ତ୍ତନ ଗାୟକ ଲଳିତ ମୋହନ ପଣ୍ଡା, ସୁଶିଲ ଦାଶ, ସଦାନନ୍ଦ ଦାଶ ପ୍ରମୁଖ ସଂକୀର୍ତ୍ତନ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ମୁଖ୍ୟ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ଓ ଆବାହକ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ



ବରଗଡ଼ରେ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଶୋଭାଯାତ୍ରା ।

ସମାରୋହରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂକୀର୍ତ୍ତନ ସଂସ୍କୃତିର ସୁରକ୍ଷା ସହିତ ରାଜ୍ୟ ସରକାର କଳାକାରଙ୍କ ପାଇଁ ପ୍ରଦାନ କରୁଥିବା ସମସ୍ତ ସୁବିଧାର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। ପରିଷଦର ସମ୍ପାଦକ ଜୟଦେବ ପଣ୍ଡା ବିଭିନ୍ନ ସମସ୍ୟା ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଜିଲା କ୍ରୀଡା ସଂସଦର ସମ୍ପାଦକ କିଶୋର ମିଶ୍ର, ବିଭୁ ରଞ୍ଜନ ତରାସିଆ ପ୍ରମୁଖ ଯୋଗ ଦେଇ ସଂକୀର୍ତ୍ତନ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତସଂକୀର୍ତ୍ତନ ଦଳଙ୍କୁ ସ୍ମୃତି ଫଳକ ଓ ପ୍ରତି କଳାକାରଙ୍କୁ ବ୍ୟକ୍ତିଗତ ଯୋଗଦାନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଭରତ ପ୍ରଧାନ, ସାଗର ବାଗ, ଗୋପାଳ ମଟାରୀ, ଭୀମସେନ ମହାପାତ୍ର, ନାରେନ ଷଣ୍ଢ, ଦଶରଥ ଷଣ୍ଢ ସୁଶିଲ ଠାକୁର, ରାମଚନ୍ଦ୍ର ସାହୁ ପଞ୍ଚାନନ ବାଗ ପ୍ରମୁଖଙ୍କ ସମେତ ଖଲିଆପାଲି ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ସଭାପତି ଗୋପାଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ୱାମୀଙ୍କୁ ଅପହରଣ ଅଭିଯୋଗ, ଏସପିଙ୍କୁ ସ୍ତ୍ରୀ ଫେରାଦ

ବରଗଡ଼, ୧୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ ସହରସ୍ଥିତ ଭଟଲି ରୋଡରେ ରହୁଥିବା ସୁନିଲ ଅଗ୍ରୱାଲଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ଏ ନେଇ ସୁନୀଲଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ଅଗ୍ରୱାଲ ବରଗଡ଼ ଏସପି ପି଼ଏସ ମୀନାଙ୍କୁ ଫେରାଦ ହୋଇଛନ୍ତି। ସେ ଅଭିଯୋଗ କରିଛନ୍ତି, କଣ୍ଟାବାଞ୍ଜି ସହରର ୩ଜଣ ତାଙ୍କ ସ୍ୱାମୀଙ୍କଠାରୁ ପ୍ରାୟ ଏକ କୋଟି ଟଙ୍କା ନେଇଥିଲେ। ସ୍ୱାମୀ ଜଣେ ଛୋଟିଆ କନକି (ଭଙ୍ଗା ଚାଉଳ)ର ଦଲାଲି କରି ନିଜ ପରିବାର ପୋଷଣ କରୁଥିଲେ। ବିଭିନ୍ନ ମିଲ ମାଲିକ ଓ ଉକ୍ତ କନକି କିଣୁଥିବା ବେପାରୀମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି ଉକ୍ତ କନକି ଉଠାଉଥିଲେ। ଗୋଟିଏ ଟ୍ରକ ଲୋଡ କଲେ ସେ ବାବଦକୁ ପ୍ରାୟ ୧ ହଜାରରୁ ୧୫ ଶହ ଟଙ୍କା ମିଳିଥାଏ । କିନ୍ତୁ ସେପ୍ଟେମ୍ବର ମାସରେ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କନକି କଣ୍ଟାବାଞ୍ଜି ସହରର ଜଣେ ବ୍ୟବସାୟୀଙ୍କୁ ଦେଇଥିଲେ। ସେ ବାବଦକୁ ପ୍ରାୟ ୬୦ଲକ୍ଷ ଟଙ୍କା କଣ୍ଟାବାଞ୍ଜିର ୩ଜଣଙ୍କୁ ଦିଆଯାଇଥିବା ସମ୍ପୃକ୍ତ ବ୍ୟବସାୟୀ ସ୍ୱୀକାର କରିଥିଲେ। ବକେୟା ଟଙ୍କା ଅନଲାଇନ ମାଧ୍ୟମରେ ସେହି ୩ଜଣଙ୍କ ମଧ୍ୟରୁ ଜଣଙ୍କୁ ସେହି ବ୍ୟବସାୟୀ ପ୍ରଦାନ କରିଥିଲେ। ଏହି ଟଙ୍କା ମାଗିବାରୁ ତାଙ୍କ ସ୍ୱାମୀଙ୍କୁ ସେ ଦେଇ ନ ଥିବା ଜ୍ୟୋତ୍ସ୍ନା ଅଭିଯୋଗ କରିଛନ୍ତି । ଏଣୁ ଟଙ୍କା କାରବାର ହୋଇଥିବାରୁ ସମ୍ପୃକ୍ତ ସ୍ୱାମୀଙ୍କୁ ଅପହରଣ କରି ଫେରାର ହୋଇ ଯାଇଥିବା ଜ୍ୟୋତ୍ସ୍ନା ଅଭିଯୋଗ କରିଛନ୍ତି। ଗତମାସ ୨୨ରୁ ସ୍ୱାମୀଙ୍କୁ ଅପହରଣ କରାଯାଇଛି ଏବଂ ଏ ନେଇ ସେ ବରଗଡ ଟାଉନ ଥାନାରେ ଲିଖିତ ଜଣାଇଛନ୍ତି। ମାତ୍ର କିଛି ସୁଫଳ ମିଳି ନ ଥିବା ଜ୍ୟୋତ୍ସ୍ନା ଅଭିଯୋଗ କରିଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ମୁଖ୍ୟଅତିଥି ମନ୍ତ୍ରୀ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ନୂଆପଡ଼ା,୧୧।୧୦(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟଠାରେ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ନୂଆପଡା ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା କ୍ରୀଡା ପ୍ରତିଭାର ବିକାଶ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, କୁଲିଆବନ୍ଧା ସମିତି ସଭ୍ୟା କାମିନି ମାଝି, ବରିଷ୍ଠ ଆଇନଜୀବୀ ଧନୀରାମ ସାହୁ, ସାମାଜିକ କର୍ମୀ ହିରାଲାଲ ପଟେଲ, ସହ ଗୋଷ୍ଠି ଶୀକ୍ଷା ଅଧିକାରୀ ଉକ୍ଳମଣି ଅଗସ୍ତି, ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ, କିଶୋର ଚନ୍ଦ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ୧୪ରୁ ୧୭ବର୍ଷର କୁନି କ୍ରୀଡା ପ୍ରତିଭାମାନଙ୍କୁ ଜଣେ ସଫଳ କ୍ରୀଡାବିତ ଭାବେ ନିଜକୁ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ।

# ଜିଲା ସାମ୍ବାଦିକ ସଂଘର ଜରୁରୀ ବୈଠକ

ବଲାଙ୍ଗୀର,୧୧।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଂଘର ଏକ ଜରୁରୀ ବୈଠକ ବୁଧବାର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଶିବ ପ୍ରସାଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ ଅଞ୍ଚଳର ଅଣପଞ୍ଜୀକୃତ ୱେବ ଓ ସାମାଜିକ ଗଣମାଧ୍ୟମର ସାମ୍ବାଦିକ କହି କେତେକ ଉପଦ୍ରବ କରୁଥିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହା ଉପରେ ଜିଲାପାଳ, ଏସ୍‌ପି ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀଙ୍କୁ ଲିଖିତ ଜଣାଇ ପଦେକ୍ଷପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରିକି କେତେକ ୱେବ ସାମ୍ବାଦିକଙ୍କ ମନଗଢା ଖବରକୁ ନିନ୍ଦା କରାଯାଇଥିଲା । ସଂଘ ପକ୍ଷରୁ ଏକ ୧୭ ଜଣିଆ କମିଟି ଗଠନ କରାଯାଇ ବିହିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ, ଉପସଭାପତି ବଳରାମ ମିଶ୍ର, ସଙ୍ଗଠନ ସମ୍ପାଦକ ଶରତଚନ୍ଦ୍ର ମିଶ୍ର, ସମ୍ପାଦକ ରଞ୍ଜିତ ବେହେରା, କୋଷାଧ୍ୟକ୍ଷ ସୁନୀଲ ମହାନ୍ତି, ପୂର୍ବତନ ସଭାପତି ଗୋପବନ୍ଧୁ ଶତପଥୀ, ହରିନାରାୟଣ ପୂଝାରୀ, ନବୀନ ପଶାୟତ, ସୁଧିର ମିଶ୍ର, ମନୋରଞ୍ଜନ ଯୋଶୀ, ବୀରେନ୍ଦ୍ର କୁମାର ଝାଙ୍କର, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः— दिनांक—

आवश्यक सूचना

एतद् द्वारा सूचित किया जाता है कि इस कार्यालय द्वारा ई—निविदा संख्या—06/2023-24/RWD/RANCHI, P.R.No.-308674 REO (23-24)_D द्वारा दैनिक समाचार पत्र में प्रकाशित हुई थी। इस निविदा को अपरिहार्य कारणवश रद्द किया जाता है। पुनः निविदा आमंत्रित की जायेगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR.NO.308889 REO(23-24):D

# ମିଶନ ଶକ୍ତି ସଭ୍ୟାଙ୍କୁ ସ୍କୁଟି ପ୍ରଦାନ

ବରଗଡ଼,୧୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ବୁଧବାର ମିଶନ ଶକ୍ତି ସଭ୍ୟାଙ୍କୁ ସ୍କୁଟି ପ୍ରଦାନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ବରଗଡ଼ରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ସ୍କୁଟି ପ୍ରଦାନର ଶୁଭାରମ୍ଭ କରିଥିଲେ। ବୁଧବାର ବରଗଡ଼ରେ ୨୦୦ ଜଣ ମିଶନ ଶକ୍ତି ସଭ୍ୟାଙ୍କୁ ସ୍କୁଟି ପ୍ରଦାନ କରାଯାଇଥିଲା।



ମିଶନ ଶକ୍ତି ସଭ୍ୟାଙ୍କୁ ସ୍କୁଟି ପ୍ରଦାନ ଯୋଜନାର ଶୁଭାରମ୍ଭ କରାଯାଉଛି ।

आज़ादी का अमृत महोत्सव

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)**
**OLATPUR, PO: BAIROI, DIST-CUTTACK, ODISHA**

Ref. No.: AD 6B 19/06/2023 Date: 10th October, 2023

**WALK-IN-INTERVIEW**

Applications are invited from the eligible candidates for the post of "Senior Level Consultant (MSW)" on contractual basis for SVNIRTAR, Olatpur. Bairoi, Cuttack (Odisha).

| | | |
|---|---|---|
| 1. | Senior Level Consultant (MSW) | No. of post - 01, Age: Below 65 years |
| | Consolidated Pay | Rs.50,000/- per month (Consolidated) |
| | Essential Qualification and Experience | Master Degree in Social Science Or related field. Minimum 15 years' experience as Consultant in Social Developmental activities and consultancy of National and International repute. |
| | Duration | Initial period for 1 (one) year and extendable up to 3 years. |
| | Date, Time and Venue of the Interview | 19.10.2023 at 02:00 PM. Reporting time 09:30 hours Conference Hall of SVNIRTAR, Cuttack, (Odisha) |

For other terms and conditions, applicants are advised to visit our website https://www. svnirtar.nic.in or https://www. recruitment svnirtar.nic.in or www.crcguwahati.com for updated information in this regard.

**Sd./-DIRECTOR**

# କ୍ଲଷ୍ଟରସ୍ତରୀୟ ମିଲେଟ୍ସ ପ୍ରତିଯୋଗିତା

କର୍ଲାମୁଣ୍ଡା,୧୧।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବରେ ମିଲେଟ୍ସ ପ୍ରତିଯୋଗୀତା ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ୧୩ଟି ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ବକ୍ତୃତା, ଚିତାଙ୍କନ, ଗୀତ, କନିଷ୍ଠ ଓ ବରିଷ୍ଠବର୍ଗର ଦଳଗତ ସଂସ୍କୃତିକ, ହସ୍ତାକ୍ଷର, ସୃଜନ ଶୀଳ ଲିଖନ, ପ୍ରବନ୍ଧ ଲିଖନ, ବିତର୍କ, ମିଲେଟ୍ସ ସମ୍ବନ୍ଧୀୟ କୁଇଜ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ଆୟୋଜନରେ ଶିକ୍ଷକ ସଞ୍ଜୀବ ନାଗ, ଆଶିଷ ମଲ୍ଲିକ, ସୁନିତା ପାତ୍ର, ପଙ୍କଜ ବାରିକ, ସୁଦର୍ଶନ ସାହୁ, ମୁକେଶ ବହିଦାର, ବିଷ୍ଣୁ ମହାନନ୍ଦ, ଦୀନ ବନ୍ଧୁ ସାହୁ, ରିତନ ଭୋଇ, ଜଗଯିବନ ବାଗ, ବେଳାର ଚନ୍ଦ୍ର ପୁଟେଲ, ଟିକେଶ୍ୱର ଗହୀର, ଦଶ ରଥ ବାର୍ଗେ, ପ୍ରୀତମ ହବୋ, ସୁରେଶ ଚନ୍ଦ୍ର ମିଶ୍ର, ଶାନ୍ତନୁ କୁମାର ମହାକୁଡ଼, ଆବାସ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମୀ ପଧାନ, ସୂର୍ଯ୍ୟମଣି



ତେରେସିଙ୍ଗାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ।

ରଣା, ପିଙ୍କି ଜୈନ, ପ୍ରଜ୍ଞା ପରମିତା ପାଶା, ସବିତା ହରିପାଲ, ପ୍ରସନ୍ନ କୁମାର ସାହୁ, ଅରବିନ୍ଦ ସାହୁ,ସୁନିଲ ସାହୁ, ବାସୁଦେବ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗରୁଡ଼ ଧ୍ୱଜ ଗହୀର, ସମ୍ମାନିତ ଅତିଥି ସିଆରସିସି ହେମନ୍ତ କୁମାର ନାଏକ, ପିରବତୀ ମହିଳା ଯୁକ୍ତ ଦୁଇ ବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁ ମହାନନ୍ଦ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁଧୀର ରଞ୍ଜନ ସୁନା, ପର୍ଶୁରାମ ଓଝା, ପ୍ରଶାନ୍ତ କୁମାର ସାହୁ ସହଯୋଗ କରିଥିବା ବେଳେ ତେରେସିଙ୍ଗା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ସେହିପରି ରେମଡ଼ା ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀର ସାଗର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ୍ୟା କୁନି ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦୀପ୍ତି ରାଣୀ ସାହୁ, ସିଅରସିସି ସଞ୍ଜୟ ଦାସ, ଡାକ୍ତର ଜି.ପି ମନ୍ତ୍ରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

Office of District Manager
**ODISHA STATE CIVIL SUPPLIES CORPORATION LTD. (OSCSC)**
**RAYAGADA, Phone: 9438200057**
**District Web site : www.rayagada.nic.in**

Tender No. 1956 Dt-11.10.2023

District Manager, Odisha State Civil Supplies Corporation Ltd., **Rayagada** invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha for the Biennial Year 2023-25. |
| 2 | Availability of bid document in the portal | From **12.10.2023** |
| 3 | Last Date / Time for receipt of bids in the portal | **Dt.30.10.2023** up to **5.30 P.M.** |
| 4 | Date/Time of Opening of Technical Bid | **Dt.31.10.2023** at **11.00 A.M.** |
| 5 | Name and address of the Officer Inviting Tender | District Manager, OSCSC Ltd., **Rayagada** |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd., Rayagada

## ସଂକ୍ଷେପରେ

### ବାଇକ ଦୁର୍ଘଟଣାଗ୍ରସ୍ତ, ଚାଳକ ଗୁରୁତର

**ରିଆମାଳ, ୧୧। ୧୦ (ନିରଞ୍ଜନ ବେହେରା):** ରିଆମାଳ ଥାନା ଅନ୍ତର୍ଗତ ବୁଡିଦୋ ହାଇସ୍କୁଲ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହେବାରୁ ଚାଳକ ଜଣକ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ବାଇକ ନଂ ଓଡି ୧୫ ଏଚ୬୧୨୧ ଯୋଗେ ନାକଟିଦେଉଳ ଥାନା ରେଙ୍ଗାଲୀ ଗ୍ରାମର ଧିରନେ ମୁଣ୍ଡା କୌଣସି ଏକ କାମରେ ଯାଉଥିବାବେଳେ ଧରିଥିବା ଗାମୁଛାଟି ଗାଡିର ଚକରେ ଫସି ଯିବାରୁ ଖସିପଡି ଗୁରୁତର ହୋଇଥିଲେ। ରିଆମାଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗର ସହାୟତାରେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଛତାବର ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ଗାଡିକୁ ଜବତ କରି ତଦନ୍ତ କରୁଛି।

### କଳାପାଟ ଫୁଟ୍‌ବଲ: ୟୁନିକ ଏଫସି ଚାମ୍ପିୟନ

ଦେବଗଡ, ୧୧।୧୦ (ଶଶାଙ୍କ ଶେଖର ଝାଙ୍କର): ବାରକୋଟ ବ୍ଲକ ସୁନାପସି ଗ୍ରାମର ମା' କଳାପାଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତ୍ରିଦୀବସିୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିଏନଏଫସି ରେଙ୍ଗାଲବାହାଲ ଫୁଟ୍‌ବଲ ଦଳକୁ ପରାସ୍ତ କରି ୟୁନିକ ଏଫସି ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଛି। ଆୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟକୁ ପ୍ରଦୀପ ନାଏକ, ବଲ୍ଲଭ ଭୋଇ, ଭକ୍ତ କୁଣ୍ଟୁ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ପ୍ରଶନ୍ନ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏବଂ ସମ୍ମାନିତ ଅତିଥିଭାବେ ଆଇନଜୀବୀ ସଚ୍ଚିକାନ୍ତ ଦାଶ, ବାରକୋଟ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ବସାଲଇ ସରପଞ୍ଚ ତେଜସ୍ୱିନୀ ସାହୁ, ସମିତି ସଭ୍ୟା ପ୍ରଭାତୀ ନାୟକ, ପୂର୍ବତନ ସମିତିସଭ୍ୟ ଭୁବନେଶ୍ୱର ପ୍ରଧାନ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ମୀନକେତନ ପ୍ରଧାନ ମଞ୍ଚାସୀନ ରହିଥିଲେ। ଖେଳ ପରିଚାଳନାରେ ଆୟୋଜନ ଅନୁଷ୍ଠାନ ସଭାପତି ରୁଦ୍ରମଣି ସାହୁଙ୍କ ନେତୃତ୍ୱରେ ସମ୍ପାଦକ ବିରଞ୍ଚି ସାହୁ, ତପନ ସ୍ୱାଇଁ, ଲୋକନାଥ ସାହୁ, ରାକେଶ ସାହୁ, ଚନ୍ଦ୍ରଭାନୁ ସାହୁ, ଗଣେଶ୍ୱର ଧଳ ଓ ପଣ୍ଟୁ ରାଜହଂସଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ରିଆମାଳ କଲେଜରେ ସ୍ୱାଗତ ଉତ୍ସବ

**ରିଆମାଳ, ୧୧।୧୦(ନିରଞ୍ଜନ ବେହେରା):** ରିଆମାଳ ଡିଗ୍ରୀ କଲେଜରେ ଦ୍ୱିତୀୟ ଓ ତୃତୀୟ ବର୍ଷତ ଛାତ୍ରୀଛାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଫକୀର ମୋହନ ସାହୁ ଅଧ୍ୟକ୍ଷତା କରଥିବା ବେଳେ ମୁଖ୍ୟ ଅତଥି ଭାବେ ଏଚଏସଏସ ଅଧ୍ୟକ୍ଷ ନିହାରକାନ୍ତ ମହାନ୍ତି ,ଅଧାପକ ପଦ୍ମଲୋଚନ ମାଝି, ପ୍ରଧାପକ ଫକୀର ମୋହନ ପ୍ରଧାନ, ଅଧାପକ ରମେଶ ସାହୁ, ଅଧାପିକା ମମତାବାଳା ରାଉତ, ଲିପି ପ୍ରଧାନ, ଯଶୋବନ୍ତ ଧଳ, ପିଇଟି କୃଷ୍ଣଚନ୍ଦ୍ର ଜିତ ତଥା କିରାଣୀ ଦୀକ୍ଷିତ ପ୍ରଧାନ ମଞ୍ଚାସୀନ ଥିଲେ।

# ଜିଲାସ୍ତରୀୟ ଆନ୍ତର୍ଜାତିକ ବାଳିକା ଦିବସ

**ଦେବଗଡ,୧୧।୧୦(ଶଶାଙ୍କ ଶେଖର ଝାଙ୍କର)**


ବାଳିକା ଦିବସ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଦେବଗଡ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଜିଲା ସ୍ତରୀୟ ଆନ୍ତର୍ଜାତିକ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ସାଧନା ଦାଶ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଶକୁନ୍ତଳା ଟେଟେ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭା ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ତର୍କ, ରଚନା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଚିତରଞ୍ଜନ ଦାଶ, ଟିକେଶ୍ୱର ସାହୁ, ପଞ୍ଚାନନ ବ୍ରହ୍ମା, ଫକିର ମୋହନ ପ୍ରଧାନ, ଚୁଡାମଣି ସାହୁ, ଭେନସ କୁମାର ପ୍ରଧାନ, ଦମୟନ୍ତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସକୁନ୍ତଳା ଟେଟେ, ଅଧାପକ ଚିତରଞ୍ଜନ ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିଲେ। ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ସଂଯୋଜିକା ସୁନୀତା ରାଣୀ ବଡେଇ, ଶଶାଙ୍କ ସେଖର ଚୌଧୁରୀ, ଉଦୟନାଥ ପ୍ରଧାନ, ଦୁଷ୍ମନ୍ତ ସାମଲ, ଭବାନୀକାନ୍ତ ପ୍ରଧାନ ଘନଶ୍ୟାମ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁଗୁଡା ସରକାରୀ ଅପୂର୍ବ ଉଚ୍ଚ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ ଓ ମନ୍ଦାକିନୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ଅବସରରେ କଳା ଓ ସଙ୍ଗୀତ କ୍ଷେତ୍ରରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅରୁନ୍ଧତୀ ଦାଶ, କ୍ରୀଡା କ୍ଷେତ୍ରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନୂଆଁଦେଇ, ଶିକ୍ଷା କ୍ଷେତ୍ରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ଦେବଶ୍ରୀ ନାୟକ ଓ ରିଆମାଳ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଲୁସି ନାଏକଙ୍କୁ ସମଗ୍ର ଶିକ୍ଷା ବିଭାଗ ତରଫରୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। କାଦମ୍ବିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ

**ଦେବଗଡ,୧୧।୧୦ (ଶଶାଙ୍କ ଶେଖର ଝାଙ୍କର )**

ଜିଲା ପୋଲିସ ପକ୍ଷରୁ ତିଲେଇବଣି ବ୍ଲକ ସୁଗୁଡା ଗ୍ରାମରେ ବୁଧବାର ସାଇବର ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ସରୋଜ କୁମାର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତିଥିଭାବେ ଯୋଗଦେଇଥିଲେ। ସୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉକ୍ତ ୨ ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ସାଇବର ଅପରାଧକୁ କିଭଳି ରୋକାଯାଇପାରିବ ସେନେଇ ସଚେତନ କରାଯାଇଥିଲା। ପରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିସହ ବୁଧବାର ସନ୍ଧ୍ୟାରେ ଧୋବଲିପଥର ଗ୍ରାମରେ ସାଇବର ସଚେତନତା ରଥକୁ ଏସଏଚଜି ମହିଳା ସ୍ୱାଗତ କରିଥିଲେ। ସଚେତନତା ରଥ ଗାଁରେ ବୁଲି ଜନସାଧାରଣଙ୍କୁ ଲିଫଲେଟ ବଣ୍ଟନ ସହ ଏଲଇଡି ସ୍କ୍ରିନ ଦ୍ୱାରା ଚିତ୍ର ମାଧମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସଚେତନତା ମୂଳକ ନାଟକ ପରିବେଷଣ କରାଯାଇଥିଲା।


ସାଇବର ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ମିଶନ ଶକ୍ତି ସ୍କୁଟର ଯୋଜନାରେ ୬୫ ମହିଳା ସାମିଲ

**ଦେବଗଡ,୧୧।୧୦ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲାରେ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଭିଡିଓ କନଫରେନ୍ସ ଜରିଆରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିବା ପରେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲାର ୬୫ ମହିଳାଙ୍କୁ ଏଥିରେ ସାମିଲ କରାଯାଇ ସ୍କୁଟର ବଣ୍ଟନ କରାଯାଇଥିଲା। ଜିଲାରେ ସମୁଦାୟ ୨୩୫ ମହିଳାଙ୍କୁ ସ୍କୁଟର ବଣ୍ଟନ ପାଇଁ ମଞ୍ଜୁର ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ସେମାନଙ୍କୁ ମଧ୍ୟ ସ୍କୁଟର ଯୋଗାଇ ଦିଆଯିବ ବୋଲି ଜଣାପଡିଛି।



ମହିଳାଙ୍କୁ ସ୍କୁଟର ବଣ୍ଟନ କରାଯାଉଛି।

ଏହି ଗାଡିରେ ପଞ୍ଚାୟତ ଓ ୱାର୍ଡ ବୁଲି ମା' ମାନଙ୍କୁ ମିଶନ ଶକ୍ତି ମହିଳା ପ୍ରୋତ୍ସାହିତ କରିବେ। ମିଶନ ଶକ୍ତି ଅଧିନରେ କାର୍ଯ୍ୟରତ କୃଷି ମିତ୍ର, ପ୍ରାଣୀ ମିତ୍ର, ବ୍ୟାଙ୍କ ମିତ୍ର, ଗୋଷ୍ଠୀ ସହାୟିକା, ମୁଖ୍ୟ ନଥିପତ୍ର ଲେଖିକା, କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ବିନା ସୁଧରେ ଏହି ସ୍କୁଟର ପ୍ରଦାନ କରାଯାଇଛି। ମିଶନ ଶକ୍ତି ମା'ମାନେ ଆହୁରି ଗତିଶୀଳ ହୋଇ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଘରେ ଘରେ ପହଞ୍ଚାଇବା ସହ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ବିକାଶ ଦିଗରେ ଏହା ସହାୟକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ପରିଚାଳିକା ମିଶନ ଶକ୍ତିର ସ୍ମରଣିକା ମହାପାତ୍ର, ବ୍ୟାଙ୍କ୍ ଶାଖା ପରିଚାଳକ ଏଲଡିଏମ୍, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ସମେତ ମିଶନ ଶକ୍ତିର ବହୁ ମହିଳା ସାମିଲ ହୋଇଥିଲେ।

### ଲାଇମୁରାରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଦେବଗଡ,୧୧।୧୦ (ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ ଲଇମୁରା ପଞ୍ଚାୟତ ସଦର ମହକୁମାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ସହିତ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଯୋଗଦେଇ ଆଦିବାସୀ ଅଧ୍ୟୁଷିତ ଲଇମୁରା ଅଞ୍ଚଳ ପ୍ରତି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଅବହେଳା କରୁଥିବା ଦର୍ଶାଇ ଟାର୍ଗେଟ କରିଥିଲେ। ଏଥିସହ କଂଗ୍ରେସ ସରକାର ସମୟରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ସଲମାନ ହେନେଜ, ଦେବେନ୍ଦ୍ର ଗଡନାୟକ, ମନୋଜ ସାହୁ, ମଦନ ମୋହନ ସାହୁ, ପଞ୍ଚୁ ଉଦାବର, ସୁମନ୍ତ ବେହେରାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ଦେବଗଡ଼, ୧୧।୧୦(ଶଶାଙ୍କ ଶେଖର ଝାଙ୍କର)**

ଜିଲା ଏବଂ ଦୌରାଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଗୌତମ ଶର୍ମାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଡାକ୍ତରଖାନାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଜଜ୍ ଶର୍ମାଙ୍କ ସହିତ ପରିବାର ଅଦାଲତର ଜଜ୍ ଶ୍ରୀନିବାସ ପ୍ରତିହାରି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ସାଧନା ଦାଶ, ଅତିରିକ୍ତ ଜିଲା ଜଜ୍ ସନ୍ତୋଷ କୁମରା ନାୟକ, ସିଜେଏମ୍ ସର୍ବେଶ୍ୱର ଦାଶ, ରେଜିଷ୍ଟ୍ରାର ସୁଧିର କୁମାର ମିଶ୍ର, ସିଭିଲ୍ ଜଜ୍ ସ୍ୱୟଂପ୍ରକାଶ ଦାସ, ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ଅପୂର୍ବା ଚୌଧୁରୀ, ଜେଏମ୍‌ଏଫ୍‌ସି ସୁଶ୍ରୀ କ୍ରିଷ୍ଣା ସୁବୁଦ୍ଧି ଉପସ୍ଥିତ ରହି ଡାକ୍ତରଖାନାର ରୋଗୀଙ୍କୁ ବିସ୍କୁଟ୍ ଏବଂ ଫଳ ବଣ୍ଟନ କରିଥିଲେ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः–                                  दिनांक–

आवश्यक सूचना

एतद् द्वारा सूचित किया जाता है कि इस कार्यालय द्वारा ई–निविदा संख्या–06/2023-24/RWD/RANCHI, P.R.No.-308674 REO (23-24)_D द्वारा दैनिक समाचार पत्र में प्रकाशित हुई थी। इस निविदा को अपरिहार्य कारणवश रद्द किया जाता है। पुनः निविदा आमंत्रित की जायेगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR.NO.308889 REO(23-24):D

# ଆଦବିକା କପ୍ –୨୦୨୩ ଅନୁଷ୍ଠିତ




**ଦେବଗଡ଼,୧୧।୧୦ (ଶଶାଙ୍କ ଶେଖର ଝାଙ୍କର )**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଆଦବିକା କପ୍ –୨୦୨୩ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଦବିକା କପରେ କିଶୋରୀ ବାଳିକାମାନେ ବିଭିନ୍ନ ଅଣ ପାରମ୍ପରିକ କ୍ରୀଡ଼ାରେ କିପରି ସାମିଲ ହେବେ ସେଥିପ୍ରତି ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରିଆମାଳ ସିଡିପିଓ ସୁପ୍ରଭା ମିଶ୍ର, ବାରକୋଟ ସିଡିପିଓ ଲିଲି ପ୍ରଧାନ, ଦେବଗଡ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ପିଙ୍କି ରାଣୀ ନନ୍ଦ, ପୋଷଣ ଜିଲା ସଂଯୋଜକ ମନୋଜ ଆଚାର୍ଯ୍ୟ, ସାମାଜିକ ସୁରକ୍ଷା ଅଧିକାରୀ ରୋଜାଲିନ କେରକେଟା, ଜିତା ସ୍ୱଚ୍ଛାସେବୀ ସଂଗଠନର ସମ୍ପାଦିକା ଅନୁପମା ରାଉତ ପ୍ରମୁଖ ଯୋଗଦେଇଥିଲେ। ଆନ୍ତର୍ଜାତିକ ବାଳିକା ଦିବସରେ କିଶୋରି ବାଳିକାଙ୍କୁ ନେଇ ଫୁଟ୍‌ବଲ, ୧୦୦ମିଟର ଦୌଡ, ୨୦୦ ମିଟର ଦୌଡ ଓ ଲମ୍ଫଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅନ୍ୱେଷା ବାଳିକା ଛାତ୍ରାବାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଦ୍ୟାଳୟ ଓ ଶିଶୁ ଯତ୍ନ ଅନୁଷ୍ଠାନର କିଶୋରୀ ବାଳିକାମାନେ ସାମିଲ ହୋଇଥିଲେ। ଆକ୍ସନ ଏଡର ଜିଲା ସଂଯୋଜକ ବିରେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

आज़ादी का अमृत महोत्सव | G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)**
**OLATPUR, PO: BAIROI, DIST-CUTTACK, ODISHA**

**Ref. No.: AD 6B 19/06/2023**                **Date: 10th October, 2023**

**WALK-IN-INTERVIEW**

Applications are invited from the eligible candidates for the post of "Senior Level Consultant (MSW)" on contractual basis for SVNIRTAR, Olatpur. Bairoi, Cuttack (Odisha).

| | | |
|---|---|---|
| 1. | Senior Level Consultant (MSW) | No. of post - 01, Age: Below 65 years |
| | Consolidated Pay | Rs.50,000/- per month (Consolidated) |
| | Essential Qualification and Experience | Master Degree in Social Science Or related field. Minimum 15 years' experience as Consultant in Social Developmental activities and consultancy of National and International repute. |
| | Duration | Initial period for 1 (one) year and extendable up to 3 years. |
| | Date, Time and Venue of the Interview | 19.10.2023 at 02:00 PM. Reporting time 09:30 hours Conference Hall of SVNIRTAR, Cuttack, (Odisha) |

For other terms and conditions, applicants are advised to visit our website https://www. svnirtar.nic.in or https://www. recruitment svnirtar.nic.in or www.crcguwahati.com for updated information in this regard.

**Sd./-DIRECTOR**

# ବିଜେଡିର ଜନସମ୍ପର୍କ ପଦଯାତ୍ରା, କର୍ମୀ ସମ୍ମିଳନୀ

**ଦେବଗଡ, ୧୧।୧୦ (ଶଶାଙ୍କ ଶେଖର ଝାଙ୍କର)**



ଜନସମ୍ପର୍କ ପଦଯାତ୍ରାରେ ବାହାରିଥିବା ବିଜେଡି ନେତା ଓ କର୍ମୀ।

ଦେବଗଡ ପୌରାଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଏବଂ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହଜାର ହଜାର ବିଜେଡି ନେତା ଓ କର୍ମୀ ହାତରେ ପତାକା ଧରି ବିଭିନ୍ନ ସ୍ଲୋଗାନ ସହ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ବସନ୍ତ ନିବାସ ଡାକବଙ୍ଗଳାରେ ପହଞ୍ଚିଥିଲେ। ଜିଲା ବିଜେଡି ସଭାପତି ଚିତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନସମ୍ପର୍କ ପଦଯାତ୍ରାରେ ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୁଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ସଭ୍ୟା ପୁଷ୍ପାଞ୍ଜଳୀ ସାମାଲ, ଗୀତାଞ୍ଜଳୀ ପାଣି, ବାସନ୍ତୀ ବେହେରା, ସଭ୍ୟ ରାଜେଶ ମହାନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ଭୂପେନ୍ଦ୍ର ପ୍ରସାଦ ନାୟକ, ରାଜ୍ୟ ପରିଷଦ ସଦସ୍ୟ ସୁଜିତ କୁମାର ପ୍ରଧାନ, ଆଦିବାସୀ ଉନ୍ନୟନ ପରିଷଦ ଦେବଗଡ ସଭାପତି ପାଞ୍ଜିଆ ଭୋଇ, ୱାର୍ଡ ସଦସ୍ୟା ପ୍ରମିଳା ବେହେରା, ସଂଯୁକ୍ତା ଆଚାର୍ଯ୍ୟ, ବାସନ୍ତୀମଣି ମାଝି, ୱାର୍ଡ ସଦସ୍ୟ ଯତୀନ କୁମାର ନାୟକ, ଅମରେନ୍ଦ୍ର ଗଙ୍ଗଦେବ, ପ୍ରମୋଦ କୁମାର ଝାଙ୍କର, ଦିଲ୍ଲୀପ କୁମାର ପାତ୍ର, ତରଣୀ ସେନ ପ୍ରଧାନ, ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ, ମହିଳା ସଭାନେତ୍ରୀ ଅରୁଣୀ ପ୍ରଧାନ, ଅର୍ଚ୍ଚନା ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ଜିଲା ଯୁବ ସଭାପତି ପ୍ରତାପ ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ ଓ ରାଜକିଶୋର ଦାଶଙ୍କ ସମେତ ଦଳର ସମସ୍ତ ଆଗ ଧାଡିର ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସମୟରେ ପ୍ରତ୍ୟେକ ଲୋକଙ୍କୁ ଭେଟି ଲିଫଲେଟ ବଣ୍ଟନ ସହ ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଏଥିସହ ବସନ୍ତ ନିବାସ ଡାକବଙ୍ଗଳାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ନିର୍ବାଚନରେ ବିଜେଡିର ହାତ ମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

**Office of District Manager**
**ODISHA STATE CIVIL SUPPLIES CORPORATION LTD. (OSCSC)**
**RAYAGADA, Phone: 9438200057**
**District Web site : www.rayagada.nic.in**

Tender No. 1956                                Dt-11.10.2023

District Manager, Odisha State Civil Supplies Corporation Ltd., **Rayagada** invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha for the Biennial Year 2023-25. |
| 2 | Availability of bid document in the portal | From **12.10.2023** |
| 3 | Last Date / Time for receipt of bids in the portal | **Dt.30.10.2023** up to **5.30 P.M.** |
| 4 | Date/Time of Opening of Technical Bid | **Dt.31.10.2023** at **11.00 A.M.** |
| 5 | Name and address of the Officer Inviting Tender | District Manager, OSCSC Ltd., **Rayagada** |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd., Rayagada

## ସଂକ୍ଷେପରେ

### କପା କିଆରିରୁ ଯୁବକଙ୍କ ମୃତଦେହ ଜବତ

ପାଟଣାଗଡ଼, ୧୧।୧୦( ପ୍ରହ୍ଲାଦ ପାଢ଼ି)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଭଇଷା ପଞ୍ଚାୟତ ମୁଦଘାଟ ଛକ ନିକଟ ଏକ କପା କିଆରିରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ସାନ ଝଙ୍କାରପାଲି ଗାଁର ଲୋଚନ ଜୁଏଡ଼। ଘଟଣାସ୍ଥଳରେ ପାଟଣାଗଡ଼ ପୋଲିସ ଏବଂ ବଲାଙ୍ଗୀର ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତକଙ୍କ ସ୍ତ୍ରୀ ଏବଂ ପୁଅ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବା ବେଳେ ଲୋଚନ ଘରେ ଏକା ରହୁଥିଲେ। ମଙ୍ଗଳବାର ରାତିରୁ ଘରୁ ବାହାରି ଆଉ ସେ ଫେରି ନ ଥିଲେ। ବୁଧବାର ସକାଳେ ମୁଦଘାଟ ଛକ ପାଖରେ ଏକ କପା କିଆରିରେ ଲୋଚନଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏସ୍‌ଡିପିଓ ଜ୍ୟୋତିଷ ଭୁକ୍ତା, ଥାନା ଅଧିକାରୀ ଅନନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି।

### ଅଭିନୟରେ ସାଇବର ସୁରକ୍ଷା ଅଭିଯାନ

ମୁରିବାହାଲ, ୧୧।୧୦(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଧିକାରୀ ସିପୋରା ସରାୟ ଲୁଗୁନଙ୍କ ତତ୍ତ୍ୱାବଧାନରେ ସାଇବର ସୁରକ୍ଷା ଅଭିଯାନ ପଞ୍ଚାୟତ ହାଇସ୍କୁଲ ଖେଲପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁନିଲ କୁମାର ପାତ୍ର, ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ବିକ୍ରମ ପୁରୋହିତ, ମନୋଜ କୁମାର ସ୍ୱାଇଁ, ଚନ୍ଦ୍ରଧ୍ୱଜ ଭୋଇ, କଳାକାହ୍ନୁ ରଣା, ଶିକ୍ଷୟିତ୍ରୀ ରଶ୍ମିଲତା ପାତ୍ର, ବଲାଙ୍ଗୀର ସାଇବର ଥାନା ସବଇନ୍ସପେକ୍ଟର ଦୀପକ ଡୁଙ୍ଗଡୁଙ୍ଗ, ଏସଡିପିଓ ଜ୍ୟୋତ୍ସ୍ନାରାଣୀ ବେହେରା, ମୁରିବାହାଲ ପୋଲିସ ସବଇନ୍ସପେକ୍ଟର ଡି.ଓରାମ, ପ୍ରମୋଦ ପ୍ରଧାନ, ମୁରିବାହାଲ ଥାନାର ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ସଚେତନତା ରଥକୁ ଭବ୍ୟ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଇବର ଅପରାଧର ନିୟନ୍ତ୍ରଣ କିପରି କରାଯିବ ସେ ନେଇ ଅଭିନୟ ମାଧ୍ୟମରେ ସଚେତନ କରାଯାଇଥିଲା।

### ଖୁଣ୍ଟ ପଡ଼ିଲା, ତାର ଟଣାଯାଇନି

**ରଜାକଟା ପୋଖରୀ ହିଡ଼ ବିଦ୍ୟୁତୀକରଣ ଯୋଜନା**

ଲାଠୋର, ୧୧।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରର ପ୍ରାଚୀନ ଜଳାଶୟ ରଜାକଟା। ବର୍ତ୍ତମାନ ପୋଖରୀକୁ ଅମୃତ ସୋରବର ଯୋଜନାରେ ସାମିଲ କରି ଉନ୍ନତୀକରଣ କାମ କରାଯାଉଛି। ପୋଖରୀ ହିଡ଼ ବିଦ୍ୟୁତୀକରଣ ପାଇଁ ବର୍ଷକ ତଳେ ଜିଲା ପରିଷଦ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଖୁଣ୍ଟ ପୋତା ଯାଇଥିଲେ ମଧ୍ୟ ଅଦ୍ୟାବଧି ସେଠାରେ କେବୁଲ ତାର ଟଣା ଯାଇନାହିଁ। ଫଳରେ ସନ୍ଧ୍ୟା ସମୟରେ ଗ୍ରାମବାସୀ ସ୍ନାନଶୌଚାଦି ପାଇଁ ଗଲେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାହାନ୍ତିଆରୁ ମହିଳାମାନେ ପାହାନ୍ତିଆରୁ ସ୍ନାନ ପାଇଁ ପୋଖରୀକୁ ଗଲେ ଅନ୍ଧାରରେ ହଟହଟା ହେଉଛନ୍ତି। ଏନେଇ ଖପ୍ରାଖୋଲ ୩ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେରଙ୍କୁ ପଚାରିବାରୁ ଯଥାଶୀଘ୍ର ରଜାକଟା ହିଡ଼ରେ ବିଦ୍ୟୁତ୍ ବ୍ୟବସ୍ଥା କରିବୁ ବୋଲି କହିଛନ୍ତି।

### ହର ଘର କଂଗ୍ରେସ ପଦଯାତ୍ରା ପାଇଁ ପ୍ରସ୍ତୁତି

ମୁରିବାହାଲ, ୧୧।୧୦(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବନ ବିଭାଗ ବଙ୍ଗଳାରେ ବୁଧୁବାର ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଫୁଲ୍ଲ ବଘାରଙ୍କ ଅଧ୍ୟକ୍ଷତାରେ ହର ଘର କଂଗ୍ରେସ ପଦଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛ। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଲୋଚନା କରିଥିଲେ। ଏହି କର୍ଯ୍ୟକ୍ରମ ଆଗାମୀ ୧୮ ତାରିଖରୁ ଆରମ୍ଭ ହେବ। ବୈଠକରେ ଅମିତ ସିଂ ସାଲୁଜା, ବିଭୀଷଣ ମହାନନ୍ଦ, ଯଦୁପତି ଅଗସ୍ତି, ଗିରିଧାରି ସାହୁ, ବୁଲୁ ବିଶି, ବେଲାର ସେନ ବେହେରା, ୨୯ ନଂ ଜୋନ ଜିଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ବିଦ୍ୟାଧର ହାତୀ, ବିଜୟ ପାତ୍ର, କମଳ ବୁଡେକ, ବୁଲୁ କୁମ୍ଭାର, ଯଦୁ ତାଣ୍ଡି, ତେଜରାଜ ଲୁହା, ବେଣୁ ପଶାୟତ, ମାଲିଶିରା ସରପଞ୍ଚ ଦେବରାଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୁଯୋଗ ମିଳିଲେ ସାମର୍ଥ୍ୟ ଦେଖାଉଛନ୍ତି ମହିଳା

ବଲାଙ୍ଗୀର, ୧୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)


କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିବା ଅବସରରେ ଜିଲାସ୍ତରୀୟ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମର ମଞ୍ଚାସୀନ ଅତିଥି।

**ବଲାଙ୍ଗୀରରେ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମର ଶୁଭାରମ୍ଭ**

ଆନ୍ତର୍ଜାତିକ ବାଳିକା ଦିବସ ଅବସରରେ ବୁଧବାର ବଲାଙ୍ଗୀର ଜିଲାରେ ବେଟିବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଚଞ୍ଚଳ ରାଣା ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲାପାଳ ରାଣା, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରି, ଭାରପ୍ରାପ୍ତ ସିଡିଏମ୍‌ଓ ତୁଷାରକାନ୍ତ ଠାକୁର, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଲମ୍ବୋଦର ଦୀପ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଆଇନ ପରୀକ୍ଷକ ଅଧିକାରୀ ଦିଗମ୍ବର କର ପରିଚାଳନା କରିଥିଲେ।

ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବାଳିକା, ମହିଳାମାନେ ଆଉ ପଛରେ ନାହାନ୍ତି। ଯେଉଁଠି ସୁଯୋଗ ମିଳିଲେ ନିଜର ସାମର୍ଥ୍ୟ ଦେଖାଉଛନ୍ତି। ମହିଳାମାନଙ୍କୁ ସମାନ ସୁଯୋଗ ମିଳିଲେ ସେମାନେ କେତେ ସାମର୍ଥ୍ୟବାନ୍ ଏହା ପ୍ରମାଣିତ କରୁଛନ୍ତି। ଆଜି ଗାଁର ପଡା ସ୍ତରରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କୁ ଯଦି କିଏ ଅଧିକ ସହଯୋଗ କରୁଛନ୍ତି ସେମାନେ ହେଲେ ଆଶା, ଅଙ୍ଗନୱାଡି ଏବଂ ଏଏନ୍‌ଏମ୍ ଦିଦି। ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନରେ ଏହି ତିନି ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାଠପଢ଼ାରୁ ଆରମ୍ଭ କରିବିଭିନ୍ନ କ୍ଷେତ୍ରରେ ବାଳିକା, ମହିଳାମାନେ ଆଜି ବାଳକ ଏବଂ ପୁରୁଷଙ୍କଠାରୁ ବହୁ ଆଗରେ ରହିଛନ୍ତି। ବାଳିକାଙ୍କ ସ୍ୱପ୍ନ ସାକାର କରିବାକୁ ହେଲେ ସେମାନଙ୍କୁ ସୁଯୋଗଟିଏ ଲୋଡା ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଏସପି ଖିଲାରୀ ତାଙ୍କ ବକ୍ତବ୍ୟରେ ବାଳିକା, ମହିଳାଙ୍କ ସୁରକ୍ଷା ପାଇଁ କିଭଳି ସବୁ ଆଇନଗତ ବ୍ୟବସ୍ଥା ରହିଛି କହିଥିଲେ। ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ଦେଖାଇ ଆଗକୁ ବଢୁଛନ୍ତି ବୋଲି କହିଥିଲେ। ଭାରପ୍ରାପ୍ତ ସିଡିଏମ୍‌ଓ ଠାକୁର ତାଙ୍କ ବକ୍ତବ୍ୟରେ ଭୃଣ ଚିହ୍ନଟ କରିବା କେତେବଡ ଅପରାଧ ସେନେଇ ଆଇନଗତ ଦିଗ ଉପରେ କହିଥିଲେ। କନ୍ୟାରତ୍ନଟିଏ କିଭଳି ଘର ଓ ସମାଜକୁ ସଶକ୍ତ କରୁଛି କହିଥିଲେ। ପ୍ରାରମ୍ଭରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।

ଜିଲାପାଳ ରାଣା ବକ୍ତବ୍ୟ ଦେଲାବେଳେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀମାନେ କ'ଣ ବୁଝିଛନ୍ତି ବୋଲି ପ୍ରଶ୍ନ କରିବାରୁ ବଲାଙ୍ଗୀର ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ପ୍ରତୀକ୍ଷା ପଣ୍ଡା ସ୍ୱପ୍ନକୁ ସାକାର କରିବାର ଏହା ଏକ ସୁଯୋଗ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ କୃତୀ ବାଳିକାଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ବିଭିନ୍ନ ସ୍କୁଲର ଛାତ୍ରୀମାନେ ଚିତ୍ରାଙ୍କନ, ନୃତ୍ୟ, ବକ୍ତୃତା ଏବଂ ଏକକ ଅଭିନୟ ପ୍ରଦର୍ଶନ କରିଥିଲେ। ଅପରାହ୍ଣରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଏବଂ ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ ଯୋଗଦାନ କରିଥିଲେ। ବାଳିକା ଓ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ଦିଗରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ସଭା ଶେଷରେ ଚୂଡାମଣି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀଙ୍କୁ ନେଇ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା

ମୁରିବାହାଲ, ୧୧।୧୦(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଦର ମହକୁମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ପିତାମ୍ବର ବେଶ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଇଓ ଶାନ୍ତନୁ କୁମାର ପଢିହାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଳିକା ଦିବସ ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏବିଇଓ କୋଦଣ୍ଡଧର ଭୋଇ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପିତାମ୍ବର ବେଶ୍ରା, ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ର ଯୋଗଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଶିବ ଶଙ୍କର ସେଠ ପରିଚାଳନା କରିଥିଲେ। ସିଆରସିସି ହୃଷୀକେଶ ସିକା, ପଦ୍ମଲୋଚନ ତାଣ୍ଡୀ, ଶିକ୍ଷକ ଶ୍ରୀମୁଖ ଷାଣ୍ଢ, ଶିବ ପ୍ରସାଦ ଦୀପ, ଶୋଭାବନ ଦୀପ କାର୍ଯ୍ୟକ୍ରମ ପରିଚାଳନାରେ ସାମିଲ ଥିଲେ। ସେହିପରି ପଞ୍ଚାୟତ ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ସୁନିଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ନେଇ ବାଳିକା ଦିବସ ପାଳିତ ହେଇଯାଇଛି।


ମୁରିବାହାଲ ଓଏଭି କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ବାଳିକା ଦିବସରେ ସଭା, ଶୋଭାଯାତ୍ରା

ଖପ୍ରଖୋଲ ୧୧।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଭା, ଶୋଭାଯାତ୍ରା ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନବାଡ଼ି କର୍ମୀ, ଏସ୍‌ଏଚ୍‌ଜି ମହିଳା, ମିଶନ ଶକ୍ତି କର୍ମଚାରୀ ଏକତ୍ରିତ ହୋଇ ଏକ ସଚେତନତା ଶୋଭାଯାତ୍ରା ମାଧ୍ୟମରେ ଶିଶୁ କନ୍ୟାର ସୁରକ୍ଷା, ବାଲ୍ୟ ବିବାହ ବନ୍ଦ, ବାଳିକାଙ୍କୁ ଶିକ୍ଷା ଦାନ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ଛାତ୍ରୀ ଓ ଏସ୍‌ଏଚ୍‌ଜି ମହିଳାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଝୋଟି, ବକୃତା, ନାଚ, ସାଧାରଣ ଜ୍ଞାନ, ଏକକ ଅଭିନୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅପରାହ୍ଣରେ ସିଡିପିଓ ସୁଜାତା ଦୋରାଙ୍କ ଅଧ୍ୟକ୍ଷତାରେ ବାଳିକା ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନୀତ



ବାଳିକା ଦିବସରେ ଖପ୍ରାଖୋଲରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଅତିଥି ବିଡ଼ିଓ ଆଲୋକ ରଞ୍ଜନ ସାହୁ, ହରିଶଙ୍କର ମହାବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର, ଓଏଭି ଅଧ୍ୟକ୍ଷା ଦମୟନ୍ତୀ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଶିଶୁ ଭୃଣ ହତ୍ୟା ରୋକିବା ସହିତ ବାଳିକାମାନଙ୍କୁ ଶିକ୍ଷିତ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବେଟି ବଚାଓ ବେଟି ପଢ଼ାଓ ଉପରେ ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ପରେ ଅତିଥି ମାନେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମିଶନ ଶକ୍ତି ସଂଯୋଜକ ଲକ୍ଷ୍ମୀ ନାରାୟଣ ବିଶି, ସୁଶୀଲ କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ହୃଷୀକେଶ ବେହେରା ସଭା ପରିଚାଳନା କରିଥିବା ବେଳେ ମନୋରଞ୍ଜନ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଗାପୂଜା ପାଇଁ ପ୍ରଶାସନ-ପୂଜା କମିଟି ବୈଠକ

ଟିଟିଲାଗଡ, ୧୧।୧୦(ଶରତ ମିଶ୍ର)

ଶାନ୍ତି ଶୃଙ୍ଖଳାର ସହ ଶାରଦୀୟ ଦୁର୍ଗାପୂଜା, ରାବଣ ପୋଡ଼ି, ମେଢ଼ ବିସର୍ଜନ ନେଇ ସହରର ସମସ୍ତ ପୂଜା କମିଟି ସଦସ୍ୟ, ବିଭିନ୍ନ ବିଭାଗ ଅଧିକାରୀଙ୍କୁ ନେଇ ଟିଟିଲାଗଡ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦୟାମୟ ପାଢ଼ିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୌର ପରିଷଦକୁ ପରିମଳ ବ୍ୟବସ୍ଥା, ପୂଜା ମେଢ଼, ରାବଣ ପୋଡ଼ି ସ୍ଥଳ ସମ୍ପର୍କରେ କମିଟିମାନେ ଯଥେଷ୍ଟ ପୂର୍ବରୁ ବିଦ୍ୟୁତ ବିଭାଗକୁ ଜଣାଇବା ପାଇଁ କୁହାଯାଇଛି। ପିଏଚଡି ବିଭାଗକୁ ଠିକ ଭାବେ ଜଳ ଯୋଗାଣ ସହ ବିଭିନ୍ନ ସ୍ଥାନରେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବାକୁ କୁହାଯାଇଛି। ସେହିପରି ହୋଟେଲ, ଠେଲାରେ ବାସି ଖାଦ୍ୟ ପଦାର୍ଥ ବିକ୍ରି ନିଷେଧ କରିବାକୁ ଫୁଡ ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଉପଜିଲାପାଳ। ସେହିପରି ବିସର୍ଜନ ସମୟରେ ବେଶି ସାଉଣ୍ଡରେ ଡିଜେ ନ ବଜାଇବାକୁ, ଛୋଟ ପିଲାଙ୍କୁ ନ ଆଣିବାକୁ କମିଟି ମାନଙ୍କୁ କୁହାଯାଇଥିଲା। ପ୍ରସ୍ତୁତି ବୈଠକରେ ପୌର ନିର୍ବାହୀ ଅଧିକାରୀ ବିପିନ ଦୀପ, ଏସଡିପିଓ ଅଙ୍କିତା କୁମ୍ଭାର, ସହକାରୀ ଜିଲାପାଳ ଚନ୍ଦ୍ର ପ୍ରସାଦ ଦେହୁରି ଉପସ୍ଥିତ ଥିଲେ।

## ପ୍ରତିଯୋଗିତାର କୃତୀ ଛାତ୍ରୀ ପୁରସ୍କୃତ

ଦେଓଗାଁ ୧୧।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଅର୍ନ୍ତଜାତୀୟ ବାଳିକ ଦିବସ ପାଳିତ ହୋଇଯାଇଛି। ମିଶନଶକ୍ତିବିପିସି ଭକ୍ତିଭୂଷଣ ପଣ୍ଡାଙ୍କ ପରିଚାଳନା ତଥା ସିଡିପିଓ ସୁକାନ୍ତି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏବିଡିଓ ପୁଷ୍ପାଞ୍ଜଳି ନାଏକ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଜିତ କୁମାର ମିଶ୍ର, ଗ୍ରାମ ପଞ୍ଚାୟତ ଅଧିକାରୀ ବୀଣା ପଧାନ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ବେଟି ବଚାଓ, ବେଟି ପଢାଓ ଅଭିଯାନକୁ ସଫଳ ରୂପାୟନ ଦେବା ଦିଗରେ ସମସ୍ତେ ଏକଜୁଟ ହୋଇ କାମ କରିବା ସହ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଅତିଥି ବୃନ୍ଦ ଆହ୍ୱାନ ଦେଇଥିଲେ। କଲେଜ, ହାଇସ୍କୁଲ ଛାତ୍ରୀଙ୍କୁ ନେଇ ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗୀତା କରାଯାଇ କୃତୀ ପ୍ରତିଯୋଗୀକୁ ପୁରସ୍କୃତ କରାଯାଇଥିଲା।


ଦେଓଗାଁରେ ବାଳିକା ଦିବସ ସଭାରେ ଜଣେ କୃତୀ ଛାତ୍ରୀ ପୁରସ୍କୃତ ହେଉଛନ୍ତି।

## ଶୋଇବା ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଲୋଇସିଂହା, ୧୧।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା କନ୍ଦାଜୁରୀ ଗ୍ରାମର ଆକାଶ ବନଛୋର(୧୯)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶୋଇଲା ଘରୁ ବୁଧବାର ଜବତ କରିଛି ପୋଲିସ। ମୃତଦେହକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(୧୯/୨୩) ରୁଜୁ ହୋଇଥିବା ଆଇଆଇସି ଯାଜ୍ଞସିନୀ ନାୟକ କହଛନ୍ତି। ପୋଲିସ ସୂଚନା ଅନୁଯାୟୀ, ନେତ୍ର ବନଛୋରଙ୍କ ପୁଅ ଆକାଶ ମଙ୍ଗଳବାର ରାତ୍ରି ଭୋଜନ ସାରି ଶୋଇଥିଲେ। ବୁଧବାର ସକଳେ ଦୀର୍ଘ ସମୟ ଧରି ଘରୁ ନ ବାହାରିବାରୁ ପରିବାର ଲୋକେ ଲୋଇସିଂହା ପୋଲିସକୁ ଖବର ଦେଇଥିଲେ। ପ୍ରେମ ବ୍ୟାପାରକୁ ନେଇ ଯୁବକ ଜଣକ ଏପରି ଚରମ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି।

## ଗୋଁଣ୍ଡ ସାଂସ୍କୃତିକ ସମାଜର ନୂଆଁଖାଇ ଭେଟ୍‌ଘାଟ

କଣ୍ଟାବାଞ୍ଜି, ୧୧।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝରଣି ବୁଢାଦେଓ ମନ୍ଦିର ପରିସରରେ ଗୋଁଣ୍ଡ ସାଂସ୍କୃତିକ ସମାଜର ନୂଆଁଖାଇ ଭେଟଘାଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟଙ୍କଧର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତୁରେକେଲା ବ୍ଲକ ଗୋଣ୍ଡ ସାଂସ୍କୃତିକ ସମାଜ ସଭାପତି ତଥା ଅବସରପ୍ରାପ୍ତ ସୈନିକ ଗିରିରାଜ ସିଂ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଭାବେ ଗୁଣନିଧି ମାଝି, ସମ୍ପାଦକ ମୁରଲୀଧର ମାଝି, ଡମ୍ବରୁ ମାଝି, ଘନଶ୍ୟାମ ଧରୁଆ ମଞ୍ଚାସୀନ ଥିଲେ। ସମାଜର ସାମଗ୍ରିକ ବିକାଶ ଉପରେ ଅତିଥିମାନେ ମତ ରଖିଥିଲେ। ମୁଖ୍ୟ ଅତିଥି ମାଝି ଗୋଣ୍ଡ ସମାଜରେ ଶିକ୍ଷା, ଅର୍ଥନୈତିକ ବିକାଶ ସହ ରାଜନୈତିକ କ୍ଷେତ୍ରରେ ସକ୍ରିୟ ହୋଇ ପାରିଲେ ଅଞ୍ଚଳର ବିକାଶ ହୋଇ ପାରିବ ବୋଲି କହିଥିଲେ।

## କକାଙ୍କୁ ଆକ୍ରମଣ ଘଟଣା, ଜେଲଗଲେ ପୁତୁରା

ବେଲପଡା, ୧୧।୧୦(ମନୋଜ କୁମାର ମିଶ୍ର)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମଙ୍ଗଳବାର ଅପରାହ୍ଣରେ ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଚାଚେରବଙ୍ଗ ପଞ୍ଚାୟତର ନାଏବ ସରପଞ୍ଚ ଗୋପାଳ ପୁଟେଲଙ୍କୁ ତାଙ୍କ ସମ୍ପର୍କୀୟ ପୁତୁରା ଭକ୍ତ ଚରଣ ପୁଟେଲ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଗୋପାଳଙ୍କ ଭାଇ ଫକୀର ମୋହନ ପୁଟେଲ ବେଲପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଭକ୍ତଚରଣଙ୍କୁ ମଙ୍ଗଳବାର ରାତିରେ ଗିରଫ କରି ଥାନାରେ ଅଟକ ରଖିଥିଲା। ଆକ୍ରମଣରେ ବ୍ୟବହୃତ ଭୁଜାଲି ଜବତ ହୋଇଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପାଟଣାଗଡ଼ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। କିଛିବର୍ଷ ହେଲା ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗୋପାଳ ଓ ଭକ୍ତଚରଣଙ୍କ


ଅଭିଯୁକ୍ତ ଭକ୍ତ ଚରଣ ପୁଟେଲ।

ପରିବାର ମଧ୍ୟରେ ବିବାଦ ଲାଗି ରହିଛି। ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟାରେ ଗୋପାଳଙ୍କୁ ଗାଁ ପ୍ରହରୀ ମଣ୍ଡପଠାରେ ଅଭିଯୁକ୍ତ ପୁତୁରା ଆଖିରେ ଲଙ୍କାଗୁଣ୍ଡ ପକାଇ ଏକ ଭୁଜାଲିରେ ଗୋଡ଼ାଇ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବେଲପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ବିକାଶ ହସ୍ପିଟାଲ ବରଗଡ ସ୍ଥାନାନ୍ତର କରାଯାଇଥିଲା।

## 'ବିଜୁଳି ସମସ୍ୟା, ଡାକ୍ତର ପଦବୀ ପୂରଣ କର'

ବଲାଙ୍ଗୀର, ୧୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ବୁଧବାର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରି, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ସିଂ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି, ପୂର୍ତ୍ତ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡା ଓ ବିଭାଗୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

ବୈଠକ ଆରମ୍ଭରେ ଗତ ବୈଠକର ନିଷ୍ପତ୍ତି ବିବରଣୀ ଆଲୋଚନା କରାଯାଇଥିଲା। ବିଶେଷ କରି ମେଡିକାଲକୁ ୨୪ ଘଣ୍ଟା ନିରବଚ୍ଛିନ୍ନ ବିଜୁଳି ଯୋଗାଣକୁ ନେଇ ଆଲୋଚନା ହୋଇଥିଲା। ବିଧାୟକ ମିଶ୍ର ବିଜୁଳି ଯୋଗାଣକୁ ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଡାକ୍ତରଖାନାରେ ଅଘୋଷିତ ବିଜୁଳି କାଟ ଯୋଗୁ ଜୀବନହାନୀ ଆଶଙ୍କା


ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି, ପ୍ରଶାସକ ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷ।

**ଭୀମ ଭୋଇ ମେଡିକାଲ କଲେଜରେ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ**

- ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଶୀଘ୍ର କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ
- କିଡ଼ନୀ ରୋଗୀଙ୍କ ଉଚିତ୍ ଚିକିତ୍ସାକୁ ଚିନ୍ତା ପ୍ରକଟ

ରହିଛି ବୋଲି କହିଥିଲେ। ଏଦିଗରେ ଉଚିତ୍ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି କହିଥିଲେ। ଆଲୋଚନା ବେଳେ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିର୍ମାଣ ଶେଷ ସହ ଏହାର ଉଦ୍‌ଘାଟନ ସମୟକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଉତ୍ତରାଞ୍ଚଳ ରାଜସ୍ୱ କମିସନର ଦଳେଇ ଏବଂ ଜିଲାପାଳ ରାଣା ମଧ୍ୟ ବିଦ୍ୟୁତ୍ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସମସ୍ୟାର ଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଏବଂ ସିଏଚ୍‌ସିମାନଙ୍କରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁ ଲୋକେ ଠିକ୍ ଭାବରେ ସ୍ୱାସ୍ଥ୍ୟସେବା ପାଇ ପାରୁନାହାନ୍ତି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଦରକାର ହେଉଥିବା ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଉ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଅଧ୍ୟକ୍ଷତା କରୁଥିବା ଏମପି ସିଂଦେଓ କିଡ଼ନୀ ରୋଗୀଙ୍କ ପାଇଁ ଆବଶ୍ୟକ ଡାଏଲେସିସ୍ ବିଭାଗରେ ଘୋର ଅବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଏଦିଗରେ ହସ୍ପିଟାଲ ଡାକ୍ତର, ଷ୍ଟାଫ୍ ଏବଂ ପ୍ରଶାସକମାନେ ଅଧିକ ଯତ୍ନବାନ ହୁଅନ୍ତୁ ବୋଲି କହିଥିଲେ।

## ସଂକ୍ଷେପରେ

### ପଦ୍ମପୁର ରାହୁଲ ଷ୍ଟିଲରେ ଜିଏସ୍‌ଟି ଚଢ଼ାଉ

**ପଦ୍ମପୁର ୧୧।୧୦(ପ୍ରଦୀପ୍ତ ଦାଶ):** ପଦ୍ମପୁର ସହର ଶାସ୍ତ୍ରି ଛକଠାରେ ଥିବା ରାହୁଲ ଷ୍ଟିଲ ଦୋକାନ ଉପରେ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବୁଧବାରପୂର୍ବାହ୍ନ ପ୍ରାୟ ୧୧.୩୦ରେ ଜିଏସ୍‌ଟି, ଆୟକର ବିଭାଗର ଡେପୁଟି କମିଶନର ନାଭିଦତ୍ୟ ନାୟକ ଓ ଟିମ ଦୋକାନକୁ ଯାଇଥିଲେ। ଦୋକାନ ମାଲିକ ରାଜେଶ ବଂଶଲ ଦୀର୍ଘ ଦିନ ହେବ ଟିକସ ଫାଙ୍କି ବ୍ୟବସାୟ କରୁଥିବା ଅଭିଯୋଗ କ୍ରମେ ଚଢ଼ାଉ କରାଯାଇଥିଲା। ତଦନ୍ତ ଜାରି ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ୧୨ରୁ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

**ପଦ୍ମପୁର, ୧୧।୧୦(ପ୍ରଦୀପ୍ତ ଦାସ):** ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟକୁ ନେଇ ପଦ୍ମପୁର ଆଥେଲେଟିକ ଆସୋସିଏଶନ ତରଫରୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସ୍ଥାନୀୟ ପୁରୋହିତ କଲ୍ୟାଣ ମଣ୍ଡପଠାରେ ଏକ ଖବରଦାତା ସମ୍ମିଳନୀ କରି ଆସୋସିଏଶନ ଉପସଭାପତି ନନ୍ଦ କିଶୋର ମାଝି, ସମ୍ପାଦକ ଶିରୀଶ କୁମାର ବହିଦାର, କୋଷାଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲ କହିଛନ୍ତି ଯେ, ଆସନ୍ତା ୧୨ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ରାଜବୋଡାସାମ୍ବର ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ୮ଟି ଦଳ ଭାଗ ନେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ୧୫ତାରିଖରେ ଟୁର୍ନାମେଣ୍ଟ ର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଥିଲେ।

### ୮୪ ମିଶନ ଶକ୍ତି ମହିଳାଙ୍କୁ ସ୍କୁଟି ବଣ୍ଟନ

**ପଦ୍ମପୁର, ୧୧।୧୦(ପ୍ରଦୀପ୍ତ ଦାଶ):** ରାଜବୋଡାସମ୍ବର ବ୍ଲକ ସଭା ଗୃହରେ ବ୍ଲକସ୍ତରୀୟ ମିଶନ ଶକ୍ତି ସ୍କୁଟର ଯୋଜନାରେ ସ୍କୁଟି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ୮୪ ଜଣଙ୍କୁ ସ୍କୁଟି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡୀଓ ବିଶ୍ୱନାଥ ସାହୁ ମୁଖ୍ୟ ଅତିଥି, ବିପିସି ପରେଶ ରଞ୍ଜନ ବେହେରା, ବିଏଲସି ଯୋଗେଶ୍ୱରୀ ଧରୁଆ, ସୁପରଭାଇଜର ରୁକ୍ମିଣ ମହାପାତ୍ର ଅତିଥି ଭାବେ ଯୋଗଦେଥିଲେ।

### କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼,୧୧।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଯୁକ୍ତଦୁଇ କଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ସମାରୋହରେ ପଦ୍ମାଳୟା କୈଳାସ ଫାଉଣ୍ଡେଶନର ପ୍ରତିଷ୍ଠାତା ଝସକେତନ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପରିଚାଳନା କମିଟିର ସଭାପତି କିଶୋର ପାତ୍ର, ସମ୍ପାଦକ ଚାଷୀନେତା କିଶୋର ଦେବତା, ସ୍ଥାନୀୟ ରାମଚନ୍ଦ୍ର ସାହୁ, ଯୁବନେତା ମୁକେଶ ମୁରାରୀ କେଡ଼ିଆ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ପ୍ରତାପ ହଂସ ମଞ୍ଚ ପରିଚାଳନା କରିଥିଲେ। ଚମ୍ପେଶ୍ୱର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ସୋହେଲା, ୧୧।୧୦(ଅଶ୍ୱିନୀ ପାତ୍ର):** ବରଗଡ ଜିଲା ସୋହେଲାର ଜଣାଶୁଣା ବ୍ୟବସାୟୀ ଶରତ ଭଞ୍ଜଙ୍କ ମାତା



ସରସ୍ୱତୀ ଭଞ୍ଜଙ୍କ ୯୩ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣ ମହିଳା ଥିଲେ। ଦୀର୍ଘବର୍ଷ ହେବ ସେ ଭଟଲି ବ୍ଲକ ଗୁଆଳ ତୀର୍ଥ ମନ୍ଦିରରେ ମାର୍ଗଶିର ମାସ ବ୍ୟଞ୍ଜନ ଦ୍ୱାଦଶୀ ତିଥିରେ ଛପନ ଭୋଗ ଅର୍ପଣ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନିପୁଅ ଶରତ, ଭରତ, ଶତ୍ରୁଘନ ଓ ଜ୍ଞାତି ପରଜନ ଉପସ୍ଥିତ ଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟି ସମ୍ପନ୍ନ ହୋଇଥିଲା। ବଡପୁଅ ଶରତ ମୁଖାଗ୍ନି ଦେଇଥିଲେ। ଶେଷଯାତ୍ରାରେ ପୂର୍ବତନ ବିଧାୟକ ମହମ୍ମଦ ରଫିକ, ପ୍ରୋମୋଦ ଦେବତା, ସୁଶାନ୍ତ ମିଶ୍ର, ସତ୍ୟଜିତ ପଧାନ, ଇରାସିସ ଆଚାର୍ଯ୍ୟ, ରାଜେଶ ଅଗ୍ରୱାଲ, ଦିଲ୍ଲୀପ ଖମାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।



ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ବିକାଶ ଛାତ୍ରୀଛାତ୍ରଙ୍କ ଯୋଗାସନ।

# ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଜରୁରୀ

**ବରଗଡ଼,୧୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ ନର୍ସିଂ କଲେଜ ଦ୍ୱାରା ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲ ସମ୍ମୁଖରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ୍ସର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲର ନିର୍ଦ୍ଦେଶକ ଡା. ହିମାଂଶୁ ଶେଖର ମିଶ୍ର, ଜେନେରାଲ ମ୍ୟାନେଜର ଅପରେଶ ବିଶୋଇ, ମାନବ ସମ୍ବଳ(ଏଚଆର୍) ମ୍ୟାନେଜର ଦେବଯାନୀ ଦାଶ, ନର୍ସିଂ ଅଧୀକ୍ଷିକା ମମତା ମଲ୍ଲିକ, ଗୁଣବତ୍ତା ସଂଯୋଜିକା ଦିପ୍ତୀମୟୀ ମଲ୍ଲିକ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ.ଡି ଷ୍ଟେଲା, ଉପାଧ୍ୟକ୍ଷା ଦିପାଞ୍ଜଳୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିକାଶ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ ପରିବେଷଣ ସହିତ ମାନସିକ ସ୍ୱାସ୍ଥ୍ୟ ଉପରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷା ଷ୍ଟେଲା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।

ସେହିପରି ବିକାଶ ଡିଗ୍ରୀ କଲେଜରେ ୩ ପର୍ଯ୍ୟାୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଛାତ୍ରାବାସ ଅନ୍ତେବାସୀ ପ୍ରଭାତ ସମୟରେ ସାମୂହିକ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଶ୍ୱ ମାନସିକ ଦିବସର ଚଳିତବର୍ଷର ମୂଳମନ୍ତ୍ର ମାନସିକ ସ୍ୱାସ୍ଥ୍ୟ, ବିଶ୍ୱସ୍ତରୀୟ ମାନବ ଅଧିକାର ଆଧାରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂରଚିତ ୱାଲ ମେଗାଜିନ ଉନ୍ମୋଚନ କରାଯାଇଥିଲା। ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କ ନିଆରା ପ୍ରୟାସକୁ ପ୍ରଶଂସା କରିବା ସହିତ ସବୁବେଳେ ଖୁସି

**ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ବିକାଶ ଛାତ୍ରୀଛାତ୍ରଙ୍କ ଯୋଗାସନ**

ରହିବା ପାଇଁ ଏବଂ ସକାରାତ୍ମକ ଚିନ୍ତନରେ ବ୍ରତୀ ରହିବା ପାଇଁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା ବିଶେଷ ସଂଗୋଷ୍ଠୀରେ ମନୋବିଜ୍ଞାନ ବିଭାଗର ଛାତ୍ର ଶିବରାଜ ବେହେରା ଏବଂ ଛାତ୍ରୀ ସଂସ୍କୃତି ହୋତାଙ୍କ ଉପସ୍ଥାପନ ମର୍ମସ୍ପର୍ଶୀ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସାନ୍ଧ୍ୟକାଳୀନ ସମାବେଶରେ ଅଡ଼ିଓ ଭିଜୁଆଲ ପ୍ରେକ୍ଷାଳୟରେ ମେଣ୍ଟାଲିଟି ଶୀର୍ଷକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ଡକୁମେଣ୍ଟାରୀ ଚଳଚ୍ଚିତ୍ରରେ ମାନସିକ ଅସୁସ୍ଥତାର ନିଦାନ ପାଇଁ ବିଶ୍ୱସ୍ତରରେ ଏପର୍ଯ୍ୟନ୍ତ ହୋଇଥିବା ମାନବ ପ୍ରୟାସ ଏବଂ ଅନୁସନ୍ଧାନ ଉପରେ ମନୋବୈଜ୍ଞାନିକ ପ୍ରଫେସର ମୁକେଶ ଲାଠିଆଙ୍କ ଉପସ୍ଥାପନ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷଣୀୟ ହୋଇ ପାରିଥିଲା। ଏହି ଅବସରରେ ହଷ୍ଟେଲ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ମାଇଲ କ୍ଲବ ପରିକଳ୍ପନା କରାଯାଇଛି ବୋଲି ଉପାଧ୍ୟକ୍ଷ ଆରଏସଭି କ୍ରୀଷ୍ଣା ସୂଚନା ଦେଇଥିଲେ। କୋଅର୍ଡ଼ିନେଟର ସୁରଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ଲିପ୍ସିତା ଯୋଶୀ ଏବଂ ରୋଜି ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରଗଡ଼ ପଞ୍ଚାୟତ କଲେଜ ମନୋବିଜ୍ଞାନ ବିଭାଗରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ବେନି ପଟେଲ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଭୁବନେଶ ବୈଶାଖ ଆତ୍ମପ୍ରେମ, ଆତ୍ମ ସଚେତନତା, ଚାପ ନିୟନ୍ତ୍ରଣର ବିଭିନ୍ନ ଦିଗ ଉପରେ କହିଥିଲେ। ଅଧ୍ୟାପିକା ମୋନାଲିସା ପ୍ରଧାନ ମାନସିକ ସ୍ୱାସ୍ଥ୍ୟକୁ ଏକ କଳଙ୍କ ନ ଭାବି ଏ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ମାନସିକ ରୋଗର ଲକ୍ଷଣ ଦେଖାଦେଲେ ମନୋବୈଜ୍ଞାନିକ କିମ୍ବା ମନୋଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ ବୋଲି କହିଥିଲେ। ବିଜ୍ଞାନଗାର ସହାୟକ ଡ. ପ୍ରକାଶ ଭୁଏ ସାମାଜିକ ଦୃଷ୍ଟିକୋଣରୁ ମାନସିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସାର୍ବଜନୀନ ମାନବିକ ଅଧିକାର ଏବଂ ଭାରତରେ ଏହାର ସ୍ଥିତି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରାଯାଇଥିଲା। ସେହିପରି ନର୍ସିଂ ଛାତ୍ରୀମାନେ ଯୋଗ, ପ୍ରାଣାୟମ କରିଥିଲେ। ଅଧ୍ୟାପକ ଟିଙ୍କୁ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଅଙ୍କିତା ନାଥ, ରିଙ୍କୁ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କ ବ୍ଲକସ୍ତରୀୟ ବୈଠକ

**ବରଗଡ଼,୧୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାଠାରେ ପ୍ରଧାନ ଶିକ୍ଷକଙ୍କ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଭାବନା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଭୁକ୍ତା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକ ସଭାପତିତ୍ୱ କରିଥିଲେ। ଅମ୍ବାଭୋନା କେଦାନାଥ ଆଦିବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ରଥ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଲଖନପୁର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋହର ସାହୁ ବୈଠକରେ କ୍ଲବ ଏବଂ ତୃତୀୟ ଅଧିବେଶନରେ ଶିକ୍ଷକ ବେଧରାମ ବିଶ୍ୱାଳ ହାଉସ୍ ସିଷ୍ଟମ ଉପରେ କହିଥିଲେ। ବୈଠକରେ ୧୪ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦାନ କରିଥିଲେ। ଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

**ପଦ୍ମପୁର, ୧୧।୧୦(ପ୍ରଦୀପ୍ତ ଦାଶ):** ବରଗଡ ଜିଲା ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ଉପ ଜିଲାପାଳ ଆଲୋକ କୁମାର ପଟେଲ ଯୋଗଦେଇ ନାରୀ ଶକ୍ତିର ଗୁଣଗାନ କରିଥିଲେ। ସମ୍ମାନୀତ ଅତିଥି ପଦ୍ମପୁର ଥାନା ଆଇଆଇସି ମମତା ନାଏକ ଯୋଗଦେଇ ଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ବିଷୟରେ ଶିକ୍ଷା ଦେଇଥିଲେ। ବିନାୟକ ମିଶ୍ର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ନିରୋଜ ଦୋରା ଯୋଗଦେଇ ନାରୀଶକ୍ତିର ଆବଶ୍ୟକତା ଓ ଅବଦାନ ଉପରେ ମତ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସୁରେନ୍ଦ୍ର ଭୋଇ ସଭା ପରିଚାଳନା, ବୃନ୍ଦାବନ ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରା ସଭାରେ ଅତାବିରା ବିଧାୟିକା ଉଦ୍‌ବୋଧନ ଦେଉଛନ୍ତି।

**ଅତାବିରା/ସରଣ୍ଡା,୧୧।୧୦ (ହୃଷୀକେଶ ଖମାରୀ/ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରାରେ ବୁଧବାର ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅତାବିରା, ଭେଡ଼େନ ବ୍ଲକର ପଞ୍ଚାୟତକୁ ନେଇ ଏହି ପଦଯାତ୍ରା ହୋଇଥିଲା। ଅତାବିରା ଆରଏମସି ମାର୍କେଟ ପଡ଼ିଆରୁ ପଦଯାତ୍ରା ବାହାରି ସ୍ଥାନୀୟ ଦୁର୍ଗା ମନ୍ଦିରରେ ପହଞ୍ଚିଥିଲା। ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ପଦଯାତ୍ରା ଅତାବିରା ହାଇସ୍କୁଲ ପଡ଼ିଆକୁ ପହଞ୍ଚିଥିଲା।

ସେଠାରେ ଅନୁଷ୍ଠିତ ସଭାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ଢ଼େଙ୍କାନାଳ ବିଧାୟକ ତଥା ଜିଲା ପର୍ଯ୍ୟବେକ୍ଷକ ସୁଧୀର ସାମଲ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ଜିଲା ବିଜେଡ଼ି ସଭାପତି ଡ. ପ୍ରଭାସ ସିଂ, ଜିଲା ବିଜୁ ମହିଳା ସଭାନେତ୍ରୀ ନୀଳକୁମାରୀ ନାଏକ, ଭେଡ଼େନ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ ଏବଂ ଅନ୍ୟ ବିଜେଡ଼ି ନେତୃବୃନ୍ଦ ଉପସ୍ଥିତ ଥିଲେ। ଅତିଥିବୃନ୍ଦ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏନଏସି ବିଜେଡ଼ି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।

## 'ବିଜେଡି ସରକାରର ବିକଳ୍ପ ନାହିଁ'

**ଝାରବନ୍ଧ, ୧୧।୧୦(ଦେବେନ୍ଦ୍ର ସାହୁ)**

ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକର ଡ଼ଭାଠାରୁ ଜାମପାଲି ପର୍ଯ୍ୟନ୍ତ ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ବ୍ଲକ ଅଧ୍ୟକ୍ଷା ଲିପସା ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଷୀକେଶ ବରିହା, ବିଜୟ କେତନ ପ୍ରଧାନ, ନନ୍ଦଲାଲ ମହାପାତ୍ର, ସୁଶୀଲ ମରାଇ, ଜବାହାର ଲାଲ ସିଂ ବରିହା, ଯତୀନ୍ଦ୍ର ହାତୀ, ପ୍ରମୁଖଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଜାମପାଲିରେ ବ୍ଲକ ବିଜେଡି ସଭାପତି ଯତୀନ୍ଦ୍ର ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟିକା ବରିହା ବିଜେଡି ସରକାରର ବିକଳ୍ପ ନାହିଁ ବୋଲି କହିଥିଲେ। ଅନ୍ୟ ନେତୃବୃନ୍ଦ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ କହିଥିଲେ। ଆଗାମୀ ଦିନରେ ବିଜେଡିକୁ ପୁଣି ଶାସନକୁ ଆଣିବା ପାଇଁ ଦଳୀୟ କର୍ମୀମାନେ ଏକମନ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ବରଗଡ଼ ଛାତ୍ରୀଙ୍କ ପ୍ରକଳ୍ପ ଜାତୀୟସ୍ତରରେ ପୁରସ୍କୃତ



ଗାଇଡ୍ ଶିକ୍ଷକ, ଶୁଭେଚ୍ଛୁଙ୍କ ଗହଣରେ କୃତୀଛାତ୍ରୀ।

**ବରଗଡ଼,୧୧।୧୦(ପ୍ରେମାନନ୍ଦ ଖମାରୀ)**

ନୂଆଦିଲ୍ଲୀଠାରେ ଆୟୋଜିତ ଜାତୀୟସ୍ତର ବିଜ୍ଞାନମେଳାରେ ବରଗଡ଼ ଜିଲା ଲସ୍ତଲା ହାଇସ୍କୁଲର ଛାତ୍ରୀ କ୍ରୀଷ୍ଣା ସାହୁଙ୍କ ପ୍ରକଳ୍ପ ସ୍ମାର୍ଟ ହେଲଥ୍ କେୟାର ପୁରସ୍କୃତ ହୋଇଛି। ଆଗାମୀ ଦିନରେ ଜାପାନରେ ହେବାକୁ ଥିବା ବିଜ୍ଞାନମେଳା ପାଇଁ ଏହି ପ୍ରକଳ୍ପ ମନୋନୀତ ହୋଇଛି। ଉକ୍ତ ପ୍ରକଳ୍ପର ଗାଇଡ୍ ଶିକ୍ଷକ ବୈଲୋଚନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀ କ୍ରୀଷ୍ଣା ଏହି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ବରଗଡ଼ ଜିଲା କ୍ରମାଗତ ତୃତୀୟ ବର୍ଷ ପାଇଁ ଜାତୀୟସ୍ତରୀୟ ବିଜ୍ଞାନମେଳାରେ ଏଭଳି ସଫଳତା ପାଇ ଆସୁଥିବା ଯୋଗୁ ଜିଲା ଶିକ୍ଷା ବିଭାଗରେ ଆନନ୍ଦ ପ୍ରକାଶ ପାଇଛି। ଏଥିପାଇଁ ସଫଳ ଛାତ୍ରୀ କ୍ରୀଷ୍ଣାଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ବରଗଡ଼ ଜିଲା ଶିକ୍ଷା ବିଭାଗ ତରଫରୁ ପୂର୍ବତନ ଜିଲା ବିଜ୍ଞାନ ନିରୀକ୍ଷକ ତଥା ତରାକନା ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ମନୋଜ କୁମାର ସାହୁ, ଗାଇଡ୍ ଶିକ୍ଷକ ବୈଲୋଚନ ସାହୁ ପ୍ରମୁଖ ସଫଳ ଛାତ୍ରୀ କ୍ରୀଷ୍ଣାଙ୍କ ସହିତ ଦିଲ୍ଲୀ ଗସ୍ତ କରି ଜାତୀୟସ୍ତରୀୟ ବିଜ୍ଞାନମେଳାରେ ଭାଗ ନେଇଥିଲେ। ପ୍ରକାଶଥାଉକି, ଜାତୀୟସ୍ତରୀୟ ବିଜ୍ଞାନମେଳାରେ ରାଜ୍ୟର ୨୭ପ୍ରକଳ୍ପ ସ୍ଥାନିତ ହୋଇଥିଲା। ସେଥିମଧ୍ୟରେ ବରଗଡ଼ର ୩ପ୍ରକଳ୍ପ ରହିଥିଲା।

## ୪ଦଫା ଦାବିରେ ଧାରଣା

**ବରଗଡ଼,୧୧।୧୦(ପ୍ରେମାନନ୍ଦ ଖମାରୀ)**

ଜିଲା ସ୍ୱାବଲମ୍ବୀ କାରିଗର ଏସଇଏମ ଓ ପମ୍ପ ଡ୍ରାଇଭର ପିଡି ସଂଘ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ୪ଦଫା ଦାବି ନେଇ ସଂଘର ସଭ୍ୟମାନେ ଏହି ଧାରଣା ଦେଇଥିଲେ। ସ୍ୱାବଲମ୍ବୀ କାରିଗରଙ୍କୁ ନଳକୂପ ରକ୍ଷଣାବେକ୍ଷଣ ନିମନ୍ତେ ମାସିକ ଅନରିୟମ ରାଶି ବୃଦ୍ଧି ସହିତ ଠିକ୍‌ଭାବେ ପ୍ରଦାନ କରିବା, ଦରମା ବୃଦ୍ଧି, ଖାଲିଥିବା ପଦବୀ ତୁରନ୍ତ ପୂରଣ ଦାବି ସେଥିମଧ୍ୟରେ ରହିଛି। ଏହି ଦାବି ନେଇ ବାରମ୍ବାର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କିଛି ସୁଫଳ ନ ମିଳିବାରୁ ସଂଘର କର୍ମକର୍ତ୍ତା ଏବଂ ସଭ୍ୟମାନେ ଧାରଣାକୁ ଓହ୍ଲାଇଛନ୍ତି।




ଜିଲାପାଳ ଅଫିସ ଆଗରେ ଏସଇଏମ କାରିଗରଙ୍କ ଧାରଣା।

# ଜିଲାସ୍ତରୀୟ କବାଡି ଚାମ୍ପିୟନଶିପ୍

**ପାଇକମାଲ, ୧୧।୧୦(ବଢ ଶତପଥି)**

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ କବାଡି ଚାମ୍ପିୟନଶିପରେ ୧୭ବର୍ଷରୁ କମ୍ ବାଳକ ବିଭାଗରେ ପଦ୍ମପୁର ବ୍ଲକକୁ ହରାଇ ପାଇକମାଲ ବ୍ଲକ ଏବଂ ବାଳିକା ବିଭାଗରେ ପଦ୍ମପୁର ବ୍ଲକକୁ ହରାଇ ପାଇକମାଲ ବ୍ଲକ ଚାମ୍ପିୟନ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଅତାବିରା ବ୍ଲକକୁ ହରାଇ ଝାରବନ୍ଧ ବ୍ଲକ ଚାମ୍ପିୟନ ହୋଇଛି। ବାଳିକା ବିଭାଗରେ ଝାରବନ୍ଧ ବ୍ଲକକୁ ହରାଇ ପାଇକମାଲ ବ୍ଲକ ଚାମ୍ପିୟନ ହୋଇଛି। ବରଗଡ଼ ଏଡିଇଓ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନୀତ



ଅତିଥିଙ୍କ ସହ ଚାମ୍ପିୟନ ପାଇକମାଲ ବ୍ଲକର ଖେଳାଳିମାନେ।

**ପାଇକମାଲ ବ୍ଲକ ଚାମ୍ପିୟନ**

ଅତିଥି ଭଟଲି ବିଇଓ ସରୋଜ କୁମାର ଭୁଏ, ବିଜେପୁର ବିଇଓ ମକୁନ୍ଦ ମହରା, ଗାଇସିଲେଟ ବିଇଓ ରାମଲାଲ ବରିହା, ବିଜେପୁର ବିଇଓ ସୁରେଶ କୁମାର ରାଉତରାୟ, ପଦ୍ମପୁର ବିଇଓ ଲୋକନାଥ ଭୋଇ, ପାଇକମାଲ ବିଇଓ ଚୂଡ଼ାମଣି ବାରିକ, ବରପାଲି ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ଭୁଏ, ପାଇକମାଲ ବିଡିଓ ସୁରେନ୍ଦ୍ର ନାଥ ସାହୁ, ପାଇକମାଲ ଏବିଡିଓ ଦେବାଶିଷ ସିହ୍ନା, ପାଇକମାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ, ମାଣ୍ଡୋସିଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟା ମିନତି ଟେଟେ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ଶିକ୍ଷକ ଡୋଳାମଣୀ ମାହାର ଓ ତ୍ରିଲୋଚନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତରେ ଜିଲାର ୧୨ଟି ବ୍ଲକର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ମନ୍ଥର ଗତିରେ ଚାଲିଛି ଜଳ ପ୍ରକଳ୍ପ କାର୍ଯ୍ୟ

ରାଉରକେଲା,୧୧।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ୨ଟି ବୃହତ୍ତ ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଫଳରେ ୩ଲକ୍ଷ ଲୋକଙ୍କ ପାଖକୁ ବିଶୁଦ୍ଧ ପାନୀୟଜଳ ପହଞ୍ଚାଇବା ଉଦ୍ଦେଶ୍ୟ ସଫଳ ହୋଇପାରିନାହିଁ। ରାଜ୍ୟ ସରକାର ସହରରୁ ଗ୍ରାମାଞ୍ଚଳ ଯାଏ ପ୍ରତ୍ୟେକ ଘରକୁ ଯେଭଳି ବିଶୁଦ୍ଧ ପାନୀୟଜଳ ପହଞ୍ଚିବ ସେଥିପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପ୍ରତି ଘରକୁ ଘର ଟ୍ୟାପ ଏବଂ ପାଇପ ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ କିଭଳି ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଭାବରେ ପହଞ୍ଚିପାରିବ ସେଥିପାଇଁ ବହୁ ବୃହତ୍ତ ଜଳପ୍ରକଳ୍ପ ନିର୍ମାଣ ହେଉଛି। ରାଉରକେଲାରେ ଦୁଇ ବୃହତ୍ତ ଜଳପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଜଳନିଗମକୁ ଆର୍ଥିକ ବର୍ଷ ୨୦୨୦-୨୧ରେ ବିଶୁଦ୍ଧ ପାନୀୟ ଜଳ ସୁରକ୍ଷିତ ଭାବରେ ସହରର ୨୨ଟି ଜୋନକୁ ପହଞ୍ଚାଇବା ନିମନ୍ତେ ଜଳପ୍ରକଳ୍ପ ନିର୍ମାଣ ପାଇଁ ୧୨୯କୋଟି ୬୪ ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିଲା। ୨୪ଘଣ୍ଟା ଟ୍ୟାପ ଯୋଗେ ମହାନଗର ନିଗମର ୩ଲକ୍ଷ ଲୋକଙ୍କୁ ଦୈନିକ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଆର୍ଥିକ ବର୍ଷ ୨୦୨୨-୨୩ରେ ଏକ୍ସ-୭ ଜଳ ବିତରଣ ଯୋଜନାରେ ୬କୋଟି ୫୮ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ମାତ୍ର ଏହା ମଧ୍ୟେ ବିଭାଗ ତରଫରୁ ଜଳ ପ୍ରକଳ୍ପ ନିର୍ମାଣ ସମ୍ପାଦନର ୨୮ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ କାର୍ଯ୍ୟ ସମ୍ପାଦିତ ହୋଇ ସାରିଥିବାବେଳେ,ଜଳ ବିଶୋଧନ ପ୍ଲାଣ୍ଟ ଫିଲ୍ଟର ହାଉସ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କାମ ମନ୍ଥର ଗତିରେ ଚାଲିଛି। ରାଉରକେଲାର ଦହିପୋଷ, ପାନପୋଷର ଜୋନ-୧୧, ଛେଣ୍ଡ-୧, ନବକୃଷ୍ଣନଗର ଜୋନ-୩୦, ବେଦବ୍ୟାସ ଜୋନ-୩୫, ଝାଡତରଙ୍ଗ ଜୋନ-୩୬, ଟିମ୍ବର କଲୋନୀ ଜୋନ-୧୫, ମଧୁସୂଦନପାଲ୍ଲୀ ଜୋନ-୧୬, ଜବାହାରନଗର ଜୋନ-୨୭ ପ୍ରମୁଖ ସ୍ଥାନରେ ଜଳପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହିଭଳି ଭାବେ ଏକ୍ସ-୭ ଜଳ ବିତରଣ ଯୋଜନାରେ ଆରଏମ୍‌ସି ଅଧିନ ୪୦ଟି ୱାର୍ଡରେ ଟ୍ୟାପ ଯୋଗେ ୨୪ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ପ୍ରଦାନ ହେବା ଧାର୍ଯ୍ୟ ଥିବାବେଳେ ପ୍ରକଳ୍ପର ଆନୁସାଙ୍ଗିକ କାର୍ଯ୍ୟମାନ ବାକି ରହିଛି। ଏକ୍ସ-୭ ଯୋଜନା ମୁତାବକ ପ୍ରକଳ୍ପ କାର୍ଯ୍ୟାରମ୍ଭ ୩୦।୪।୨୩ରିଖରେ ହୋଇଥିବାବେଳେ ନିର୍ମାଣ ସମ୍ପୂର୍ଣ୍ଣ ଅବଧି ୨୮।୯।୨୩ରିଖ ଯାଏଁ ରହିଥିଲା। ମାତ୍ର ଇତିମଧ୍ୟେ ପ୍ରକଳ୍ପର ସମ୍ପୂର୍ଣ୍ଣ ହେବା ଅବଧି ପୂରି ସାରିଥିବାବେଳେ ଆର୍‌ଏମସିର ୩ଲକ୍ଷ ଲୋକଙ୍କ ପାନୀୟ ଜଳ ଜନିତ ସମସ୍ୟାଦି ଦୂରୀକରଣ କରିବା ସରକାରଙ୍କ ଉଦ୍ଦେଶ୍ୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ମନ୍ଥରତା ପ୍ରତିବନ୍ଧକ ସାଜୁଥିବା ଅଭିଯୋଗ ହେଉଛି। ଏନେଇ ରାଉରକେଲା ୱାଟକୋ ମୁଖ୍ୟ ପରିଚାଳକ ପ୍ରତାପ କେଶରୀ ମହାନ୍ତିଙ୍କୁ ପଚାରିବାରୁ କହିଲେ, ଉଭୟ ପ୍ରକଳ୍ପ ମହାନଗର ନିଗମବାସୀଙ୍କ ପାନୀୟଜଳ ଜନିତ ହିତ ସାଧନ ନେଇ ହେଉଛି। ନିର୍ମାଣ କାର୍ଯ୍ୟ ଠିକ ଓ ଉତ୍କୃଷ୍ଟ ମାନର ହେବା ସହିତ ଯେଭଳି ଦୀର୍ଘସ୍ଥାୟୀ ରହିବ ସେ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ଉଭୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଯତ୍ନଶୀଳ ଭାବେ କରାଯାଉଛି। ତୁରନ୍ତ ଉଭୟ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

**୩ଲକ୍ଷ ଲୋକଙ୍କ ପାଖକୁ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ମହତ ଉଦ୍ଦେଶ୍ୟରେ ସାଜୁଛି ପ୍ରତିବନ୍ଧକ**





ସିଭିଲ ଟାଉନଶିପ ଅଞ୍ଚଳରେ ମନ୍ଥର ଗତିରେ ଚାଲିଥିବା ଜଳପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଓ ବିଭାଗୀୟ ଅଫିସ।

## ସଂକ୍ଷେପରେ

### ଚଳଚ୍ଚିତ୍ର ମାଇଣ୍ଡଗେମ ୪ ଭାଷାରେ ନିର୍ମିତ

**ସୂଚନା ଦେଲେ ଅଭିନେତା ମନୋଜ ମିଶ୍ର**

ରାଉରକେଲା,୧୧।୧୦(ବିପ୍ଳବରଞ୍ଜନ ଦାଶ): ଓଡିଆ, ସମ୍ବଲପୁରୀ, ହିନ୍ଦୀ ଓ ତେଲଗୁ ଭାଷାରେ ନିର୍ମିତ ବଲାଙ୍ଗିର ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଉପରେ ଆଧାରିତ ଚଳଚ୍ଚିତ୍ର ମାଇଣ୍ଡଗେମ ବିଷୟରେ ସବିଶେଷ ସୂଚନା ଦେଇଛନ୍ତି ଅଭିନେତା ମନୋଜ ମିଶ୍ର। ବୁଧବାର ରାଉରକେଲା କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ ମିଶ୍ର ଯୋଗଦେଇ ଚଳଚ୍ଚିତ୍ରର ସସ୍ପେନ୍ସ, ଡ୍ରାମା ଏବଂ ଥ୍ରୀଲର ଆଦି ଦୃଶ୍ୟ ଦର୍ଶକଙ୍କୁ ବେଶ ରୋମାଞ୍ଚିତ କରୁଥିବା କହିଥିଲେ। ଚଳଚ୍ଚିତ୍ରଟି ବିଭିନ୍ନ ଓଡିଆ ଖବର କାଗଜରେ ପ୍ରକାଶିତ ହୋଇଥିବା ପାର୍ଶଲ ବୋମା ଆର୍ଟିକିଲ ଆଧାରରେ ନିଖୁଣ ଭାବେ ନିର୍ମାଣ କରାଯାଇଛି ବୋଲି କହିବା ସହିତ ସମସ୍ତଙ୍କୁ ଚଳଚ୍ଚିତ୍ରଟି ଦେଖିବାକୁ ଅନୁରୋଧ କରିଥିଲେ। ଚଳିତ ମାସର ୬ରୁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରକୁ ଦର୍ଶକମାନେ ଅଧିକରୁ ଅଧିକ ପସନ୍ଦ କରିବେ ବୋଲି କହିଥିଲେ। ଚଳଚ୍ଚିତ୍ରରେ ବଲିଉଡ ଜଗତର ସୁନାମଧନ୍ୟ ଅଭିନେତା ଅତୁଲ କୁଲକର୍ଣ୍ଣୀଙ୍କ ସହ ବହୁ ବରିଷ୍ଠ ଓଡିଆ,ହିନ୍ଦୀ ଓ ତେଲଗୁ ଭାଷୀୟ ଅଭିନେତା, ଅଭିନେତ୍ରୀ ଜୀବନ୍ତ ଅଭିନୟ କରିଥିବା ଉଲ୍ଲେଖ କରିଥିଲେ। ପରେ ଅଭିନେତା ମନୋଜ ମିଶ୍ର ରାଉରକେଲା ସହରର ତିନୋଟି ସିନେମା ହଲରେ ଚାଲିଥିବା ମାଇଣ୍ଡଗେମ ଚଳଚ୍ଚିତ୍ର ଦର୍ଶକଙ୍କ ସହିତ ମିଶି ଦେଖିଥିଲେ।

### ଶିକ୍ଷକଙ୍କ ଛାତ୍ରୀକୁ ମାଡ଼, ମାମଲା ଥାନାରେ

ରାଉରକେଲା,୧୧।୧୦(ସଙ୍ଗୀତା ଜେନା): ଉଦିତନଗର ଥାନା ଅନ୍ତର୍ଗତ ଏକ ପ୍ରତିଷ୍ଠିତ ସ୍କୁଲରେ ୨ଦିନ ପୂର୍ବେ ରାଜନୀତି ବିଜ୍ଞାନ ପଢ଼ାଉଥିବା ଜଣେ ଶିକ୍ଷକଙ୍କ ମାଡ଼ରେ ଉକ୍ତ ସ୍କୁଲର ଛାତ୍ରୀ ଆହତ ହୋଇଥିଲେ।ଏ ନେଇ ଛାତ୍ରୀଙ୍କ ଅଭିଭାବକ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ସନ୍ଧ୍ୟାରେ ଏ ନେଇ ପୋଲିସ ତଦନ୍ତ କରୁଥିବା ସୂଚନା ମିଳିଛି।

## ବୃଦ୍ଧାଙ୍କ ବେକରୁ ଚେନ୍ ଛିନ୍‌ତାଇ କଲେ ଦୁର୍ବୃତ୍ତ

ରାଉରକେଲା,୧୧।୧୦(ସଙ୍ଗୀତା ଜେନା)

ଝିରପାଣି ଥାନା ଅନ୍ତର୍ଗତ ପଣ୍ଡା କଲୋନୀ ଠାରେ ବୁଧବାର ପୂର୍ବାହ୍ନରେ ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଛିନତାଇ ହୋଇଛି। ଏ ନେଇ ସମ୍ପୃକ୍ତ ଥାନାରେ ଏତଲା ପ୍ରଦାନ କରାଯାଇଛି। ଏ ନେଇ ପୋଲିସ ମାମଲା (ନଂ.୯୮/୨୩) ରୁଜୁ କରି ତଦନ୍ତ କରୁଛି। ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ସୂଚନା ଅନୁଯାୟୀ, ସକାଳେ ପଣ୍ଡା କଲୋନୀ ନିବାସୀ ସ୍ନେହଲତା ବାରିକ(୬୬) କୋଏଲନଗର ଫିଜିଓଥେରାପି କରିବାକୁ ମୋ ବସରେ ଆସିଥିଲେ। ଝିରପାଣି ହାଇସ୍କୁଲ ନିକଟରେ ବସରୁ ଓହ୍ଲାଇ ଘରକୁ ଯାଉଥିଲେ। ଘରକୁ ପହଞ୍ଚିବା ଶହେ ମିଟର ପୂର୍ବରୁ ୨ଜଣ ଦୁର୍ବୃତ୍ତ ସ୍କୁଟିରେ ଆସି ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଛିନତାଇ କରି ଫେରାର ହୋଇଯାଇଥିଲେ। ରାଉରକେଲା ସହରରେ ବାରମ୍ବାର ଛିନ୍‌ତାଇ ଘଟୁଥିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିବା ଜଣାଯାଉଛି।

# ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥା ନେଇ ଦାବିପତ୍ର

ରାଉରକେଲା,୧୧।୧୦(ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥି ପ୍ରଶାନ୍ତ ସେଠୀ ଓ ନିର୍ବାଚନ ମଣ୍ଡଳୀର ଶତାଧିକ ଲୋକ ବୁଧବାର ରାଉରକେଲା ୱାଟକୋ ବିଭାଜନ ମହାପ୍ରବନ୍ଧକଙ୍କୁ ପାନୀୟ ଜଳ ଜନିତ ସମସ୍ୟା ସମ୍ପର୍କୀତ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦକ୍ଷିଣ ରାଉରକେଲା ଅଧିନସ୍ଥ ଲକ୍ଷ୍ମୀ ମାର୍କେଟ, ଲାଲ ଟାଙ୍କି, ମର୍ଡର୍ଣ୍ଣ ଇଣ୍ଡିଆ ମାର୍କେଟ, ଲେବର କଲୋନୀ ଏବଂ ଲୋକନାଥ ମାର୍କେଟ ଆଦି ଅଞ୍ଚଳରେ ଲୋକଙ୍କର ପାନୀୟଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କିଛି ଅଞ୍ଚଳରେ ପାନୀୟ ଜଳ ବିତରଣ ନିମନ୍ତେ ପାଇପ ବିଛା ହୋଇଥିବା ସତ୍ତ୍ୱେ ଏଯାଏଁ ଜଳଯୋଗାଣ ହୋଇନାହିଁ। ଅନ୍ୟପଟେ ବହୁ ଅଞ୍ଚଳରେ ଏପର୍ଯ୍ୟନ୍ତ ପାଇପ ବିଛା ହୋଇନି। ଏଣୁକରି ବିଭାଗୀୟ ପ୍ରଶାସନ ପକ୍ଷରୁ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଏହି ଦାବିପତ୍ର ପ୍ରଦାନରେ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର କୁନୀ ନାୟକ, ଆଶାଲତା ନାୟକ, ଶ୍ରୀକାନ୍ତ ପ୍ରଧାନ, ଆନନ୍ଦି ଦେବୀ, ରୀନା ଦେବୀ, ତରୁଲତା ରାଉତ, ଅଶୋକ ଦାସ, ନିଲୁ ସେଠୀ, ସରୋଜ ନାୟକ, ବିଶ୍ୱରଞ୍ଜନ ରାଉତ, ଆଶାଲତା ମଲ୍ଲିକ, ଶୈଳେନ୍ଦ୍ରୀ ମହାପାତ୍ର, ସୁଜାତା ମଲ୍ଲିକ ଓ ସୁଲତା ସାହୁ ପ୍ରମୁଖ ସମ୍ମିଳିତ ହୋଇ ଏହି ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ ହେଲେ ଆଗକୁ ଆନ୍ଦୋଳନ ସୁନିଶ୍ଚିତ ବୋଲି ଚେତାବନୀ ଦେଇଛନ୍ତି।



ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥା ନେଇ ଦାବିପତ୍ର ପ୍ରଦାନ କରାଯାଉଛି।

## ଏଚ୍‌ଏମ୍‌ଏସ୍ ପକ୍ଷରୁ ଜୟପ୍ରକାଶ ଜୟନ୍ତୀ

ରାଉରକେଲା, ୧୧।୧୦(ସଙ୍ଗୀତା ଜେନା)

ବୁଧବାର ପୂର୍ବାହ୍ନରେ ହିନ୍ଦ ମଜଦୁର ସଭା(ଏଚ୍‌ଏମ୍‌ଏସ୍) ସହବନ୍ଧିତ ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ରାଉରକେଲା ବିଶ୍ରା ଛକ ରୋଡ଼ରେ କାର୍ଯ୍ୟାଳୟରେ ଲୋକ ନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସୁନ୍ଦରଗଡ଼ ଶିଳ୍ପାଞ୍ଚଳ ଅନୁଷ୍ଠାନର ସଭାପତି ହରେକୃଷ୍ଣ ପାଢ଼ୀ ଓ ଅନ୍ୟମାନେ ଜୟପ୍ରକାଶଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଅତିଥି ଭାବେ ଆଇଡ଼ିଏଲ୍ ମଜଦୁର ସଭା କାର୍ଯ୍ୟକାରୀ ସଭାପତି ଅରୁଣ ପରିଡ଼ା ଉପସ୍ଥିତ ରହି ଜନନାୟକଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଚ୍‌ଏମ୍‌ଏସ୍ ର ରାଜ୍ୟ ସମ୍ପାଦକ ଦିଗାମ୍ବର ମହାନ୍ତି ବକ୍ତବ୍ୟରେ କହିଲେ, ଜୟପ୍ରକାଶ ପରାଧୀନ ଭାରତରେ ୧୯୦୨ ମସିହା ଅକ୍ଟୋବର ୧୧ରେ ଉତ୍ତରପ୍ରଦେଶ ବଲିଆ ଜିଲାରେ ଜନ୍ମଗ୍ରହଣ କରିଥିଲେ। ସାମ୍ୟବାଦୀ ନେତା କାର୍ଲମାର୍କ୍ସଙ୍କ କାର୍ଯ୍ୟକଳାପରେ ପ୍ରଭାବିତ ହୋଇ ସମାଜବାଦୀ ଆନ୍ଦୋଳନରେ ଯୋଗଦେଇଥିଲେ। ସେ ଜଣେ ଆଇଏଏସ୍ ଅଧିକାରୀ ହୋଇ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ କାରାବରଣ କରିଥିଲେ। ଯୁଗାନ୍ତକାରୀ ପଦକ୍ଷେପ କାଳଜୟୀ ହୋଇ ରହିଛି ବୋଲି ମହାନ୍ତି କହିଥିଲେ। ଗୌତମ ମହାରଣା, ଦିଲ୍ଲୀପ ଜେନା, ମହେଶ୍ୱର ମହାପାତ୍ର, ଗୋପାଳ ସିଂ, ରବି ନାରାୟଣ ସିଂ, ରାଜେଶ ଚାନ୍ଦ, ମମତା ଚାନ୍ଦ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ଦିଗାମ୍ବର ମହାନ୍ତିଙ୍କ ନେତୃତ୍ୱରେ ଜୟନ୍ତୀ କାର୍ଯ୍ୟକ୍ରମ ଚାଲିଛି।

## ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

ରାଉରକେଲା, ୧୧।୧୦(ସଙ୍ଗୀତା ଜେନା)

ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଚାଲୁଥିବା ଜନ ସମ୍ପର୍କ ପଦଯାତ୍ରା ଅକ୍ଟୋବର ୧୫ ପର୍ଯ୍ୟନ୍ତ ଜାରି ରହିବ। ବୁଧବାର ଏହି ପଦଯାତ୍ରା ଜିଲା କଂଗ୍ରେସର ବ୍ଲକ ନଂ ୮ରେ ପହଞ୍ଚିଥିଲା। ବ୍ଲକ ସଭାପତି ସୁନୀଲ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ନେତୃବୃନ୍ଦ ଦଳର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇଥିଲେ। କେନ୍ଦ୍ର ଓ ରାଜ୍ୟର ବିଫଳତା, ବେକାରୀ ସମସ୍ୟା ଓ ଭ୍ରଷ୍ଟାଚାର ସମ୍ପର୍କରେ ସମାଲୋଚନା କରିଥିଲେ ନେତୃବୃନ୍ଦ। ରଘୁନାଥପାଲ୍ଲୀ ନିର୍ବାଚନମଣ୍ଡଳୀର ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସୁନ୍ୟାନୀଙ୍କ ସମେତ ଜିଲା କଂଗ୍ରେସ କମିଟିର ଆଭ୍ୟନ୍ତରୀଣ ସଭାପତି ଦେବବ୍ରତ ବିହାରୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଇସ୍ତେହାର ମହମ୍ମଦ, ରଘୁନାଥପାଲ୍ଲୀ ଯୁବ କଂଗ୍ରେସ ସଭାପତି ସୁମିତ କଂସାରୀ, ରଶ୍ମି ପାଢ଼ୀ, ସନ୍ତୋଷ ବିଶ୍ୱାଳ, ତୁଳସୀ ନାଗ, ଗୋପାଳ ଦାସ, ତ୍ରୈଲୋଚନ ସାହୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ପଦଯାତ୍ରା ସେକ୍ଟର-୧୩ କମ୍ୟୁନିଟି ସେଣ୍ଟରରେ ଶେଷ ହୋଇଥିଲା।



କଂଗ୍ରେସ ପକ୍ଷରୁ ଜନସମ୍ପର୍କ ପଦଯାତ୍ରାରେ ନେତାକର୍ମୀ।

## ଉଷା ସର୍ଭେରେ ଖର୍ଚ୍ଚ ହେଲାନି ୫୮ଲକ୍ଷ, ପ୍ରକାଶ ପାଉନି ଚୂଡ଼ାନ୍ତ ତାଲିକା

ରାଉରକେଲା, ୧୧।୧୦(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ (ଆର୍‌ଏମସି) ପକ୍ଷରୁ ସହରର ଓ ଆଖପାଖର ନଦୀଟୋଲା, ଟିସ୍କୋ ଖାଦାନ୍, କିଷାନଟୋଲା, ପାନପୋଷ ବସ୍ତି, ବଙ୍ଗଳା ଟୋଲା, ମଣିକଲୋନୀ, ରାଜୀବ ବସ୍ତି, ଜେଲ ରୋଡ଼, ହରିହର ନଗର, ଦୁର୍ଗାପୁର ଝୁମ୍ପୁଡ଼ି ବସ୍ତି, ଝରଣା ବସ୍ତି, ମାଲଗୋଦାମ ଦୁର୍ଗାପୁର ବସ୍ତି, ମାଲଗୋଦାମ ବସ୍ତି, ଗୋପାଟୋଲି, ବଗଡ଼ା ବସ୍ତି, ଚୁଡ଼ି ବସ୍ତି, ମୁଖୀ ବସ୍ତି ସମେତ ଆରଏମସି ଅନ୍ତର୍ଭୁକ୍ତ ୪୦ଟି ୱାର୍ଡ଼ରେ ୧୦୨ ସ୍ଥାନରେ ଉଷା (ଅର୍ବାନ ସ୍ଲମ୍ ହାଇସହୋଲ୍ଡ ଏରିଆ) ସର୍ଭେ କରାଯାଉଛି। ପ୍ରାୟ ଗତବର୍ଷ ଡିସେମ୍ବର ମାସରୁ ଏହି ସର୍ଭେ ଚାଲୁ ହୋଇଥିଲେ ମଧ୍ୟ ତାହା ଏବେ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଉଷା ସର୍ଭେରୁ ଚୂଡ଼ାନ୍ତ ହିତାଧିକାରୀଙ୍କୁ ଜାଗା ମିଶନ ଅନ୍ତର୍ଭୁକ୍ତ କରାଇବା ପାଇଁ ଆରଏମସିର ଯୋଜନା ଏବେ ବିଳମ୍ବିତ ହୋଇ ଚାଲିଛି। ଏପରିକି ଉଷା ସର୍ଭେ ପାଇଁ ଆସିଥିବା ତଥା ୨୦୨୩ ମସିହା ଫେବୃଆରୀ ୧୩ରେ ଆର୍‌ଏମ୍‌ସିକୁ ହସ୍ତଗତ ହୋଇଥିବା ୬୧, ୯୮,୮୬୮ ଟଙ୍କା ମଧ୍ୟରୁ ଅଦ୍ୟାବଧି ପ୍ରାୟ ୫୮ ଲକ୍ଷ ଟଙ୍କା ରାଶି ଖର୍ଚ୍ଚ ହୋଇ ସାରିଲାଣି। ହେଲେ ଏପର୍ଯ୍ୟନ୍ତ ସର୍ଭେ ଶେଷ ହେଉ ନ ଥିବା ଅଭିଯୋଗ ହୋଇଛି। ଜୁନରେ ସର୍ଭେରେ କାର୍ଯ୍ୟରତ ୧୫ ଜଣ ଯୁବତୀଯୁବକଙ୍କୁ ପ୍ରାପ୍ୟ ଦରମା ମିଳି ନ ଥିବା ଅଭିଯୋଗ ହୋଇଥିଲା। ଆରଏମସିର ଆଉଟସୋର୍ସି କମ୍ପାନୀ କୋଲକୋତାର ଷ୍ଟେଟ୍ଲାଇଟ୍ ସିଷ୍ଟମ ଲିମିଟେଡ୍ ଅଧିକାରୀମାନେ କାର୍ଯ୍ୟରତ ଯୁବକଯୁବତୀଙ୍କୁ ଦରମା ନ ଦେବା ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଥିଲା। ନିଯୁକ୍ତି ପ୍ରମାଣପତ୍ର ଓ ପରିଚୟ ପତ୍ର ମଧ୍ୟ ୧୫ ଜଣଙ୍କୁ ମିଳି ନ ଥିଲା । ଶେଷରେ ଠିକା କମ୍ପାନୀ ଅଧିକାରୀ ଏକ ଲିଖିତ ପ୍ରତିଶ୍ରୁତି ପରେ ମାମଲା ସମାଧାନ ହୋଇଥିଲା। ସର୍ଭେରେ ବ୍ୟାପକ ଅନିୟମିତତା ସନ୍ଦେହ କରି ଜଣେ ସମାଜସେବୀ ତଥା ଆଇନଜୀବୀ ଏକ ଆରଟିଆଇ ଫାଇଲ କରିଥିଲେ। ଏଥିରେ ସମ୍ପୂର୍ଣ୍ଣ ତଥ୍ୟ ପଦାକୁ ଆସିଥିଲା। ଆର୍‌ଟିଆଇ ଉତ୍ତରରେ ସର୍ଭେ ଜାରି ରହିଛି। ଏଥିରେ ଅଭିଜ୍ଞ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ହାଉସହୋଲ୍ଡ ଷ୍ଟିକରିଂ ମଧ୍ୟ ଜାରି ରହିଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇନାହିଁ ସମେତ ପାଣ୍ଠିର ସମସ୍ତ ହିସାବ ଉଲ୍ଲେଖ ରହିଥିଲା। ଉକ୍ତ ଆର୍‌ଟିଆଇ ଫାଇଲ କରିଥିବା ଆରଟିଆଇ ଆକ୍ଟିଭିଷ୍ଟ ତଥା ଆଇନଜୀବୀ ରାଜେଶ କାନନ ସନ୍ତୋଷଜନକ ଉତ୍ତର ମିଳି ନ ଥିବା ଅଭିଯୋଗ କରିଛନ୍ତି। ଆରଟିଆଇରେ ସର୍ଭେ ଜାରି ରହିଥିବା କୁହାଯାଇଥିଲେ ମଧ୍ୟ ଅନେକ ବସ୍ତି ବା ସର୍ଭେ ଅଞ୍ଚଳରେ ଚୂଡ଼ାନ୍ତ ତାଲିକା ପ୍ରକାଶିତ କରିଦିଆଯାଇଛି। ସେହିପରି ୨୦୨୨ରେ କେନ୍ଦ୍ର ସରକାର ଗରିବ ଲୋକଙ୍କ ମୁଣ୍ଡକୁ ଛାତ ଯୋଜନା ଆଣିଥିଲେ। ହେଲେ ଧାର୍ଯ୍ୟ ସମୟ ସୀମା ପାର ହୋଇଯାଇଛି । ଏହାକୁ ଆରଏମ୍‌ସି ଠିକ କାର୍ଯ୍ୟକାରୀ କରିପାରି ନାହିଁ। ଆରଏମସି ଓ ଠିକା କମ୍ପାନୀର ଚୁକ୍ତିନାମାପତ୍ର ମଧ୍ୟ ପ୍ରଦାନ କରାଯାଇ ନାହିଁ। ପ୍ରଶ୍ନ ଅନୁଯାୟୀ ଠିକ୍ ଉତ୍ତର ଦେବାକୁ ଅସମର୍ଥ ଆରଏମସି। ସର୍ଭେ କରୁଥିବା କମ୍ପାନୀ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିଛି ବୋଲି କାନନ ଅଭିଯୋଗ କରିଛନ୍ତି।

## ହାବିଲଦାର, କନଷ୍ଟେବଲ ସଂଘର ନିର୍ବାଚନ ସମ୍ପନ୍ନ

ରାଉରକେଲା,୧୧।୧୦(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାରେ ବୁଧବାର ପୂର୍ବାହ୍ନରେ ହାବିଲଦାର ଓ କନଷ୍ଟେବଲ ସଂଘର ନିର୍ବାଚନ ପାଇଁ ଭୋଟିଂ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଚଳିତବର୍ଷ ୨ଟି ପ୍ୟାନେଲରେ ସଭାପତି ପଦବୀ ପାଇଁ ୨ଜଣ, ଉପସଭାପତି ପାଇଁ ୨, ସାଧାରଣ ସମ୍ପାଦକ ପାଇଁ ୨, ଯୁଗ୍ମ ସମ୍ପାଦକ ୨, କୋଷାଧ୍ୟକ୍ଷ ପାଇଁ ୪ଜଣ, ଏକଜ୍ୟୁକେଟିଭ୍ ମେମ୍ବର ୫ଟି ପଦବୀ ପାଇଁ ୧୦ ଜଣ ପ୍ରତିଦ୍ୱନ୍ଦିତା କରିଥିଲେ। ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଦିଆଯାଇଥିଲା। ୫ ବର୍ଷ ପରେ ହୋଇଥିବା ଉକ୍ତ ନିର୍ବାଚନରେ ପୋଲିସ ଜିଲାର ୨୩ଟି ଥାନା ଓ ରିଜର୍ଭ ଲାଇନ୍ ସମେତ ୨୪ଟି ସେଣ୍ଟରରେ ଭୋଟ ପ୍ରଦାନ କରାଯାଇଥିଲା। ପ୍ରାୟ ୧୧ଶହରୁ ଊର୍ଦ୍ଧ୍ୱ ଭୋଟିଂ ହୋଇଥିଲା। ସଭାପତିପଦବୀ ପାଇଁ ମନୋଜ ପଟ୍ଟନାୟକ, ସୁନୀଲ ପ୍ରଧାନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦିତା ହୋଇଥିଲା। ସେହିପରି ସାଧାରଣ ସମ୍ପାଦକ ପାଇଁ ବୁଲୁ ସାହୁ ଓ ରାଜେନ୍ଦ୍ର ପ୍ରଧାନ ତଥା କୋଷାଧ୍ୟକ୍ଷ ପଦବୀ ପାଇଁ ମାଧୋ ଏକ୍କା ଓ ସୁଦାମ ସ୍ୱାଇଁଙ୍କ ପ୍ରତିଦ୍ୱନ୍ଦିତା ହୋଇଥିଲା। ଗୁରୁବାର ଭୋଟ ଗଣତି ଓ ଫଳାଫଳ ପ୍ରକାଶିତ ହେବ ବୋଲି ସୂଚନା ମିଳିଛି। ରିଟର୍ଣ୍ଣି ଅଫିସର ଭାବେ ପ୍ରଭାଶଙ୍କର ନାଏକ ଦାୟିତ୍ୱ ଗ୍ରହଣ କରିଥିଲେ।

## ୩୭ ଲକ୍ଷ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କଲେ ଶ୍ରମମନ୍ତ୍ରୀ

ରାଉରକେଲା,୧୧।୧୦(ସଙ୍ଗୀତା ଜେନା)

ବୁଧବାର ଶ୍ରମମନ୍ତ୍ରୀ ଶାରଦା ନାୟକ କୋଏଲନଗର, ଜଗଦା ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ ଓ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି କ୍ରମରେ କୋଏଲନଗର ଭାଟାବସ୍ତି, ଡି ବ୍ଲକ ରୋଡ଼, ଜଗଦା ଉତ୍କଳବିହାର ମାର୍ଗ ରୋଡ ସମେତ ବିଭିନ୍ନ ପ୍ରକଳ୍ପରେ ଶୁଭାରମ୍ଭ କରିଥିଲେ। ଫେଭରବ୍ଲକ କାର୍ଯ୍ୟ ପାଇଁ ପ୍ରାୟ ୩୭ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟ କରାଯାଉଛି। ଏହି ଅବସରରେ ବିଜେଡ଼ି ନଗର ସଭାପତି ଗଗନ ପଣ୍ଡା, ଲୁଟୁ ପୁହାଣ, ସୁଶାନ୍ତ ରାଉତ, ତ୍ରିଲୋଚନ ପରିଡ଼ା, ସଂଜୀବ ମହାନ୍ତି, ପିତାମ୍ବର ନାୟକ, ହରପ୍ରିୟା ପଟ୍ଟନାୟକ, ମମତା ତ୍ରିପାଠୀ ସମେତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ଆର୍‌ପିଏଫ୍ ଆସିଷ୍ଟାଣ୍ଟ କମିଶନରଙ୍କୁ ଭେଟିଲେ କଂଗ୍ରେସ ନେତା

ରାଉରକେଲା,୧୧।୧୦(ସଙ୍ଗୀତା ଜେନା)

ରାଉରକେଲା ଷ୍ଟେସନ୍‌ରେ ଅଟୋ ଚାଳକ, କୁଲି, ଉଠାଦୋକାନୀ ଓ ଅନ୍ୟମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଆଖପାଖ ଅଞ୍ଚଳରେ ଲୋକେ ଏମାନଙ୍କୁ ଧମକଚମକ ଦେଇ କାର୍ଯ୍ୟ ହାସଲ କରିବାକୁ ଉଦ୍ୟମ କରୁଛନ୍ତି। ଏପରିକି ଅନେକ ସମୟରେ ସେମାନେ ଗଣ୍ଡଗୋଳର ଶୀକାର ହେଉଛନ୍ତି। ଉକ୍ତ ସମସ୍ୟାକୁ ନେଇ ବୁଧବାର ପୂର୍ବାହ୍ନରେ ରାଉରକେଲା ଜିଲା କଂଗ୍ରେସ ମାଇନରିଟି ସେଲ ସଭାପତି ଇଜାଜ ଅଖତାର, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପ୍ରବୋଧ ଦାସ, ବାସୁଦେବ ବାନାର୍ଜୀ, ଶିବୁ ପ୍ରମୁଖ ନେତୃମଣ୍ଡଳୀ ରେଳବାଇ ସୁରକ୍ଷା ବଳ ଆସିଷ୍ଟାଣ୍ଟ କମିଶନର ଏ କେ ସିଂହଙ୍କୁ ଭେଟି ଆଲୋଚନା କରିଥିଲେ। ସେ ଏହାର ତୁରନ୍ତ ପ୍ରତିକାର ନିଆଯିବ ବୋଲି ନେତୃମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଥିଲେ।



ମାଇନରିଟି ସେଲ କଂଗ୍ରେସର ସଭାପତି ଇଜାଜ ଅଖତାର ଓ ଅନ୍ୟମାନେ।

## ଖରିଫ ଫସଲ କାଟ ସମ୍ପର୍କିତ ଆପ୍‌ର ଉପଯୋଗ ଓ ବ୍ୟବହାର ନେଇ ତାଲିମ

ରାଉରକେଲା,୧୧।୧୦(ବିପ୍ଳବରଞ୍ଜନ ଦାଶ)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଖରିଫ ୨୦୨୩ ଚାଷରେ ଫସଲ କାଟ ପରୀକ୍ଷା (ସିସିଇଏସ)ରେ ସ୍ମାର୍ଟ ମୋବାଇଲ ବ୍ୟବହାର ନେଇ ଏକ ତାଲିମ ଶିବିର ପାନପୋଷ କୃଷି ବିଭାଗ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିର କୃଷି ଜିଲା ଅଧିକାରୀ ରେଲିଜିଅସ ବେକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କ୍ରମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଗାଙ୍ଗପୁର, ନୂଆଗାଁ, କୁଆଁରମୁଣ୍ଡା, ବିଶ୍ରା, ଲାଠିକଟା ଓ ରାଉରକେଲା ପୌରାଞ୍ଚଳର ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, କୃଷି ଅଧିକାରୀ, ଗ୍ରାମ୍ୟ କୃଷି ଅଧିକାରୀ ଏବଂ ବୀମା କମ୍ପାନୀର ନୋଡାଲ ଅଧିକାରୀ ଅଂଶଗ୍ରହଣ କରିଥିଲେ। ତାଲିମ ଶିବିର କାର୍ଯ୍ୟକ୍ରମରେ ମୁଖ୍ୟତଃ ଫସଲ କାଟ ପରୀକ୍ଷାରେ ସ୍ମାର୍ଟ ଫୋନ ଠିକ ବ୍ୟବହାର ଉପରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା ହୋଇଥିଲା। ଫସଲ କାଟ ପରୀକ୍ଷା ସମ୍ବନ୍ଧୀୟ ଆପକୁ ମୋବାଇଲରେ ବ୍ୟବହାର କରିବା ନେଇ ଏକ ପ୍ରଦର୍ଶନୀ ମାଧ୍ୟମରେ ସମ୍ମିଳିତ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ସଂସ୍ଥା ସୁନ୍ଦରଗଡ ଆୟୋଜନ କରିଥିଲା। ଏଥିରେ କୃଷି ଜିଲା ଅଧିକାରୀ ରେଲିଜିଅସ ବେକ, ପରିସଂଖ୍ୟାନ ଅଧିକାରୀ ବିଜେତା କିଷାନ, ପ୍ରଣୟ ପ୍ରସାଦ, ଲବ ମହାନନ୍ଦିଆ,ଷ୍ଟେଟ ବ୍ୟାଙ୍କ ଜୀବନ ବୀମା ଲିମିଟେଡ ଜ୍ୟୋତି ପ୍ରକାଶ ମିଶ୍ର, ପବନ ପାଲ ଓ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ସମ୍ମିଳିତ ରହିଥିଲେ।




ତାଲିମ ଶିବିରରେ ସମ୍ମିଳିତ ଅତିଥି।

# ଦେଶ ପ୍ରଗତିରେ ନାରୀମାନଙ୍କ ଭୂମିକା ଆଗରେ

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ

ସମ୍ବଲପୁର,୧୧।୧୦(ବି.ଶଙ୍କର)

ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ବୁଧବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲାପାଳ ଅନନ୍ୟା ଦାସ ଯୋଗଦେଇ ସମାଜରେ କନ୍ୟା ସନ୍ତାନମାନଙ୍କର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ଦେଶ ପ୍ରଗତିରେ ନାରୀମାନଙ୍କର ଭୂମିକା ସର୍ବଦା ଆଗରେ ବୋଲି ସେ ମତ ଦେଇଥିଲେ। ସମ୍ବଲପୁର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଭରତ ଚନ୍ଦ୍ର ଦାସ, ସରକାରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ, ଡିପିଏମ୍ ଏନ୍‌ଏଚ୍‌ଏମ୍ ଡ. ମୌସୁମୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜରେ କନ୍ୟା ସନ୍ତାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଲିଗାଲ ଆଫାୟାରର ଆସିଷ୍ଟାଣ୍ଟ ମ୍ୟାନେଜର ବୁଧ ରଞ୍ଜନ ଭୋଇ ପିସି ଆଣ୍ଡ ପିଏନ୍‌ଡିଟି କାର୍ଯ୍ୟକାରିତା ଏବଂ ଲିଙ୍ଗ ଅନୁପାତର ପ୍ରଭାବ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାରଙ୍କ ଦ୍ୱାରା କନ୍ୟା ସନ୍ତାନ ଉପରେ ସଚେତନତା ମୂଳକ ସମ୍ବଲପୁରୀ ଭାଷାରେ ନାଟକ ପରିବେଷିତ ହୋଇଥିଲା। ଅତିଶ କୁମାର ଶତପଥିଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକର ବିଭିନ୍ନ ଭୂମିକାରେ ରାହୁଲ ଗୁପ୍ତା, ସଙ୍କେତ କୁମାର ପୁରୋହିତ, ରାଜଶ୍ରୀ ରାଉଳ, ଶୁଭମ୍ ମେହେର, ସୁନୀତା ମହାକୁର, ଘନ ମେହେର, ହେମସାଗର ମହାନନ୍ଦ ଅଭିନୟ କରିଥିଲେ ।


କଳାକାରମାନେ ସଚେତନତାଧର୍ମୀ ନାଟକ ପରିବେଷଣ କରୁଛନ୍ତି ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ନାକଟିଦେଉଳ,୧୧।୧୦(ବୈକୁଣ୍ଠ ନାଥ ସାହୁ): ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ନାକଟିଦେଉଳ ବାଟଗାଁଠାରେ ବୁଧବାର ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନାକଟିଦେଉଳ ଥାନା କୁଞ୍ଜମୁରା ହାଟ ସାହିର ତଅପୋଇ ବେହେରା (୩୨)। ଏଥିରେ ସେହି ଗ୍ରାମର ମମତା ନାଏକ (୪୦) ଆହତ ହୋଇଛନ୍ତି। ସୂଚନା ଅନୁସାରେ ଏହି ଦୁଇ ମହିଳା କୌଣସି କାମରେ ସ୍କୁଟି ଯୋଗେ କୁଞ୍ଜମୁରାରୁ ନାକଟିଦେଉଳ ଆସୁଥିଲେ। ଶ୍ରୀଗିଡା ନାଳ ପାଖ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ସ୍କୁଟି ରାସ୍ତା ତଳକୁ ଖସି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଚାଳକ ତଅପୋଇଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ନାକଟିଦେଉଳ ଦମକଳ ବିଭାଗର କର୍ମଚାରୀ ପହଞ୍ଚି ମୃତ ଓ ଆହତଙ୍କୁ ନାକଟିଦେଉଳ ଡାକ୍ତରଖାନା ଆଣିଥିଲେ। ସେଠାରୁ ମମତାଙ୍କୁ ବୁର୍ଲା ଡାକ୍ତରଖାନା ପଠାଇଦିଆଯାଇଛି। ପୋଲିସ ମୃତଦେହ ଜବତ କରି ଏ ନେଇ ଏକ ମାମଲା ରୁଜୁ କରିଛି।

### ଲିଙ୍ଗଗତ ବୈଧତା ଉପରେ ତାଲିମ ଶିବିର

ଜମନକିରା,୧୧।୧୦ (ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ଜୀବିକା ମିଶନ ଓ ମିଶନ ଶକ୍ତି ପକ୍ଷରୁ ବୁଧବାର ଏକଦିବସୀୟ ଲିଙ୍ଗଗତ ବୈଧତା ଉପରେ ତାଲିମ ଶିବିର ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ପ୍ରସନ୍ନ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆକାଉଣ୍ଟ ଅଫିସର ଋଷଭ ମାଝି ମହିଳାମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ମାନୀୟ ଅତିଥି ଭାବେ ଓଡ଼ିଶା ଜୀବିକା ମିଶନ ଭାଗିଦାରୀ ରାଜ୍ୟସ୍ତରରେ କାର୍ଯ୍ୟରତ ପିସିଏ ନିର୍ଦ୍ଦେଶିକା ବିରଜାଲକ୍ଷ୍ମୀ ଷଡ଼ଙ୍ଗୀ ଲିଙ୍ଗଗତ ବୈଧତା ଉପରେ ବୁଝାଇଥିଲେ। ଜିଲା ସଂଯୋଜିକ ପ୍ରିୟଙ୍କା ସିଂ, କେତକୀ ବେହେରା, ସୁଜାତା ପଣ୍ଡା, ବୈଷୟିକ ସଂଯୋଜିକା ସୁନନ୍ଦା ମହାନ୍ତି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଓଡ଼ିଶା ଜୀବିକା ମିଶନର ଭାରପ୍ରାପ୍ତ ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ସରୋଜ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୋଟ ୪୨ଜଣ ଏମ୍‌ବିକେ ଓ ପ୍ରେରଣା ଦିଦି ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ।

### ୫୦ ମହିଳାଙ୍କୁ ମିଳିଲା ସ୍କୁଟି

ଜମନକିରା,୧୧।୧୦(ରବୀନ୍ଦ୍ର ପ୍ରସାଦ ଦାନି): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମୋ ସ୍କୁଟର ଯୋଜନା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜମନକିରା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର ଓ କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କୁ ସ୍କୁଟି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜମନକିରା ବିଡ଼ିଓ ପ୍ରସନ୍ନ ପଟେଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲିନି ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ଲକ ପ୍ରକଳ୍ପ ସଂଯୋଜକ ଚୂଡ଼ାମଣି ପ୍ରଧାନ ଓ ଭାରପ୍ରାପ୍ତ ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ସରୋଜ ମିଶ୍ର ପରିଚାଳନା କରିଥିଲେ।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଜମନକିରା,୧୧।୧୦(ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ ୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ ସ୍କୁଲର ୧୦୫ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସିଆର୍‌ସିସି ଆନନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଜମିରୁ ଜବରଦଖଲ ହଟାଇଲା ପ୍ରଶାସନ


ଜବରଦଖଲ ଉଚ୍ଛେଦ କରାଯାଉଛି।

ନାକଟିଦେଉଳ,୧୧।୧୦(ବୈକୁଣ୍ଠ ନାଥ ସାହୁ): ଶେଷରେ ନାକଟିଦେଉଳ ତହସିଲ ଅଞ୍ଚଳର ଦୁଇ ଜବରଦଖଲକାରୀଙ୍କୁ ପ୍ରଶାସନ ବୁଧବାର ଉଚ୍ଛେଦ କରିବାରେ ସକ୍ଷମ ହୋଇଛି। ସୂଚନା ଅନୁସାରେ ନାକଟିଦେଉଳ ତହସିଲ ଅନ୍ତର୍ଗତ ଡଇଁଚା ରାଜସ୍ୱ ସର୍କଲ ପାଇକମାଳ ମୌଜାର କେନ୍ଦୁଛକଠାରେ ଥିବା ଏକ ସରକାରୀ ଜମିକୁ ଦିଲୀପ କିସପଟ୍ଟା ଓ ପ୍ରଦୀପ କିସପଟ୍ଟା ଜବରଦଖଲ କରି ସେଠାରେ ଘର ନିର୍ମାଣ କରି ରହିଆସୁଥିଲେ। ଏହାକୁ ଅଞ୍ଚଳବାସୀ ବିରୋଧ କରି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଶିମିଳିପାଳ, ଡଇଁଚା, ଘୋଷରାମାଳ ଓ ଗୋଗୁଆ ପଞ୍ଚାୟତବାସୀଙ୍କ ପାଇଁ ଏହା ମଧ୍ୟସ୍ଥଳୀ ହୋଇଥିବାରୁ ଏଠାରେ ସରକାରୀ କାର୍ଯ୍ୟାଳୟ ସ୍ଥାପନ କରାଯିବାର ସ୍ଥିରୀକୃତ ହୋଇଛି। ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ସମ୍ପୃକ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଉଚ୍ଛେଦ ପାଇଁ ପ୍ରଶାସନ ତାରିଖ ଧାର୍ଯ୍ୟ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଏହା ବାତିଲ କରାଯାଉଥିଲା। ଏପରି କି ଏହି ସରକାରୀ ଜମିକୁ ତାରବାଡ଼ ଦେବା ପାଇଁ ପ୍ରଶାସନ ଅର୍ଥ ମଞ୍ଜୁର ମଧ୍ୟ କରିଛି। ଏହାକୁ ନେଇ ଗତ ସୋମବାର ନାକଟିଦେଉଳରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ବୁଧବାର ପ୍ରଶାସନ ପକ୍ଷରୁ ପୋଲିସ ଉପସ୍ଥିତିରେ ଜବରଦଖଲକାରୀଙ୍କ ଘର ଜେସିବି ସାହାଯ୍ୟରେ ଭାଙ୍ଗି ସେମାନଙ୍କୁ ଉଚ୍ଛେଦ କରାଯାଇଛି। ରେଢାଖୋଲର ଆସିଷ୍ଟାଣ୍ଟ କଲେକ୍ଟର ଅଜିତ କୁମାର ଦେହୁରି ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିବାବେଳେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ଥିଲେ।

# କଲ୍ୟାଣମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ


ପୂର୍ବତନ ରାଜ୍ୟସଭା ସଦସ୍ୟ କଲ୍ୟାଣମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ରେଢ଼ାଖୋଲ,୧୧।୧୦(ଅଚ୍ୟୁତାନନ୍ଦ ପୁରୋହିତ): ରେଢ଼ାଖୋଲ ଏନ୍‌ଏସି ୱାର୍ଡ ନଂ୯ ଗଣେଶନଗରଠାରେ ବୁଧବାର ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ନୂତନ କଲ୍ୟାଣମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସାଂସଦ ପାଣ୍ଠିରୁ ପ୍ରଦତ୍ତ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମାଣ ହେବ। ଏଥିସହିତ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସାଂସଦ ପାଣ୍ଠିରୁ ପ୍ରଦତ୍ତ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଭୋଗମଣ୍ଡପର ଉଦ୍‌ଘାଟନ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷ ଶିବରାମ ସାହୁ, ଉପାଧକ୍ଷା ଅନସୂୟା ପ୍ରଧାନ, କାଉନସିଲର ତପସ୍ୱିନୀ ମହାକୁଡ, ସୁଧାଂଶୁ ଅମାତ, ରଶ୍ମିରଞ୍ଜନ ଭଞ୍ଜ, ଅମରେଶ ନାୟକ, ଦେବୋତ୍ତର ବୋର୍ଡ ସଭାପତି ଅରୁଣ ପ୍ରଧାନ, ପୂର୍ବତନ କାଉନସିଲର ରାଜୀବ ଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ପୂର୍ବତନ ସାଂସଦ ଆଚାର୍ଯ୍ୟ ରେଢାଖୋଲ ଓକିଲ ସଂଘ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସଂଘ ସଭାପତି ଅଭୟ କୁମାର ବୀର, ଓକିଲ ବିମଳ ପ୍ରଧାନ, ଗଣେଶ୍ୱର ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ

## ମହିଳା ଏସ୍‌ଏଚ୍‌ଜି ପାଇଁ ୩.୬୨ କୋଟି ଟଙ୍କା ଋଣ ଛାଡ



ଜିଲାପାଳ ପତାକା ଦେଖାଇ ସ୍କୁଟର ଯୋଜନା ଆରମ୍ଭ କରୁଛନ୍ତି ।

ସମ୍ବଲପୁର,୧୧।୧୦(ବି.ଶଙ୍କର): ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହିକ୍ରମରେ ସମ୍ବଲପୁର ଜିଲା ମୁଖ୍ୟାଳୟରେ ଜିଲାପାଳ ଅନନ୍ୟା ଦାସ ପତାକା ଦେଖାଇ ଏହି ଯୋଜନା ଆରମ୍ଭ କରିଛନ୍ତି। ଜିଲାର ୨୭୪ ଜଣଙ୍କୁ ସ୍କୁଟର ପ୍ରଦାନ କରାଯାଇଛି। ଜିଲାପାଳ କାର୍ଯ୍ୟାଳୟର ଓସ୍ୱାନ ହଲଠାରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଜିଲାପାଳ ଦାସ, ଜିଲାପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସଦର ଉପଜିଲାପାଳ ପ୍ରଭାସ ଦନସେନା, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡ୍ଡୁ, ଡିପିସି ମିଶନ ଶକ୍ତିଭାରତୀ ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨.୫ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ୧୫୦ କୋଟି ଟଙ୍କାର ସୁଧରାଶି ଛାଡ କରାଯିବ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାର ମହିଳା ଏସ୍‌ଏଚ୍‌ଜି ପାଇଁ ୩.୬୨ କୋଟି ଟଙ୍କା ଋଣ ଛାଡ କରାଯାଇଛି। ମିଶନ ଶକ୍ତି ମା'ମାନଙ୍କୁ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଇଛି।

# ଡାକବିଭାଗ ପକ୍ଷରୁ ଫିଲାଟେଲିକ ଦିବସ



ସମ୍ବଲପୁର,୧୧।୧୦(ବି.ଶଙ୍କର): ସମ୍ବଲପୁର ଡାକ ଅଧୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଫିଲାଟେଲିକ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁମିତା ପତ୍ରୀ ସଭାପତିତ୍ୱ କରିଥିଲେ। ଡାକ ଅଧୀକ୍ଷକ ବିପିନ ବିହାରୀ ନେଗୀ, ସହକାରୀ ଅଧୀକ୍ଷକ ସମିତ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଫିଲାଟେଲିଷ୍ଟ ଅନୀଲ କୁମାର ସାହୁ ଯୋଗଦେଇ ଡାକଟିକଟ ସଂଗ୍ରହର ବିଭିନ୍ନ ଦିଗ ଓ ତାହାର ଉପକାରିତା ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟ ଦାଶ ପରିଚାଳନା କରିଥିବା ବେଳେ ପବ୍ଲିକ ରିଲେଶନ ଅଫିସର ଅରୁଣ କୁମାର ଲାଟା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୫୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଫିଲାଟେଲିକ କ୍ଲବ ଗଠନ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଫିଲାଟେଲିକ ଉପରେ ଏକ କର୍ମଶାଳା ଓ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବନ୍ୟା ଆଶ୍ରୟସ୍ଥଳୀରେ ଆଲୋଚନାଚକ୍ର

ସମ୍ବଲପୁର,୧୧।୧୦(ବି.ଶଙ୍କର): ସମ୍ବଲପୁର ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ କନ୍ୟା ଶିଶୁ ଦିବସ ଅବସରରେ ବିନାଖଣ୍ଡିସ୍ଥିତ ବନ୍ୟା ଆଶ୍ରୟ ସ୍ଥଳୀଠାରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କିଶୋରୀ ବାଳିକାମାନଙ୍କୁ ନେଇ ଆଲୋଚନା ଚକ୍ର ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପାଞ୍ଜଳି ମହାପାତ୍ର, ରିତା ମିଶ୍ର, ପ୍ରୋଗ୍ରାମ ଅଫିସର ସବିତା ଦାସ, ସଖି ସେଣ୍ଟର ମୌସୁମୀ ଦୋରା ପ୍ରମୁଖ ଯୋଗଦେଇ ବାଳିକାମାନଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସୁନିତା ତ୍ରିପାଠୀ ପରିଚଳନା କରିଥିଲେ। ସିଡିପିଓ ସମ୍ବଲପୁର ମୀନତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ ଦେଇଥିଲେ ।

# ଭୁଜାଲିରେ ଆକ୍ରମଣ: ୩ ଗିରଫ


ଗିରଫ ୩ ଅଭିଯୁକ୍ତ।

କୁଚିଣ୍ଡା,୧୧।୧୦(ବିରଞ୍ଚି ଦର୍ଶୀ): କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୭ର କବାଡି ବ୍ୟବସାୟୀଙ୍କୁ ଭୁଜାଲିରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ବୁଧବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଚିଣ୍ଡାର ରିଙ୍କୁ ସୋନି ଓରଫ ମୁଷା, ପ୍ରଦୀପ ଗୁପ୍ତା ଓ ସୁବାସ ନାଏକ। କବାଡି ବ୍ୟବସାୟୀ ସେକ ଶ୍ୟାମସୁଦ୍ଦିନଙ୍କ ରିପୋର୍ଟ ଆଧାରରେ ପୋଲିସ କୁଚିଣ୍ଡା ଥାନାରେ ଧାରା ୪୫୨/୩୮୭/୩୦୭/୫୦୬/୩୪ ଆଇପିସି ୨୫ଆର୍ମ୍ସ ଆକ୍ଟରେ ମାମଲା (ନଂ.୨୦୪/୨୩) ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କୁ ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନେ ଜେଲ ହାଜତରେ ଅଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ଅଭିଯୁକ୍ତ ମୁଷା କବାଡି ବ୍ୟବସାୟୀ ସେକ ଶ୍ୟାମସୁଦ୍ଦିନଙ୍କ ପାଖକୁ ଯାଇ ଦାଦାବଟି ମାଗିଥିଲେ। ହେଲେ ସେ ମନା କରିଥିଲେ। ପରେ ରାତି ୧୦ଟା ସମୟରେ ମୁଷା ଓ ଗିରଫ ଅନ୍ୟ ଦୁଇ ଅଭିଯୁକ୍ତ ୱାର୍ଡ ନଂ.୭ସ୍ଥିତ କବାଡି ଗୋଦାମକୁ ଯାଇ ଭୁଜାଲି ଦ୍ୱାରା ସେଠାରେ କାମକରୁଥିବା ଶ୍ରମିକଙ୍କୁ ଆକ୍ରମଣ କରିଥିଲେ। ଫଳରେ ଶ୍ରମିକମାନେ ଗୁରୁତର ହୋଇ କୁଚିଣ୍ଡା ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

# ହୀରାଖଣ୍ଡ ନାଗରିକ ସାମ୍ମୁଖ୍ୟର ସାଧାରଣ ପରିଷଦ ବୈଠକ



ହୀରାଖଣ୍ଡ ସାମ୍ମୁଖ୍ୟର ବୈଠକ।

ସମ୍ବଲପୁର,୧୧।୧୦(ବି.ଶଙ୍କର)

ହୀରାଖଣ୍ଡ ନାଗରିକ ସାମ୍ମୁଖ୍ୟର ସାଧାରଣ ପରିଷଦ ବୈଠକ ବୁଧବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ରାମାନୁଜ ପଣ୍ଡା, ଅଖିଳ ରଞ୍ଜନ ପଟ୍ଟନାୟକ ଓ ଦୀପକ କୁମାର ପଣ୍ଡା ଉପସଭାପତି, ଦୀନବନ୍ଧୁ ପଣ୍ଡା ସମ୍ପାଦକ, ସ୍ୱାଧୀନ ପଣ୍ଡା ଓ ତର୍ପନ କୁମାର ପ୍ରଧାନ ଯୁଗ୍ମ ସମ୍ପାଦକ, ଲଳିତ ବେବର୍ତ୍ତା କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଶାନ୍ତ କୁମାର ପାଢ଼ଯୋଶୀ ଓ ଦିଲୀପ କୁମାର ବଘାର ନିର୍ବାଚନ ପରିଚାଳନା କରିଥିଲେ। ବିଦାୟୀ ସଭାପତି ଡ. ପରେଶ ଚନ୍ଦ୍ର ଦାନି ସଭାରେ ଅଧକ୍ଷତା କରି ବିବରଣୀ ଉପସ୍ଥାପନ କରିଥିଲେ। ପରାମର୍ଶଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ଡ. ଶ୍ୟାମସୁନ୍ଦର ଧର, ରାଜେନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ହୋତା, ନାଟୁ ଗୋପାଳ, ବୋଧରାମ ଦାଶ ଉପସ୍ଥିତ ରହି ସାମ୍ମୁଖ୍ୟର ଆଗାମୀ ଯୋଜନା ବିଷୟରେ ଆଲୋଚନା କରିଥିଲେ ।

# ପଲ୍ଲିଶ୍ରୀ ମେଳା-୨୦୨୩ ପ୍ରସ୍ତୁତି ବୈଠକ


ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ପଲ୍ଲିଶ୍ରୀ ପ୍ରସ୍ତୁତି ବୈଠକ ।

ସମ୍ବଲପୁର,୧୧।୧୦(ବି.ଶଙ୍କର)

ସମ୍ବଲପୁର ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ବୁଧବାର ପଲ୍ଲିଶ୍ରୀ ମେଳା-୨୦୨୩ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଅଧକ୍ଷତା କରିଥିଲେ। ପଲ୍ଲିଶ୍ରୀ ମେଳା ଆସନ୍ତା ଡିସେମ୍ବର ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ପିଏଚ୍‌ଡି ପଡିଆରେ ହେବ। ମେଳାରେ ମୋଟ ୧୮୦ ଷ୍ଟଲ ରହିବ। କିପରି ଏହାକୁ ସଫଳତାର ସହ ଆୟୋଜନ କରାଯିବ ସେ ନେଇ ବିଭିନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ସମ୍ପୃକ୍ତ ବିଭାଗ ସୂଚାରୁଭାବେ କାର୍ଯ୍ୟ ସମ୍ପାଦନ କରିବା ଲାଗି ଅତିରିକ୍ତ ଜିଲାପାଳ ମହାନ୍ତି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ସ୍ଥିର ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଓର୍‌ମାସ ଡେପୁଟି ସିଇଓ ଶ୍ରୀମନ୍ତ ହୋତା, ମୁଖ୍ୟ ଜିଲା କୃଷି ଅଧିକାରୀ ଗୌରୀ ଶଙ୍କର ସିଂ, ଆସିଷ୍ଟାଣ୍ଟ ଫାୟାର ଅଫିସର ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜୟପ୍ରକାଶ ନାରାୟଣ, ବାଜି ରାଉତଙ୍କ ବଳିଦାନ ଦିବସ

କୁଚିଣ୍ଡା,୧୧।୧୦(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ଆଦିବାସୀ ଭବନଠାରେ ବୁଧବାର ସମଲେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ଜୟପ୍ରକାଶ ନାରାୟଣ ଓ ବାଜି ରାଉତଙ୍କ ବଳିଦାନ ଦିବସ ସାଙ୍ଗକୁ ବିଶ୍ୱ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ବୃନ୍ଦାବନ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଛତିଶଗଡ ହାଇକୋର୍ଟର ଆଇନଜୀବୀ ପ୍ରକାଶ ମାଝି, ପୂର୍ବତନ ବ୍ଲକ ଅଧକ୍ଷ କରୁଣାକର କିଷାନ, ଆଦିବାସୀ ସାଂସ୍କୃତିକ ପରିଷଦର ଉପସଭାପତି ରମେଶ କିଷାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜନନାୟକ ଜୟପ୍ରକାଶ ନାରାୟଣ ଏବଂ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ନୀତି ଆଦର୍ଶକୁ ଅନୁସରଣ କରିବାକୁ ଅତିଥିଗଣ କହିଥିଲେ। ଏଥିସହ ମହିଳା ଓ ପୁରୁଷଙ୍କ ମଧ୍ୟରେ ଥିବା ପ୍ରଭେଦ ଦୂର କଲେ ହିଁ କନ୍ୟା ସନ୍ତାନ ଦିବସର ମହତ୍ତ୍ୱ ପ୍ରତିପାଦିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପରିଷଦର କୋଷାଧକ୍ଷ ରଶ୍ମିକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।

# ସୁରଭି ଶିଶୁଙ୍କ ପ୍ରତିଭା ବିକାଶର ଉତ୍ତମ ମାଧ୍ୟମ

ଜମନକିରା,୧୧।୧୦(ରବୀନ୍ଦ୍ର ପ୍ରସାଦ ଦାନି)


ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ସେବାଶ୍ରମ ସ୍କୁଲରେ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତୀର୍ଥରାଜ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ବିକାଶର ଉତ୍ତମ ମାଧ୍ୟମ ସୁରଭି ବୋଲି କହିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଜ୍ୟୋତିର୍ମୟୀ ଜ୍ୟୋସ୍ନା ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନସିକ, ବୌଦ୍ଧିକ, ଶାରୀରିକ ବିକାଶ ହେଲେ ଶିଶୁ ପୂର୍ଣ୍ଣାଙ୍ଗ ହୋଇପାରିବ ବୋଲି କହିଥିଲେ। ହେମକନ୍ତି ଗଡତିଆ, ତପସ୍ୱିନୀ ପଟେଲ, ବିଦ୍ୟାଧର ନାଏକ, ସିଆର୍‌ସିସି ସଦାଶିବ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ ମୁଖ୍ୟଅତିଥି, ପ୍ରଧାନ ଶିକ୍ଷକ ଜଗତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହକାରୀ ଶିକ୍ଷକ କାହ୍ନୁଚରଣ ଦାଶ, ଶ୍ୟାମସୁନ୍ଦର ଭୋଇ, ଉର୍ମିଳା ସିଂ ମହାପାତ୍ର ଏବଂ ଜ୍ୟୋତି କିଷାନ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମା’ ଝିଅ ଉଦ୍ଧାର ଘଟଣାରେ ଏନ୍ଏଚ୍ଆର୍ସିଙ୍କ ରିପୋର୍ଟ ତଲବ

ସୁନ୍ଦରଗଡ଼,୧୧।୧୦ (ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଇବ୍ନଦୀ ପୋଲ ଉପରେ ଶୁକ୍ରବାର ବିବସ୍ତ୍ର ହୋଇ ଚାଲିଚାଲି ଯାଉଥିବା ମା’ ଝିଅଙ୍କୁ ଉଦ୍ଧାର କରାଯିବା ଘଟଣାରେ ଜାତୀୟ ମାନବାଧିକାର କମିଶନ( ଏନ୍ଏଚ୍ଆର୍ସି) ଜିଲାପାଳ ଓ ଏସ୍ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୪ଦିନ ମଧ୍ୟରେ ଏହି ରିପୋର୍ଟ ଦାଖଲ କରିବା ପାଇଁ ସେ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ନିଜ ଘର ଛତିଶଗଡ଼ ତୁମଲା ଥାନା ଅନ୍ତର୍ଗତ ଖାରିବାହାଲ ଗ୍ରାମକୁ ଫେରିଛନ୍ତି ଉଭୟ ମା’ ଝିଅ। ଜିଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ, ସଦର ଏସ୍ଡିପିଓ ହିମାଂଶୁ ବେହେରା, ଆସ୍ଥା ଗୃହ ସମ୍ପାଦିକା ସ୍ନେହଲତା ପଟେଲଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଝିଅ ହେବାରୁ ଡାକ୍ତରଖାନାରେ ଛାଡ଼ି ପଳାଇଲେ ବାପା

ଚାନ୍ଦବାଲି,୧୧।୧୦ (କିଷୋର ପାତ୍ର): ସମାଜରେ ଏବେ ବି କେତେଜଣ ଲୋକ ଝିଅକୁ ଅଲୋଡ଼ା ଭାବୁଛନ୍ତି। ଝିଅ ଜନ୍ମ ନେଇ ଖୁସି ହୋଇପାରୁନାହାନ୍ତି। ଏମିତି ଏକ ଅଭାବନୀୟ ଘଟଣା ଭଦ୍ରକ ଜିଲା ଚାନ୍ଦବାଲିରେ ଘଟିଛି। ମତୋ ମାଳବାଡ଼ ଅଞ୍ଚଳର ମୋହନ ସାହୁ ଓ ଅନିମା ସାହୁଙ୍କ ପୂର୍ବରୁ ୧୦ ବର୍ଷର ଝିଅଟିଏ ଥିଲା। ଦ୍ୱିତୀୟ ସନ୍ତାନ ପୁଅ ହେବ ବୋଲି ଆଶା ରଖିଥିଲେ। କିନ୍ତୁ ମଙ୍ଗଳବାର ଦ୍ୱିତୀୟ ଝିଅ ଜନ୍ମହେବା ପରେ ଅସନ୍ତୋଷ ପ୍ରକାଶକରି ମା’ ଝିଅଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ି ମୋହନ ଘରକୁ ପଳାଇ ଆସିଥିଲେ। ଦୀର୍ଘ ସମୟ ମେଡିକାଲରେ ରହିବା ପରେ ମା’ ଝିଅଙ୍କୁ ଡିସ୍ଚାର୍ଜ କରାଯାଇଥିଲା। ଅନିମା ଆଶାକର୍ମୀଙ୍କ ସହାୟତାରେ ବାପଘରକୁ ଫେରିଥିଲେ।

### କଲେଜ ପିଲା ଶୁଣିବେ ହକିର ସଫଳତା

ଭୁବନେଶ୍ୱର, ୧୧।୧୦(ଅସମାପିକା ସାହୁ): କଲେଜ ଛାତ୍ରୀଛାତ୍ର ଭାରତୀୟ ହକିର ଗୌରବମୟ ଇତିହାସ ଓ ସଫଳତାର ଗାଥା ଶୁଣିବେ। ପ୍ରତି ସୋମବାର କଲେଜରେ ପିଲାଙ୍କୁ ଏକାଠି କରି ଏହି ବାର୍ତ୍ତା ଦିଆଯିବ। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସବୁ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଜାତୀୟ ହକି ଦଳର ପୁନରୁତ୍ଥାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭୂମିକା ବିଷୟରେ ଛାତ୍ରୀଛାତ୍ର ଜାଣିବେ। ଓଡ଼ିଶା ପ୍ରାୟୋଜକ ହେବା ପରେ କିପରି ଭାରତୀୟ ହକି ଦଳର ପ୍ରଦର୍ଶନରେ ଉନ୍ନତି ଆସିଛି ସେ ବିଷୟରେ ମଧ୍ୟ କୁହାଯିବ। କଲେଜରେ ପଢ଼ାଯିବାକୁ ଥିବା ଦୁଇ ପୃଷ୍ଠା ସମ୍ବଳିତ ବାର୍ତ୍ତାକୁ ବି ଉଚ୍ଚ ଶିକ୍ଷା ବିଭାଗ ପ୍ରସ୍ତୁତ କରି କଲେଜ ଅଧ୍ୟକ୍ଷମାନଙ୍କୁ ପଠାଇଥିବା ସୂଚନା ମିଳିଛି। ଏଥିସହ କ୍ୟାମ୍ପସରେ ହକି ସଫଳତା ସମ୍ବଳିତ ବ୍ୟାନର ଲଗାଯିବ। ଖାଲି ସେତିକି ନୁହେଁ, ପିଲାଙ୍କୁ ଏହି ଅବସରରେ ଚକୋଲେଟ୍ କିମ୍ବା ମିଠା ବଣ୍ଟିବାକୁ ମଧ୍ୟ ଚିଠିରେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ସୋମବାର ସବୁ ସ୍କୁଲରେ ପ୍ରାର୍ଥନା ସଭାରେ ହକିର ଏସିଆଡ୍ ସଫଳତାକୁ ଛାତ୍ରୀଛାତ୍ର ଶୁଣିଥିଲେ।

# ‘କେଟିବି– ଭାରତ ହୈ ହମ୍’ର ଟ୍ରେଲର ମୁକ୍ତିଲାଭ

- ୧୯ ଭାଷାରେ ପ୍ରସାରିତ ହେବ
- ଦୂରଦର୍ଶନ, ନେଟ୍ଫ୍ଲିକ୍ସ, ଆମାଜନ ପ୍ରାଇମ୍ରେ ଦେଖିପାରିବେ ଦର୍ଶକ

ଭୁବନେଶ୍ୱର,୧୧।୧୦ (ଅନୁରାଧା ମହାରଣା)



କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ‘କେଟିବି– ଭାରତ ହୈ ହମ୍’ର ଟ୍ରେଲର ଉନ୍ମୋଚନ କରୁଛନ୍ତି।




କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଏକ ଆନିମେଟେଡ୍ ସିରିଜ୍ କ୍ରିସ୍, ତ୍ରିସ୍ ଆଣ୍ଡ ବାଲ୍ଟିବୟ (କେଟିବି) – ଭାରତ ହୈ ହମ୍ର ଟ୍ରେଲର୍ ଲଞ୍ଚ କରିଛନ୍ତି। କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, କେନ୍ଦ୍ରୀୟ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଗ୍ରାଫିଟି ଷ୍ଟୁଡିଓ ଦ୍ୱାରା ପ୍ରସ୍ତୁତ ଏହି ସିରିଜ୍ରେ ୨ଟି ସିଜନ୍ ରହିଛି। ଏହି ସିରିଜରେ ମୋଟ୍ ୫୨ଟି ଏପିସୋଡ୍ ରହିଥିବାବେଳେ ପ୍ରତି ଏପିସୋଡର ସମୟ ଅବଧି ୧୧ ମିନିଟ୍ ରହିଛି। ୧୫୦୦ରୁ ୧୯୪୭ ମସିହା ମଧ୍ୟରେ ଭାରତର ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଏହି ସିରିଜରେ ବର୍ଣ୍ଣନା କରାଯାଇଛି। ୩ ଆନିମେଟେଡ ଚରିତ୍ର କ୍ରିସ୍, ତ୍ରିସ୍ ଏବଂ ବାଲ୍ଟିବୟ ଦ୍ୱାରା ସିରିଜ୍ ହୋଷ୍ଟ କରାଯାଇଛି। ମୁଞ୍ଜାଲ ଶ୍ରଫ୍ ଏବଂ ତିଳକରାଜ୍ ସେଟ୍ଟୀଙ୍କ ଦ୍ୱାରା ସିରିଜଟି ପ୍ରସ୍ତୁତ। ଦୂରଦର୍ଶନରେ ଅକ୍ଟୋବର ୧୫ ରୁ ୨୦୨୪ ଜାନୁୟାରୀ ୭ରେ ପ୍ରଥମ ସିଜନ୍ ପ୍ରସାରିତ ହେବ। ସେହିପରି ଜାନୁୟାରୀ ୨୮ରୁ ଏପ୍ରିଲ ୨୧ରେ ଦ୍ୱିତୀୟ ସିଜନ୍ ପ୍ରସାରିତ ହେବ। ନେଟ୍ଫ୍ଲିକ୍ସ ଓ ଆମାଜନ ପ୍ରାଇମ୍ ଭିଡିଓରେ ଅକ୍ଟୋବର ୧୫ରେ ପ୍ରଥମ ସିଜନ୍ ଏବଂ ୨୦୨୪ ଜାନୁୟାରୀ ୨୮ରେ ଦ୍ୱିତୀୟ ସିଜନ୍ ପ୍ରସାରିତ ହେବ। ମୂଳ ସ୍କ୍ରିପ୍ଟ ହିନ୍ଦୀ ହୋଇଥିବାବେଳେ ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲମ୍, ମରାଠୀ, ଗୁଜରାଟୀ, ପଞ୍ଜାବୀ, ବଙ୍ଗାଳି, ଅହମୀୟା, ଓଡ଼ିଆ ଓ ଇଂରାଜୀ ଆଦି ୧୨ଟି ଭାଷାରେ ଏହା ପ୍ରସ୍ତୁତ କରାଯାଇଛି। ଅନ୍ୟପଟେ ଅନ୍ତର୍ଜାତୀୟ ଭାଷା ଫ୍ରେଞ୍ଚ, ସ୍ପାନିସ୍, ରୁଷିଆନ୍, ଆରାବିକ, ଚାଇନିଜ୍, ଜାପାନିଜ୍ ଓ କୋରିଆନ୍ ଭାଷାରେ ମଧ୍ୟ ଏହା ଉପଲବ୍ଧ ହେବ। ଏହିପରି ମୋଟ୍ ୧୯ ଭାଷାରେ ସିରିଜ ମୁକ୍ତିଲାଭ କରିବ।

ସିରିଜ୍ର ଟ୍ରେଲର ଲଞ୍ଚ କାର୍ଯ୍ୟକ୍ରମରେ ମନ୍ତ୍ରୀ ଠାକୁର କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ଅନେକ ବୀରଙ୍କ ଅବଦାନ ବିଷୟରେ ଯୁବପିଢ଼ି ଜାଣନ୍ତି ନାହିଁ। ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଅନେକଙ୍କ ବିଷୟରେ ସବିଶେଷ ତଥ୍ୟ ନାହିଁ। ତେଣୁ ସେମାନଙ୍କ ସମ୍ପର୍କରେ ଜାଣିବା ପାଇଁ ଏହା ଯୁବପିଢ଼ିଙ୍କ ନିମନ୍ତେ ସହାୟକ ହେବ ବୋଲି ସେ କହିଛନ୍ତି। ସେହିପରି ଆଧୁନିକ ଭାରତରେ ଲୋକଙ୍କ କ’ଣ ଭୂମିକା ରହିଥିଲା ସେ ସମ୍ପର୍କରେ ମଧ୍ୟ ଆଗାମୀ ପିଢ଼ି ଜାଣିପାରିବେ। ସେହିପରି ବିଦେଶୀ ଶାସକଙ୍କ ବିରୋଧରେ ଆଦିବାସୀ ମହିଳାଙ୍କ ଅବଦାନ କ’ଣ ରହିଥିଲା ସେ ସମ୍ପର୍କରେ ପୂର୍ବରୁ ଏତେ ଆଲୋଚନା ହୋଇ ନ ଥିବାବେଳେ ଏହି ସିରିଜ୍ରେ ତାହା ଦେଖିବାକୁ ମିଳିବ। ଏକାଧିକ ଭାଷାରେ ମୁକ୍ତିଲାଭ କରୁଥିବାରୁ ସମଗ୍ର ବିଶ୍ୱବାସୀ ଏ ବିଷୟରେ ଜାଣିପାରିବେ ବୋଲି ଠାକୁର ଆଶା ପ୍ରକାଶ କରିଛନ୍ତି। ଅନ୍ୟପଟେ ଆଗାମୀ ଅଧିବେଶନରେ ସମସ୍ତ ସାଂସଦଙ୍କୁ ଏହି ସିରିଜ ପ୍ରଦର୍ଶିତ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ପ୍ରଥମଥର ଏପରି ଆନିମେଟେଡ୍ ସିରିଜ ଲଞ୍ଚ କରାଯାଇଥିବା ବିଭାଗୀୟ ସଚିବ ଅପୂର୍ବ ଚନ୍ଦ୍ର ସୂଚନା ଦେଇଛନ୍ତି। ଆନିମେଟେଡ୍ ସିରିଜ ଗୁଡ଼ିକରେ ସାଧାରଣତଃ ୨୫ରୁ ୩୦ ଚରିତ୍ର ସହ ୪୦ ବ୍ୟାକଗ୍ରାଉଣ୍ଡ ରହିଥାଏ। ମାତ୍ର କେଟିବି– ଭାରତ ହେଁ ହମରେ ୧୦୦ ପାଖାପାଖି ଚରିତ୍ର ଏବଂ ପ୍ରାୟ ୫୦ଟି ବ୍ୟାକ୍ଗ୍ରାଉଣ୍ଡ ରହିଛି। ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ, ପଞ୍ଜାବ କେରଳଠାରୁ ଆରମ୍ଭ କରି ଦେଶର ଅନ୍ୟାନ୍ୟ ସ୍ଥାନର ଚିତ୍ରଣ କରାଯାଇଛି। ରାଣୀ ଆବାକ୍କା, ତିଲକା ମାଞ୍ଝୀ, ତିରୋତ୍ ସିଂହ, ତାନ୍ତିଆ ଟୋପେ, କୋଟୱାଲ ଧାନ୍ସିଂହ, କୁନ୍ୱର ସିଂହ, ରାଣୀ ଚେନ୍ନାମା, ଟିକେନ୍ଦ୍ରଜିତ୍ ସିଂହଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି।

# ଆଜି ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ



ମାଲକାନଗିରି ଷ୍ଟାଡିୟମ୍ରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଦଳୀୟ କର୍ମକର୍ତ୍ତାମାନେ କାର୍ଯ୍ୟ ତଦାରଖ କରୁଛନ୍ତି।

ମାଲକାନଗିରି,୧୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ଲକ୍ଷ୍ମୀ ବସ୍ ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ମାଲକାନଗିରି ଜିଲାରୁ ଶୁଭାରମ୍ଭ କରିବେ। ଏହାକୁ ନେଇ ଜିଲାରେ ବ୍ୟାପକ ପ୍ରସ୍ତୁତି ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳିଛି। ମାଲକାନଗିରି ସହରରେ ଥିବା ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବାରୁ ସେଠାରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୧୧ଟା ୩୫ ମିନିଟ୍ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୨ଟା ୨୦ ରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। ବସ୍ ସେବା ଉଦ୍ଘାଟନ ପରେ ମୁଖ୍ୟମନ୍ତ୍ରୀ ବସ୍ରେ ଷ୍ଟାଡିୟମଠାରୁ ଏମ୍ଭି ୩ରେ ଥିବା ବିଏସ୍ଏଫ୍ କ୍ୟାମ୍ପ ପର୍ଯ୍ୟନ୍ତ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି।

ସୁରକ୍ଷା ଦୃଷ୍ଟିରୁ ଅନେକ ପଦକ୍ଷେପ ନିଆଯାଇଥିବା ବେଳେ ଜିଲାର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ଏହି ଯୋଜନାର ଠିକ୍ କାର୍ଯ୍ୟକାରିତା ପାଇଁ ସମସ୍ତ ବସ୍ର ଗତିପଥ ନିର୍ଦ୍ଧାରଣ କରାଯାଇଛି। ଏହାସହ ଲକ୍ଷ୍ମୀ ବସ୍ ନିମନ୍ତେ ଜିଲାର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବସ୍ ଷ୍ଟପ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ଜିଲା ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଦେଖିବାକୁ ମିଳିଛି।

ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମାଲକାନଗିରିରେ ପହଞ୍ଚି ସମସ୍ତ କାର୍ଯ୍ୟର ତଦାରଖ କରିଛନ୍ତି। ଦାସ ଜିଲାରେ ପହଞ୍ଚି ଦଳୀୟ ନେତୃମଣ୍ଡଳୀଙ୍କ ସହ କାର୍ଯ୍ୟକ୍ରମ ସ୍ଥାନରେ ସମୀକ୍ଷା ବୈଠକ କରିଛନ୍ତି। ବସ୍ ସେବାର ଶୁଭାରମ୍ଭ ନେଇ ଜିଲାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ୧୪ ସୁଦ୍ଧା ଶିକ୍ଷକଙ୍କ ତାଲିକା ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୧୦ (ଅସମାପିକା ସାହୁ)

ଉଚ୍ଚମାଧ୍ୟମିକଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବା ଦ୍ୱାଦଶ ପରୀକ୍ଷା ୨୦୨୪ ଫେବୃୟାରୀ ୧୪ରୁ ଆରମ୍ଭ ହେବ। ପରୀକ୍ଷା ପରିଚାଳନା ପାଇଁ ପରିଷଦ ପକ୍ଷରୁ ଶିକ୍ଷକଙ୍କ ତାଲିକା ମଗାଯାଇଥିଲା। ଠିକ୍ ସମୟରେ ଏସ୍ଆଇପି ତଥ୍ୟ ନ ଦେଲେ ଶିକ୍ଷାନୁଷ୍ଠାନକୁ ଆଡ୍ମିଟ୍ କାର୍ଡ ଦିଆଯିବ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଶିକ୍ଷକଙ୍କ ତାଲିକା ବା ଷ୍ଟାଫ୍ ଇନ୍ ପୋଜିସନ(ଏସ୍ଆଇପି) ମିଳି ନ ଥିବା ପରିଷଦ କହିଛି। ତେଣୁ ଆସନ୍ତା ୧୪ ତାରିଖ ମଧ୍ୟରେ ଏହି ତାଲିକା ଦେବା ପାଇଁ ପରିଷଦ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି।

ସୂଚନାଯୋଗ୍ୟ, ଯୁକ୍ତ୨ ଦ୍ୱିତୀୟ ବର୍ଷ ଥିଓରି ପରୀକ୍ଷା ଆସନ୍ତା ଫେବୃୟାରୀ ୧୪ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଚାଲିବ। ଏପ୍ରିଲ ଶେଷ ସପ୍ତାହ କିମ୍ବା ମେ ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ। ସେହିପରି ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରୁ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ଥିଓରି ପରୀକ୍ଷାର ଗୋଟିଏ ମାସ ପୂର୍ବରୁ ୨୦୨୪ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଦ୍ୱିତୀୟ ବର୍ଷ ରେଗୁଲାର ଛାତ୍ରୀଛାତ୍ରଙ୍କ ଅନଲାଇନ୍ ଫର୍ମ ପୂରଣ ଆସନ୍ତା ନଭେମ୍ବର ୧୦ରୁ ଆରମ୍ଭ ହୋଇ ୨୫ରେ ଶେଷ ହେବ।

# ନଦୀରେ ବୁଡ଼ି ୨ ଯୁବକଙ୍କ ମୃତ୍ୟୁ

ଧର୍ମଶାଳା/କାଏମା,୧୧।୧୦ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ଘାଟ ନିକଟରେ ବୁଧବାର ବୁଡ଼ିଯାଇ ୨ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ସ୍ଥାନୀୟ କୁମାରୀ ଗ୍ରାମର ରବୀନ୍ଦ୍ର ମହାରଣାଙ୍କ ପୁଅ ସୌମ୍ୟରଞ୍ଜନ ମହାରଣା(୧୮) ଓ ଏହି ଥାନା ଦେଓଦା ଗ୍ରାମର ପରମାନନ୍ଦ ରଣାଙ୍କ ପୁଅ ଗୋବିନ୍ଦ ରଣା(୨୧) ବୋଲି ସୂଚନା ମିଳିଛି। ଉଭୟେ ଜାରକା ବଜାରରେ ଥିବା ଏକ ଲୁଗା ଦୋକାନରେ କାମ କରୁଥିଲେ। ମଧ୍ୟାହ୍ନରେ ୪ଜଣ ସାଙ୍ଗହୋଇ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ୨ଜଣ ଗାଧୋଇ ଚାଲିଆସିବା ପରେ ସୌମ୍ୟ ଓ ଗୋବିନ୍ଦ ନଦୀରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ନଦୀରୁ ଉଦ୍ଧାରକରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଯୁବକମାନଙ୍କ ଏଭଳି ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଟ୍ରକ୍ ପଛରେ ପିଟିଲା ଆମ୍ବୁଲାନ୍ସ, ୨ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

କେନ୍ଦୁଝର,୧୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଜୀବନରେଖା କୁହାଯାଉଥିବା ଜାତୀୟ ରାଜପଥ ୨୦ ଏବେ ମୃତ୍ୟୁରେଖା ପାଲଟିଛି। ରାସ୍ତାରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ମଙ୍ଗଳବାର ରାତିରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଆନନ୍ଦପୁର ଅଞ୍ଚଳର ଡ୍ରାଇଭର ଚନ୍ଦ୍ରସେନ ବିନ୍ଧାଣି(୩୦) ଓ ପାଟଣା ଅଞ୍ଚଳର ଶରତ ମହାନ୍ତ(୨୫) ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଓଏମ୍ବିଏଡିସି(ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ)ର ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଛାଡ଼ି ଫେରୁଥିଲା। ରାତି ସାଢ଼େ ୩ଟା ସମୟରେ ଘଟଗାଁ ଥାନା ପିପିଳିଆ ଜାତୀୟ ରାଜପଥ ନିକଟରେ ଟ୍ରକ୍କୁ ଅତିକ୍ରମ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଆମ୍ବୁଲାନ୍ସଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବରେ ଚୂର୍‌ମାର ହୋଇଯାଇଥିବା ବେଳେ ୨ କର୍ମଚାରୀ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସ ପରିଚାଳନା କରୁଥିବା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାରକରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କମ୍ପାନୀ କର୍ମଚାରୀ ଗାଡ଼ିଟିକୁ ନେଇଯାଇଥିବା ବେଳେ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଘଟଗାଁ ଥାନା ଅଧିକାରୀ ରଞ୍ଜନ କୁମାର ପାତ୍ର କହିଛନ୍ତି। ତ୍ରୁଟିପୂର୍ଣ୍ଣ ରାସ୍ତା, ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ବେଆଇନ ପାର୍କିଂ, ବେପରୁଆ ଗାଡ଼ି ଚାଳନା ଓ ଉପଯୁକ୍ତ ତଦାରଖ ଅଭାବରୁ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଥିପ୍ରତି ରାଜପଥ ପ୍ରାଧିକରଣ ନଜର ଦେଉ ନ ଥିବା ଅଭିଯୋଗ ହେଉଛି।

# ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁଙ୍କୁ ଜାମିନ ମିଳିଲା

କଟକ,୧୧।୧୦ (କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ଲେଡି ବ୍ଲାକ୍ମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ହାଇକୋର୍ଟରୁ ବୁଧବାର ସର୍ତ୍ତମୂଳକ ଜାମିନ ମିଳିଛି। ଶ୍ରଦ୍ଧାଞ୍ଜଳି ବେହେରା ଖଣ୍ଡଗିରି ଥାନାରେ ଦେଇଥିବା ଏତଲା ଆଧାରରେ ହୋଇଥିବା ମାମଲାରେ ଏହି ଜାମିନ ମିଳିଛି। ହାଇକୋର୍ଟ ଜଗବନ୍ଧୁଙ୍କୁ ୨ ଲକ୍ଷ ଟଙ୍କାର ୨ ଜାମିନଦାରଙ୍କ ବଦଳରେ ଜାମିନ ମଞ୍ଜୁର କରିଛନ୍ତି। ଏଥିସହ ସେ ତଦନ୍ତରେ ସହଯୋଗ କରିବା ସହ ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ନାହିଁ। ଜଗବନ୍ଧୁ କୋର୍ଟଙ୍କ ବିନା ଅନୁମତିରେ ରାଜ୍ୟ ବା ଦେଶ ବାହାରକୁ ଯାଇପାରିବେ ନାହିଁ ଓ ତାଙ୍କର ପାସ୍ପୋର୍ଟ ଦାଖଲ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଅର୍ଚ୍ଚନା ନାଗ ହନିଟ୍ରାପ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ଅର୍ଚ୍ଚନାଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରା ଖଣ୍ଡଗିରି ଥାନାରେ ଜଗବନ୍ଧୁଙ୍କ ନାମରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ଅର୍ଚ୍ଚନାଙ୍କ

### ଶ୍ରଦ୍ଧାଞ୍ଜଳିଙ୍କ ଏତଲା ଆଧାରରେ ମାମଲା ରୁଜୁ

ଯୌନ କେଲେଙ୍କାରୀ କାର୍ଯ୍ୟରେ ଜଗବନ୍ଧୁ ମହିଳାମାନଙ୍କୁ ସାମିଲ କରାଇବା ସହ ଅର୍ଥନୈତିକ କାରବାରର ମୁଖ୍ୟ ନାୟକ ଥିଲେ। ସେ ମହିଳାମାନଙ୍କ ଜରିଆରେ କେତେକ ରାଜନୈତିକ ନେତା, ବ୍ୟବସାୟୀ ଆଦିଙ୍କୁ ଫସାଇ ବ୍ଲାକ୍ମେଲ୍ କରିବାର ମୁଖ୍ୟ କାର୍ପଟଦାର ସାଜିଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଏତଲାରେ ଦର୍ଶାଇଥିଲେ। ଖଣ୍ଡଗିରି ପୋଲିସ ୨୦୨୨ ଅକ୍ଟୋବର ୨୧ରେ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ସେହିପରି ଅର୍ଚ୍ଚନା ପୋଲିସ ଦ୍ୱାରା ଗତବର୍ଷ ଅକ୍ଟୋବର ୬ରେ ଗିରଫ ହୋଇଥିଲେ। ପୋଲିସ ଜଗବନ୍ଧୁ ଓ ଅର୍ଚ୍ଚନାଙ୍କ ନାମରେ ୨୦୦୦ ପୃଷ୍ଠା ସମ୍ବଳିତ ଚାର୍ଜସିଟ୍ ଦାଖଲ କରିଥିଲା। ଅର୍ଚ୍ଚନା ଯୌନ କେଲେଙ୍କାରି ମାମଲାରେ ଜଗବନ୍ଧୁଙ୍କ ନାମରେ ୩ଟି ମାମଲା ଥିବା ଜଣାପଡିଛି।

# ଓଡ଼ିଶା ପ୍ରକଳ୍ପ ସର୍ବଭାରତୀୟ ସ୍ତରରେ ତୃତୀୟ

### ଜାତୀୟସ୍ତରୀୟ ପ୍ରଦର୍ଶନୀ, ପ୍ରକଳ୍ପ ପ୍ରତିଯୋଗିତା

ଭୁବନେଶ୍ୱର, ୧୧।୧୦(ଅସମାପିକା ସାହୁ)

କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ କାରିଗରି କୌଶଳ ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ‘ଜାତୀୟସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା’ରେ ଓଡ଼ିଶାର ୫ଟି ପ୍ରକଳ୍ପ ପୁରସ୍କୃତ ହୋଇଛି। ଏଥିସହିତ ଗୋଟିଏ ପ୍ରକଳ୍ପ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛି। ଗତ ୯ ତାରିଖରୁ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍ଡୋର ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବୁଧବାର ଶେଷଦିନରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦେଶର ଶ୍ରେଷ୍ଠ ବିବେଚିତ ୬୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ବିତରଣ ଉତ୍ସବରେ ବିଜ୍ଞାନ ଓ କାରିଗରି କୌଶଳ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶାରୁ ୨୭ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ତେବେ ପୁରସ୍କୃତ ୫ଟି ପ୍ରକଳ୍ପ ମଧ୍ୟରେ ଖୋର୍ଦ୍ଧା ଜିଲାର ଛାତ୍ର ଶ୍ରେୟାଂଶ ନାୟକଙ୍କ ଦ୍ୱାରା ପ୍ରସ୍ତୁତ ‘ଅଟୋମେଟିକ ଷ୍ଟ୍ର ପ୍ରୋସେସିଙ୍ଗ ଆଣ୍ଡ୍ ପ୍ୟାକେଜିଙ୍ଗ ମେଶିନ ଫର୍ ଅଏଷ୍ଟର ମସ୍ରୁମ୍’ ପ୍ରକଳ୍ପଟି ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିପାରିଛି। ଅନ୍ୟ ୪ଟି ପୁରସ୍କୃତ ପ୍ରକଳ୍ପ ମଧ୍ୟରେ ବରଗଡ଼ ଜିଲାର ଛାତ୍ରୀ କ୍ରିଷ୍ଣା ସାହୁଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ‘ସ୍ମାର୍ଟ ହେଲ୍ଥ କେୟାର’, ମୟୂରଭଞ୍ଜ ଜିଲାର ଛାତ୍ରୀ ତୃପ୍ତି ଟଙ୍ଗଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ‘ଡେଭେଲପ୍ମେଣ୍ଟ ଅଫ୍ ରୋଲର ବ୍ରଶ’, ଝାରସୁଗୁଡ଼ା ଜିଲାର ଛାତ୍ର ସୁମୟ ସେନାପତିଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ‘ସୋଲ୍ଡରିଙ୍ଗ ସ୍ମୋକ୍ ଅବ୍ଜରଭର୍’ ଓ କଳାହାଣ୍ଡି ଜିଲାର ଛାତ୍ର ସୌମ୍ୟରଞ୍ଜନ ସିଂଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ‘ସେଫ୍ ସିୱିଙ୍ଗ୍ ଆଡଭାନ୍ସସେସ୍’ ରହିଛି। ଏହି ସଫଳତା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଏବଂ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପୁରସ୍କାର ପାଇଥିବା ଓଡ଼ିଶାର ୫ ଛାତ୍ରୀଛାତ୍ର।

# ତ୍ୱରିତ ଶୁଣାଣି ପାଇଁ ବର୍ଷାଙ୍କ ପିଟିଶନ

### ଏମ୍ପି ଅନୁଭବଙ୍କ ବିରୋଧରେ ଘରୋଇ ହିଂସା ମାମଲା

କଟକ,୧୧।୧୦ (କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ତାଙ୍କ ସ୍ୱାମୀ ଅଭିନେତା ତଥା ଏମ୍ପି ଅନୁଭବ ମହାନ୍ତିଙ୍କ ବିରୋଧରେ କଟକ ଏସ୍ଡିଜେଏମ୍ କୋର୍ଟରେ ରୁଜୁ କରିଥିବା ଘରୋଇ ହିଂସା ମାମଲାର ବୁଧବାର ଶୁଣାଣି ହୋଇଛି। ଏଥିରେ ଉଭୟ ହାଜର ହୋଇଥିଲେ। ଗତ ୪ ତାରିଖରେ ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଥିବାବେଳେ ଦ୍ୱିତୀୟ ଥର ପାଇଁ ବୁଧବାର ସାକ୍ଷ୍ୟ ଗ୍ରହଣ ହୋଇଛି। ମାମଲାର ତ୍ୱରିତ ଶୁଣାଣି ପାଇଁ ବର୍ଷାଙ୍କ ପକ୍ଷରୁ ଏକ ପିଟିଶନ ମଧ୍ୟ ଦାଖଲ କରାଯାଇଛି। ଗତ ସେପ୍ଟେମ୍ବର ୨୫ରେ ଏସ୍ଡିଜେଏମ୍ କୋର୍ଟରେ ବର୍ଷା ଓ ଅନୁଭବଙ୍କୁ କାଉନ୍ସେଲିଂ କରାଯାଇଥିବାବେଳେ ତାହା ବିଫଳ ହୋଇଥିଲା।

ସୂଚନାଯୋଗ୍ୟ, ବର୍ଷାଙ୍କ ପକ୍ଷରୁ ଅନୁଭବ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ୨୦୨୦ରେ ଘରୋଇ ହିଂସା ମାମଲା କଟକ ଏସ୍ଡିଜେଏମ୍ କୋର୍ଟରେ ଦାଏର ହୋଇଥିଲା। ସେ ପାରିବାରିକ ହିଂସାର ଶିକାର ହେଉଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଅନୁଭବ ନିଶାସକ୍ତ ଅବସ୍ଥାରେ ତାଙ୍କୁ ମାରପିଟ୍ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଛନ୍ତି। ଏପରିସ୍ଥଳେ ସେ କ୍ଷତିପୂରଣ ବାବଦକୁ ଅନୁଭବଙ୍କ ନିକଟରୁ ୧୫ କୋଟି ଟଙ୍କା, ଘରଭଡ଼ା ବାବଦକୁ ମାସିକ ୩୦ ହଜାର ଓ ତାଙ୍କର ଚଳିବାକୁ ମାସିକ ୫୦ ହଜାର ଟଙ୍କା ଦାବି କରିଥିଲେ। ଏଥିସହ ମହିଳା ହିଂସା ସୁରକ୍ଷା ଆଇନ ୨୦୦୫ ଅନୁସାରେ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବର୍ଷା ପ୍ରାର୍ଥନା କରିଥିଲେ। ଅନ୍ୟପକ୍ଷରେ ସେ କଟକର ପରିବାର ଅଦାଲତରେ ଅନୁଭବଙ୍କ ନିକଟରେ ରହିବାକୁ ଚାହୁଁଥିବା ଦର୍ଶାଇ ସ୍ୱାମୀ–ସ୍ତ୍ରୀ ଭାବେ ସେମାନଙ୍କ ସମ୍ପର୍କ ପୁନଃ ସ୍ଥାପନ ନିମନ୍ତେ ଆବେଦନ କରିଥିଲେ। ପରିବାର ଅଦାଲତରେ ଗତ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମାମଲାର ଶୁଣାଣି ଚାଲିଥିଲା। ତେବେ ନିକଟରେ ପରିବାର ଅଦାଲତ ବର୍ଷାଙ୍କ ଆବେଦନକୁ ଖାରଜ କରିଥିଲେ। ସେହିପରି ଅନୁଭବଙ୍କ ପକ୍ଷରୁ ବର୍ଷାଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ କରାଯାଇଥିବା ଆବେଦନକୁ ମଧ୍ୟ ପରିବାର ଅଦାଲତ ଖାରଜ କରିଥିଲେ।

### ଏସ୍ଡିଜେଏମ୍ କୋର୍ଟରେ ହାଜର ହେଲେ ବର୍ଷା, ଅନୁଭବ



ଉଲ୍ଲେଖଯୋଗ୍ୟ, ଅନୁଭବ ସୋସିଆଲ ମିଡିଆରେ ପୁଣି ଏକ ଭିଡିଓ ମଙ୍ଗଳବାର ବର୍ଷାଙ୍କ ଉଦ୍ଦେଶ୍ୟରେ ଜାରି କରିଥିଲେ। ଛାଡ଼ପତ୍ରକୁ ସ୍ୱୀକାର କରିବା ପାଇଁ ବର୍ଷାଙ୍କୁ ସେ ଆବେଗର ସହ ନିବେଦନ କରିଛନ୍ତି। ଉକ୍ତ ଭିଡିଓ ମାଧ୍ୟମରେ ଅନୁଭବ କହିଛନ୍ତି, କୌଣସି ପ୍ରକାର ଚରିତ୍ର ସଂହାର କରିବାର ଉଦ୍ଦେଶ୍ୟ ତାଙ୍କର ନାହିଁ। ଏ ଭିଡିଓ ସମ୍ମାନର ସହ ଶୁଟ୍ କରୁଛି। ବାପା ବହୁତ କଷ୍ଟରେ ଅଛନ୍ତି। ଘରେ ପାଳିଥିବା ପ୍ରାଣୀର ଦେହ ମଧ୍ୟ ଅସୁସ୍ଥ। ବାପାଙ୍କ କିଡ୍ନୀ ଡାଏଲିସିସ୍ ହେଉଛି। ବାପା ହୋସ୍ରେ ରହୁନାହାନ୍ତି। କାହାରିକୁ ଚିହ୍ନିପାରୁନାହାନ୍ତି। ରାତିରେ ବାପା ଶୋଇପାରୁ ନାହାନ୍ତି। ବାପା ଶୋଇପାରୁ ନ ଥିବାରୁ ମାଆ ମଧ୍ୟ ଶୋଇପାରୁନାହାନ୍ତି। ପରିବାରର କେହି ବି ଶୋଇପାରୁନାହାନ୍ତି। ସେ ବର୍ଷାଙ୍କୁ ଆହୁରି ମଧ୍ୟ ପୂର୍ବରୁ ଟୁଇଟରରେ ଅନୁରୋଧ କରିଥିଲେ ଯେ, ସ୍ୱାମୀସ୍ତ୍ରୀ ଭାବରେ ରହି ପାରିଲେ ନାହିଁ, ଭଲ ବନ୍ଧୁ ଭାବରେ ସାରା ଜୀବନ ରହିବା। ହେଲେ ବର୍ଷା ଏହାର କୌଣସି ଉତ୍ତର ଦେଇ ନ ଥିଲେ। ଓଲଟି ଅନୁଭବଙ୍କ ଆକାଉଣ୍ଟକୁ ବର୍ଷା ବ୍ଲକ୍ କରିଦେଇଥିଲେ ବୋଲି ଅନୁଭବ କହିଛନ୍ତି। ଏବେ ପୁଣି ଥରେ ଅନୁରୋଧ କରି ଛାଡ଼ପତ୍ର ଦ୍ୱାରା ପରସ୍ପରଠାରୁ ଅଲଗା ହୋଇଯିବା ନିମନ୍ତେ ଅନୁଭବ ଜାରି କରିଥିବା ଭିଡିଓ ଜରିଆରେ କହିଥିଲେ।

## ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

ଭବାନୀପାଟଣା,(ଉତ୍ତମ କୁମାର ଦାଶ):କଳାହାଣ୍ଡି ଜିଲା ଭବାନୀପାଟଣା ସହର ଇରିଗେସନ କଲୋନୀ ୧୭ ନଂ ଲାଇନର ପ୍ରମିଳା ନାଗ ବୃଦ୍ଧାଙ୍କ ମୃତ୍ୟୁ ନେଇ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ସେ ଶୌଚ କରିବାକୁ ବାହାରକୁ ଯାଇଥିଲେ। ଏହି ସମୟରେ କେହି ଜଣେ ତାଙ୍କୁ ଆଘାତ କରିଥିବାରୁ ସେ ସେଠାରେ ପଡିଯାଇଥିଲେ। ପରିବାରବର୍ଗ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଟାଉନ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୬/୨୩) ରୁଜୁ ହୋଇଛି। ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ପରିବାରବର୍ଗ କୌଣସି ରିର୍ପୋଟ ଦେଇ ନ ଥିବା ପୋଲିସଠାରୁ ସୂଚନା ମିଳିଛି।

## ସଂକ୍ଷେପରେ

### ରିଷିଡା ବଜାର ଗୃହ ଉଦ୍‌ଘାଟିତ



କର୍ଲାମୁଣ୍ଡା,୧୧।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବସଷ୍ଟାଣ୍ଡଠାରେ ବୁଧବାର ନବନିର୍ମିତ ବଜାର ଗୃହ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ରିଷିଡା ସରପଞ୍ଚ ସେବତୀ ରଣା, ସମିତିସଭ୍ୟ ନିମାଇଁ ଚରଣ ବେହେରା, ନାଏବ ସରପଞ୍ଚ ନରେଶ ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ରଣା, ସାମାଜିକ କର୍ମୀ ନେମିଚାନ୍ଦ ଜୈନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ରଣା, ବୈକୁଣ୍ଠ ପରୁଆ ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ କି ବଜାର ଗୃହରେ ହୋଟେଲ ଖୋଲାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ଆଇନ ସେବା ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଖଡ଼ିଆଳ,୧୧।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଖଡ଼ିଆଳ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଶ୍ରୀ ଚିନ୍ମୟୀ ଜେନା ଏବଂ ଖଡ଼ିଆଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ରୀତି ତ୍ରିପାଠୀ ଯୋଗଦେଇ ମାନସିକ ଅନାଗ୍ରସର ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋକପାତ କରିବା ପାଇଁ ମାନସିକ ଅନାଗ୍ରସର ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ଏବଂ ସୁବିଧା ସୁଯୋଗ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋକପାତ କରିଥିଲେ। ଉକ୍ତ ଦିବସ ପାଳନରେ ଚିନ୍ଦାଗୁଡା ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଏବଂ ବିଭିନ୍ନବର୍ଗର ଜନସାଧାରଣ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଶାଳା

ସିନାପାଲି,୧୧।୧୦(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କର୍ମଶାଳା ସ୍ଥାନୀୟ ସିନାପାଲି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ସଂଯୋଜନାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ପ୍ରଧାନ ଶିକ୍ଷକ ସତ୍ୟବାନ ମେହେର, ଅଶ୍ୱିନୀ କୁମାର ଯୋଷୀ ଏବଂ ରବୀନ୍ଦ୍ର ନାଥ ଯୋଷୀ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଶିକ୍ଷକ ମନୋରଞ୍ଜନ ମେହେର ସ୍ୱାଗତ କରିଥିଲେ। କର୍ମଶାଳାରେ ମୁଖ୍ୟମନ୍ତ୍ରୀ ପୁରସ୍କାର ଯୋଜନା, ମୁଖ୍ୟମନ୍ତ୍ରୀ ସ୍କୁଲ କ୍ଲବ, ହାଉସ ସିଷ୍ଟମ, ମାଗଣା ସାଇକେଲ ବଣ୍ଟନ ତଥା ରୂପାନ୍ତରିତ ବିଦ୍ୟାଳୟ ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ରାଜ୍ୟ ସମ୍ବଳ ଶିକ୍ଷକ ସୌରଭ ପଟ୍ଟନାୟକ ଯୋଗଦେଇଥିଲେ। ଶିକ୍ଷକ ଅନିଲ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ।

### କଳାହାଣ୍ଡି ଛାତ୍ର ପରିଷଦର କର୍ମକର୍ତ୍ତା ଚୟନ: ଉମାକାନ୍ତ ସଭାପତି

ଭବାନୀପାଟଣା,୧୧।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଛାତ୍ର ପରିଷଦର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ସଭାପତି ଭାବେ ଉମାକାନ୍ତ ନିଆଲ, ଉପସଭାପତି ଚୂଡାମଣି ମାଝି, ସମ୍ପାଦକ ପ୍ରବୀଣ କୁମାର ବଣିଆ, ସହସମ୍ପାଦକ ବବଲୁ ନାଏକ, ଉମେଶ ପଟେଲ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ୧୦ଟି ବିଭିନ୍ନ କଲେଜର ଛାତ୍ର ସଭାପତିଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। କଳାହାଣ୍ଡି ଛାତ୍ର ପରିଷଦ ଏକ ଅଣରାଜନୈତିକ ଛାତ୍ର ସଙ୍ଗଠନ ହୋଇଥିବାବେଳେ ଏହା ଜାତୀୟସ୍ତର ସଙ୍ଗଠନର ଏକ ଶାଖା ଅଟେ। ଛାତ୍ରଙ୍କ ସମସ୍ୟାର ସମାଧାନ, ମାନବାଧିକାର କାର୍ଯ୍ୟ, ପରିବେଶ ସୁରକ୍ଷା, ଲୋକଙ୍କ ଅଧିକାର ତଥା ବିଭିନ୍ନ ମୌଳିକ ଅଧିକାର ପାଇଁ ଏହି ଛାତ୍ର ସଙ୍ଗଠନ ଲଢେଇ କରିଥାଏ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଉଦ୍‌ଯାପିତ

- କୃତୀ ଅନ୍ତେବାସୀ ପୁରସ୍କୃତ
- ୧୩ ଶିଶୁ ଯତ୍ନ ଅନୁଷ୍ଠାନର ୨ଶହ ଅନ୍ତେବାସୀଙ୍କ ଅଂଶଗ୍ରହଣ

ଭବାନୀପାଟଣା,୧୧।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବୁଧବାର ଭବାନୀପାଟଣା ସହରସ୍ଥିତ ଟାଉନହଲଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୩' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀରେ ଭବାନୀପାଟଣା ଉପଜିଲାପାଳ ଡା. ବିଶ୍ୱଜିତ ଦାସ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରୂପେଶ ହୋତା, ସଦସ୍ୟ ସଞ୍ଜୟ କୁମାର, ଭାରତ ପଣ୍ଡା, ଅଶୋକ ଚୌଧୁରୀ, ସଦସ୍ୟା ବସନ୍ତ ପଟ୍ଟନାୟକ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ଭବାନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହକ କାର୍ଯ୍ୟକ୍ରମରେ ଜିଲାର ୧୩ଟି ଶିଶୁ ଯତ୍ନ ଅନୁଷ୍ଠାନର ୨ଶହ ଅନ୍ତେବାସୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନ୍ତେବାସୀଙ୍କ ମଧ୍ୟରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ କୁଇଜ୍, ଚିତ୍ରାଙ୍କନ, ବକ୍ତୃତା, ଏକକ ସଙ୍ଗୀତ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ଅୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଓ ସଦସ୍ୟ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା, ପୂର୍ବତନ ଶିଶୁ ମଙ୍ଗଳ ସମିତି ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଅତିଥି ଭାବେ ଯୋଗଦେଇ କୃତୀ ଅନ୍ତେବାସୀମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅନ୍ତେବାସୀ ବରିଷ୍ଠ ବିଭାଗର ଚିତ୍ରାଙ୍କନରେ ପ୍ରଥମ ଡମ୍ବରୁ ମାଝି, ଏକକ କଣ୍ଠ ସଙ୍ଗୀତରେ ଭୂମିସୁତା ନାଏକ, ବକ୍ତୃତାରେ ସୁରମା ଜାଲ, କୁଇଜ୍‌ରେ ଦେବକି ନାଏକ, ଦଳଗତ ନୃତ୍ୟରେ ନେହେରୁ ସେବା ସଂଘ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବିଭାଗରେ ଜିଲାରେ ପ୍ରଥମ ସ୍ଥାନ ଚିତ୍ରାଙ୍କନରେ ମଣ୍ଟୁ ମାଝି, ଏକକ କଣ୍ଠ ସଙ୍ଗୀତରେ ଶମ୍ଭୁ ମାଝି, ବକ୍ତୃତାରେ ଗୋବିନ୍ଦ ଦାଶ, କୁଇଜ୍‌ରେ ଗୁଲଶନ କୁମାର ଓ ଦଳଗତ ନୃତ୍ୟରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ମହକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଅବସରରେ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ମଧ୍ୟ ଅୟୋଜିତ ହୋଇଥିଲା। ଜିଲାର ୧୩ଟି ବ୍ଲକର ବୋର୍ଡ, ସିବିଏସଇ ଓ ଆଇସିଏସଇ ପରୀକ୍ଷାରେ ଦଶମ ଶ୍ରେଣୀରେ ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ସହ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ ଭାରପ୍ରାପ୍ତ ଆନୁଷ୍ଠାନିକ ଯତ୍ନ ଅଧିକାରୀ ଅଂଶୁମାନ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଣଆନୁଷ୍ଠାନିକ ଯତ୍ନ ଅଧିକାରୀ ରାଜଲକ୍ଷ୍ମୀ ଦାଶ, ଶୁଭାଶିଷ ପାଣିଗ୍ରାହୀ, ସୁଧାଂଶୁ ମହାପାତ୍ର, ପ୍ରତୀକ ପଟ୍ଟନାୟକ, ଜୟଶ୍ରୀ ପାଣି, ଗୁରୁ ପ୍ରସାଦ ନାଏକ, ଅବିନାଶ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଜଣେ କୃତୀ ଅନ୍ତେବାସୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

## ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଉପସ୍ଥିତ ଅତିଥି।

ତୁଣ୍ଡଲା,୧୧।୧୦(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ହାତୀଖୋଜ ପଞ୍ଚାୟତ ପିପାଲପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ଦିବ୍ୟ ସିଂ ମାଝିଙ୍କ ତତ୍ୱାବଧାନରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ନାଗ ମୁଖ୍ୟଅତିଥି, ମୁଖ୍ୟବକ୍ତା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ବାଦଳ ସାହୁ ଉପସ୍ଥିତଥିଲେ। ଏଥିରେ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ, ବକ୍ତୃତା, ବିତର୍କ, ଶୃତଲିଖନ, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ, ଗୀତ, ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଅଭିଭାଷଣ ସିଆରସିସି ଦେଇଥିବା ବେଳେ ସହକାରୀ ଶିକ୍ଷକ ଧର୍ମେନ୍ଦ୍ର ପଧାନ, ଗୋବିନ୍ଦ ବାଗ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୧୫ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ସିର୍ଜାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଜି କ୍ରିଷ୍ଣା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମା ପକ୍ଷରୁ ହିତାଧିକାରୀଙ୍କୁ ବତକ ଚିଆଁ ବଣ୍ଟନ

କର୍ଲାମୁଣ୍ଡା,୧୧।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆତ୍ମା ପକ୍ଷରୁ ବୁଧବାର ବତକ ଚିଆଁ ବଣ୍ଟନ କରାଯାଇଛି। ରିଷିଡା ପ୍ରାଣୀ ଚିକିତ୍ସାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ ରିଷିଡା ସରପଞ୍ଚ ସେବତୀ ରଣା, ସମିତିସଭ୍ୟ ନିମାଇଁଚରଣ ବେହେରା, ଆତ୍ମା ଅଧ୍ୟକ୍ଷ ଗୌର କିଶୋର ରଣା, ବ୍ଲକ ବିଡିଓ କେଦାରନାଥ ଖମାରି, ଆତ୍ମା ସଦସ୍ୟ ନନ୍ଦୀ କିଶୋର ଭୋଇ, ଏଟିଏମ ଶ୍ୟାମ କୁମାର ଭଞ୍ଜ, ମିଳନ କୁମାର ଗୋଛାୟତ, ଓଁମ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ବତକ ଚାଷର ଉପଦେୟତା ଓ ବତକ ଚାଷର ଯତ୍ନ ଉପରେ ଆଲୋକପାତ କରିଥିଲେ। ବ୍ଲକର ୧୮୦ଜଣ ହିତାଧିକାରୀଙ୍କୁ ବତକ ଛୁଆ ବଣ୍ଟନ କରାଯାଇଛି। ସେହିପରି ବ୍ଲକର ଜୋରାଡବରାଠାରେ ହିତାଧିକାରୀମାନଙ୍କୁ ବତକ ଛୁଆ ବଣ୍ଟନ କରାଯାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



କେସିଙ୍ଗା ଜୋନ ନଂ. ୨୦ ୩ରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା।

କୋକସରା/ କେସିଙ୍ଗା,୧୧।୧୦(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ/ ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ମୁଷାପାଲି ପଞ୍ଚାୟତଠାରୁ ଢ଼ହଗାଁ ପଞ୍ଚାୟତ ପର୍ଯ୍ୟନ୍ତ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ପବିଧାୟକ ମୋକ୍ଷଧ୍ୱ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଢ଼ହଗାଁ ଧାନମଣ୍ଡିରେ ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସ୍ଥିତ ନେତୃବୃନ୍ଦ ନବୀନ ସରକାରଙ୍କ ଶାସନରେ ଓଡିଶା ରାଜ୍ୟରେ ଯୁଗାନ୍ତକାରୀ ପରିବର୍ତ୍ତନ ହୋଇଛି ଏବଂ ରାଜ୍ୟ ଆଜି ସମୃଦ୍ଧ ଓ ବିକଶିତ ଓଡିଶା ଗଠନ କରିବା ମୂଳ ଲକ୍ଷ୍ୟ ବୋଲି କହିଛନ୍ତି। ପଦଯାତ୍ରାରେ ମୁଖ୍ୟବକ୍ତା ଭାବେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷ୍ୟା ମନୀଷା ମିଶ୍ର, ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୂଝାରୀ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ବ୍ଲକ ସଭାପତି ଶୁସାନ୍ତ ବେହେରା, ଜିଲା ବିଜେଡି ଏସ ଟି ସେଲ ସଭାପତି ସୁଶିଳ କୁମାର ଶବର, ମୁଷାପାଲି ସରପଞ୍ଚ ଅକ୍ଷୟ କୁମାର ନାଏକଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

କେସିଙ୍ଗା ଜୋନ ନଂ. ୨୦ ୩ରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ଦେଓଗାଁଠାରୁ ଆରମ୍ଭ ହୋଇ ଗୋକୁଳେଶ୍ୱରଠାରେ ଶେଷ ହୋଇଛି। ଏଠାରେ ଜିଲା ବିଜେଡି ମହିଳା ସଭାନେତ୍ରୀ ଲଳିତା ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ମହିଳା, ଯୁବଗୋଷ୍ଠୀଙ୍କୁ ନେଇ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ଓ ପ୍ରଗତି, ଜନକଲ୍ୟାଣ ଯୋଜନା ଆଦି ବିଷୟ ଆଲୋଚନା କାରାଯାଇଥିଲା। ପଦଯାତ୍ରାରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଅନାମ ନାଏକ, ଗୋବର୍ଦ୍ଧନ ଦାଶ, ଜିଲା ପରିଷଦ ସଭ୍ୟା ସୁନିତା ଶବର, ଦୟାନିଧି ନାଏକ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ଜିଲା ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ଜିଲା ଏସସି ସେଲ ସଭାପତି ପ୍ରଶାନ୍ତ ନାଏକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ଶତପଥୀ, ଭବାନୀପାଟଣା ମ୍ୟୁନିସିପାଲିଟି ଜିଲା ଉପସଭାପତି ସାମନ୍ତ ଖମାରୀ, ଜିଲା ପରିଷଦ ସଦସ୍ୟ ଦୟାନିଧି ନାଏକ, କେସିଙ୍ଗ ବ୍ଲକ ସଭାପତି ପୁରୁଷୋତ୍ତମ ମହଲା, ସମସ୍ତ ପଞ୍ଚାୟତ ସଭାପତି, ଜିଲା ପରିଷଦ ସଦସ୍ୟା ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ବିଷୟରେ ଉଦବୋଧନ ଦେଇଥିଲେ।

## ବିଡିଓଙ୍କ ପ୍ରତିଶ୍ରୁତି ପରେ ଖୋଲିଲା ସ୍କୁଲ ତାଲା

କୋକସରା,୧୧।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠି ଶିକ୍ଷା ବିଭାଗ ଅଧୀନ ବଡ଼ପୋଡ଼ାଗୁଡ଼ା ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ସୋମବାରଠାରୁ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଘଟଣାସ୍ଥଳରେ ସୋମବାର ବିଆରସିସି ତୋଫାନ ମାଝି ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବା ବେଳେ ଅଭିଭାବକ ଓ ଗ୍ରାମବାସୀ ଜିଦରେ ଅଡ଼ି ବସି ରହିଥିଲେ। ମଙ୍ଗଳବାର କୋକସରା ବ୍ଲକ ଗସ୍ତରେ ଆସିଥିବା କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ପହଞ୍ଚି ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ପରେ ଘଟଣାସ୍ଥଳରେ ବିଡିଓ ଉତ୍ତମ କୁମାର ବାଗ ଓ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ପହଞ୍ଚି ସ୍କୁଲ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ଧାରଣାରୁ ଓହରିଛନ୍ତି। ପ୍ରଶାସନ ପକ୍ଷରୁ ଯଦି ପ୍ରତିଶ୍ରୁତି ପାଳନରେ ତ୍ରୁଟି କରାଯାଏ ତାହେଲେ ଆଗାମୀ ଦିନରେ ପୁଣିଥରେ ସ୍କୁଲ ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଆନ୍ଦୋଳନ କରିବାକୁ ବଡ଼ପୋଡ଼ାଗୁଡା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



କୃତୀ ପ୍ରତିଯୋଗୀଙ୍କ ସହ ଉପସ୍ଥିତ ଅତିଥିମାନେ।

କୋକସରା,୧୧।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠି ଶିକ୍ଷା ବିଭାଗ ଅଧୀନ କୋକସରା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୋକସରା ନୋଡାଲ ସିଆରସିସି ବୈକୁଣ୍ଠ ଜାଲଙ୍କ ତତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବିଇଓ ରଶ୍ମିତା ନେତମ, ମୁଖ୍ୟବକ୍ତା ଭାବେ ବିଆରସିସି ତଥା ଏବିଇଓ ତୋଫାନ ମାଝି, ସମ୍ମାନିତ ଅତିଥି ଭାବେ ଏବିଇଓ ଦୟାନିଧି ପାଢ଼ୀ, ଆଲୋରାଣୀ ହଲଦାର, ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପାଢୀ, ଶିକ୍ଷକ ସରଜୁ ପ୍ରସାଦ ସାହୁ, ଭୁଜରାଜ ମାଝୀ, ଦୁର୍ଯୋଧନ ବାଗ, ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ସୁରଭି କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ ଦେଇଥିଲେ। ସୁରଭି କାର୍ଯ୍ୟକ୍ରମ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା, ସଙ୍ଗୀତ, ନୃତ୍ୟ, ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ରାଙ୍କନ, ଶୃତ ଲିଖନ, ଗ୍ରୁପ ଡ୍ୟାନ୍ସ ସହ ଅନ୍ୟାନ୍ୟ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ବିକାଶକୁ ଗୁରୁତ୍ୱ ଦେଇ ସେମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ଆଗକୁ ଆଣିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଗୋବର୍ଦ୍ଧନ ବେମାଲ, ସୁମନ ଅର୍ପିତ ପଣ୍ଡା ସହଯୋଗ କରିଥିବା ବେଳେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

ଖଡ଼ିଆଳ,୧୧।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତୁକୁଲା ମେହେର ସମାଜ ଭବନଠାରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ଉଦଯାପିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ପ୍ରଥମେ ବୋଡ଼େନ ବ୍ଲକରୁ ପଦଯାତ୍ରା ଆରମ୍ଭ ହୋଇ ସିନାପାଲି ବ୍ଲକ ଓ ପରେ ଖଡିଆଳ ବ୍ଲକରେ ଉଦଯାପିତ ହୋଇଛି। ପଦଯାତ୍ରା ପ୍ରତି ଗାଁରେ ପହଞ୍ଚି ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରି ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଦଳ ଛାଡି ବହୁସଂଖ୍ୟାରେ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ପଦଯାତ୍ରାରେ ବିଜେଡ଼ି ଜିଲା ସଭାପତି ମନୋଜ ମିଶ୍ର, ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଜିଲା ପର୍ଯ୍ୟବେକ୍ଷକ ହରେକୃଷ୍ଣ ଷଡ଼ଙ୍ଗୀ, ଜିଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ଚିତ୍ତରଞ୍ଜନ ବେହେରା, ତନୟା ଶବର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ଜିଲା ପରିଷଦ ଉପାଧକ୍ଷ୍ୟା ଦୀପିକା ଦୀପ, ଜିଲା ସଭାନେତ୍ରୀ ସରସ୍ୱତୀ ବାଗ, ପୁଷ୍ପାଞ୍ଜଳି ପାଣ୍ଡେ, ସେଫାଲି ସଲମା, ମିନତି କାଣ୍ଡ, ଛାୟାରାଣି ନିଆଲ, ଅନିତା ବାରିକ, ଜାହାଁଆରା ବେଗମ, ସାଧବୀ ସିଂ ଦେଓ, ୟାସିନ ମହମ୍ମଦ, ଅମିତ ସିଂଦେଓ, ମନୁରାଜ ମାଝି, ରେହେମାନ ମହମ୍ମଦ, ଯୋଗେନ୍ଦ୍ର ପାଣ୍ଡେ, ରାହୁଲ ବର୍ମା, ଲୋକନାଥ ଛତ୍ରିଆ, ପ୍ରଶାନ୍ତ ସାଗର, ରୋମାଞ୍ଚନ ବାଗଙ୍କ ସମେତ ଶତାଧିକ ମହିଳା ପୁରୁଷ କର୍ମୀ ଯୋଗଦେଇଥିଲେ।




ଜନସମ୍ପର୍କ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃମଣ୍ଡଳୀ।

# ୧୩ ବ୍ଲକର ୩୬୪ ହିତାଧିକାରୀଙ୍କୁ ମିଳିବ ସ୍କୁଟର

ଭବାନୀପାଟଣା,୧୧।୧୦(ଉତ୍ତମ କୁମାର ଦାଶ)

ଲୋକସେବା ଭବନରେ ବୁଧବାର ମିଶନଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏପରିସ୍ଥଳେ କଳାହାଣ୍ଡି ଜିଲାରେ ମିଶନ ଶକ୍ତି ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଭବାନୀପାଟଣାସ୍ଥିତ ଓସ୍କାନ ହଲରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ପୌର ପରିଷଦ ଅଧ୍ୟକ୍ଷା ସଞ୍ଜୁକ୍ତା ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର ପ୍ରକାଶ, ବିସିସି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଭର୍ଚୁଆଲରେ ଯୋଡି ହୋଇଥିଲେ। ଜିଲାର ୧୩ଟି ବ୍ଲକରେ ମିଶନ ଶକ୍ତି ସ୍କୁଟର ଯୋଜନାରେ ୨୩୨୭ ହିତାଧିକାରୀ ଆବେଦନ କରିଥିଲେ। ସେଥିମଧ୍ୟରୁ ୨୨୩୦ ହିତାଧିକାରୀଙ୍କ ଆବେଦନ ବ୍ୟାଙ୍କ ଋଣ ପାଇଁ ସୁପାରିଶ କରଯାଇଥିଲା। ତାହା ମଧ୍ୟରୁ ୭୪୬ ଜଣଙ୍କ ଋଣ ବ୍ୟାଙ୍କ ମଞ୍ଜୁର କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୩ଟି ବ୍ଲକରେ ୩୬୪ଜଣ ହିତାଧିକାରୀଙ୍କୁ ନୂତନ ସ୍କୁଟର ହସ୍ତାନ୍ତର କରଯାଇଥିଲା। ଓସ୍କାନ ହଲ ପ୍ରାଙ୍ଗଣରେ ଜିଲାପାଳ ରେଡ୍ଡୀ, ଜିଲା ପରିଷଦ ସଭାପତି ସିଂଦେଓ ପତାକା ଦେଖାଇ ସ୍କୁଟର ଆରୋହଣକାରୀ ମହିଳାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଭବାନୀପାଟଣା ଗ୍ରାମାଞ୍ଚଳରୁ ୧୧୦ଜଣଙ୍କୁ ସ୍କୁଟର ହସ୍ତାନ୍ତର କରାଯାଇଥିଲା। ସ୍କୁଟର ଦ୍ୱାରା ହିତାଧିକାରୀ ନିଜର ବ୍ୟବସାୟିକ ଦିଗକୁ ଆହୁରି ସମୃଦ୍ଧ କରିବା ସହ ମହିଳା ସଶକ୍ତିକରଣ ଦିଗରେ ସହାୟକ ହେବେ। ଓସ୍କାନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିଆଇପିଆରଓ ମନୋଜ ବେହେରା, ଏଲଡିଏମ ଧ୍ରୁବ ପ୍ରସାଦ ସିଂହ, ଡିଏସଡବ୍ଲୁଓ ପ୍ରଭାତିରାଣୀ ତ୍ରିପାଠୀ, ଡିପିସି ମିଶନ ଶକ୍ତି ଅମରିତ ପାଢ଼ୀ, ମିଶନ ଶକ୍ତି ଏମବିକେ, ସିଆରପି, ବ୍ୟାଙ୍କ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଓସ୍କାନ ହଲ ପ୍ରାଙ୍ଗଣରେ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ।

**ଗୋଲାମୁଣ୍ଡା,(ବଟକୃଷ୍ଣ ପଣ୍ଡା):** ଗୋଲାମୁଣ୍ଡା ବ୍ଲକରେ ଉକ୍ତ ଯୋଜନାରେ ୧୨ଜଣଙ୍କୁ ସ୍କୁଟର ବଣ୍ଟନ କରାଯାଇଛି। ସେଥି ମଧ୍ୟରେ ୭ଜଣ ସିଆରପି ଓ ଏମବିକେର ୫ଜଣ ଇସିଙ୍କୁ ବଣ୍ଟନ କରିଥିବା ବିପିଏମ ସୁଧାଂଶୁ ବିଶ୍ୱାଳ ସୂଚନା ଦେଇଥିଲେ। ଉକ୍ତ ଯୋଜନା କାର୍ଯ୍ୟକ୍ରମରେ ବିଡିଓ ଅକ୍ଷମିତା କାର୍ତ୍ତିକ, ବ୍ୟାଙ୍କଶାଖା ପରିଚାଳକ ବାଲ୍ମୀକି ପଣ୍ଡା, ସିଡିପିଓ ପ୍ରେମ ମଞ୍ଜରୀ ସାହୁ ଏବଂ ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ, ସୁପରଭାଇଜର ଯଶୋବନ୍ତି ନାଏକ, ବିଏଲସି ଅଜୟ ମାଝି ଓ ଯଦୁନନ୍ଦ ମେହେର, ବୃନ୍ଦାବାହାଲ ସରପଞ୍ଚ ଇଂ ଦିନେଶ କୁମାର ରାଉତ, ବ୍ଲକ ଉପାଧ୍ୟକ୍ଷା ପଞ୍ଚମୀ ଦୀପ ଏବଂ ବିଭିନ୍ନ ଏସଏଚଜି ଗ୍ରୁପର ସଦସ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ।

### କଳାହାଣ୍ଡି ଜିଲାରେ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ

**କୋକସରା,(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ):** କୋକସରା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଉତ୍ତମ କୁମାର ବାଗଙ୍କ ସଭାପତିତ୍ୱରେ ମିଶନ ଶକ୍ତିରେ କାର୍ଯ୍ୟରତ ମହିଳା କର୍ମଚାରୀମାନେ ସାମିଲ ହୋଇଥିଲେ। ଧର୍ମଗଡ଼ ବିଧାୟକ ମୋକ୍ଷଧ୍ୱ ବାଗ ମିଶନ ଶକ୍ତିର ମହିଳା କର୍ମଚାରୀଙ୍କୁ ସ୍କୁଟର ବଣ୍ଟନ କରିଥିଲେ। କୋକସରା କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର ଇନ୍ଦ୍ରମଣି ଧ. ମାଝି, ସିଡିପିଓ ସରୋଜା ଲତା ଦେଇ, ସମିତି ସଭ୍ୟ ଘନଶ୍ୟାମ ନାଏକ, ଗଜାନନ ନିଆଲ ଓ ମିଶନ ଶକ୍ତି କାର୍ଯ୍ୟାଳୟ ବିପିଏମ ସୁରେଶ ରାଉତ, ବିଏଲସି, ଓଏଲଏମ, ବିପିସି, ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ। ବ୍ଲକର ମୋଟ ୧୨ଜଣ ମହିଳା କର୍ମଚାରୀଙ୍କୁ ଏହି ଯୋଜନାରେ ସ୍କୁଟର ପ୍ରଦାନ କରାଯାଇଛି।

## ବିଦ୍ୟାଳୟରୁ ଚାଉଳ ଚୋରି ଅଭିଯୋଗ

ଉଲୁଣ୍ଡା,(ଉରୁକ୍ରମ ପାଣ୍ଡିଆ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଲପ୍ତଲା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଚାଉଳ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟର ତାଲା ଭାଙ୍ଗି ଚାଉଳ ଚୋରି କରି ନେଇ ଯାଇଛନ୍ତି। ପ୍ରଧାନଶିକ୍ଷକ ବିଦ୍ୟାଳୟରୁ ଅଢେଇ କୁଇଣ୍ଟାଲ ଚାଉଳ ଚୋରି ହୋଇଥିବା ନେଇ ଉଲୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ୧୪୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ସଂକ୍ଷେପରେ**

## ଜାତିଆଣ ଆକ୍ଷେପ ଅଭିଯୋଗରେ ଶିକ୍ଷକ ନିଲମ୍ବିତ

**ଖଣ୍ଡିକନପା ପ୍ରାଥମିକ ବିଦ୍ୟାଳୟ**

ବୌଦ୍ଧ,୧୧।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଶଗଡା ପଞ୍ଚାୟତର ଖଣ୍ଡିକନପା ପ୍ରାଥମିକ ବିଦ୍ୟାଳୟରେ ଦଳିତ ଛାତ୍ରୀଛାତ୍ରଙ୍କୁ ଜାତିଆଣ ଭେଦଭାବ ଘଟଣାରେ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁଙ୍କୁ ନିଲମ୍ବିତ କରାଯାଇଥିବା ବୌଦ୍ଧ ବ୍ଲକ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଖଣ୍ଡିକନପା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସାହୁ ଗତ ୧୯ ତାରିଖ ଗଣେଶ ପୂଜା ଦିନ ବିଦ୍ୟାଳୟର ଦଳିତ ଛାତ୍ରୀଛାତ୍ରମାନଙ୍କୁ ଜାତିଆଣ ଆକ୍ଷେପ କରିବା ସହିତ ମାନସିକ ନିର୍ଯାତନା ଦେଇଥିଲେ। ସରକାର ପ୍ରାଥମିକ ଶିକ୍ଷାକୁ ବ୍ୟାପକ କରିବା ପାଇଁ ବିଦ୍ୟାଳୟ ପରିସରକୁ ଦଣ୍ଡମୁକ୍ତ ଏବଂ ଭେଦଭାବ ଶୂନ୍ୟ ଅଞ୍ଚଳ ଘୋଷଣା କରୁଥିବା ବେଳେ ଶିକ୍ଷକ ସାହୁଙ୍କ ଏଭଳି କାର୍ଯ୍ୟ ନେଇ ବୌଦ୍ଧ ଜିଲା ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ବୌଦ୍ଧ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଗତ ୨୯ ତାରିଖରେ ଅଭିଯୋଗ କରାଯାଇଥିଲା। ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ଅଭିଯୋଗ ପାଇବା ପରେ ଶିକ୍ଷା ବିଭାଗ ଘଟଣାକୁ ଗୁରୁତର ସହ ନେଇ ଏହାର ତଦନ୍ତ କରି ଶିକ୍ଷକ ସାହୁଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




ବୌଦ୍ଧ,୧୧।୧୦(ଅଜିତ କୁମାର ବାରିକ)

ତାଲୁକା ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଗତ ମଙ୍ଗଳବାର ଦିନ ହରଭଙ୍ଗା କୋର୍ଟ ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା ହରଭଙ୍ଗା ତାଲୁକା ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ହରଭଙ୍ଗା ଓକିଲ ସଂଘ ସଭାପତି ଅକ୍ଷୟ କୁମାର ସାହୁଙ୍କ ସମେତ ସମସ୍ତ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବୌଦ୍ଧ,୧୧।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗର ପଞ୍ଚାୟତର ବଡବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବିରନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ବଡବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡିଆଇଇଟି ପ୍ରଶିକ୍ଷକ ଡ. ଅଭିମନ୍ୟୁ ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ୭ ନମ୍ବର ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟ ନାରାୟଣ ମିଶ୍ର,ସିଆରସିସି ପ୍ରଶାନ୍ତ ସାହୁ, ଶିକ୍ଷକ ଅଗସ୍ତି ଦେହୁରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିରନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ଓ ମିଲେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଚନ୍ଦନା ବେହେରା, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ, ପ୍ରଧାନଶିକ୍ଷକ ରମେଶ ନାୟକ, ସିଆରସିସି ଅର୍ଜୁନ କଅଁର ଉପସ୍ଥିତ ଥିଲେ। ସପ୍ତେଶ୍ୱର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅସୁରକ୍ଷିତ ଗୁଣ୍ଡିଚା ମନ୍ଦିର

ସୋନପୁର,୧୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

**ଗଛ ଭର୍ତ୍ତି, ସଫା ପାଇଁ ଉଦ୍ୟମ ହେଉନି**

ସୁବର୍ଣ୍ଣପୁର ସହରର ସବୁଠୁ ଉଚ୍ଚ ଓ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର ହେଉଛି ଗୁଣ୍ଡିଚା ମନ୍ଦିର। ଏହି ମନ୍ଦିର ଉପରେ ଏବେ ବର ଓ ଅଶ୍ୱତଥ ଗଛ ଭର୍ତ୍ତି ହୋଇଗଲାଣି। ଗଛଗୁଡିକ ବଢି କ୍ରମେ ୪ରୁ ୫ଫୁଟ ହେଲାଣି। ଗଛର ଚେର ମନ୍ଦିର ଭିତରେ ପ୍ରବେଶ କରି ଫାଟ ସୃଷ୍ଟି କରୁଛି। ବର୍ଷା ହେଲେ ଗଛର ଚେର ବାଟେ ପାଣି ଝରୁଛି। ଏହା ମନ୍ଦିରର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି। ମନ୍ଦିରର ମରାମତି ଓ ଗଛ ସଫା ପାଇଁ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ରଥଯାତ୍ରା ସମୟରେ ତିନି ଠାକୁର ଏହି ମନ୍ଦିରରେ ବିଜେ ହୁଅନ୍ତି। ଏହି ସମୟରେ ମନ୍ଦିରରେ ପ୍ରବଳ ଗହଳି ଲାଗେ। ମାତ୍ର ଗତ ରଥଯାତ୍ରା ସମୟରେ ମନ୍ଦିର ଚୂଳରେ ଥିବା ଗଛ ସଫା ହେଲାନି କି ରଙ୍ଗ ଦିଆଗଲାନି। ସହରବାସୀ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ମନ୍ଦିରର ମରାମତି ପାଇଁ ଅନୁଦାନ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ସୁବର୍ଣ୍ଣପୁର ଗସ୍ତ ସମୟରେ ଅଞ୍ଚଳବାସୀ ଲିଖିତ ଭାବେ ଅନୁରୋଧ କରିଥିଲେ। ତେବେ ଏହି ଅଭିଯୋଗ ଉପରେ ସରକାରଙ୍କ ପକ୍ଷରୁ ଏଯାଏ କୌଣସି ପଦକ୍ଷେପ ନିଆଯାଇନି। ମନ୍ଦିରମାଳିନୀ ସୁବର୍ଣ୍ଣପୁର ସହରରେ ୧୦୮ଟି ଦେବାଦେବୀଙ୍କ ମନ୍ଦିର ରହିଛି। ଏହି ସହରକୁ ଦେଶର ଦ୍ୱିତୀୟ ବାରଣାସୀ ବୋଲି କୁହାଯାଏ। ଏଠାରେ ବହୁ ପ୍ରାଚୀନ ତଥା ଐତିହାସିକ ପୀଠ ରହିଛି। ତେବେ ଏହି ପୁରାତନ ମନ୍ଦିରଗୁଡିକର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉନି। ଗୁଣ୍ଡିଚା ମନ୍ଦିର ଓ ଚତୁଃପାର୍ଶ୍ୱ କାନ୍ଥରେ ବହୁ ଗଛ ଉଠିଲାଣି। ଦେଢବର୍ଷରୁ ଊର୍ଦ୍ଧ୍ୱ ହେବ ସେଗୁଡିକୁ ସଫା କରାଯାଉନି। ସହରର ବଡବଜାରଠାରେ ଥିବା ଏହି ମନ୍ଦିରକୁ ରାଣୀ ଗୁଣ୍ଡିଚା ଦେବୀ ୧୮୩୭ ମସିହାରେ ନିର୍ମାଣ କରିଥିଲେ। ମନ୍ଦିରରେ ନୃସିଂହ ଭଗବାନ ପୂଜା ପାଆନ୍ତି। ମନ୍ଦିରର ନାଟ ମଣ୍ଡପରେ କଲିକତାରୁ ଅଣାଯାଇଥିବା ଲୁହା ପିଲାର ଲାଗିଛି। ମନ୍ଦିରଟି ଖୁବ୍ ଉନ୍ନତମାନର ଓ କାରୁକାର୍ଯ୍ୟ ପୂର୍ଣ୍ଣ ଭାବେ ନିର୍ମିତ ହୋଇଛି। ସମସ୍ତ ପୂଜା ପାର୍ବଣରେ ଏହି ମନ୍ଦିର ପ୍ରମୁଖ ଭୂମିକା ନିଭାଇ ଥାଏ। କିନ୍ତୁ ପ୍ରଶାସନ ପକ୍ଷରୁ ମନ୍ଦିରକୁ ଅଣଦେଖା କରାଯାଉଥିବା ସହରବାସୀ ଅଭିଯୋଗ କରିଛନ୍ତି।



ଗୁଣ୍ଡିଚା ମନ୍ଦିରରେ ଗଛ ଲତା ମାଡ଼ିଗଲାଣି।

## ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ



ବାଗବର ୟୁପି ସ୍କୁଲରେ ଶିଶୁ କନ୍ୟା ଦିବସ ପାଳନ ଅବସରରେ ଶିଶୁମାନେ।

ଅମରପାଲି,୧୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ସରକାରୀ ୟୁପି ସ୍କୁଲରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମିନାକ୍ଷୀ ପ୍ରଧାନ ଓ ଗୌରୀ କୁମୁରା ଯୋଗଦେଇ ଶିଶୁ କନ୍ୟା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ନେତା, କର୍ମୀଙ୍କୁ ଦେଲେ ଗୁରୁମନ୍ତ୍ର

ବୌଦ୍ଧ,୧୧।୧୦(ଅଜିତ କୁମାର ବାରିକ)

ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ବୌଦ୍ଧରେ ଭାଜପା ନିଜର ରଣକୌଶଳ ଆରମ୍ଭ କରିଛି। ମଙ୍ଗଳବାର ଦିନ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ବୌଦ୍ଧ ଜିଲା ଗସ୍ତରେ ଆସି ଜିଲା ଭାଜପା ପକ୍ଷରୁ ହୋଇଥିବା ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଏବେଠାରୁ ଦଳୀୟ କାର୍ଯ୍ୟକ୍ରମଗୁଡିକ ନିଷ୍ଠାର ସହ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶେଷ କରି ମୋ ବୁଥ ସବୁଠୁ ମଜଭୁତ କରିବାକୁ ସମସ୍ତଙ୍କୁ ଦିଗଦର୍ଶନ ଦେଇଥିଲେ। ବିଜେଡି ସରକାରର ବିଭିନ୍ନ ଦୁର୍ନୀତି ଓ ଭ୍ରଷ୍ଟାଚାର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, କହ୍ନେଇ ଚରଣ ଡାଙ୍ଗ, ତାପସ ପଟ୍ଟନାୟକ, ସୁଶାନ୍ତ ବାଘ, ପ୍ରେମାନନ୍ଦ ମିଶ୍ର, ଶ୍ୟାମସୁନ୍ଦର ପୁରୋହିତ, ମାଗୁଣି ଗାଇଗୌରିଆ, ଯୁଗଳ କିଶୋର ସାମଲ, ନିରଞ୍ଜନ ଦାନୀ, ଶମ୍ଭୁ ପ୍ରସାଦ ଗାଇଗୌରିଆ, ବିଶିକେଶନ ପ୍ରଧାନ, ନିରଞ୍ଜନ ଦାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ଅଧିବେଶନ




ଅଧିବେଶନରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ତଳଗାଁ,୧୧।୧୦(କୁନା ବେହେରା)

ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ହରଭଙ୍ଗା ବ୍ଲକର ଅଷ୍ଟମ ସାଧାରଣ ଅଧିବେଶନ ଚାରିଛକସ୍ଥିତ ବାବା କେଦାରେଶ୍ୱର ମନ୍ଦିରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବିଡିଓ ଏସ.ନାଏକ, ସମ୍ମାନିତ ଅତିଥି ଭାବେ ପୁରୁଣାକଟକ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲା ସଭାପତି ଶିବ ପ୍ରସାଦ ମିଶ୍ର ଓ ସମ୍ପାଦକ ଅକ୍ଷୟ କୁମାର ମାହାନ୍ତି ଯୋଗ ଦେଇଥିଲେ। ବ୍ଲକ ମଞ୍ଚର ସଭାପତି ରମେଶ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଜଣାଇଥିଲେ। ସମ୍ପାଦକ ବାଳକୃଷ୍ଣ ନାୟକ ବିବରଣୀ ପାଠ କରିଥିଲେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟାର ସମାଧାନ, ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଥାନା ଅଧିକାରୀ ମୁନୀ ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ବିଶ୍ରାମ ଗୃହ ଓ କାର୍ଯ୍ୟାଳୟ ଗୃହ ଯୋଗାଇ ଦେବା ସକାଶେ ବିଡ଼ିଓ ନାଏକ ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ସକାଶେ ଜିଲାସ୍ତରରେ ବିହିତ ପଦକ୍ଷେପ ନେବା ପାଇଁ ଜିଲା ସଭାପତି ଓ ସମ୍ପାଦକ ମତ ଦେଇଥିଲେ। ଶେଷରେ ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ସାହ ଧନ୍ୟବାଦ ଅର୍ପଣ କରିଥିଲେ।

## ଘଣ୍ଟାପଡ଼ା ହାଇସ୍କୁଲରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ଘଣ୍ଟାପଡ଼ା,୧୧।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡ଼ା ସମାଲେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପୀତବାସ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକଙ୍କ ସହ ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭ୍ରୁଣହତ୍ୟା, କନ୍ୟା ସୁରକ୍ଷା, କନ୍ୟାର ଶିକ୍ଷା, ବାଲ୍ୟ ବିବାହ, ନାରୀ ନିର୍ଯାତନା, ଯୌତୁକଜନିତ ହତ୍ୟା ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଶିକ୍ଷକମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ସନ୍ତୋଷ ସାହୁ, ଲିପୁନ ପ୍ରଧାନ, ଚନ୍ଦ୍ରକାନ୍ତ ବେହେରା, ଆକାଶ ମେହେର, ସୁବାସ ସାହୁ, ଶାନ୍ତନୁ ସେଠୀ,ମୁକେଶ ମଲିକ ଓ ରଶ୍ମିତା ସାହୁ ମଞ୍ଚାସୀନ ରହି ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଲିପୁନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସୁରଭ, ମିଲେଟ କାର୍ଯ୍ୟକ୍ରମ

ତରଭା,୧୧।୧୦(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ପୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁଆ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟସ ପ୍ରତିଯୋଗିତା-୨୦୨୩ ଅନୁଷ୍ଠିତ ହୋଇଯାଇଛି। ପୁଆ ଉ.ପ୍ରା.ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତରଭା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିମାଇଁ ଚରଣ ଖଣ୍ଡଗିରି, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ନନ୍ଦ, ସିଆରସିସି ଦେବାଶିଷ ଗଡତ୍ୟା, ରାମକୃଷ୍ଣ ବେଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜବଦୁ ମହାନନ୍ଦ ଓ ଶିକ୍ଷକ ମେଘୁ ନାଗ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହାପରେ ଜୁନିୟର, ସିନିୟର ଓ ବରିଷ୍ଠ ସିନିୟର ବିଭାଗରେ ସଙ୍ଗୀତ, ତର୍କ, କୁଇଜ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଲିଖନ, ଶ୍ରୁତଲିଖନ, ସୁନ୍ଦର ହସ୍ତାକ୍ଷର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଧ୍ରୁବଲ ପଧାନ, ତରଣୀସେନ ନାଗ, ହିମାଂଶୁ ମେହେର, ବନିତା ବେହେରା,ବିଶ୍ୱମ୍ଭର ନାଏକ ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ବିଶ୍ୱମ୍ଭର ନାଏକ ଧନ୍ୟବାଦ ଦେଇଥିବା ବେଳେ ତରଣିସେନ ପଧାନ ମଞ୍ଚ ପରିଚାଳନା କରିଥିଲେ।

ସେହିପରି ଲକ୍ଷ୍ମୀମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ମୋହନ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡ଼ ଭଇଁରୋ କଲେଜ ଅଧ୍ୟକ୍ଷ ରାଜ କିଶୋର ମଲ୍ଲିକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୁରେଶ ପାଣ୍ଡେ, ଗାନ୍ଧୀ ପାଢ଼ୀ, ପ୍ରଦୀପ ମିଶ୍ର ଓ ଗଣେଶ କୁଦେଇ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସିଆରସିସି ରମେଶ ବାଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଦେବେନ୍ଦ୍ର ଝଙ୍କାର ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ମଲ୍ଲିକ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଶିଶୁ ମହୋତ୍ସବ ସୁରଭି ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ମିଶନ ଶକ୍ତି ଯୋଜନାରେ ୧୬୨ ସ୍କୁଟି ପ୍ରଦାନ

ସୋନପୁର,୧୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

**ଲୋକାର୍ପିତ ହେଲା ଇ-ସ୍କୁଟର ଚାର୍ଜିଂ ସେଣ୍ଟର**

ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମିଶନ ଶକ୍ତି ମହିଳାମାନଙ୍କ କାର୍ଯ୍ୟଧାରାକୁ ଗତିଶୀଳ କରିବା ପାଇଁ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଦ୍ୱାରା ଜିଲାସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦାନ କରି ଏହି ଯୋଜନାରେ ୧୬୨ ଗୋଟି ସ୍କୁଟି ଜିଲାର ମିଶନ ଶକ୍ତି ଫେଡେରେଶନ ଲିଡର ଓ ମିଶନ ଶକ୍ତି ସହାୟକ କର୍ମଚାରୀଙ୍କୁ ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ପୂଜାରୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ଓ ଇଲେକ୍ଟ୍ରି ସ୍କୁଟରର ପ୍ରୋତ୍ସାହନ ନିମନ୍ତେ ଇ - ସ୍କୁଟର ଚାର୍ଜିଂ ଷ୍ଟେଶନର ଲୋକାର୍ପଣ ସୋନପୁର ବ୍ଲକ ଛକଠାରେ ଥିବା ମିଶନ ଶକ୍ତି କଫେ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଷ୍ଟେଶନ ବିଏଲଏଫ ମାଧ୍ୟମରେ ପରିଚାଳିତ ହେବା ସହିତ ମହିଳାମାନେ ରୋଜଗାରକ୍ଷମ ହୋଇପାରିବେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମିଶନ ଶକ୍ତି ମହିଳାଙ୍କୁ ସ୍କୁଟି ପ୍ରଦାନ କରୁଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ବୌଦ୍ଧ,୧୧।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବିଜେଡି ପକ୍ଷରୁ ବୁଧବାର ଦିନ ବୌଦ୍ଧ ସହରରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ପଦଯାତ୍ରା ହୋଇଥିଲା। ପଦଯାତ୍ରା ବୁରୁପାଲିଠାରୁ ବାହାରି ସହରର ଏନଏସି ଛକ ଦେଇ ଟାଉନହଲଠାରେ ପହଞ୍ଚିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ଟାଉନହଲଠାରେ ରାଜ୍ୟ ବିଜୁ ଜନତା ଦଳ ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ମନ୍ତ୍ରୀ ଅମାତ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ପରିଷଦ ସଭ୍ୟ, ବିଶ୍ୱଜିତ ମିଶ୍ର, ପୂର୍ବତନ ବିଧାୟକ ଭଗବାନ କହଁର, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ଜିଲା ବିଜେଡି ଦଳର ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ବୌଦ୍ଧ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଚିତ୍ତ କର୍ଣ୍ଣ, ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ତାରେଣୀ କୁମାର ମହାପାତ୍ର, ,ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ, ଅରୁଣ ପ୍ରଧାନଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ। ଦଳୀୟ ନେତାମାନେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ କରିଥିଲେ। ପଦଯାତ୍ରାରେ ବହୁସଂଖ୍ୟକ ମହିଳା ଓ ପୁରୁଷ କର୍ମୀମାନେ ସାମିଲ ହୋଇଥିଲେ।



ବୌଦ୍ଧରେ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ପ୍ରଦୀପ ଅମାତ,ଦଳୀୟ ନେତା ଓ କର୍ମୀ।

## ଅଞ୍ଚଳର ସମସ୍ୟା ସମାଧାନ ପାଇଁ ଦଳ ସର୍ବଦା ଚେଷ୍ଟିତ

ଅମରପାଲି,୧୧।୧୦(ପୀତାମ୍ବର ସାହୁ)

**ବୀରମହାରାଜପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିକାଶ ଧାରାକୁ ଆଗେଇ ନେବା ସହିତ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସବୁପ୍ରକାର ପ୍ରଚେଷ୍ଟା କରୁଛନ୍ତି। ତାଙ୍କ ନିର୍ଦ୍ଦେଶ କ୍ରମେ ବିଧାୟକ ଓ ସାଂସଦମାନେ ଲୋକଙ୍କ ପାଖକୁ ଯାଇ ଲୋକଙ୍କ ସମସ୍ୟା ଜାଣିବାକୁ ଚେଷ୍ଟା କରୁଛନ୍ତି। ଏହାର ସମାଧାନ କରିବାକୁ ବିଜୁ ଜନତା ଦଳ ସର୍ବଦା ଚେଷ୍ଟିତ। ବିଜୁ ଜନତା ଦଳ କ୍ଷମତାକୁ ଆସିବା ପରେ ଅଞ୍ଚଳରେ ଥିବା ଅନେକ ସମସ୍ୟାର ସମାଧାନ ହୋଇଛି। ଆଉ ଯାହା ସମସ୍ୟା ରହିଛି ତାହା ପର୍ଯ୍ୟାୟକ୍ରମେ ସମାଧାନ କରିବାକୁ ଆମେ ଉଦ୍ୟମ କରୁଛୁ ବୋଲି ବୁଧବାର ବୀରମହାରାଜପୁରରୁ ବିଜୁ ଜନତା ଦଳ ତରଫରୁ ହୋଇଥିବା ନିର୍ବାଚନମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅବସରରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ବୀରମହାରାଜପୁର ଉପକଣ୍ଠ ଗୁନିପଡ଼ାଠାରୁ ଆରମ୍ଭ ହୋଇଥିଲା ପଦଯାତ୍ରା। ଏକ ବିରାଟ ଶୋଭାଯାତ୍ରାରେ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଗୁନିପଡ଼ାରୁ ଆରମ୍ଭ ହୋଇଥିବା ଉକ୍ତ ପଦଯାତ୍ରା ବୀରମହାରାଜପୁର ମୁଖ୍ୟ ଛକ ଦେଇ ଟ୍ୟାକ୍ସି ଷ୍ଟାଣ୍ଡରେ ପହଞ୍ଚିଲା ପରେ ଗାଡ଼ି ଚାଳକ ସଂଘ ତରଫରୁ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା।

ସେଠାରେ ଏକ ପଥପ୍ରାନ୍ତ ସଭା ହୋଇଥିବା ବେଳେ ବିଧାୟକ ବେହେରା ଉଦ୍‌ବୋଧନ ଦେଇଥିଲେ। ପରେ ଚଂପାମାଳ ପଞ୍ଚାୟତର ଚମ୍ପାପୁର, ବାଗବର ପରେ ଜଟେସିଂହାରେ ପଦଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ହୋଇଥିଲା। ଏହାପରେ ସୁବଳୟାରେ ସମସ୍ତ କର୍ମୀ ଓ ପ୍ରତିନିଧିମାନେ ବିଧାୟକଙ୍କ ସହିତ ପଦଯାତ୍ରା କରିଥିଲେ। ଶେଷରେ ଟିଁକିରାପଡ଼ାରେ ପଦଯାତ୍ରା ପରେ ଏକ ସାଧାରଣ ସଭା ହୋଇଥିଲା। ବିଭିନ୍ନ ସ୍ଥାନରେ ଲୋକେ ବିଧାୟକ ବେହେରାଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଜିଲା ବିଜେଡି ମହିଳା ସଭାନେତ୍ରୀ ପଦ୍ମିନୀ ବଘାର, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଜିଲା ବିଜେଡି ଉପସଭାପତି ରଞ୍ଜିତ ରଥ ଓ କିଶୋର ହୋତା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ଜୋନ-୨ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଉଲୁଣ୍ଡା ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ,ବିନିକା ଜିଲା ପରିଷଦ ସଭ୍ୟ ବଶିଷ୍ଠ ଭରାସାଗର, ବିନିକା ଏନଏସି ଅଧ୍ୟକ୍ଷ ସୁବାସ ଭୋଇ, ବିନିକା ନଗର ବିଜେଡି ସଭାପତି ସୋମନାଥ ମିଶ୍ର, ଜିଲା ବିଜେଡି ଡିଜିଟାଲ ମିଡିଆ ସଭାପତି ବିହାରୀଲାଲ ମିଶ୍ର, ଶୈଳରଞ୍ଜନ ବାଦି, ପ୍ରଦୀପ ମିଶ୍ର, ସତ୍ୟଞ୍ଜିବ ମିଶ୍ର, ଧୀରେନ୍ଦ୍ର ପଣ୍ଡା, ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀୟା କର୍ମୀ, ମୀନକେତନ ମହାକୁର, ସରପଞ୍ଚ ମନୋଜ ସାହୁ, ସୂର୍ଯ୍ୟ ନନ୍ଦ, ନିରୁପମା ବର୍ଗତ୍ତି, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପଙ୍କ ସହିତ ସରପଞ୍ଚ, ସମିତି ସଭ୍ୟ, ଜନ ପ୍ରତିନିଧି, ବିଜେଡ଼ି କର୍ମକର୍ତ୍ତା ଓ ସମର୍ଥକ ଯୋଗ ଦେଇଥିଲେ।



ବୀରମହାରାଜପୁରରେ ବିଜେଡିର ପଦଯାତ୍ରାରେ ବିଧାୟକ ଓ କର୍ମୀମାନେ।

## ସଂକ୍ଷେପରେ

### ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ

**କୁଆଁରମୁଣ୍ଡା,୧୧।୧୦(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା ରାଏବୋଗା ଥାନା ଅନ୍ତର୍ଗତ ରଙ୍ଗିଆଡ଼ିପା ବୁଲାଣି ନିକଟରେ ବୁଧବାର ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ପଟି ହୋଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ କାଦୋବାହାଲ ଦୁକାଟୋଲିର ମନୋଜ ମିଞ୍ଜ(୨୨) । ରାଏବୋଗା ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିଛି। ଘଟଣା ସମ୍ପର୍କରେ ମୃତ ମନୋଜଙ୍କ ବାପା ଜାଇନାଥ ଥାନାରେ ଅଭିଯୋଗ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଟେନ୍ସା,୧୧।୧୦(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ୫୦୬ ଜାତୀୟ ରାଜପଥ କମଣ୍ଡ ନିକଟରେ ଛିଡା ହୋଇଥିବା ଏକ ଟ୍ରକ ପଛକୁ ବାଇକ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀକା ମୁଣ୍ଡା। ଗୁରୁତର ହେଲେ ମୋହନ ମୁଣ୍ଡା। ଉଭୟଙ୍କ ଘର କେନ୍ଦୁଝର ଜିଲା ନୟାକୋଟ ଥାନା କାଦୁଅ କଳା ଗ୍ରାମରେ ବୋଲି ଜଣାପଡିଛି। ଏନେଇ କୋଇଡା ଥାନାରେ ମାମଲା (ନଂ ୯୦/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟା ସମୟରେ କାଳଟା ଆଡୁ ଶୀକା ଓ ମୋହନ ଓଡି ୦୫ଏ କେ ୦୧୬୩ ବାଇକ ଯୋଗେ କେନ୍ଦୁଝର ଆସୁଥିଲେ। କମଣ୍ଡ ନିକଟରେ ଛିଡା ହୋଇଥିବା ଏକ ଟ୍ରକ ପଛକୁ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ରେ ଥିବା ୨ ଯୁବକ ଟ୍ରକରେ ପିଡିହୋଇ ଗୁରୁତର ହୋଇଥିଲେ। ଖବର ପାଇ କୋଇଡା ପୋଲିସ ଘଟଣା ସ୍ଥଳେ ପହଞ୍ଚି ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ଚାଳକ ଶ୍ରୀକାଙ୍କ ମୃତ୍ୟୁ ଘଟିଥିଲା। ମୋହନ ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

### ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

**କୁତ୍ରା,୧୧।୧୦(ଦେବାଶିଷ ସାହୁ):** କୁତ୍ରା ଥାନା ଅନ୍ତର୍ଗତ ବିରିଙ୍ଗାଟୋଲିଠାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଦରଲିପାଲି ଗ୍ରାମର ଚନ୍ଦ୍ରକାନ୍ତ ନାଏକ(୨୮)। ଚନ୍ଦ୍ରକାନ୍ତ ବୁଧବାର ବୁଡାକଟା ଗ୍ରାମକୁ ଅପେରା ଦେଖିବା ପାଇଁ ଆସୁଥିବା ବେଳେ ୧୦ ନମ୍ବର ରାଜ୍ୟ ରାଜପଥ ବିରିଙ୍ଗାଟୋଲି ରାସ୍ତା କଡରେ ଥିବା ଏକ ଟ୍ରାକ୍ଟରଟିକୁ ଧକ୍କା ଦେଇଥିଲେ। ଫଳରେ ଗାଡିରୁ ସେ ଛିଟକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଆର୍‌ଆଇ ଅଫିସରୁ ଚୋରି

**ବଡ଼ଗାଁ,୧୧।୧୦(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଚୋରମାନେ ଗ୍ରିଲ୍ ଭାଙ୍ଗି ୧୦ଟି ତାରପୋଲିନ ନେଇଯାଇଛନ୍ତି। ଏ ନେଇ ରାଜସ୍ୱ ନିରୀକ୍ଷକ ସୁବ୍ରତ ପଟେଲ ଥାନାରେ ଲିଖିତ ଭାବେ ଜଣାଇଛନ୍ତି।



ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

# ପ୍ରଥମ ପର୍ଯ୍ୟାୟରେ ୭୬୭ ସଭ୍ୟାଙ୍କୁ ସ୍କୁଟର ପ୍ରଦାନ

## ସୁନ୍ଦରଗଡ଼ରେ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ

**ସୁନ୍ଦରଗଡ଼,୧୧।୧୦(ଜୟ ନାରାୟଣ ମେଣ୍ଡୁଲି)**

ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲା କାର୍ଯ୍ୟାଳୟରେ ଥିବା ଓସ୍ୱାନ୍ ହଲଠାରେ ଆଭାସି ମାଧ୍ୟମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଏମ୍‌ପି ଜୁଏଲ ଓରାମ, ସଦର ବିଧାୟିକା କୁସୁମ ଟେଟେ, ରାଜଗାଙ୍ଗପୁର ବିଧାୟକ ଡା. ସି. ଏସ୍. ରାଜେନ ଏକ୍କା, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲାପାଳ ଡ.ପରାଗ ଗଭାଲି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ପ୍ରମୁଖ ଯୋଗ ଦେଇଥିଲେ। ପରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଯୋଗଦେଇ ଜିଲା ସ୍ତରୀୟ ମିଶନ ଶକ୍ତି ସ୍କୁଟର ଯୋଜନାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଅନ୍ତର୍ଗତ ବ୍ଲକ ସ୍ତରୀୟ ତଥା ଜିଲା ସ୍ତରୀୟ ମିଶନ ଶକ୍ତି ଫେଡେରେଶନର ସଭ୍ୟାଙ୍କୁ ସ୍କୁଟର କିଣିବା ନିମନ୍ତେ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଇଅଛି ଏବଂ ଏହାର ସୁଧ ଅର୍ଥ ରାଜ୍ୟ ସରକାର ବହନ କରିବେ। ପ୍ରକାଶଥାଉ କି, ଜିଲାର ସମସ୍ତ ବ୍ଲକ ତଥା ରାଉରକେଲା ଶିଳ୍ପାଞ୍ଚଳ ଓ ସହର ଆଦିରୁ ସ୍କୁଟର ନିମନ୍ତେ ୨୪୫୭ ଆବେଦନ ରହିଥିଲା। ସେଥି ମଧ୍ୟରୁ ୨୩୫୭ ଆବେଦନ ବ୍ୟାଙ୍କକୁ ହସ୍ତାନ୍ତର କରାଯାଇଥିଲା ଏବଂ ସେଥି ମଧ୍ୟରୁ ୧୨୨୬ ଆବେଦନ ଗୁଡ଼ିକ ମଞ୍ଜୁର ହୋଇଥିଲା। ସେଥିରୁ ପ୍ରଥମ ପର୍ଯ୍ୟାୟରେ ୭୬୭ ଜଣ ସଭ୍ୟାଙ୍କୁ ସ୍କୁଟର ପ୍ରଦାନ କରାଯାଇଛି। ଏହି ଯୋଜନା ମିଶନ ଶକ୍ତି ମହିଳାଙ୍କ ଯାତାୟାତକୁ ଅଧିକ ସୁଗମ କରିବା ସହିତ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିବ। ଫଳରେ ମିଶନ ଶକ୍ତି ମହିଳାମାନେ ବିଶେଷ ଭାବେ ଉପକୃତ ହେବେ। ଏହି ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ଅଧିକାରୀ, ବିଭାଗୀୟ ଅଧିକାରୀ ତଥା ବିଭିନ୍ନ ବ୍ଲକରୁ ଆସିଥିବା ମିଶନ ଶକ୍ତି ମହିଳାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ବଡ଼ଗାଁ,୧୧।୧୦( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରଙ୍ଗାକଛାର ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୯ଟି ବିଦ୍ୟାଳୟର ୧୬୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ୨୫ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ହୋଇଥିଲେ। ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ବରଙ୍ଗାକଛାର କଲେଜ ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସିଆର୍‌ସିସି ପ୍ରଦୀପ କୁମାର ସାହୁ, ବରଙ୍ଗାକଛାର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ ଚନ୍ଦ୍ର ପ୍ରଧାନ, ଦିଲ୍ଲୀପ ପୃଷେଟ, ସୁରେଶ ବେହେରା, ଜୟତରାମ ପ୍ରଧାନ, ଜଗବନ୍ଧୁ ସା, ଦିବ୍ୟାଲୋଚନ ସା, ଅଶୋକ ପୃଷେଟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଓ ବଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ, ବରଙ୍ଗାକଛାର ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା, ସାଂସଦ ପ୍ରତିନିଧି ପରକ୍ଷିତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ରଚନା ଲିଖନ, ନୃତ୍ୟ, ଗୀତ, ଚିତ୍ରକଳା, ଶିଳ୍ପକଳା ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ଜିଲା ପରିଷଦ ସଭ୍ୟ ଓ ଅତିଥି ବୃନ୍ଦ।

# ରାଜଗାଙ୍ଗପୁରରେ ସାଇବର ସଚେତନତା କାର୍ଯ୍ୟକ୍ରମ

**ରାଜଗାଙ୍ଗପୁର,୧୧।୧୦(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ପୋଲିସ ପ୍ରଶାସନ ଦ୍ୱାରା ଓଡ଼ିଶା ସାଇବର ସୁରକ୍ଷା ଅଭିଯାନ ଅନ୍ତର୍ଗତ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଥାନାଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମେ ସକାଳ ୬ଟାରେ ଜନସାଧାରଣଙ୍କ ମଧ୍ୟରେ ସାଇବର ଅପରାଧକୁ ରୋକିବା ପାଇଁ ଏକ ବିଶାଳ ସଚେତନତା ସାଇକେଲ ରାଲି ବାହାରି ସହର ପରିକ୍ରମା କରିଥିଲା। ଏହି ରାଲିକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ. ଦାସ ସବୁଜ ଝଣ୍ଡା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ସରବତୀ ଦେବୀ ମହାବିଦ୍ୟାଳୟ ଛକ ନିକଟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ. ଦାସ, ରାଜଗାଙ୍ଗପୁର ବିଧାୟକ ଡ. ସି.ଏସ୍. ରାଜନ ଏକ୍କା, ପୌରାଧ୍ୟକ୍ଷ ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ ପ୍ରଭୃତି ଯୋଗଦେଇ ସାଇବର ଅପରାଧ ଓ ସେଥିରୁ ସୁରକ୍ଷା ପାଇବା ପାଇଁ କିପ୍ରକାରର ପଦକ୍ଷେପ ନିଆଯିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ ଓ ସଚେତନା ସୃଷ୍ଟି କରିଥିଲେ। ସଭାକାର୍ଯ୍ୟ ପରେ ଯୋଗ ଦେଇଥିବା ୭ଟି ବିଦ୍ୟାଳୟର ଛାତ୍ରୀଛାତ୍ର,୨ କଲେଜର ଛାତ୍ରୀଛାତ୍ର, ୭ଟି ଅନ୍ୟ ବିଦ୍ୟାନୁଷ୍ଠାନର ଛାତ୍ରୀଛାତ୍ର ଓ ୪ଟି ଆଞ୍ଚଳିକ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ଅର୍ଜନ କରୁଥିବା ଛାତ୍ରୀଛାତ୍ରଙ୍କୁ ଏସ୍‌ଡିପିଓ, ଥାନାଧିକାରୀ, ପୋଲିସ ଅଧିକାରୀ ଖଗପତି ବିଶ୍ୱାଳ, ପ୍ରଭ ଶିମରନ ସିଂ, ଦମୟନ୍ତୀ ମହନ୍ତ, ବିଜୟ ଦାସ, ହେମନ୍ତ ଧାରୁଆ, ପ୍ରଶାନ୍ତ ସେନାପତି,ଗୌତମ ବେହେରା, ଶୈଳେଶ ରାଉତ, ଚିନ୍ତାମଣି ମହନ୍ତ, କଂଗ୍ରେସ ଟାଉନ ସଭାପତି ଦୀପୁ ବିନୋଦ, ଓକିଲ ସଂଘ ସଭାପତି ଅଶୋକ ପାଣି, ପୂର୍ବତନ ବିଜେଡି ଟାଉନ ସଭାପତି ଅମରେଶ ପଣ୍ଡା, ରାଜୁ ମହାନ୍ତି, ବିଜେନ୍ଦ୍ର ରଥ, ବିକ୍ରମ ଟପ୍ପୋ ପ୍ରମୁଖ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଏହି ସଭାକାର୍ଯ୍ୟକୁ ସୁଜାତା ଦାସ ଓ ଅନ୍ୟମାନେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସରବତୀଦେବୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ ଚୌଧୁରୀ, ଡାଲମିଆ କଲେଜ ଅଧ୍ୟକ୍ଷା ହିରନ ଲୁଗୁନ, ନିର୍ମଳା ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷ ସିଷ୍ଟର ଉର୍ମିଳା, ସଞ୍ଜୀବ ବେହୁରା, ପ୍ରିୟଦର୍ଶନୀ ଭୋଇଙ୍କ ସମେତ ଅନ୍ୟମାନେ ରହିଥିଲେ।


ସାଇବର ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

### ଖୋଖୋ ପ୍ରତିଯୋଗିତାରେ କୁଆଁରମୁଣ୍ଡାର ୫ ଛାତ୍ରୀ ସାମିଲ

**କୁଆଁରମୁଣ୍ଡା,୧୧।୧୦(ମହେନ୍ଦ୍ର କୁମାର ସାହୁ):** ବୁଧବାରଠାରୁ ୫ ଦିନିଆ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା ଅନୁଗୁଳ ଜିଲା ପିଟିସି ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ କୁଆଁରମୁଣ୍ଡା ବ୍ଲକର ୫ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି। ସେମାନେ ହେଲେ ୧୮ ବର୍ଷରୁ କମ୍ ବାଳକ ବିଭାଗରେ ପଦମପୁର ହାଇସ୍କୁଲର ଅମିତ କୁଜୁର,ବିକାଶ ମହାକୁଲ ଓ କୁମଝରିଆ ହାଇସ୍କୁଲର ସମୀର ଖାଲଖୋ ଏବଂ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ପଦମପୁର ହାଇସ୍କୁଲର ଛାତ୍ରୀ ଆଶ୍ରିତ ଓରାମ ଓ କୁମଝରିଆ ହାଇସ୍କଲର ସୁଦ୍ଧା ଏକ୍କା ରାଜ୍ୟସ୍ତରୀୟ ଖୋଖୋରେ ଅଂଶ ଗ୍ରହଣ କରି ସମଗ୍ର ଜିଲା ଓ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନଙ୍କ ସମେତ ପ୍ରଧାନ ଶିକ୍ଷୟିତ୍ରୀ ଗିତା ଲାକ୍ରା, କଲ୍ୟାଣୀ ପାଣିଗ୍ରାହୀ, ବରିଷ୍ଠ ଶିକ୍ଷକ ତଥା ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ପାଇଁ ପ୍ରୋତ୍ସାହିତ କରୁଥିବା ସଞ୍ଜୟ ସାମଲ, ଯାଗେଶ୍ୱର୍ ରାୟ, କ୍ରୀଡ଼ା ପ୍ରଶିକ୍ଷକ ଅନିଲ ସାହୁ, କରିଷ୍ମା ତିର୍କୀ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ

**ସବ୍‌ଡେଗା,୧୧।୧୦(ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକରେ ଅନ୍ତର୍ଜାତୀୟ ବାଳିକା ଦିବସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କିରାଲଗାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ କାଦମ୍ବିନୀ ମିର୍ଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ବାଳିକାମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ମୁକାବିଲା କରିବା, ସେମାନଙ୍କୁ ସଶକ୍ତୀକରଣ କରିବା, ମାନବିକ ଅଧିକାର ସୁନିଶ୍ଚିତ କରିବା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଏବିଇଓ ବେଦବ୍ୟାସ ପଟେଲ, କିରାଲଗାର ସରପଞ୍ଚ ସଂଯୁକ୍ତା କୁଜୁର, କିରାଲଗା ସମିତି ସଭ୍ୟ ସୁଷମା ବେକ ଯୋଗଦେଇ ସାରା ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ଲିଙ୍ଗଗତ ଅସମାନତାକୁ ଦୂର କରିବା ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଗୀତ, ନୃତ୍ୟ, ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଫେନ୍ସୀ ଡ୍ରେସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ବରିହା ମଞ୍ଚ ପରିଚାଳନା କରିଥିଲେ। କ୍ଲଷ୍ଟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାଏକ, ସିଆର୍‌ସିସି ସୁନୀଲ ଲରିଆ, ପ୍ରବୀଣ ଡନସେନା, ରବୀନ୍ଦ୍ର ଭୋଇ, ଧନେଶ୍ୱର ଦଣ୍ଡସେନା, ପ୍ରଦୀପ ପଟେଲ, ସୁସ୍ମିତ ପଟେଲଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ। ସିଆର୍‌ସିସି ଶୁଭ୍ରାଂଶୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବଡ଼ଗାଁ,୧୧।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଯୁକ୍ତ୨ କଲେଜରେ ମଙ୍ଗଳବାର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆନୁକୂଲ୍ୟରେ ପୋଲିସ ଦ୍ୱାରା ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ସାଇବର ସୁରକ୍ଷା ରଥ, ମାସ୍କଟ ଓ ଅଧିକାରୀଙ୍କୁ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକମାନେ ଭବ୍ୟ ସ୍ୱାଗତ କରି କଲେଜ ପରିସର ପେଣ୍ଡାଲକୁ ପାଛୋଟି ନେଇଥିଲେ। ଏହାପରେ ସାଇବର ଅପରାଧ ଓ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସଭା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ଦାସ, ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ସରୋଜ କୁମାର ପୃଷେଟ, ସାଇବର ସେଲ୍ ଇନ୍ସପେକ୍ଟର ପ୍ରଶାନ୍ତ ସାହୁ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପ୍ରତିନିଧି ପ୍ରଶାନ୍ତ ବାରିକ, ବଡ଼ଗାଁ ଥାନା ଅଧିକାରୀ ବନ୍ଦନା ପାତ୍ର ଯୋଗଦେଇଥିଲେ। ସଭା ଆରମ୍ଭରେ ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ସରୋଜ କୁମାର ପୃଷେଟ ଓ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀ ସାଇବର କ୍ରାଇମ କିପରି ଘଟି ଚାଲିଛି ବୁଝାଇଥିଲେ ଓ ସଚେତନତା ଦ୍ୱାରା ହିଁ ଏହାକୁ ରୋକାଯାଇପାରିବ ବୋଲି କହିଥିଲେ। ଏହାପରେ ସାଇବର ସେଲ୍ ଇନ୍ସପେକ୍ଟର ପ୍ରଶାନ୍ତ ସାହୁ ସରକାର ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ଅଭିଯାନ ଆରମ୍ଭ କରିଥିବା ସୂଚନା ଦେଇଥିଲେ। ସାଇବର ଅପରାଧ କ'ଣ ଓ କାହିଁକି ସଚେତନ ହେବା ଆବଶ୍ୟକ ହୋଇପଡିଛି ସେ ନେଇ ଆଲୋଚନା କରିଥିଲେ। ସାଇବର ଅପରାଧୀମାନେ କିପରି ଚତୁରତା ସହିତ ତଥ୍ୟ ମାଗିନେଇ ଠକେଇ କରିଥାନ୍ତି ତା'ର ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ଠକାମିରେ ପଡିଲେ ସହାୟତା ନଂ. ୧୯୩୦ରେ ଫୋନ କରି ଜଣାଇବାକୁ କହିଥିଲେ। ଛାତ୍ରୀଛାତ୍ର ଭଲଭାବେ ମନେରଖିବା ପାଇଁ କୁଇଜ୍ ମାଧ୍ୟମରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଟିମ୍ ସଚେତନ, ଟିମ୍ ଧୁରନ୍ଧର, ଟିମ୍ ଗୋଇନ୍ଦା ଓ ଟିମ୍ ହୁସିଆର୍ ମଧ୍ୟରେ ସାଇବର କ୍ରାଇମ ଓ ସୁରକ୍ଷା ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଟିମ୍ ସଚେତନ ପ୍ରଥମ ସ୍ଥାନ ଓ ଟିମ୍ ଗୋଇନ୍ଦା ଦ୍ୱିତୀୟ ସ୍ଥାନ ପାଇଥିଲେ। ପୋଲିସ ପକ୍ଷରୁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଥାନା ଅଧିକାରୀ ବନ୍ଦନା ପାତ୍ରଙ୍କ ସହିତ ସବ୍‌ଇନ୍ସପେକ୍ଟର, ସହକାରୀ ସବ୍‌ଇନ୍ସପେକ୍ଟର ଓ କର୍ମଚାରୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଡିଆଇଜିଙ୍କୁ ଭେଟି ଜଣାଇଲେ ବିଭିନ୍ନ ସମସ୍ୟା

**ସୁନ୍ଦରଗଡ଼,୧୧।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠନେତା ତଥା ଜିଲା ଉପସଭାପତି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ରାଉରକେଲା ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି ନୀତି ଶେଖରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଜିଲାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଲୁହୁରାଡ଼ିପାଠାରେ ଥିବା ନୂତନ ବେସରକାରୀ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ଏବଂ ପ୍ରାୟ ସମୟରେ ବସଷ୍ଟାଣ୍ଡ ସମ୍ମୁଖ ଓଭରବ୍ରିଜ ତଳେ ଭାରୀଯାନ ଟ୍ରକ ଗୁଡିକ ଓ ଅଟୋ ଗୁଡିକ ରାସ୍ତାରେ ବେଆଇନ ଭାବେ ପାର୍କିଂ କରୁଥିବାରୁ ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକେ ଅସୁବିଧା ଭୋଗୁଛନ୍ତି। ଏଥିସହିତ ଅସାମାଜିକ ଲୋକଙ୍କ ମଧ୍ୟ ପ୍ରାଦୁର୍ଭାବ ବଢ଼ିଚାଲିଛି। ଏହି ବେସରକାରୀ ବସ୍‌ଷ୍ଟାଣ୍ଡରେ ଏକ ପୋଲିସ ଫାଣ୍ଡି ପାଇଁ ଅନେକ ଥର ବସ ମାଲିକ ସଂଘ ଏବଂ କର୍ମଚାରୀ ସଂଘ ସହିତ ବିଜେଡି ମଧ୍ୟ ଆରକ୍ଷୀ ଅଧିକ୍ଷକ (ଏସପି )ଙ୍କ ପାଖରେ ଦାବି କରିଛି। ଏହାସହିତ ସରକାରୀ କଲେଜ ପାଖରେ ଆର୍‌ଆର୍‌ଆଇଟି କଲୋନୀ ହେଉ କିମ୍ବା କଲେଜ ବାଇପାସ ରୋଡ ଛକ ପାଖରେ ପୋଲିସ ଫାଣ୍ଡି ଖୋଲାଯିବା ପାଇଁ ଆଲୋଚନା କରାଯାଇଥିଲା। ଡ୍ରଗ୍ସ କାରବାର କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ହେମଗିର ଥାନା ଅନ୍ତର୍ଗତ ବିଲେଇମୁଣ୍ଡା ଗାଁରେ ଏକ ପୋଲିସ ଥାନା ପାଇଁ ଅନେକ ବର୍ଷରୁ ଗ୍ରାମବାସୀଙ୍କ ତରଫରୁ ହୋଇ ଆସୁଥିବା ଦାବିର ଯଥାର୍ଥତାକୁ ବିଚାର କରି ସେଠାରେ ଏକ ଥାନା ନିର୍ମାଣ କରିବାକୁ ଦାବି କରିଥିଲେ। ଦାବି ଶୁଣିବା ପରେ ଏହି ସବୁ ବିଷୟରେ ସେ ନିଶ୍ଚିତଭାବେ ପଦକ୍ଷେପ ନେବେ ବୋଲି ଡିଆଇଜି ପ୍ରତିଶ୍ରୁତି ଦେଇଛନ୍ତି। ପରେ ଏହି ପ୍ରତିନିଧି ମଣ୍ଡଳୀ ରାଉରକେଲା ଆପୋଲୋ ଗ୍ରୁପ ଦ୍ୱାରା ପରିଚାଳନା ହେଉଥିବା ସୁପର ସ୍ପେଶାଲିଷ୍ଟ ହସ୍ପିଟାଲକୁ ଯାଇ ସେଠାରେ ଚିକିତ୍ସା ହେଉଥିବା ଜିଲାର ବରିଷ୍ଠ ବିଜେଡି ନେତା, ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ବୁଝି ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ଜିଲା କୃଷକ ବିଜେଡିର ସଭାପତି ଗୋପାଳ ପ୍ରଧାନ, ବିଜେଡି ଉପସଭାପତି ଗୋପବନ୍ଧୁ ମହାନ୍ତି ଏବଂ ପୂର୍ବତନ ନଗରପାଳ ତଥା ଜିଲା ବିଜେଡିର ଅନ୍ୟତମ ଉପସଭାପତି ତଥା ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।


ଡିଆଇଜିଙ୍କୁ ବିଜେଡି ପ୍ରତିନିଧି ମଣ୍ଡଳୀ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି।

### ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ରାଜଗାଙ୍ଗପୁର,୧୧।୧୦ (ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଫୁଟ୍‌ବଲ ଖେଳ ପଡିଆରେ ବୁଧବାର ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଖେଳ ପ୍ରତିଯୋଗିତା ହାଇଥିଲା। ୧୪ ବର୍ଷ ଏବଂ ୧୭ ବର୍ଷ ବୟସ ତଳକୁ ୨ଟି ବର୍ଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ତହସିଲଦାର ଇଜିୟୁସ ବିନୟ କୁଲ୍ଲୁ, ସମ୍ମାନିତ ଅତିଥିଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସନା, ବ୍ଲକଶିକ୍ଷା ଅଧିକାରୀ ସରିତା ସୋନିଆ, ରାଜଗାଙ୍ଗପୁର ସିଟିଜେନ ଫୋରମ ସଭାପତି ଅଶୋକ ଦାସ ପ୍ରଭୃତି ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିବା ସହ ନିଜ ନିଜର ବକ୍ତବ୍ୟ ମାନ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୨୫ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନେ ଆଗାମୀ ୧୮ରେ କୁତ୍ରାରେ ଅନୁଷ୍ଠିତ ହେବାକୁ ଥିବା ଜିଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ରାଷ୍ଟ୍ରୀୟ ବିଦ୍ୟାଳୟର ଶିକ୍ଷକମାନେ ଏହି କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ

ସମ୍ବଲପୁର,(ବି.ଶଙ୍କର): ସମ୍ବଲପୁର ନାରୀ ଜାଗରଣ କେନ୍ଦ୍ରଠାରେ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର ଅଧ୍ୟକ୍ଷତା କରିଥିଲେ। ବିଜେଡି ସମ୍ବଲପୁର ଜିଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ଏମ୍‌ପି ଭବାନିଶଙ୍କର ହୋତା, ବିଜେଡି ନେତା ଗୋକୁଳ ମେହେର, ଅଶୋକ ସେନାପତି, ଡ. ଶ୍ୟାମସୁନ୍ଦର ଧର, ଡ. ପରେଶ ଚନ୍ଦ୍ର ଦାନି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୟପ୍ରକାଶ ନାରାୟଣଙ୍କ ନୀତି ଆଦର୍ଶ ଓ ସମାଜ ପାଇଁ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ନାରୀବାଦ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,୧୧।୧୦(ବି.ଶଙ୍କର) ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ ବୁଧବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ଶ୍ରମିକ ନେତା ଗୋକୁଳ ମେହେରଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ପୂର୍ବତନ ଲୋକ ସଭା ସଦସ୍ୟ ଭବାନୀ ଶଙ୍କର ହୋତା, ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ଚାଷୀ ନେତା ସରୋଜ ମହାନ୍ତି ଓ ଏନ୍ ଗୋପାଳ ଆଲୋଚକ ଭାବେ ଯୋଗଦେଇ ଜୟପ୍ରକାଶଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଉପରେ ଆଲୋଚନା କରିଥିଲେ। ହୀରାକୁଦ ମହାବିଦ୍ୟାଳୟର ଅଧ୍ୟାପକ ଅକ୍ଷୟ କୁମାର ସୁତାରଙ୍କ ଲିଖିତ ନାରୀବାଦ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରଇଥିଲେ।

### ଗଡମୁଣ୍ଡା କ୍ଲଷ୍ଟରସ୍ତରୀୟ ସୁରଭି

ସମ୍ବଲପୁର,୧୧।୧୦(ବି.ଶଙ୍କର) ଗଡମୁଣ୍ଡା କ୍ଲଷ୍ଟରସ୍ତରୀୟ ସୁରଭି ଓ ମିଲେଟ ମିଶନ ଓଡିଶା କାର୍ଯ୍ୟକ୍ରମ ବୁଧବାର ତାରାନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେଡି ନେତା ସୁରେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଦୀପ ରାଉତରାୟ ସମ୍ମାନିତ ଅତିଥି ଥିଲେ। ଗଡମୁଣ୍ଡା ସିଆର୍‌ସିସି ସୁପ୍ରଭା ସ୍ୱାଇଁ ଓ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲଷ୍ଟରର ୮ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନ ଲିଖନ, ବକ୍ତୃତା ଆଦି ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ହିଣ୍ଡାଲ୍‌କୋ ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର ଯୋଗ ଦେଇଥିଲେ। ଶେଷରେ ସୁନିତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### କୁଚିଣ୍ଡାରେ ମିଶନଶକ୍ତି ସ୍କୁଟି ଯୋଜନା ଉଦ୍‌ଘାଟିତ

କୁଚିଣ୍ଡା,୧୧।୧୦(ବିରଞ୍ଚି ଦର୍ଶୀ) କୁଚିଣ୍ଡା ବ୍ଲକ ସଭାଗୃହରେ ବୁଧବାର ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ସ୍କୁଟି ଯୋଜନାର ଶୁଭ ଉଦଘାଟନ କରିଛନ୍ତି। ଏଥିରେ କୁଚିଣ୍ଡା ବିଡିଓ ଅରୁଗୁଲା ସ୍ନେହା (ଆଇଏସ୍), ଓଏସ୍‌ଡିଏ ନିରଞ୍ଜନ ସା, ଏବିଡିଓ ସହଦେବ ନନ୍ଦ, ବିପିଏମ ଗିପେନସନ ବେହେରା, ବିପିସି ପ୍ରଫୁଲ୍ଲ କିଣ୍ଡୋ, ମିଶନ ଶକ୍ତି ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଯୋଜନାରେ ବ୍ଲକର ୨୫୧ ହିତାଧିକାରୀଙ୍କ ଦରଖାସ୍ତ ବ୍ୟାଙ୍କ ଋଣ ନିମନ୍ତେ ପ୍ରେରିତ ହୋଇଛି। ତନ୍ମଧ୍ୟରୁ ୫୦ ଜଣଙ୍କ ସ୍କୁଟି ଋଣ ବ୍ୟାଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ବେଳେ ବୁଧବାର ୩୫ଜଣ ହିତାଧିକାରୀଙ୍କୁ ସ୍କୁଟି ପ୍ରଦାନ କରାଯାଇଛି।

### କଲେଜରେ ଅନ୍ତର୍ଜାତୀୟ ବାଳିକା ଦିବସ

ନାକଟିଦେଉଳ,୧୧।୧୦(ବୈକୁଣ୍ଠ ନାଥ ସାହୁ) ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ଯୁବ ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ, ଅଧ୍ୟାପିକା ସଙ୍ଗୀତା ସେଠ, ଜୟନ୍ତୀ ସାହୁ, ଲିଟିନା ପ୍ରିୟଦର୍ଶନୀ ପ୍ରମୁଖ ଯୋଗଦେଇ ବାଳିକାମାନଙ୍କୁ କିପରି ସମାଜରେ ସ୍ୱତନ୍ତ୍ର ସ୍ଥାନ ଦେଇ ସେମାନଙ୍କର ସୁରକ୍ଷା ଓ ସମ୍ମାନ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

### ବାଲ୍ୟବିବାହ ରୋକିବା ପାଇଁ ହେବ ବିବିଧ କାର୍ଯ୍ୟକ୍ରମ

ସମ୍ବଲପୁର,୧୧।୧୦(ବି.ଶଙ୍କର) ବାଲ୍ୟବିବାହ ରୋକିବା ପାଇଁ ଆସନ୍ତା ୧୬ ତାରିଖରୁ ୬୦୦ ଗୋଟି ଗ୍ରାମରେ ବିବିଧ କାର୍ଯ୍ୟକ୍ରମ କରାଯିବ। ବୁଧବାର ସମ୍ବଲପୁରସ୍ଥିତ ରୋଟାରି କ୍ଲବ ସଭାକକ୍ଷଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଦର୍ଶ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ବେହେରା ଏହା କହିଛନ୍ତି। ସମ୍ବଲପୁର ଜିଲା ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ପ୍ରଶାନ୍ତ ପାଢୀ, କାର୍ଯ୍ୟାଳୟର ପ୍ରକଳ୍ପ ସଂଯୋଜକ ରଞ୍ଜନ ନାଏକ, ପ୍ରକଳ୍ପ ଆବାହକ ଜ୍ୟୋତି ଶତପଥି ବାଲ୍ୟବିବାହ ରୋକିବା ନେଇ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ସଚେତନତା ବାର୍ତ୍ତା ଥିବା ପୁସ୍ତିକା ଉନ୍ମୋଚିତ ହୋଇଥିଲା।



ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ବିକାଶ ଛାତ୍ରୀଛାତ୍ରଙ୍କ ଯୋଗାସନ।

# ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଜରୁରୀ

**ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ବିକାଶ ଛାତ୍ରୀଛାତ୍ରଙ୍କ ଯୋଗାସନ**

ବରଗଡ଼,୧୧।୧୦(ପ୍ରେମାନନ୍ଦ ଖମାରୀ) ବରଗଡ଼ ବିକାଶ ନର୍ସିଂ କଲେଜ ଦ୍ୱାରା ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲ ସମ୍ମୁଖରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ୍ସର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲର ନିର୍ଦ୍ଦେଶକ ଡା. ହିମାଂଶୁ ଶେଖର ମିଶ୍ର, ଜେନେରାଲ ମ୍ୟାନେଜର ଅପରେଶ ବିଶୋଇ, ମାନବ ସମ୍ବଳ(ଏଚଆର୍) ମ୍ୟାନେଜର ଦେବଯାନୀ ଦାଶ, ନର୍ସିଂ ଅଧୀକ୍ଷିକା ମମତା ମଲ୍ଲିକ, ଗୁଣବତ୍ତା ସଂଯୋଜିକା ଦିପ୍ତୀମୟୀ ମଲ୍ଲିକ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ.ଡି ଷ୍ଟେଲା, ଉପାଧ୍ୟକ୍ଷା ଦିପାଞ୍ଜଳୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିକାଶ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ ପରିବେଷଣ ସହିତ ମାନସିକ ସ୍ୱାସ୍ଥ୍ୟ ଉପରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷା ଷ୍ଟେଲା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।

ସେହିପରି ବିକାଶ ଡିଗ୍ରୀ କଲେଜରେ ୩ ପର୍ଯ୍ୟାୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଛାତ୍ରାବାସ ଅନ୍ତେବାସୀ ପ୍ରଭାତ ସମୟରେ ସାମୂହିକ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଶ୍ୱ ମାନସିକ ଦିବସର ଚଳିତବର୍ଷର ମୂଳମନ୍ତ୍ର ମାନସିକ ସ୍ୱାସ୍ଥ୍ୟ, ବିଶ୍ୱସ୍ତରୀୟ ମାନବ ଅଧିକାର ଆଧାରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂରଚିତ ୱାଲ ମେଗାଜିନ ଉନ୍ମୋଚନ କରାଯାଇଥିଲା। ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କ ନିଆରା ପ୍ରୟାସକୁ ପ୍ରଶଂସା କରିବା ସହିତ ସବୁବେଳେ ଖୁସି ରହିବା ପାଇଁ ଏବଂ ସକାରାତ୍ମକ ଚିନ୍ତନରେ ବ୍ରତୀ ରହିବା ପାଇଁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା ବିଶେଷ ସଂଗୋଷ୍ଠୀରେ ମନୋବିଜ୍ଞାନ ବିଭାଗର ଛାତ୍ର ଶିବରାଜ ବେହେରା ଏବଂ ଛାତ୍ରୀ ସଂସ୍କୃତି ହୋତାଙ୍କ ଉପସ୍ଥାପନ ମର୍ମସ୍ପର୍ଶୀ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସାନ୍ଧ୍ୟକାଳୀନ ସମାବେଶରେ ଅଡ଼ିଓ ଭିଜୁଆଲ ପ୍ରେକ୍ଷାଳୟରେ ମେଣ୍ଟାଲିଟି ଶୀର୍ଷକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ଡକୁମେଣ୍ଟାରୀ ଚଳଚ୍ଚିତ୍ରରେ ମାନସିକ ଅସୁସ୍ଥତାର ନିଦାନ ପାଇଁ ବିଶ୍ୱସ୍ତରରେ ଏପର୍ଯ୍ୟନ୍ତ ହୋଇଥିବା ମାନବ ପ୍ରୟାସ ଏବଂ ଅନୁସନ୍ଧାନ ଉପରେ ମନୋବୈଜ୍ଞାନିକ ପ୍ରଫେସର ମୁକେଶ ଲାଠିଆଙ୍କ ଉପସ୍ଥାପନ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷଣୀୟ ହୋଇ ପାରିଥିଲା। ଏହି ଅବସରରେ ହଷ୍ଟେଲ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ମାଇଲ କ୍ଲବ ପରିକଳ୍ପନା କରାଯାଇଛି ବୋଲି ଉପାଧ୍ୟକ୍ଷ ଆରଏସଭି କ୍ରୀଷ୍ଣା ସୂଚନା ଦେଇଥିଲେ। କୋଅର୍ଡ଼ିନେଟର ସୁରଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ଲିପ୍ସିତା ଯୋଶୀ ଏବଂ ରୋଜି ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରଗଡ଼ ପଞ୍ଚାୟତ କଲେଜ ମନୋବିଜ୍ଞାନ ବିଭାଗରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ବେନି ପଟେଲ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଭୁବନେଶ ବୈଶାଖ ଆତ୍ମପ୍ରେମ, ଆତ୍ମ ସଚେତନତା, ଚାପ ନିୟନ୍ତ୍ରଣର ବିଭିନ୍ନ ଦିଗ ଉପରେ କହିଥିଲେ। ଅଧ୍ୟାପିକା ମୋନାଲିସା ପ୍ରଧାନ ମାନସିକ ସ୍ୱାସ୍ଥ୍ୟକୁ ଏକ କଳଙ୍କ ନ ଭାବି ଏ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ମାନସିକ ରୋଗର ଲକ୍ଷଣ ଦେଖାଦେଲେ ମନୋବୈଜ୍ଞାନିକ କିମ୍ବା ମନୋଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ ବୋଲି କହିଥିଲେ। ବିଜ୍ଞାନଗାର ସହାୟକ ଡ. ପ୍ରକାଶ ଭୁଏ ସାମାଜିକ ଦୃଷ୍ଟିକୋଣରୁ ମାନସିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସାର୍ବଜନୀନ ମାନବିକ ଅଧିକାର ଏବଂ ଭାରତରେ ଏହାର ସ୍ଥିତି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରାଯାଇଥିଲା। ସେହିପରି ନର୍ସିଂ ଛାତ୍ରୀମାନେ ଯୋଗ, ପ୍ରାଣାୟମ କରିଥିଲେ। ଅଧ୍ୟାପକ ଟିଙ୍କୁ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଅଙ୍କିତା ନାଥ, ରିଙ୍କୁ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଗୋପାଳଜୀ ପଣ୍ଡିତ ମହାସଭା ବୈଠକ

ସମ୍ବଲପୁର,୧୧।୧୦(ବି.ଶଙ୍କର) ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନୁପାଲି ଗୋପାଳଜୀ ମଠରେ ବୁଧବାର ଆଞ୍ଚଳିକ ଗୋପାଳଜୀ ପଣ୍ଡିତ ମହାସଭାର ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୯ ତାରିଖ ଶଙ୍କର ମଠରେ ଗୋପାଳ ସହସ୍ର ନାମ ପାଠ, ଗୋପୂଜନ, ସୂର୍ଯ୍ୟପୂଜା, ପଶ୍ଚିମାଞ୍ଚଳ ଜିଲାଗୁଡିକରେ ସାମୂହିକ ବ୍ରତ ଇତ୍ୟାଦି କାର୍ଯ୍ୟକ୍ରମ ଅୟୋଜନ କରିବାକୁ ସ୍ଥିର ହୋଇଛି। ଏଥିସହ ପଣ୍ଡିତ କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବାକୁ ବୈଠକରେ ମତପ୍ରକାଶ ପାଇଛି। ପଣ୍ଡିତ ରବିନାରାୟଣ ପଣ୍ଡା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବଂଶୀଧର ମିଶ୍ର, ଆଶୁତୋଷ ହୋତା, ଆଲୋକ ପଣ୍ଡା, ଜୟକୃଷ୍ଣ କର, ସୋମିତ୍ରି ପାଢ଼ୀ, ସଞ୍ଜୀବ ପାଣିଗ୍ରାହୀ ଓ ଆଇନଜୀବୀ ଅରବିନ୍ଦ ନାୟକ ଆଲୋଚନାରେ ଭାଗ ନେଇଥିଲେ।



## ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

ପଦ୍ମପୁର, ୧୧।୧୦(ପ୍ରଦୀପ୍ତ ଦାଶ): ବରଗଡ ଜିଲା ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ଉପ ଜିଲାପାଳ ଆଲୋକ କୁମାର ପଟେଲ ଯୋଗଦେଇ ନାରୀ ଶକ୍ତିର ଗୁଣଗାନ କରିଥିଲେ। ସମ୍ମାନୀତ ଅତିଥି ପଦ୍ମପୁର ଥାନା ଆଇଆଇସି ମମତା ନାଏକ ଯୋଗଦେଇ ଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ବିଷୟରେ ଶିକ୍ଷା ଦେଇଥିଲେ। ବିନାୟକ ମିଶ୍ର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ନିରୋଜ ଦୋରା ଯୋଗଦେଇ ନାରୀଶକ୍ତିର ଆବଶ୍ୟକତା ଓ ଅବଦାନ ଉପରେ ମତ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସୁରେନ୍ଦ୍ର ଭୋଇ ସଭା ପରିଚାଳନା, ବୃନ୍ଦାବନ ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

## ୫ମ ଦିନରେ ଜୟଦୁର୍ଗା ଚ୍ୟାଲେଞ୍ଜ ଫୁଟ୍‌ବଲ ଟୁର୍ନାମେଣ୍ଟ



ରେଫରିଙ୍କ ସହ ଉଭୟ ଦଳର ଖେଳାଳି।

କୁଚିଣ୍ଡା,୧୧।୧୦(ବିରଞ୍ଚି ଦର୍ଶୀ) କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ ଚାଲିଥିବା ଜୟଦୁର୍ଗା ଚାଲେଞ୍ଜ ସିଲଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ୫ମ ଦିନରେ ପହଞ୍ଚିଛି। ପ୍ରଥମ ମ୍ୟାଚ ପୁରୁଣାପାଣି ଓ କୁଲିହାମାଲ ମଧ୍ୟରେ ହୋଇଥିବା ବେଳେ ପୁରୁଣାପାଣି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମନ୍ତ୍ରୀମୁଣ୍ଡା ଜୁନିୟର ଓ ସାହାଜବାହାଲ ମଧ୍ୟରେ ହୋଇଥିଲା। ଏଥିରେ ମନ୍ତ୍ରୀମୁଣ୍ଡା ବିଜୟୀ ହୋଇଥିଲା। ମ୍ୟାଚକୁ ରେଫରି ଭାବେ ପିଇଟି ଉଦିତ ପ୍ରତାପ ଦେଓ, ବାପି ବାଗ, ଅକ୍ଷୟ କିଷାନ, ସୁଧିର ଜୟପୁରିଆ, ବିରସିଙ୍ଗ ବାଘ, ଯଶୋବନ୍ତ କିଷାନ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଗଣେଶ ଅଗ୍ରୱାଲ, ସଞ୍ଜିତ ଶର୍ମା, ଆନନ୍ଦ ଶର୍ମା, ଧିରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ‘ବିଜେଡି ସରକାରର ବିକଳ୍ପ ନାହିଁ’

ଝାରବନ୍ଧ, ୧୧।୧୦(ଦେବେନ୍ଦ୍ର ସାହୁ) ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକର ଡ଼ୁଭାଠାରୁ ଜାମପାଲି ପର୍ଯ୍ୟନ୍ତ ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ବ୍ଲକ ଅଧକ୍ଷା ଲିପସା ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ହୃଷୀକେଶ ବରିହା, ବିଜୟ କେତନ ପ୍ରଧାନ, ନନ୍ଦଲାଲ ମହାପାତ୍ର, ସୁଶୀଲ ମରାଇ, ଜବାହାର ଲାଲ ସିଂ ବରିହା, ଯତୀନ୍ଦ୍ର ହାତୀ, ପ୍ରମୁଖଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଜାମପାଲିରେ ବ୍ଲକ ବିଜେଡି ସଭାପତି ଯତୀନ୍ଦ୍ର ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟିକା ବରିହା ବିଜେଡି ସରକାରର ବିକଳ୍ପ ନାହିଁ ବୋଲି କହିଥିଲେ। ଅନ୍ୟ ନେତୃବୃନ୍ଦ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ କହିଥିଲେ। ଆଗାମୀ ଦିନରେ ବିଜେଡିକୁ ପୁଣି ଶାସନକୁ ଆଣିବା ପାଇଁ ଦଳୀୟ କର୍ମୀମାନେ ଏକମନ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ହିଣ୍ଡାଲ୍‌କୋ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ହିଣ୍ଡାଲ୍‌କୋ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର,୧୧।୧୦(ବି.ଶଙ୍କର) ହିଣ୍ଡାଲ୍‌କୋ ପକ୍ଷରୁ ସମ୍ବଲପୁର ଜିଲା ତାରାସିଂପଡ଼ାଠାରେ ଆନ୍ତର୍ଜାତୀୟ ବାଳିକା ଶିଶୁ ଦିବସରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଡାର ମହିଳାମାନେ ବାଳିକା ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ଓ ସର୍ବାଙ୍ଗୀନ ଉନ୍ନତି କିପରି କରିବେ ସେ ନେଇ ସଚେତନ କରିଥିଲେ। ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ ମହାପାତ୍ର ଯୋଗ ଦେଇ କହିଥିଲେ, ବାଳିକାମାନେ ଦେଶର ଭବିଷ୍ୟତ। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ ଉପସ୍ଥିତ ଥିବା ସମସ୍ତ ମହିଳା ଓ ବାଳିକାମାନଙ୍କୁ ଉପଦେଶ ଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଏସ୍‌ଆର୍ ବିଭାଗର ଜିତେଶ ରଥ ଓ ସରୋଜ ଆଚାର୍ଯ୍ୟ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ପରାମର୍ଶ କ୍ରମେ ଓଡିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଷ୍ଟିଲ୍ ବାସନ ବଣ୍ଟନ

ସମ୍ବଲପୁର,୧୧।୧୦(ବି.ଶଙ୍କର) ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଷ୍ଟିଲ ବାସନ ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂଙ୍କ ନେତୃତ୍ୱରେ ଅଭାବୀ ମହିଳାଙ୍କୁ ବାସନ ଦିଆଯାଇଥିଲା। ଉପସଭାନେତ୍ରୀ ଆଲପାନା ଶୁକ୍ଲା ରାଓ ଓ ଅଞ୍ଜଳି ବାପାଟଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହାସହ ଧନକଉଡା ବ୍ଲକ କାଟାପାଲି ଗ୍ରାମର ୧୦ଜଣ ଅଭାବୀ ବୃଦ୍ଧାଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି। ଭବିଷ୍ୟତରେ ଏହିପରି ସେବା କାର୍ଯ୍ୟ ଜାରି ରହିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

## ୪ଦଫା ଦାବିରେ ଧାରଣା

ବରଗଡ଼,୧୧।୧୦(ପ୍ରେମାନନ୍ଦ ଖମାରୀ) ଜିଲା ସ୍ୱାବଲମ୍ବୀ କାରିଗର ଏସଇଏମ ଓ ପମ୍ପ ଡ୍ରାଇଭର ପିଡି ସଂଘ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ୪ଦଫା ଦାବି ନେଇ ସଂଘର ସଭ୍ୟମାନେ ଏହି ଧାରଣା ଦେଇଥିଲେ। ସ୍ୱାବଲମ୍ବୀ କାରିଗରଙ୍କୁ ନଳକୂପ ରକ୍ଷଣାବେକ୍ଷଣ ନିମନ୍ତେ ମାସିକ ଅନରିୟମ ରାଶି ବୃଦ୍ଧି ସହିତ ଠିକ୍‌ଭାବେ ପ୍ରଦାନ କରିବା, ଦରମା ବୃଦ୍ଧି, ଖାଲିଥିବା ପଦବୀ ତୁରନ୍ତ ପୂରଣ ଦାବି ସେଥିମଧ୍ୟରେ ରହିଛି। ଏହି ଦାବି ନେଇ ବାରମ୍ବାର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କିଛି ସୁଫଳ ନ ମିଳିବାରୁ ସଂଘର କର୍ମକର୍ତ୍ତା ଏବଂ ସଭ୍ୟମାନେ ଧାରଣାକୁ ଓହ୍ଲାଇଛନ୍ତି।




ଜିଲାପାଳ ଅଫିସ ଆଗରେ ଏସଇଏମ କାରିଗରଙ୍କ ଧାରଣା।

## ଜିଲାସ୍ତରୀୟ କବାଡି ଚାମ୍ପିୟନଶିପ୍

ପାଇକମାଳ, ୧୧।୧୦(ବଡ ଶତପଥି) ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ କବାଡି ଚାମ୍ପିୟନଶିପରେ ୧୭ବର୍ଷରୁ କମ୍ ବାଳକ ବିଭାଗରେ ପଦ୍ମପୁର ବ୍ଲକକୁ ହରାଇ ପାଇକମାଳ ବ୍ଲକ ଏବଂ ବାଳିକା ବିଭାଗରେ ପଦ୍ମପୁର ବ୍ଲକକୁ ହରାଇ ପାଇକମାଳ ବ୍ଲକ ଚାମ୍ପିୟନ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଅତାବିରା ବ୍ଲକକୁ ହରାଇ ଝାରବନ୍ଧ ବ୍ଲକ ଚାମ୍ପିୟନ ହୋଇଛି। ବାଳିକା ବିଭାଗରେ ଝାରବନ୍ଧ ବ୍ଲକକୁ ହରାଇ ପାଇକମାଳ ବ୍ଲକ ଚାମ୍ପିୟନ ହୋଇଛି। ବରଗଡ଼ ଏଡିଇଓ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନୀତ




ଅତିଥିଙ୍କ ସହ ଚାମ୍ପିୟନ ପାଇକମାଳ ବ୍ଲକର ଖେଳାଳିମାନେ।

**ପାଇକମାଳ ବ୍ଲକ ଚାମ୍ପିୟନ**

ଅତିଥି ଭଟଲି ବିଇଓ ସରୋଜ କୁମାର ଭୁଏ, ବିଜେପୁର ବିଇଓ ମକୁନ୍ଦ ମହରା, ଗାଇସିଲେଟ ବିଇଓ ରାମଲାଲ ବରିହା, ବିଜେପୁର ବିଇଓ ସୁରେଶ କୁମାର ରାଉତରାୟ, ପଦ୍ମପୁର ବିଇଓ ଲୋକନାଥ ଭୋଇ, ପାଇକମାଳ ବିଇଓ ଚୂଡ଼ାମଣି ବାରିକ, ବରପାଲି ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ଭୁଏ, ପାଇକମାଳ ବିଡିଓ ସୁରେନ୍ଦ୍ର ନାଥ ସାହୁ, ପାଇକମାଳ ଏବିଡିଓ ଦେବାଶିଷ ସିହ୍ନା, ପାଇକମାଳ ହାଇସ୍କୁଲ ପ୍ରଧାନଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ, ମାଣ୍ଡୋସିଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟା ମିନତି ଟେଟେ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ଶିକ୍ଷକ ଡୋଳାମଣୀ ମାହାର ଓ ତ୍ରିଲୋଚନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତରେ ଜିଲାର ୧୨ଟି ବ୍ଲକର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ପ୍ରସଙ୍ଗରେ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

- କଟକ-ଅନୁଗୋଳ-ସମ୍ବଲପୁର ରାଜପଥ, ରିଙ୍ଗ୍‌ରୋଡ୍, କୋଷ୍ଟାଲ ହାଇୱେ, ରାଜଧାନୀ ରିଙ୍ଗ୍‌ରୋଡ୍ ପ୍ରକଳ୍ପ ନେଇ ହୋଇଛି ଆଲୋଚନା
- ପ୍ରକଳ୍ପ ଶୀଘ୍ର ଶେଷ କରିବା ପାଇଁ ଗଡ୍‌କରୀଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର,୧୧।୧୦(ଅନିଲ ଦାସ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀଙ୍କୁ ଭେଟି ଓଡ଼ିଶାରେ ଚାଲୁରହିଥିବା ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି।

ଏହି ବୈଠକ ପରେ ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଗଡ୍‌କରୀଙ୍କ ସହ ଏନ୍‌ଏଚ୍-୫୫ ଅନ୍ତର୍ଗତ ଦୁଇଟି ପ୍ୟାକେଜରେ ନିର୍ମାଣାଧୀନ କଟକ-ଅନୁଗୋଳ ରାଜପଥର ଅଗ୍ରଗତି, ଅନୁଗୋଳ-ସମ୍ବଲପୁର ସେକ୍ସନ, ଏନ୍‌ଏଚ୍-୫୩ ଅନ୍ତର୍ଗତ ତାଳଚେରରୁ କାମାକ୍ଷାନଗର ବାଇପାସ୍, ସମ୍ବଲପୁର ରିଙ୍ଗ୍‌ରୋଡ୍, କୋଷ୍ଟାଲ ହାଇୱେ ଏବଂ କ୍ୟାପିଟାଲ ରିଜିଅନ ରିଙ୍ଗ୍‌ରୋଡ୍ କାର୍ଯ୍ୟର ଅଗ୍ରଗତି ଓ ନିର୍ମାଣ କାର୍ଯ୍ୟ ନେଇ ଆଲୋଚନା ହୋଇଛି। ଏନ୍‌ଏଚ୍‌ଏଆଇ ପ୍ରକଳ୍ପଗୁଡ଼ିକର ଆଲାଇନମେଣ୍ଟ, ଟେଣ୍ଡର ପ୍ରକ୍ରିୟା, ପରିବେଶ ମଞ୍ଜୁରୀ ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଓଡ଼ିଶାରେ ଏନ୍‌ଏଚ୍‌ଏଆଇ ଦ୍ୱାରା ଅନେକ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ କିଛି କାର୍ଯ୍ୟ ବାକି ଅଛି। ଏହିସବୁ ଜାତୀୟ ରାଜପଥ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ୍‌କରୀଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। 'ପୂର୍ବୋଦୟ' ମିଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ସଡ଼କପଥ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଏହିସବୁ ରାଜପଥର ସମ୍ପ୍ରସାରଣ ଏବଂ ଉନ୍ନତୀକରଣ ଦ୍ୱାରା ଲୋକଙ୍କ ଯାତାୟାତ ସୁରକ୍ଷିତ ହେବ । ସ୍ଥାନୀୟ ଅଞ୍ଚଳରେ ଶିଳ୍ପ କ୍ଷେତ୍ରର ବିକାଶ ହେବା ସହ ସାମାଜିକ ଓ ଆର୍ଥିକ ବିକାଶରେ ଅଭିବୃଦ୍ଧି ଘଟିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀଙ୍କ ସହ ଆଲୋଚନା କରୁଛନ୍ତି।

# କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱରଙ୍କୁ ସୁଦାମ ମାର୍ଣ୍ଡିଙ୍କ ଟାର୍ଗେଟ

ଭୁବନେଶ୍ୱର,୧୧।୧୦(ଅନିଲ ଦାସ)

## ଅମର୍ଦ୍ଦା ଏୟାରଷ୍ଟ୍ରିପ୍ କେନ୍ଦ୍ର ନିକଟରେ ଝୁଲୁଛି

ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ଓ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ବିକାଶକୁ ନେଇ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ବାଙ୍ଗିରିପୋଷି ବିଧାୟକ ତଥା ମନ୍ତ୍ରୀ ସୁଦାମ ମାରାଣ୍ଡି ଟାର୍ଗେଟ କରିଛନ୍ତି। ଟୁଇଟ୍ କରି ସେ କହିଛନ୍ତି ଯେ ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ବିକାଶ ପାଇଁ ୨୦୧୬ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏ ବାବଦରେ ଏନ୍‌ଓସି ପ୍ରଦାନ କରିବା ପାଇଁ ଡିଆରଡିଓକୁ ନିର୍ଦ୍ଦେଶ ଦେବାକୁ ୨୦୨୨ରେ ପ୍ରତିରକ୍ଷା ସଚିବଙ୍କୁ ଚିଠି ଲେଖାଯାଇଥିଲା। ବିଭାଗର ୧୬୦.୩୫ ଏକର ଜମିରେ କାର୍ଯ୍ୟ କରିବାକୁ ରାଜ୍ୟ ସରକାରଙ୍କୁ ଏହାପରେ ଅନୁମତି ମିଳିଥିଲା। ପ୍ରତିରକ୍ଷା ବିଭାଗ ଜମି ବାବଦକୁ ରାଜ୍ୟ ସରକାରଙ୍କଠାରୁ କ୍ଷତିପୂରଣ ଚାହିଁଥିଲା। ରାଜ୍ୟ ସରକାର ଜମି ବାବଦକୁ ୨୬ କୋଟିରୁ ଅଧିକ ଟଙ୍କା ଗତ ଅଗଷ୍ଟ ମାସରେ ପ୍ରଦାନ କରିଥିଲେ। ଯେହେତୁ ଜମି ହସ୍ତାନ୍ତର ସଂକ୍ରାନ୍ତୀୟ କାର୍ଯ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗରୁ ସମାହିତ ହୋଇ ସାରିଥିଲା, ତେଣୁ ଗତ ୧୦ ଅକ୍ଟୋବରରେ ଜମି ହସ୍ତାନ୍ତର ପାଇଁ ଏକ ସ୍ୱତନ୍ତ୍ର ସଭା କାର୍ଯ୍ୟକ୍ରମର ଆବଶ୍ୟକତା ନ ଥିବା ରାଜ୍ୟ ସରକାର ଜଣାଇଥିଲେ। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ଅନେକ ଜମି କେନ୍ଦ୍ର ସରକାରଙ୍କ ଅଧୀନ ବିଭାଗକୁ ପ୍ରଦାନ କରାଯାଇଛି। ଏଥିପାଇଁ କୌଣସି କାର୍ଯ୍ୟକ୍ରମର ଆୟୋଜନ କରାଯାଇନାହିଁ। ପ୍ରକ୍ରିୟା ସରିବା ପରେ ତୁରନ୍ତ ଜମି ହସ୍ତାନ୍ତରଣ କରିଦିଆଯାଏ। ଯେହେତୁ ରାଜ୍ୟ ସରକାର ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ପାଇଁ ସମସ୍ତ ପ୍ରକ୍ରିୟା ସାରିଛନ୍ତି, ତେଣୁ ଏଥିରେ ଆଉ କୌଣସି ସମସ୍ୟା ଉପୁଜିବା କଥା ନୁହେଁ। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଟୁଡୁ ଦିନେ ମଧ୍ୟ ନିର୍ବାଚନମଣ୍ଡଳୀ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇନାହାନ୍ତି । ବାଙ୍ଗିରିପୋଷିରୁ ବିଶୋଇ ପର୍ଯ୍ୟନ୍ତ ଘାଟି ରାସ୍ତାର ଅବସ୍ଥା ସଭିଏଁ ଦେଖୁଛନ୍ତି । ସଂକୀର୍ଣ୍ଣ ଏବଂ ଖରାପ ରାସ୍ତା ପାଇଁ ବହୁ ଦୁର୍ଘଟଣା ଘଟୁଛି, ଅନେକ ଲୋକଙ୍କ ଜୀବନ ଯାଉଛି। ହେଲେ ଏହି ପ୍ରସଙ୍ଗରେ ଟୁଡୁ କେବେ ମଧ ମୁହଁ ଖୋଲିନାହାନ୍ତି। ମୟୂରଭଞ୍ଜବାସୀ ସବୁ ଦେଖୁଛନ୍ତି ଓ ଜାଣୁଛନ୍ତି ବୋଲି ମାରାଣ୍ଡି କହିଛନ୍ତି ।

# ମୃତ୍ୟୁଯନ୍ତା ପାଲଟିଛି କଟକ-ସମ୍ବଲପୁର ଜାତୀୟ ରାଜପଥ

- ଅଧାପନ୍ତରିଆ ପ୍ରକଳ୍ପ ବିଷୟରେ ମୁହଁ ଖୋଲୁନି ଭାଜପା: ବିଜେଡି
- ଆନ୍ଦୋଳନ ପାଇଁ ବିଜେଡିର ଚେତାବନୀ

ଭୁବନେଶ୍ୱର,୧୧।୧୦(ଅନିଲ ଦାସ)

କଟକ-ସମ୍ବଲପୁର ଜାତୀୟ ରାଜପଥ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଶହ ଶହ ଦୁର୍ଘଟଣା ଘଟି ଏପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଲୋକ ପ୍ରାଣ ହରାଇଲେଣି। ସେହିଭଳି ଉପକୂଳ ରାଜପଥ ଓ କ୍ୟାପିଟାଲ ରିଜିଅନ ରିଙ୍ଗ୍‌ରୋଡ୍ ଫାଇଲରେ ରହିଯାଇଥିବା ବେଳେ ଭାଜପା ଏମ୍‌ପି, ମନ୍ତ୍ରୀ ଓ ନେତାମାନେ ନୀରବ ରହିଛନ୍ତି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଓ ଲେନିନ ମହାନ୍ତି କହିଛନ୍ତି।

ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦୁଇ ବିଜେଡି ମୁଖପାତ୍ର କହିଛନ୍ତି ଯେ ବିଜୁ ଜନତା ଦଳ କଟକ-ସମ୍ବଲପୁର ଜାତୀୟ ରାଜପଥ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ପାର୍ଲାମେଣ୍ଟରେ ଦାବି କରିଆସୁଛି। କିନ୍ତୁ ଓଡ଼ିଶାର ଭାଜପା ଏମ୍‌ପି ତଥା ଓଡ଼ିଶାର କେନ୍ଦ୍ର ମନ୍ତ୍ରୀମାନେ ଏ ପର୍ଯ୍ୟନ୍ତ କୌଣସି ସ୍ୱର ଉତ୍ତୋଳନ କରିନାହାନ୍ତି । ଉପକୂଳ ରାଜପଥ ସଂକ୍ରାନ୍ତରେ ୨୦୧୫ରେ ଘୋଷଣା ହୋଇଥିଲା। ରାଜପଥ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିଲା ନାହିଁ। ଓଡ଼ିଶାର ୭ଟି ଉପକୂଳବର୍ତ୍ତୀ ଜିଲାକୁ ସଂଯୋଗ କରୁଥିବା ରାମେଶ୍ୱରରୁ ଦୀଘା ପର୍ଯ୍ୟନ୍ତ ଏହି ୮୦୦୦ କୋଟି ଟଙ୍କା ମୂଲ୍ୟର ଉପକୂଳ ରାଜପଥ କେବଳ ଫାଇଲରେ ରହିଯାଇଛି। ୨୦୨୨ ଏପ୍ରିଲରେ କ୍ୟାପିଟାଲ ରିଜିଅନ ରିଙ୍ଗ୍‌ରୋଡ୍ ଏନ୍‌ଏଚ୍‌ଏଆଇ ଦ୍ୱାରା ଘୋଷଣା କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ସମସ୍ତ ଘୋଷଣା କେବଳ ଫାଇଲରେ ରହିଯାଇଛି। ଭାଜପା ଭୁବନେଶ୍ୱର ଲୋକ ସଭା ସଦସ୍ୟ ନୀରବ ରହି ଏହି ପ୍ରସଙ୍ଗରୁ ମୁହଁ ଫେରାଇ ଦେଇଛନ୍ତି। ପ୍ରକଳ୍ପ ଘୋଷଣା ହେବା ମାତ୍ରେ, ଓଡ଼ିଶା ସରକାର ଏହି ରିଙ୍ଗ୍‌ରୋଡ୍‌ର ଢାଞ୍ଚାକୁ ଅନୁମୋଦନ କରିଛନ୍ତି, ଯାହା ଟ୍ରାଫିକ୍ ଭିଡ଼ ହ୍ରାସଜନିତ ଯାତାୟାତକୁ ସୁନିଶ୍ଚିତ କରିବ ଏବଂ ଭୁବନେଶ୍ୱର ଓ କଟକ ମଧ୍ୟରେ ବାଇପାସ୍ ଭଳି କାର୍ଯ୍ୟ କରିବ।

ଏହି ପ୍ରକଳ୍ପ ଭାରତର ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେବ, ଯେଉଁଥିପାଇଁ ଓଡ଼ିଶା ସରକାର ମଧ ୬୦୦ କୋଟି ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଖର୍ଚ୍ଚ ବାବଦରେ ବ୍ୟୟ ହେବ । ତଥାପି ଉପକୂଳ ରାଜପଥ ପରି ଏହି ରାଜଧାନୀ ରିଙ୍ଗ୍‌ରୋଡ୍ ମଧ ଯୋଜନାରେ ରହିଯାଇଛି । ଭୁବନେଶ୍ୱର ଏମ୍‌ପି ନୀରବ ରହିଛନ୍ତି। ଯେଉଁ ମତଦାତା ୨୦୧୯ରେ ତାଙ୍କୁ ଭୋଟ ଦେଇଥିଲେ ସେହି ଲୋକଙ୍କ ସ୍ୱାର୍ଥ ପାଇଁ କାମ ନ କରିବାକୁ ଚେଷ୍ଟା କରୁଛନ୍ତି। ବାରମ୍ବାର ସ୍ମାରକପତ୍ର ପ୍ରଦାନ ସତ୍ତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏହାର ନିରାକରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଜାତୀୟ ରାଜପଥର ରକ୍ଷଣାବେକ୍ଷଣ ଏବଂ ମରାମତିର ଅଭାବ ଏକ ସ୍ୱାଭାବିକ ଘଟଣାରେ ପରିଣତ ହୋଇଛି। ଯଦି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନ ନେବେ ତେବେ ଓଡ଼ିଶାର ଲୋକମାନେ ଆନ୍ଦୋଳନ ଆରମ୍ଭ କରି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଦୁଇ ମୁଖପାତ୍ର କହିଛନ୍ତି ।




MARUTI GROUP OF INSTITUTION
BARGARH, ODISHA
MARUTI PHARMACY COLLEGE
COURSES : D. PHARMA (2 Yrs.)
: B. PHARMA (4 Yrs.)
MARUTI INSTITUTE OF PARAMEDICAL & ALLIED SCIENCE
COURSES : DIPLOMA IN MEDICAL LABORATORY
: TECHNICIAN (DMLT) - 2 Yrs.
Consultancy required contact:
7605930501, 9438066954
Eligibility for Admission for all +2 Science Pass

BADRIPRASAD Group of Institutions
B.Sc Nursing — Eligibility : +2 Science PCB with 45% Genral, 40% ST/SC
PB BSc Nursing — Eligibility : GNM Pass with onmrc Registration
GNM — Eligibility : Candidates must have +2 passed in Any stream.
ANM — Eligibility : Candidates must have +2 passed in Any stream.
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028

Classified Everyday
0674-2580101, 2549949


AUTOMOBILE
SALE

TATA HYVA (Model-3118) 2018, 5 Nos., TATA HYVA (Model- 2518) 2016, 4 Nos. - 9348369473, 7504690838. D-75235


REAL ESTATE
SALE

Available resale plot at Hanspal, Rudrapur Surrounded quality building purchase gated Society at Nakhara/ Pahala, 9439363944. D-75230

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231


CONSTRUCTION

Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring-SNV Construction- 9439295469. D-75226


Healthcare

Relax, Refresh your body, Mind at Saikrupa Spa with best therapies. 8984068077. D-1502

Newly open Spa positively Health benefit with expert. Contact: 7749976301. D-1469

Full body massage by expert therapist positively health benefits. 9938843929. D-75153

Newly open spa positively Health benefits with expert therapist. 9040286886. D-75152

Spa Kerala body Massage only best Therapist @699/- Bhubaneswar. 9337672475. D-1535


BUSINESS

Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819. D-75154

AFFIDAVIT

I, Sri Rajkishore Arakha, aged about 20 years, S/o Maheswar Arakha of vill. Sodha, P.O. Dobal, P.S.- Dhamnagar, Dist.- Bhadrak have changed my name Rajkishore Arakh to Rajkishore Arakha vide affidavit No.3694 on dtd. 30.09.2023 in the Court of Executive Magistrate, Dhamnagar for all future purpose. D-1543

CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାଜପାରେ ଅଲ୍ ଓଡ଼ିଶା ମିଳିତ ଅଟୋ ମହାସଂଘର କର୍ମକର୍ତ୍ତା

ଭୁବନେଶ୍ୱର,୧୧।୧୦(ଅନିଲ ଦାସ)

ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅଲ୍ ଓଡ଼ିଶା ମିଳିତ ଅଟୋ ମହାସଂଘ ଓ ସଡ଼କ ପରିବହନ ସଂଘର ଶତାଧିକ କର୍ମକର୍ତ୍ତା ଅଟୋ ମହାସଂଘର ସାଧାରଣ ସମ୍ପାଦକ ଅଜିତ ଦାସଙ୍କ ନେତୃତ୍ୱରେ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ, ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଓ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସାମିଲ ହୋଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସମୀର ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।

ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଅଟୋଚାଳକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପାଇଁ ବାସଗୃହ, ସ୍ୱଳ୍ପ ସୁଧରେ ଋଣ ଓ ପ୍ରତ୍ୟେକ ଛକରେ ଷ୍ଟାଣ୍ଡର ସୁବିଧା କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ସମୀର କହିଛନ୍ତି। କେନ୍ଦ୍ରୀୟ ଯୋଜନାକୁ ସଫଳ ରୂପାୟନ ଏବଂ ଭାଜପାର ନୀତି ଆଦର୍ଶରେ ସମ୍ପୂର୍ଣ୍ଣଭାବେ ନିଜକୁ ନିୟୋଜିତ କରି ଦେଶ ପାଇଁ କାର୍ଯ୍ୟ କରିବାକୁ ଅଲ୍

ଓଡ଼ିଶା ମିଳିତ ଅଟୋ ମହାସଂଘ ଓ ସଡ଼କ ପରିବହନ ସଂଘର ଶତାଧିକ କର୍ମକର୍ତ୍ତା ସଙ୍କଳ୍ପ ନେଇଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ,ବରିଷ୍ଠ ନେତା ସଜ୍ଜନ ଶର୍ମା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲା ସଭାପତି ବାବୁ ସିଂ, ସାମାଜିକ ସଂଗଠନର ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ କାନୁନ୍‌ଗୋ, ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ରଶ୍ମିରେଖା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।


ଭାଜପାରେ ଯୋଗଦେଇଥିବା ଓଡ଼ିଶା ମିଳିତ ଅଟୋ ମହାସଂଘର କର୍ମକର୍ତ୍ତା।

ମନେ ପଡ଼ନ୍ତି

୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱ.ବସନ୍ତ କୁମାର ବେଉରା
ଆବିର୍ଭାବ- 23.01.1957
ତିରୋଧାନ- 15.10.2020
ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସରଳତା, ନିଷ୍କପଟତା, ତ୍ୟାଗ ଓ ଆଶୀର୍ବାଦ ସର୍ବଦା ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ- ବିନି, ଝିଅ- ଶିଳା, ଲିଜା, ହାଇଁ- ଅମିୟ, ପ୍ରଦୀପ୍ତ
ଧ-୧୫୪୧

ସପ୍ତମ ଶ୍ରାଦ୍ଧବାର୍ଷିକୀ

ସ୍ୱ.ଡାକ୍ତର ବାବୁଲୁ ସିଂହ
Lt. Col. Indian Army
ଆବିର୍ଭାବ : ୧୮.୦୯.୧୯୭୦
ତିରୋଧାନ : ୧୨.୧୦.୨୦୧୬
"ଫୁଲପରି ଫୁଟିଥିଲୁ
ତୁହି ଭବ ଉଦ୍ୟାନେ
ଜୀବନ ସମର୍ପି ଦେଲୁ
ଜଗତର କଲ୍ୟାଣେ।
ଝୁରୁଅଛୁ ଝୁରୁଥିବୁ
ସବୁଦିନ ତୋତେରେ,
କେବେ ତୁ ଆସିବୁ ଫେରି
ଥରେ ହେଲେ କହରେ ?"
ଶୋକସନ୍ତପ୍ତ : ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୭୫୦୫୦

ଏକାଦଶାହ ଉପଲକ୍ଷେ

ସ୍ୱ. କୁମାର ଚନ୍ଦ୍ର ବଳ
ଛୋଟି ଡେରାବିଶ (କେନ୍ଦ୍ରାପଡ଼ା)
ଆବିର୍ଭାବ- ତା୨୪।୦୮।୧୯୫୮
ତିରୋଧାନ- ତା୦୨।୧୦।୨୦୨୩
ସ୍ନେହବୋଳା କଥା କହି ପରକୁ ଆପଣାର କରିବା ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇଛି । ଆପଣଙ୍କ ଆଶୀର୍ବାଦ ଓ ଶୁଭ ଦୃଷ୍ଟି ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୫୩୬

# ନିଃସର୍ତ୍ତ କ୍ଷମା ମାଗିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ

## ହାଇକୋର୍ଟ ଆଦେଶ ଉଲ୍ଲଂଘନ ମାମଲା

**କଟକ,୧୧।୧୦ (କାର୍ତ୍ତିକ ସାହୁ):** ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ନିଯୁକ୍ତିରେ ହାଇକୋର୍ଟଙ୍କ ଆଦେଶର ଉଲ୍ଲଂଘନ ହୋଇଥିବା ମାମଲାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଭି. ଭି. ଯାଦବ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ମଙ୍ଗଳବାର ନିର୍ଦ୍ଦେଶ ମୁତାବକ ସଚିବ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ସଚିବ ହାଇକୋର୍ଟଙ୍କୁ ଦର୍ଶାଇଥିଲେ, ଗତ ୭ ତାରିଖରେ ଉପଭୋକ୍ତା କମିଶନ ସଦସ୍ୟ ଡ. ପି. କେ. ପୃଷ୍ଟିଙ୍କୁ ସଭାପତି ଭାବେ ଦାୟିତ୍ୱ ପ୍ରଦାନ ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଇଛି। ଏଥିସହ ଅକ୍ଟୋବର ୧୦ରେ ଏକ ସାନି ନିର୍ଦ୍ଦେଶନାମାରେ ବରିଷ୍ଠ ସଦସ୍ୟ ଦିଲୀପ କୁମାର ମହାପାତ୍ରଙ୍କୁ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆୟୋଗର ବରିଷ୍ଠ ସଦସ୍ୟଙ୍କୁ ସଭାପତି ଦାୟିତ୍ୱ ପ୍ରଦାନ କରାଯିବା ନେଇ ହାଇକୋର୍ଟଙ୍କ ଆଦେଶର ଅବମାନନା ପ୍ରସଙ୍ଗରେ ସଚିବ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାରୁ ହାଇକୋର୍ଟ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।


'ଦେବଦାସ' ଫିଲ୍ମରେ ଐଶ୍ୱର୍ଯ୍ୟା-ମାଧୁରୀ

# ଡୋଲାରେ...ଡୋଲାରେ...

ବଲିଉଡ୍‌ରେ ନିର୍ମିତ ସ୍ମରଣୀୟ ସିନେମାଗୁଡ଼ିକ ମଧ୍ୟରୁ 'ଦେବଦାସ' ଅନ୍ୟତମ। ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ସାଜିଥିଲେ ଶାହରୁଖ ଖାଁ। ତାଙ୍କ ବ୍ୟତୀତ ଜ୍ୟାକି ଶ୍ରଫ, ମାଧୁରୀ ଦୀକ୍ଷିତ, ଐଶ୍ୱର୍ଯ୍ୟା ରାୟ ମଧ୍ୟ କାଷ୍ଟିଂରେ ଥିଲେ। କେବଳ ସିନେମା ନୁହେଁ, ଏଥିରେ ସଂଯୋଜିତ ଗୀତଗୁଡ଼ିକ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏହାର ଅନ୍ୟତମ ହିଟ୍ ଗୀତ 'ଡୋଲାରେ... ଡୋଲାରେ... ପାଇଁ କଣ୍ଠଦାନ କରିଥିଲେ କବିତା କ୍ରିଷ୍ଣମୂର୍ତ୍ତି, ଶ୍ରେୟା ଘୋଷାଲ ଏବଂ କେକେ। ଖାସ୍ କଥା ହେଲା ଗୀତଟିକୁ ଶତ ପ୍ରତିଶତ ଜଷ୍ଟିସ୍ ଦେବାକୁ ନିର୍ଦ୍ଦେଶକ କେତେଦିନ ଶୁଟିଂ କରିଥିଲେ ଜାଣନ୍ତି? ସାତ ଦିନ ଅର୍ଥାତ୍ ଗୋଟିଏ ସପ୍ତାହ। ଯାହାହେଉ, ଶେଷରେ ତାଙ୍କର ଶ୍ରମ ସାର୍ଥକ ହୋଇଥିଲା। ମାଧୁରୀ ଦୀକ୍ଷିତ ଏବଂ ଐଶ୍ୱର୍ଯ୍ୟା ରାୟଙ୍କ ଉପରେ ଗୀତଟି ଦୃଶ୍ୟାୟିତ ହୋଇଥିଲା।

## ଅ ତୀ ତ ରୁ

- ଆଇଡିଆଲ ପ୍ରଡକ୍ସନ, ସମ୍ବଲପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମନ ଆକାଶ'। ଚିତ୍ରଟିର ପ୍ରଯୋଜନା ରାସବିହାରୀ ମିଶ୍ର କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ୍। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଉପେନ୍ଦ୍ର କୁମାର। ଶାନ୍ତିସ୍ୱରୂପ, ପ୍ରଶାନ୍ତ ନନ୍ଦ, ଲାବଣ୍ୟବତୀ ପ୍ରମୁଖ କଳାକାର ଅଭିନୟ କରିଥିଲେ।
- ଜୟନ୍ତ କୁମାରଙ୍କ ପ୍ରଯୋଜନାରେ ନିର୍ମିତ ଓଡ଼ିଆ ସିନେମା 'ବତୀଘର'ର ବିଭିନ୍ନ ଭୂମିକାରେ ସାଧୁ ମେହେର, ପ୍ରଶାନ୍ତ ନନ୍ଦ, ଲିଲି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।
- 'ରକ୍ତ ଗୋଲାପ' ସିନେମାର ନିର୍ଦ୍ଦେଶନା ଦେଇଥିଲେ କେ. ଭୀମେଶ୍ୱର ରାଓ। ମୁଖ୍ୟ ଭୂମିକାରେ ଶ୍ରୀରାମ ପଣ୍ଡା ଏବଂ ବନଜା ମହାନ୍ତି ଅଭିନୟ କରିଥିଲେ। ଏହାର ଗୀତଗୁଡିକୁ ସ୍ୱର ଦେଇଥିଲେ ଧନଞ୍ଜୟ ଶତପଥୀ।
- ଫ୍ରେଣ୍ଡ୍ସ ମୁଭିଟୋନ୍, ଭୁବନେଶ୍ୱର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା 'ପ୍ରିୟତମା'। ଏହାର ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱନାଥ ଦାସ। ଶ୍ରୀରାମ ପଣ୍ଡା, ମହାଶ୍ୱେତା ରାୟ, ନଗେନ, ପ୍ରମୋଦ, ନଳିନୀ, ନରି, ରାଧା ବିଭିନ୍ନ ଭୂମକାରେ ଅଭିନୟ କରିଥିଲେ।
- ଦେବୀ ପ୍ରସାଦ ଦାସଙ୍କ ପ୍ରଯୋଜନାରେ ପ୍ରସ୍ତୁତ 'ପିପାସ'ର ନାୟକ ସାଜିଥିଲେ ସଚ୍ଚି ପଣ୍ଡା। ଅନ୍ୟାନ୍ୟ ଭୂମିକାରେ ତନ୍ଦ୍ରା, ଅଜିତ ଦାସ, ନୀହାରିକା ଏବଂ ଜର୍ଜ ତିଆଡି ପ୍ରମୁଖ କଳାକାର ଅଭିନୟ କରିଥିଲେ।

## ପ୍ରଶଂସିକା ହେବ ଏମିତି

କ୍ୟାଟ୍ରିନାଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ଯୁଆଡ଼େ ଗଲେ ତାଙ୍କ ବିଷୟରେ କିଛି ବଖାଣିବାକୁ ଭୁଲୁନାହାନ୍ତି ଏହି ଅଭିନେତ୍ରୀ। ହେଲେ ସେ ଏମିତି କାହାର ପ୍ରଶଂସା କରୁଛନ୍ତି ତାକୁ ନେଇ ଏତେ ଚର୍ଚ୍ଚା। କଥା କ'ଣ କି, କ୍ୟାଟ୍ରିନା କୈଫ ବର୍ତ୍ତମାନ ସଲ୍‌ମାନ ଖାଁଙ୍କ ପ୍ରଶଂସାରେ ଶତମୁଖ। ଏପଟେ ଦୁହିଁଙ୍କ ଅଭିନୀତ 'ଟାଇଗର-୩' ଚଳିତବର୍ଷ ନଭେମ୍ବର ୧୦ରେ ରିଲିଜ୍ ହେବାକୁ ଯାଉଛି। ପୁଣି ଶୁଣିବାକୁ ମିଳୁଛି ଯେ, ସଲ୍‌ମାନଙ୍କ ହୋମ ବ୍ୟାନରରେ ଏହି ଯୋଡ଼ି ଅଭିନୟ କରିବେ। ତେଣୁ ଯେତେବେଳେ ଏକଥା ତାଙ୍କ କାନରେ ପଡ଼ିଲା, ସେ ବା କେମିତି ସଲ୍‌ମାନଙ୍କୁ ପ୍ରଶଂସା କରିବେ ନାହିଁ କହୁନାହାନ୍ତି ? ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ନିକଟରେ ସଲ୍‌ମାନ ଏ



ନେଇ ମୋତେ ପରୋକ୍ଷରେ ସୂଚନା ଦେଇସାରିଛନ୍ତି। କିନ୍ତୁ ଯେ ପର୍ଯ୍ୟନ୍ତ ଅଫିସିଆଲି ଘୋଷଣା ନ ହୋଇଛି, ତାହା ଉପରେ ଶତ ପ୍ରତିଶତ ଭରସା ରଖିବା ଠିକ୍ ହେବନି। ହେଲେ ମୁଁ ଜାଣିଛି ସଲ୍‌ମାନ ମୋତେ କେବେ ନିରାଶ କରିବେ ନାହିଁ। 'ଟାଇଗର-୩' ପାଇଁ ଦୁହେଁ ବେଶ୍ ପରିଶ୍ରମ କରିଛୁ। ଫିଲ୍ମଟି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ କରିବ ବୋଲି ମୋର ଦୃଢ଼ ବିଶ୍ୱାସ।' ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା। ୟଶ୍‌ରାଜ ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ମନୀଷ ଶର୍ମା। ଆଦିତ୍ୟ ଚୋପ୍ରାଙ୍କ କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ଅଙ୍କୁର ଚୌଧୁରୀ। ସଲ୍‌ମାନ-କ୍ୟାଟ୍ରିନାଙ୍କ ବ୍ୟତୀତ ଏଥିରେ ଇମ୍ରାନ ହାସ୍‌ମୀ, ରେବତୀ, ରିଦ୍ଧି ଡୋଗ୍ରା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଖାସ୍ କଥା ହେଲା କିଙ୍ଗ ଖାଁ ଶାହରୁଖ ଏହି ଫିଲ୍ମରେ କେମିଓ ଭୂମିକାରେ ଆକ୍ଟିଂ କରିଛନ୍ତି।

# ଭାଗ୍ୟବତୀ ମୌନି

ମୌନି ରୟଙ୍କ ଖୁସି ଏବେ ବନ୍ଧବାଡ଼ ମାନୁନି। କାରଣ ସେ କେବେ କଳ୍ପନା କରି ନ ଥିଲେ ତାଙ୍କୁ ଏମିତି ସିରିଜ୍ ଅଫର ମିଳିବ। ଏପରି କି ଏ ବିଷୟରେ ସୂଚନା ଦେଉଦେଉ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା। ନୂଆ ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ଶୁଣିଥିଲେ। ହେଲେ କାହାଣୀର କ୍ଲାଇମାକ୍ସ ସମୟରେ ସେ ଇମୋଶନାଲ ହୋଇଯାଇଥିଲେ। ହଠାତ୍ କ'ଣ ହେଲା ତାହା ମଧ୍ୟ ପ୍ରଯୋଜକ ଜାଣିପାରିଲେ ନାହିଁ। ଏ ସମ୍ପର୍କରେ ମୌନି କହନ୍ତି, 'ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ହେଲେ ମୁଁ କାହାଣୀ ସହ ଏପରି ମଜ୍ଜି ଯାଇଥିଲି ଯେ, ମୁଁ ହଠାତ୍ ଇମୋଶନାଲ ହୋଇପଡ଼ିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ଗତିଶୀଳ। ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। ତା'ସହ ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ।' ମୌନିଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୪ରେ। 'ରନ୍' ଫିଲ୍ମରେ ତାଙ୍କୁ ଜଣେ ଡ୍ୟାନ୍ସର ଭାବରେ ଦେଖିବାକୁ ମିଳିଥିଲା। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ବ୍ରହ୍ମାସ୍ତ୍ର' ଗତବର୍ଷ ରିଲିଜ୍ ହୋଇଥିଲା। ତେବେ ଏହି ସିରିଜ୍ ଫିଲ୍ମଗୁଡ଼ିକ ମୌନିଙ୍କ କ୍ୟାରିୟରକୁ କେତେ ମାଇଲେଜ୍ ଦେଉଛି ତାହା ଦେଖିବାକୁ ବାକି ରହିଲା।


ମୌନି

# ବଡେ ମିଆଁ ଛୋଟେ ମିଆଁ

ବାସୁ ଭଗନାନିଙ୍କ ପ୍ରଯୋଜିତ 'ବଡେ ମିଆଁ ଛୋଟେ ମିଆଁ' ବକ୍ସ ଅଫିସ୍‌ରେ ଭଲ ବିଜ୍‌ନେସ୍ କରିଥିଲା। ଏବେ ସେହି ଏକା ଟାଇଟଲକୁ ନେଇ ନିର୍ମିତ ହୋଇଛି ଆଉ ଏକ ହିନ୍ଦୀ ସିନେମା। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଲ୍ଲୀ ଆବାସ ଜାଫର। ଖାସ୍ କଥା ହେଲା, ଏଥର ଉକ୍ତ ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ୍। ଏ ନେଇ ଟାଇଗର କୁହନ୍ତି, 'ଅକ୍ଷୟ କୁମାରଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏଥିରେ ମୋତେ ଯେଉଁ ଦାୟିତ୍ୱ ଦିଆଯାଇଛି, ତାହାକୁ ତୁଲାଇବାକୁ ଶତ ପ୍ରତିଶତ ଚେଷ୍ଟା କରିବି। ଏହି ଫିଲ୍ମରେ ଅକ୍ଷୟ ଏବଂ ଟାଇଗରଙ୍କ ବ୍ୟତୀତ ଜାହ୍ନବୀ କପୁର, ସୋନାକ୍ଷୀ ସିହ୍ନା, ମାନୁଷୀ ଚିଲ୍ଲାରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଆକ୍ସନ-କମେଡ଼ିରେ ଭରପୂର ଏହି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ନିର୍ଦ୍ଦେଶକ। ଏହି ଫିଲ୍ମଟି ଆସନ୍ତା ବର୍ଷ ଏପ୍ରିଲ ୧୦ରେ ରିଲିଜ୍ ହେବାର ଯୋଜନା ରହିଛି। ସୂଚନାଯୋଗ୍ୟ, ବାସୁ ଭଗନାନିଙ୍କ ପ୍ରଯୋଜିତ ଏବଂ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ 'ବଡେ ମିଆଁ ଛୋଟେ ମିଆଁ'ର ମୁଖ୍ୟ ଭୂମିକାରେ ଅମିତାଭ ବଚ୍ଚନ, ଗୋବିନ୍ଦା, ରବିନା ଟଣ୍ଡନ, ରମ୍ୟୋ କ୍ରିଷ୍ଣା ପ୍ରମୁଖ କଳାକାର ଅଭିନୟ କରିଥିଲେ। ୧୯୯୮ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ୯ କୋଟିରେ ପ୍ରସ୍ତୁତ ହୋଇ ୩୪ କୋଟିର ବିଜ୍‌ନେସ୍ କରିଥିଲା।


ଟାଇଗର

## ପରିଶ୍ରମର ମୂଲ୍ୟ ମିଳିଛି

**ସିନେମାଟୋଗ୍ରାଫର-କମ୍-ନିର୍ଦ୍ଦେଶକ ରାଜଗୋପାଳ ସିଂ ତାଙ୍କ କ୍ୟାରିୟର ସମ୍ପର୍କରେ ଯାହା କହନ୍ତି...**


ପରଦା ପଛରେ
ରାଜଗୋପାଳ ସିଂ

ସିନେମାଟୋଗ୍ରାଫି ତାଙ୍କର ପେସା। ହେଲେ ମନରେ ଛପି ରହିଥିଲା ଆଉ ଏକ ଆଶା, ଯାହାକୁ ସେ ପୂରଣ କରିବା ପରେ ସେହି ରାସ୍ତାରେ ଆଗେଇ ଚାଲିଛନ୍ତି। ଆଉ ସାଉଁଟି ଚାଲିଛନ୍ତି ପ୍ରଶଂସା। ନିକଟରେ ତାଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର 'ବର୍ଣ୍ଣିଙ୍ଗ୍ ଗ୍ଲୁ' ଦାଦାସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲ-୨୦୨୩ରେ ପ୍ରଦର୍ଶିତ ହୋଇ ପ୍ରଶଂଶିତ ହୋଇଛି। କେବଳ ସେତିକି ନୁହେଁ, ଏହା ମଧ୍ୟ ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଭାବରେ ସମ୍ମାନିତ ହୋଇଛି। ହଁ, ଏଭଳି ଭିନ୍ନ ଧରଣର କ୍ଷୁଦ୍ର ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇ ନିଜର ନିଆରା ପରିଚୟ ସୃଷ୍ଟି କରିଛନ୍ତି ରାଜଗୋପାଳ ସିଂ ଓରଫ ମଣ୍ଟୁ। ଲିଲିମା ସିଂ ପ୍ରଡକ୍ସନ, ଇଣ୍ଡିଆ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଲିଲିମା ସିଂ। ଏ ସମ୍ପର୍କରେ ରାଜଗୋପାଳ କହନ୍ତି, 'ମୁଁ ସବୁବେଳେ ଭିନ୍ନ ଭିନ୍ନ କନସେପ୍ଟକୁ ନେଇ ଫିଲ୍ମ ନିର୍ମାଣ କରେ। ଫିଲ୍ମଟି ଛୋଟ ହୋଇପାରେ, ହେଲେ ତାହା ଦର୍ଶକଙ୍କ ମନକୁ ଯଦି ପ୍ରଭାବିତ କରିପାରିଲା ତେବେ ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳିଛି ବୋଲି ଧରିନେବେ। ଏହି ପ୍ରୟାସ ଆଗକୁ ମଧ୍ୟ ଜାରି ରଖିବି। ଅନ୍ୟପକ୍ଷରେ ମୋ ଦ୍ୱାରା ନିର୍ଦ୍ଦେଶିତ ଆଉ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ଗିଫ୍‌ଟେଡ୍ ଇନଫାର୍ମିଟି' ମୁମ୍ବାଇ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ସମ୍ମାନିତ ହୋଇସାରିଛି। ନୂତନ ପିଢ଼ିଙ୍କ ପାଇଁ ଏବେ ଦୁଇଟି ସର୍ଟ ଫିଲ୍ମର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।' ରାଜଗୋପାଳ ଦୂରଦର୍ଶନ କେନ୍ଦ୍ରରେ ଜଣେ କ୍ୟାମେରାମ୍ୟାନ୍ ଭାବରେ ଦୀର୍ଘ ୩୩ ବର୍ଷ ଚାକିରି କରିଥିଲେ। ତା'ସହ ସେ ମଧ୍ୟ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଛନ୍ତି।

## ପରଦାରେ..

# ଉଟ୍‌ପେନ୍-ଆଇଆଇସି ଧୀରେନ୍-ରାଉଡ଼ି ରାଜା

ଚଳିତମାସ ୧୩ ତାରିଖ ଅର୍ଥାତ୍ ଦଶହରାର ପୂର୍ବ ସପ୍ତାହରେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିବ। କାରଣ ଏହି ଦିନ ଏକାଥରେ ତିନୋଟି ସିନେମା ପରଦା ଉପରକୁ ଆସୁଛି। ସେଗୁଡ଼ିକ ହେଲା- 'ଉଟ୍‌ପେନ୍' 'ଆଇଆଇସି ଧୀରେନ୍' ଏବଂ 'ରାଉଡ଼ି ରାଜା'। ଚଳିତବର୍ଷ ଏ ପର୍ଯ୍ୟନ୍ତ ଏହି ତିନୋଟି ଚଳଚ୍ଚିତ୍ରକୁ ମିଶାଇ ମୁକ୍ତିଲାଭ କରିଥିବା ଚିତ୍ର ସଂଖ୍ୟା ହେବ ୩୮।

**ଉଟ୍‌ପେନ୍:** ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଉଟ୍‌ପେନ୍'। ଜ୍ୟୋତି ଏଥିରେ ଜଣେ ସାଇକୋ କିଲର ଭୂମିକାରେ ଅଭିନୟ କରୁଛନ୍ତି। ଏହି ଫିଲ୍ମର କାହାଣୀ ଜଣେ ଭାଇ, ଭଉଣୀ ଓ ଉଟ୍‌ପେନ୍‌ରୁ ଆରମ୍ଭ। ଭାଇ ନିଜ ଭଉଣୀ ପାଇଁ ପ୍ରତିଶୋଧ ନେଉଛି, ହେଲେ କାହିଁକି ଏବଂ ଏହା ସହ ଉଟ୍‌ପେନ୍‌ର କି ସମ୍ପର୍କ ରହିଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ଅଶ୍ୱିନୀ ତ୍ରିପାଠୀ ଓ ଶ୍ରୀ ବୀରବଲ୍ ଏଣ୍ଟରଟେନ୍‌ମେଣ୍ଟ ପ୍ରଯୋଜିତ ଏହି ଫିଲ୍ମରେ ଜ୍ୟୋତିଙ୍କ ବ୍ୟତୀତ ଦିବ୍ୟାଦିଶା ମହାନ୍ତି, ଅଙ୍କିତ କୁମାର, ଶକ୍ତି ବରାଳ, ସୁପ୍ରିୟା ନାୟକ, ଅର୍ପିତା ସାହୁ, ପ୍ରିୟମ୍ବଦା, ଅନନ୍ୟା ଦାସ, ଓଡ଼ିଶାର ଲୋକପ୍ରିୟ ୟୁଟ୍ୟୁବର ରାଜୁ ଦାସ ଏବଂ ନବାଗତ ପ୍ରୀତି ବିଶ୍ୱାଳ ଓ ରୋହନ୍ ଗର୍ଗଙ୍କୁ ଦେଖିବାକୁ ମିଳିବ। ଉକ୍ତ ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ। ସଂଳାପ ଲେଖିଛନ୍ତି ଡ. ଦୀପକ ଜେନା। ଏହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ପୁପୁଲ ମହାନ୍ତି। କାର୍ଯ୍ୟନିର୍ବାହୀ ପ୍ରଯୋଜକ ହେଉଛନ୍ତି ଗଣେଶ ରାମ ଅଗ୍ରୱାଲ। ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଓ କ୍ରିଏଟିଭ୍ ହେଡ୍ ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ପ୍ରଣୟ ଜେଠୀ।

**ଆଇଆଇସି ଧୀରେନ୍ :** ନବାଗତ ଧୀରେନ୍ ତ୍ରିପାଠୀ। ଏକାଧାରରେ ସେ ପ୍ରଯୋଜକ କମ୍ ନାୟକ। ଅର୍ଥାତ୍ ଏହି ସିନେମାଟିର ସେ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି। ରହସ୍ୟ, ରୋମାଞ୍ଚଭରା କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡ଼ିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଚିତ୍ରଟିର ସହ-ପ୍ରଯୋଜକ ହେଉଛନ୍ତି ଉମା ପ୍ରଧାନ ଏବଂ ସ୍ମିତା ତ୍ରିପାଠୀ। ଧୀରେନ୍‌ଙ୍କ ସହ ଏଥିରେ ସ୍କ୍ରିନ୍ ଶେୟାର କରୁଛନ୍ତି ଅର୍ପିତା ଏବଂ ଇପ୍‌ସିତା। ଖାସ୍ କଥା ହେଲା, ଏହି ଫିଲ୍ମରେ ଶ୍ରୀତମ ଦାସ ଡବଲ ରୋଲ୍ (ନେଗେଟିଭ, ପଜିଟିଭ୍)ରେ ଦର୍ଶକଙ୍କ ସାମ୍‌ନାକୁ ଆସିବେ। ଏଥିରେ ସଂଯୋଜିତ ୫ଟି ଗୀତକୁ ସ୍ୱର ଦେଇଛନ୍ତି ନବାଗତ ସ୍ୱର ସଂଯୋଜକ ଯୋଡ଼ି କାଳୀପ୍ରସାଦ-ରବି କୁମାର। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ରଥ।

**ରାଉଡ଼ି ରାଜା:** ଲଭ୍ ଆକ୍ସନ, ଇମୋଶନ ଏବଂ କମେଡ଼ିକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ରାଉଡ଼ି ରାଜା'। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସୋହମ ସିଂ। ଉକ୍ତ ରହସ୍ୟ ରୋମାଞ୍ଚଭରା କାହାଣୀଟି ସହ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମ ବିଷୟରେ ସୋହମ୍ କହନ୍ତି, 'ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି। ବିଶେଷଭାବରେ ଏଥିରେ ଆକ୍ସନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସତ କଥା କହିବାକୁ ଗଲେ ଯେଉଁଭଳି ଚରିତ୍ରଟିଏ ମୁଁ ଖୋଜୁଥିଲି ତାହା ଏହି ଫିଲ୍ମରେ ମୋତେ ମିଳିଯାଇଛି।' ନବାଗତ ପ୍ରଯୋଜକ କମଲ କୁମାର ମହାନ୍ତିଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ଏହି ଫିଲ୍ମରେ ସୋହମ୍‌ଙ୍କ ଅପୋଜିଟ୍‌ରେ ଅଛନ୍ତି ଶ୍ରଦ୍ଧା ପାଣିଗ୍ରାହୀ।


'ଉଟ୍‌ପେନ୍' ଫିଲ୍ମର ଏକ ଦୃଶ୍ୟ


'ଆଇଆଇସି ଧୀରେନ୍' ଫିଲ୍ମରେ ଅର୍ପିତା-ଧୀରେନ୍


'ରାଉଡ଼ି ରାଜା' ଫିଲ୍ମର ଏକ ଦୃଶ୍ୟ

# ଜାତୀୟ ରେକର୍ଡ ଭାଙ୍ଗିଲେ ମଣିକାନ୍ତ

**ବେଙ୍ଗାଲୁରୁ,୧୧।୧୦**

୧୦୦ମିଟର ସ୍ପ୍ରିଣ୍ଟରେ ନୂତନ ଜାତୀୟ ରେକର୍ଡ କରିଛନ୍ତି ସର୍ଭିସେସ୍‌ର ମଣିକାନ୍ତ ଏଚ୍.ଏଚ୍.। ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପରେ ସେ ଏହି ରେକର୍ଡ କରିଛନ୍ତି। ବୁଧବାର ୨୧ ବର୍ଷୀୟ ମଣିକାନ୍ତ ୧୦.୨୩ ସେକେଣ୍ଡର ଟାଇମିଂ ନେଇ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ଏହା ସହିତ ଆସାମର ଅମ୍ଲାନ ବୋର୍ଗୋହେନଙ୍କ ନାମରେ ଥିବା ୧୦.୨୫ ସେକେଣ୍ଡର ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଉତ୍ତର ପ୍ରଦେଶର ରାଇ ବରେଲିରେ ଅନୁଷ୍ଠିତ ୮୭ତମ ସର୍ବଭାରତୀୟ ଆନ୍ତଃ-ରେଲୱେ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଅମ୍ଲାନ ଏହି ରେକର୍ଡ କରିବା ସହ ଓଡ଼ିଆ ଧାବକ ଅମିୟ ମଲିକଙ୍କ ରେକର୍ଡ ଭାଙ୍ଗିଥିଲେ। ୨୦୧୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ଅମୀୟ ୧୦.୨୬ ସେକେଣ୍ଡର ଟାଇମିଂ ହାସଲ କରିଥିଲେ।

ମହିଳା ୧୦୦ ମିଟର ସ୍ପ୍ରିଣ୍ଟରେ ପଞ୍ଜାବର କମଲଜିତ୍ କୌର ୧୧.୪୭, ତାମିଲନାଡୁର ଗିରିଧାରାଣୀ ରବି କୁମାର(୧୧.୪୬) ଓ କର୍ନାଟକର ସ୍ନେହା ଏସ୍‌ଏସ୍(୧୧.୪୭) ସେକେଣ୍ଡର ଟାଇମିଂ ନେଇ ହିଟ୍ସରେ ପ୍ରଥମ ୩ ସ୍ଥାନରେ ରହିଛନ୍ତି। ୧୧୦ ମିଟର ବାଧାଦୌଡରେ ମହାରାଷ୍ଟ୍ରର ତେଜସ୍ ଶୀର୍ଷେ୧୩.୭୨ ସେକେଣ୍ଡର ସମୟ ନେଇ ମିଟ୍ ରେକର୍ଡ କରିଛନ୍ତି। ୨୦୧୧ ମସିହାରେ ସିଦ୍ଧାନ୍ତ ଥିଙ୍ଗାଲ୍ୟା ୧୩.୭୭ ସେକେଣ୍ଡର ଟାଇମିଂ ସହ ମିଟ୍ ରେକର୍ଡ ସ୍ଥାପନ କରିଥିଲେ।

ପୁରୁଷ ଡିସକସ୍ ଥ୍ରୋରେ ସର୍ଭିସେସ୍‌ର ଗଗନଦୀପ୍ ସିଂ୫୨.୯୬ ମିଟର ଦୂରତା ସହ ପ୍ରଥମ ସ୍ଥାନରେ ରହିଛନ୍ତି। ମଣିପୁରର ଓଇନାମ ସିଂ ୫୨.୮୨ ମିଟର ଦୂରତା ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ମହିଳା ବର୍ଗରେ ୧୦ ହଜାର ମିଟର ଚାଲିରେ ସୀମା ୩୩:୨୬.୯୦ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ କବିତା ଯାଦବଓ ଫୁଲନ ପାଲ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ହାମର ଥ୍ରୋରେ ଅନମୋଲ କୌର ୬୦.୧୯ ମିଟର ଦୂରତା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାନ୍ୟା ଚୌଧାରୀ ଓ ସରିତା ବି ସିଂ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ୧୦୦୦୦ ମିଟରରେ ମହାରାଷ୍ଟ୍ରର ଦୀନେଶ ୨୯:୧୦.୧୧ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସର୍ଭିସେସର ମୋହନ ସାଇନି ଓ ସନ୍ଦୀପ ସିଂ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ଅମିତ, ଦୀପ୍ ଗ୍ରେସ୍‌ଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

## ରୋହିଦାସଙ୍କୁ ୧.୫ କୋଟି, ଏକ୍କାଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର

**ଭୁବନେଶ୍ୱର, ୧୧।୧୦**
**(ଅନିଲ ଦାସ)**

ଚାଇନାରେ ଅନୁଷ୍ଠିତ ଏସିୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ହକି ଖେଳାଳି ଅମୀତ ରୋହିଦାସ ଏବଂ ବ୍ରୋଞ୍ଜ ପଦକ ବିଜୟିନୀ ମହିଳା ହକି ଖେଳାଳି ଦୀପ ଗ୍ରେସ ଏକ୍କାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ରୋହିଦାସଙ୍କୁ ୧.୫ କୋଟି ଏବଂ ଏକ୍କାଙ୍କୁ ୫୦ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଉଭୟ ଖେଳାଳୀଙ୍କ କୃତିକୁ ନେଇ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଛନ୍ତି। ସେମାନେ ନିଜର ଉତ୍ସର୍ଗୀକୃତ ମନୋଭାବ, କଠିନ ପରିଶ୍ରମ ଓ ଅଦମ୍ୟ ଦକ୍ଷତା ଯୋଗୁ ରାଜ୍ୟ ପାଇଁ ବଡ ଗୌରବ ଆଣିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ରହିବା ସହ ନିଜର କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ପାଇଁ ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଅମୀତ ରୋହିଦାସ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ହକି ଦଳକୁ ବିଜୟୀ କରିବାରେ ନିଜର ଲଗାତର ପ୍ରୟାସ ଜରିଆରେ ଦକ୍ଷତାର ପ୍ରମାଣ ଦେଇଛନ୍ତି। ସେ ସୁନ୍ଦରଗଡ ଜିଲ୍ଲା ସହିତ ରାଜ୍ୟ ଓ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦୀପ୍ ଗ୍ରେସ୍ ଏକ୍କା ଓ ଅମିତ ରୋହିଦାସ।

ଦେଶ ପାଇଁ ଏକ ରୋଲ ମଡେଲ ପାଲଟିଛନ୍ତି। ସେହିପରି ମହିଳା ହକି ଦଳର ତାରକା ଖେଳାଳି ଦୀପ ଗ୍ରେସ ଏକ୍କା ରାଜ୍ୟର ଯୁବ ମହିଳା ଖେଳାଳିଙ୍କ ପାଇଁ ଗର୍ବର ଉତ୍ସ ପାଲଟିଛନ୍ତି। ତାଙ୍କର ନୀରନ୍ତର ଚମତ୍କାର ଦକ୍ଷତା ଭାରତୀୟ ମହିଳା ହକି ଦଳକୁ ବହୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସଫଳତାରେ ଦେବାରେ ଗୁରୁତ୍ୱ ଭୂମିକା ଗ୍ରହଣ କରିଛି। ଉଭୟ ଖେଳାଳି ଏହି ସମ୍ମାନ ପାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ରାଜ୍ୟର ଗୌରବ ବଢାଇବାକୁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି।

# ଅହମଦାବାଦରେ ପହଞ୍ଚିଲେ ଗିଲ୍

**ନୂଆଦିଲ୍ଲୀ,୧୧।୧୦(ପି.ଟି.)**

ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ଭାରତୀୟ ଇନ୍‌ଫର୍ମ ଓପନିଂ ବ୍ୟାଟର ଶୁବ୍‌ମନ ଗିଲ୍ ଅହମଦାବାଦରେ ପହଞ୍ଚିଛନ୍ତି। ଡେଙ୍ଗୁ କାରଣରୁ ଚେନ୍ନାଇର ଏକ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ପ୍ରଥମ ଦୁଇ ମ୍ୟାଚ୍‌ରୁ ଅଦ୍ୟାବଧି ବାଦ୍ ପଡି ସାରିଥିବା ଗିଲ୍ ବୁଧବାର ଅହମଦାବାଦରେ ପହଞ୍ଚିଥିଲେ ମଧ୍ୟ ଅହମଦାବାଦ ମ୍ୟାଚ୍ ପାଇଁ ଆଶଙ୍କାରେ ରହିଛନ୍ତି। ଗିଲ୍ ପହଞ୍ଚିଥିଲେ ମଧ୍ୟ ତାଙ୍କର ଅଭ୍ୟାସ ସେସନ୍ ସମ୍ପର୍କରେ କୌଣସି ଅପଡେଟ୍ ମିଳି ନାହିଁ। ଗୁରୁବାର ସେ ହାଲୁକା ଅଭ୍ୟାସ କରିବାର ଅନୁମାନ କରାଯାଉଛି। ଚେନ୍ନାଇରେ ପହଞ୍ଚିବା ପରେ ଗିଲ୍‌ଙ୍କୁ ଜ୍ୱର ହୋଇଥିବା ବେଳେ ପରୀକ୍ଷଣରୁ ପ୍ଲେଟ୍‌ଲେଟ୍ କାଉଣ୍ଟ ହ୍ରାସ ପାଇଥିବା ଜଣାପଡିଥିଲା। ସାଧାରଣତଃ ଶରୀରରେ ପ୍ଲେଟଲେଟ୍ ସଂଖ୍ୟା ୧.୫ ଲକ୍ଷରୁ ୪.୫ ଲକ୍ଷ ରହୁଥିବା ବେଳେ ଗିଲ୍‌ଙ୍କ ପ୍ଲେଟ୍‌ଲେଟ୍ ସ୍ତର ୭୦ ହଜାରକୁ ଖସି ଆସିଥିଲା।



ଅକ୍ଟୋବର ୧୫ରୁ ୧୭ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ୧୪୧ତମ ଅଧିବେଶନ ପୂର୍ବରୁ ନୀତା ଅମ୍ବାନୀ ଏବଂ ମୁକେଶ ଅମ୍ବାନୀ ମଙ୍ଗଳବାର ସନ୍ଧ୍ୟାରେ ମୁମ୍ବାଇସ୍ଥିତ ବାସଭବନରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବାକ୍‌ଙ୍କୁ ଆତିଥ୍ୟ ପ୍ରଦାନ କରିଛନ୍ତି। ଏହି ଅବସରରେ ନୀତା ଅମ୍ବାନୀ ଭାରତୀୟ ପରମ୍ପରାରେ ବାକ୍‌ଙ୍କୁ ସ୍ୱାଗତ କରିଥିଲେ। ନୀତା ହେଉଛନ୍ତି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ରେ ପ୍ରଥମ ଭାରତୀୟ ମହିଳା ସଦସ୍ୟା।

# ଗାଜାବାସୀଙ୍କୁ ବିଜୟ ଉତ୍ସର୍ଗ କଲେ ରିଜୱାନ

**ହାଇଦ୍ରାବାଦ,୧୧।୧୦(ପି.ଟି.):** ଶ୍ରୀଲଙ୍କା ବିପକ୍ଷ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌ରେ ରେକର୍ଡ ରନ୍ ଚେଜ୍ ପରେ ଗାଜାବାସୀଙ୍କ ପାଇଁ ବିଜୟକୁ ଉତ୍ସର୍ଗ କରିଛନ୍ତି। ଗୋଟିଏ ପଟେ ସମଗ୍ର ବିଶ୍ୱ ଇସ୍ରାଏଲ ଉପରେ ହମାଶ ଆତଙ୍କୀଙ୍କ ଆକ୍ରମଣକୁ ନିନ୍ଦା କରିଥିବା ବେଳେ ରିଜୱାନ ଏହି ବିଜୟକୁ ଗାଜାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ୩୪୫ ରନ୍ ଲକ୍ଷ୍ୟର ପିଛା କରୁଥିବା ପାକିସ୍ତାନ ୪୮.୨ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପାକିସ୍ତାନ ପକ୍ଷରୁ ମହମ୍ମଦ ରିଜୱାନ(୧୩୧*) ଓ ଅବଦୁଲ୍ଲା ଶଫିକ୍(୧୧୩) ତୃତୀୟ ଉଇକେଟରେ ୧୭୬ ରନ୍ ଯୋଡିଥିଲେ। ବିଶ୍ୱକପ୍‌ରେ ଏହା ସର୍ବାଧିକ ରନ୍ ଚେଜ୍ ହୋଇଥିବା ବେଳେ ଯୁଦ୍ଧ ପ୍ରପୀଡିତ ଗାଜାର ଭାଇ ଭଉଣୀମାନଙ୍କ ପାଇଁ ମୁଁ ଏହି ବିଜୟକୁ ଉତ୍ସର୍ଗ କରୁଛି ବୋଲି ମ୍ୟାଚ ପରବର୍ତ୍ତୀ ପ୍ରେସ୍ ମିଟ୍‌ରେ କହିଛନ୍ତି ରିଜୱାନ। ଏହି ବିଜୟର ଶ୍ରେୟ ସେ ଅବଦୁଲ୍ଲା ଶଫିକ୍ ଓ ହସନ ଅଲୀଙ୍କୁ ମଧ୍ୟ ଦେଇଛନ୍ତି।

# ଜନ୍ମଦିନ ପାଳିଲେ ପାଣ୍ଡ୍ୟା



ଜନ୍ମଦିନ କେକ୍ କାଟୁଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା।

**ନୂଆଦିଲ୍ଲୀ,୧୧।୧୦(ପି.ଟି.)**

ଭାରତୀୟ କ୍ରିକେଟ ଦଳର ଉପଅଧିନାୟକ ତଥା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପୂର୍ବତନ ଭାରତୀୟ ଓପନର ଗୌତମ ଗମ୍ଭୀରଙ୍କ ସହିତ ଜନ୍ମଦିନ ପାଳନ କରିଛନ୍ତି। ବୁଧବାର ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ପାଣ୍ଡ୍ୟା ୩୦ ବର୍ଷରେ ପଦାର୍ପଣ କରିଥିଲେ। ଦିଲ୍ଲୀ ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳା ଯାଇଥିବା ବେଳେ ଷ୍ଟାର ସ୍ପୋର୍ଟ୍ସର କମେଣ୍ଟ୍ରି ଟିମ୍‌ରେ ଥିବା ଗୌତମ ଗମ୍ଭୀରଙ୍କ ସହିତ ଜନ୍ମଦିନ ପାଳନ କରିଥିଲେ ପାଣ୍ଡ୍ୟା। ମ୍ୟାଚ୍ ପୂର୍ବରୁ କମେଣ୍ଟ୍ରି ଟିମ୍‌ରେ ରହିଥିବା ଗମ୍ଭୀର ଓ ଯତୀନ ସପ୍ରୁ ସାକ୍ଷାତକାର ପାଇଁ ପାଣ୍ଡ୍ୟାଙ୍କୁ ଡାକିଥିଲେ। ଉଭୟଙ୍କ ଉପସ୍ଥିତିରେ ପାଣ୍ଡ୍ୟା କେକ୍ ମଧ୍ୟ କାଟିଥିଲେ। ୩୦ ବର୍ଷୀୟ ପାଣ୍ଡ୍ୟା ଭାରତ ପାଇଁ ଅଦ୍ୟାବଧି ୧୧ ଟେଷ୍ଟ, ୮୧ ଦିନିକିଆ ଓ ୮୭ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଜନ୍ମଦିନରେ ୭ ଓଭର ବୋଲିଂ କରିଥିବା ପାଣ୍ଡ୍ୟା ୪୩ ରନ୍ ବ୍ୟୟ କରି ଦୁଇଟି ଉଇକେଟ ନେଇଥିଲେ।

# ଭାରତ ଆସିବେ ପିସିବି ମୁଖ୍ୟ

**ଲାହୋର,୧୧।୧୦(ପି.ଟି.):** ଶନିବାର ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁ ପ୍ରତୀକ୍ଷିତ କ୍ରିକେଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଭାରତ ଆସିବେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ମୁଖ୍ୟ ଜାକା ଅଶ୍ରଫ୍। ଗୁରୁବାର ସେ ଭାରତ ଅଭିମୁଖେ ଯାତ୍ରା କରିବେ ବୋଲି ଅଶ୍ରଫ୍ ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ମିଡିଆ କର୍ମୀଙ୍କ ଭିଜାକୁ ନେଇ ଦ୍ୱନ୍ଦ୍ୱ ରହିଥିବା ବେଳେ ଏହି ସମସ୍ୟା ଦୂର ହେବା ପରେ ଭାରତ ଆସିବା ନେଇ ସବୁଜ ସଙ୍କେତ ଦେଇଛନ୍ତି ଅଶ୍ରଫ। ଭାରତରେ ହେବାକୁ ଥିବା ଏହି ମ୍ୟାଚ୍ ପାଇଁ ୬୦ରୁ ଅଧିକ ପାକିସ୍ତାନୀ ସାମ୍ବାଦିକ ଆବେଦନ କରିଥିଲେ। ସାମ୍ବାଦିକଙ୍କୁ ବୁଧବାର ଭିଜା ପ୍ରଦାନ କରାଯିବା ନେଇ ସବୁଜ ସଙ୍କେତ ମିଳିବା ପରେ ଅଶ୍ରଫ ଭାରତ ଆସିବେ ବୋଲି ସ୍ପଷ୍ଟ କରିଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସହ ଆଲୋଚନା ପରେ ସାମ୍ବାଦିକଙ୍କୁ ଭିଜା ମିଳିବା ଅତ୍ୟନ୍ତ ଖୁସିର ଖବର ବୋଲି ସେ କହିଛନ୍ତି।

# ଆଇସିୟୁରେ ଅଲିମ୍ପିକ୍ସ ଚାମ୍ପିୟନ

**ନ୍ୟୁୟର୍କ,୧୧।୧୦(ପି.ଟି.)**

ଜିମ୍ନାଷ୍ଟିକ୍ସରେ ଅଲିମ୍ପିକ୍ସ ଚାମ୍ପିୟନ ଆମେରିକାର ମେରୀ ଲୋଉ ରେଟନ୍ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ନିମୋନିଆରେ ଆକ୍ରାନ୍ତ ଥିବା ମେରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ତାଙ୍କ ଝିଅ ମେକେନ୍ନା କେଲୀ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ପ୍ରଥମ ଆମେରିକୀୟ ମହିଳା ଭାବରେ ମେରୀ ଜିମ୍ନାଷ୍ଟିକ୍ସରେ ଆମେରିକା ପାଇଁ ପଦକ ଜିତିଥିଲେ। ୫୫ ବର୍ଷୀୟା ଏହି ପୂର୍ବତନ ଜିମ୍ନାଷ୍ଟଙ୍କୁ ନିଃଶ୍ୱାସ ନେବାରେ ଅସୁବିଧା ହେଉଥିବାରୁ ଭେଣ୍ଟିଲେଟରରେ ରଖାଯାଇଥିବା ଜଣାପଡିଛି। ୧୬ ବର୍ଷ ବୟସରେ ୧୯୮୪ ଲସ୍‌ଏଞ୍ଜେଲସ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ବ୍ୟତୀତ ସେ ଦୁଇଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଛନ୍ତି। ଆମେରିକାରେ ଜିମ୍ନାଷ୍ଟିକ୍ସକୁ ଲୋକପ୍ରିୟ କରିବାରେ ରେଟନ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମେରୀଙ୍କ ଜୀବନ ବୀମା ନ ଥିବାରୁ ତାଙ୍କ ଚିକିତ୍ସା ପାଇଁ ଝିଅ କେଲୀ ଫଣ୍ଡ ରେଜ ଉଦ୍ୟମ କରୁଛନ୍ତି।



ମେରୀ ଲୋଉ ରେଟନ୍।

# ଦକ୍ଷିଣ ଆଫ୍ରିକା ବିପକ୍ଷରେ ଫେରିବେ ଷ୍ଟୋଇନିସ୍

**ଲକ୍ଷ୍ନୌ,୧୧।୧୦(ପି.ଟି.)**

ଗୁରୁବାର ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ପରସ୍ପର ସାମ୍ନା କରିବେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଶାଳ ସ୍କୋର ସହିତ ଶ୍ରୀଲଙ୍କାକୁ ପରାସ୍ତ କରିଥିବା ବେଳେ ଚେନ୍ନାଇର ଭାରତ ବିପକ୍ଷ ଲୋ ସ୍କୋରିଂ ମ୍ୟାଚରେ ପରାଜିତ ହୋଇଥିଲା ଅଷ୍ଟ୍ରେଲିଆ। ଲକ୍ଷ୍ନୌରେ ଏହି ମ୍ୟାଚ୍‌ଟି ଖେଳାଯିବାକୁ ଥିବାବେଳେ ଏହି ପିଚ୍‌ଟି ଅବ୍ୟବହୃତ ରହିଛି। ଆଇପିଏଲର ଲୋ ସ୍କୋରିଂ ମ୍ୟାଚ ପରେ ପିଚ୍‌କୁ ଖୋଳି ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା। ପାଞ୍ଚ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟପ୍ ଅର୍ଡରରେ ସ୍ମିଥ୍ ଓ ୱାର୍ନର ଭଲ ସ୍କୋର କରିଥିଲେ ମଧ୍ୟ ମିଡିଲ ଅର୍ଡର ଖେଳାଳି ବିଫଳ ହୋଇଥିଲେ। ତେବେ ମାର୍କସ୍ ଷ୍ଟୋଇନିସଙ୍କ ପ୍ରତ୍ୟାବର୍ତ୍ତନ ସହିତ ମିଡିଲ ଅର୍ଡର ବ୍ୟାଟିଂ ବିଫଳତା ଦୂର କରିବାକୁ ପ୍ରୟାସ କରିବ ଅଷ୍ଟ୍ରେଲିଆ। ୧୯୯୨ ପରେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ପରାଜୟରୁ ଅଭିଯାନ ଆରମ୍ଭ କରିଥିବା ବେଳେ ଏହାକୁ ସୁଧାରିବାକୁ ଦଳ ପ୍ରୟାସ କରିବ। ଚେପକ୍‌ର ଟର୍ନିଂ ଟ୍ରାକ୍‌ରେ ୱାର୍ନର ଓ ସ୍ମିଥ୍ ୩୦ ରନ୍ ଉପରେ ସ୍କୋର କରିଥିଲେ। ତେବେ



ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ଲକ୍ଷ୍ନୌ ଷ୍ଟାଡିୟମ୍ ପିଚ୍ ନିରୀକ୍ଷଣ କରୁଛନ୍ତି।

ଆଡାମ୍ ଜାମ୍ପାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି କ୍ୱାଲିଟି ସ୍ପିନର ନ ରହିବା ଦଳର ସମୀକରଣକୁ ଖରାପ କରୁଛି। ବ୍ୟାଟିଂ ଓପନ୍ କରିଥିବା ମିଚେଲ୍ ମାର୍ଶ ବିଶେଷ କିଛି କରି ପାରି ନ ଥିବା ବେଳେ ବିରାଟ କୋହଲିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ହାତଛଡା କରିଥିଲେ। ହାମଷ୍ଟ୍ରିଙ୍ଗ ଇଞ୍ଜୁରୀରୁ ପ୍ରତ୍ୟାବର୍ତ୍ତନ କରିଥିବା ମାର୍କସ୍ ଷ୍ଟୋଇନିସ ପ୍ଲେଇଙ୍ଗ ୧୧ରେ କାମେରନ୍ ଗ୍ରୀନଙ୍କ ସ୍ଥାନ ନେବେ। ପୂର୍ବରୁ ସେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପକ୍ଷରୁ ଖେଳି ସାରିଥିବା ବେଳେ ଏହା ଦଳ ପାଇଁ ଲାଭଦାୟକ ହେବ।

ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚରେ ଚମତ୍କାର ବିଜୟ ସହିତ ଦୃଢ ଆତ୍ମବିଶ୍ୱାସରେ ନଜର ଆସିଛି। ପ୍ରଥମ ମ୍ୟାଚ୍‌ରେ ୩ ଜଣ ଖେଳାଳି ଶତକ ହାସଲ କରିଥିବା ବେଳେ ସମାନ ଫର୍ମ ବଜାୟ ରଖିବାକୁ ଚାହିଁବ ଦଳ। ଦକ୍ଷିଣ ଆଫ୍ରିକା ଦଳର ଓପନର ରହିଥିବା କ୍ୱିଣ୍ଟନ୍ ଡି କକ ଲକ୍ଷ୍ନୌ ପକ୍ଷରୁ ଖେଳୁଥିବାରୁ ସେ ମଧ୍ୟ ସ୍ଥାନୀୟ ପରିବେଶ ସହ ଅଭ୍ୟସ୍ତ। ବିଶ୍ୱକପ୍‌ର ଦ୍ରୁତତମ ଶତକ ହାସଲ କରିଥିବା ଏଡେନ୍ ମାରକ୍ରମଙ୍କ ନିକଟରୁ ମଧ୍ୟ ଦକ୍ଷିଣ ଆଫ୍ରିକା ସମାନ ଫର୍ମ ଆଶା କରିବ। ଯଦି ଏକାନା ଷ୍ଟାଡିୟମର ପିଚ୍ ସ୍ପିନ୍ ସହାୟକ ରହିବ ତେବେ ଦଳ ଟାବରେଜ୍ ସାମ୍‌ସୀଙ୍କୁ ସାମିଲ କରିପାରେ। ପେସ୍ ବୋଲିଂ ଦକ୍ଷିଣ ଆଫ୍ରିକାର ବଡ ସମସ୍ୟା ରହିଛି। ଆନରିଚ୍ ନୋର୍ଜେଙ୍କ ଅନୁପସ୍ଥିତିରେ କାଗିସୋ ରବାଡାଙ୍କ ଉପରେ ଅତିରିକ୍ତ ଚାପ ପଡୁଛି। ଲୁଙ୍ଗି ଏନ୍‌ଗିଡି ଓ ମାର୍କୋ ଜାନସେନ୍‌ଙ୍କ ବୋଲିଂ ଏତେଟା ପ୍ରଭାବଶାଳୀ ରହିନାହିଁ। ପ୍ରଥମ ମ୍ୟାଚ୍ ପରାଜୟ ପରେ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ଦୃଢ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ଉଭୟ ଦଳ ମଧ୍ୟରେ ଏହା ବିଶ୍ୱକପର ସପ୍ତମ ମୁକାବିଲା ରହିବ। ପୂର୍ବରୁ ୬ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩ ଥର ବିଜୟ ହାସଲ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୨ ଥର ବିଜୟୀ ହୋଇଛି ଓ ଗୋଟିଏ ମ୍ୟାଚ୍ ଟାଇରେ ଶେଷ ହୋଇଛି। ଶେଷ ଥର ପାଇଁ ୨୦୧୯ରେ ଉଭୟ ଦଳ ମୁହାଁମୁହିଁ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ୧୦ ରନ୍‌ରେ ବିଜୟୀ ହୋଇଥିଲା।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା**

ସ୍ଥାନ: ଲକ୍ଷ୍ନୌ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ






# ଏକାଧିକ ରେକର୍ଡ ଭାଙ୍ଗିଲେ ରୋହିତ



ଛକା ମାରିବା ଅବସରରେ ରୋହିତ ଶର୍ମା।

**ନୂଆଦିଲ୍ଲୀ,୧୧।୧୦**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ମ୍ୟାଚରେ ଭାରତୀୟ କ୍ରିକେଟର କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଓ ୟୁନିଭର୍ସ ବସ୍ କ୍ରିସ୍ ଗେଲ୍‌ଙ୍କ ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି ହିଟ୍‌ମ୍ୟାନ୍। ବୁଧବାର ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଶତକ ହାସଲ କରିବା ସହିତ ରୋହିତ ବିଶ୍ୱକପରେ ସର୍ବାଧିକ ଶତକ ତାଲିକାରେ ସଚିନଙ୍କ ରେକର୍ଡ ଭାଙ୍ଗିଥିଲେ। ଏହା ସହିତ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା ମାରିବାରେ ସେ କ୍ରିସ୍ ଗେଲ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି।

ବିଶ୍ୱକପରେ ସଚିନ୍ ୪୪ ମ୍ୟାଚ୍ ଖେଳି ୬ ଶତକ ହାସଲ କରିଥିବା ବେଳେ ୧୯ ତମ ବିଶ୍ୱକପ ମ୍ୟାଚରେ ରୋହିତ ତାଙ୍କ ରେକର୍ଡ ଭାଙ୍ଗିଛନ୍ତି। ସଚିନ୍ ନିଜ କ୍ୟାରିୟରରେ ୬ଟି ବିଶ୍ୱକପ ଖେଳିଥିବା ବେଳେ ରୋହିତଙ୍କ କ୍ୟାରିୟରର ଏହା ତୃତୀୟ ବିଶ୍ୱକପ। ୨୦୧୫ରେ ପ୍ରଥମ ଥର ବିଶ୍ୱକପ ଖେଳି ଗୋଟିଏ ଶତକ ସହ ୩୩୦ ରନ୍ ସ୍କୋର କରିଥିଲେ। ୨୦୧୯ ସଂସ୍କରଣର ସର୍ବାଧିକ ସ୍କୋରର ରହିଥିବା ରୋହିତ ୫ ଶତକ ସହ ୬୪୮ ରନ୍ ସ୍କୋର କରିଛନ୍ତି। ଏହି ଶତକ ସହିତ ସେ ଅନ୍ତର୍ଜାତୀୟ କ୍ୟାରିୟରରେ ୩୧ ତମ ଶତକ ହାସଲ କରି ରିକି ପଣ୍ଟିଂଙ୍କୁ ପଛରେ ପକାଇଛନ୍ତି। ବର୍ତ୍ତମାନ କେବଳ ବିରାଟ କୋହଲି(୪୭) ଓ ସଚିନ୍ ତେନ୍ଦୁଲକର (୪୯) ତାଙ୍କଠାରୁ ଆଗରେ ରହିଛନ୍ତି। ଏହା ସହିତ ସେ ବିଶ୍ୱର ଦ୍ରୁତତମ ଖେଳାଳି ଭାବରେ ବିଶ୍ୱକପରେ ୧ ହଜାର ରନ୍ ପୂରଣ କରିଛନ୍ତି। ରୋହିତ ମାତ୍ର ୧୯ ତମ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଡେଭିଡ୍ ୱାର୍ନର ଚଳିତ ବିଶ୍ୱକପରେ ସମାନ ୧୯ ଇନିଂସରେ ଏହି ସଫଳତା ହାସଲ କରିଥିଲେ। ଏହା ପୂର୍ବରୁ ସଚିନ୍ ତେନ୍ଦୁଲକର ଓ ଏବି ଡିଭିଲର୍ସ ୨୦ ମ୍ୟାଚ୍‌ରେ ୧୦୦୦ ରନ୍ ସମ୍ପୂର୍ଣ୍ଣ କରିଥିଲେ। ଚତୁର୍ଥ ଭାରତୀୟ ଖେଳାଳି ଭାବରେ ରୋହିତ ବିଶ୍ୱକପରେ ୧୦୦୦ ରନ୍ ସମ୍ପୂର୍ଣ୍ଣ କରିଛନ୍ତି। ପୂର୍ବରୁ ସଚିନ୍ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ବିରାଟ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଭାରତୀୟଙ୍କ ମଧ୍ୟରେ ଏହା ବିଶ୍ୱକପରେ ଦ୍ରୁତତମ ଶତକ। କପିଳ ଦେବ ୧୯୮୩ ମସିହାରେ ୭୨ ବଲ୍‌ରୁ ଶତକ ହାସଲ କରିଥିବା ବେଳେ ରୋହିତ ବୁଧବାର ମାତ୍ର ୬୩ ବଲ୍‌ରୁ ଶତକ ହାସଲ କରିଥିଲେ।

ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା ମାରିବାରେ ୟୁନିଭର୍ସ ବସ୍ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇଛନ୍ତି ରୋହିତ ଶର୍ମା। ୱେଷ୍ଟଇଣ୍ଡିଜ୍‌ର ଗେଲ୍ ୫୫୧ ଇନିଂସରେ ୫୫୩ ଛକା ମାରିଥିବା ବେଳେ ରୋହିତ ତାଙ୍କୁ ପଛରେ ଛାଡିଛନ୍ତି। ନବୀନ ଉଲ୍ ହକ୍‌ଙ୍କୁ ପୁଲ୍ ଶଟ୍ ଜରିଆରେ ଛକା ମାରିବା ସହ ରୋହିତ ନିଜର ୪୭୩ ତମ ଇନିଂସରେ ଏହି ରେକର୍ଡକୁ ଅତିକ୍ରମ କରିଛନ୍ତି। ପାକିସ୍ତାନର ଶାହିଦ ଆଫ୍ରିଦି ୪୭୬ ଛକା ସହିତ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।

**ବିଶ୍ୱକପରେ ଶତକ**

- ➩ରୋହିତ ଶର୍ମା–୭
- ➩ସଚିନ୍ ତେନ୍ଦୁଲକର–୬
- ➩ରିକି ପଣ୍ଟିଂ–୫
- ➩କୁମାର ସାଙ୍ଗାକାରା–୫



ସଚିନ ତେନ୍ଦୁଲକର

## ସ୍କୋର ବୋର୍ଡ

**ଆଫଗାନିସ୍ତାନ ଇନିଂସ**

ଗୁରବାଜ–କ–ଶାର୍ଦ୍ଦୂଳ–ବୋ–ପାଣ୍ଡ୍ୟା–୨୧
ଇବ୍ରାହିମ୍–କ–ରାହୁଲ–ବୋ–ବୁମ୍‌ରା–୨୨
ରହମତ–ଏଲ୍‌ବିଡବ୍ଲ୍ୟୁ–ଶାର୍ଦ୍ଦୂଳ–୧୬
ହଶମତୁଲ୍ଲା–ଏଲବିଡବ୍ଲ୍ୟୁ–କୁଲଦୀପ–୮୦
ଆଜମତୁଲ୍ଲା–ବୋ–ପାଣ୍ଡ୍ୟା–୬୨
ନବି–ଏଲ୍‌ବିଡବ୍ଲ୍ୟୁ–ବୁମ୍‌ରା–୧୯
ନଜିବୁଲ୍ଲା–କ–କୋହଲି–ବୋ–ବୁମ୍‌ରା–୨
ରଶିଦ–କ–କୁଲଦୀପ–ବୋ–ବୁମ୍‌ରା–୧୬
ରହମନ–ନଟ୍‌ଆଉଟ–୧୦
ନଭିନ–ନଟ୍‌ଆଉଟ–୯
ଅତିରିକ୍ତ–୧୫
ମୋଟ (୫୦ ଓଭର, ୮ ଉଇକେଟ) ୨୭୨।
ଉଇକେଟ ପତନ: ୧/୩୨, ୨/୬୩, ୩/୬୩, ୪/୧୮୪, ୫/୨୨୫, ୬/୨୨୯, ୭/୨୩୫, ୮/୨୬୧।

**ବୋଲିଂ (ଭାରତ)**

ବୁମ୍‌ରା–୧୦–୦–୩୯–୪
ସିରାଜ ୯–୦–୭୬–୦
ହାର୍ଦ୍ଦିକ ୭–୦–୪୩–୨
ଶାର୍ଦ୍ଦୂଳ ୬–୦–୩୧–୧
କୁଲଦୀପ ୧୦–୦–୪୦–୧
ଜାଡେଜା ୮–୦–୩୮–୦।

**ଭାରତ ଇନିଂସ**

ରୋହିତ–ବୋ–ରଶିଦ–୧୩୧
କିଶନ–କ–ଇବ୍ରାହିମ–ବୋ–ରଶିଦ–୪୭
କୋହଲି–ନଟଆଉଟ–୫୫
ଆୟର–ନଟଆଉଟ–୨୫
ଅତିରିକ୍ତ–୧୫
ମୋଟ(୩୫ ଓଭର, ୨ ଉଇକେଟ) ୨୭୩
ଉଇକେଟ ପତନ: ୧/୧୫୬, ୨/୨୦୫।

**ବୋଲିଂ (ଆଫଗାନିସ୍ତାନ)**

ଫଜଲକ ଫାରୁକି ୬–୦–୫୦–୦
ମୁଜିବ ଉର ରହମନ ୮–୦–୬୪–୦
ନଭିନ–ଉଲ–ହକ୍ ୫–୦–୩୧–୦
ଅଜମତୁଲ୍ଲା ଓମାରଜାଇ ୪–୦–୩୪–୦
ମହମ୍ମଦ ନବି ୪–୦–୩୨–୦
ରଶିଦ ଖାଁ ୮–୦–୫୭–୨।



ଆଫଗାନିସ୍ତାନର ରଶିଦ ଖାଁଙ୍କ କ୍ୟାଚ ନେଉଛନ୍ତି କୁଳଦୀପ ଯାଦବ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୨ | ୨ | ୦ | ୪ | +୧.୯୫୮ |
| ଭାରତ | ୨ | ୨ | ୦ | ୪ | +୧.୫୦୦ |
| ପାକିସ୍ତାନ | ୨ | ୨ | ୦ | ୪ | +୦.୯୨୭ |
| ଦକ୍ଷିଣ ଆଫ୍ରିକା | ୧ | ୧ | ୦ | ୨ | +୨.୦୪୦ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୨ | ୧ | ୧ | ୨ | –୦.୬୫୩ |
| ଅଷ୍ଟ୍ରେଲିଆ | ୧ | ୦ | ୧ | ୦ | –୦.୮୮୩ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | –୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | –୧.୮୦୦ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | –୧.୯୦୭ |



ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ମ୍ୟାଚ ଉପଭୋଗ କରୁଛନ୍ତି ଭାରତୀୟ ପ୍ରଶଂସକ।



ଆଜମତୁଲ୍ଲା ଓମାରଜାଇଙ୍କ ଉଇକେଟ ନେଇ ପାର୍ଟନରଶିପ୍ ଭାଙ୍ଗିବା ଖୁସିରେ ଉଲ୍ଲସିତ ହାର୍ଦ୍ଦିକ ପାଣ୍ଡ୍ୟା।

# ଦୀପ୍ ଗ୍ରେସ୍, ଅମିତଙ୍କୁ ଭବ୍ୟ ସ୍ୱାଗତ



ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ଦୀପ୍ ଗ୍ରେସ୍ ଏକ୍କା ଓ ଅମିତ ରୋହିଦାସଙ୍କୁ ସ୍ୱାଗତ କରାଯାଉଛି।

**ଭୁବନେଶ୍ୱର, ୧୧।୧୦(ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଅଂଶଗ୍ରହଣ କରି ପଦକ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟ ଓ ସଦସ୍ୟା ଅମିତ ରୋହିଦାସ ଓ ଦୀପ୍ ଗ୍ରେସ୍ ଏକ୍କା ବୁଧବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅମିତ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳର ସଦସ୍ୟ ଥିଲେ। ସେହିପରି ଦୀପ୍ ଗ୍ରେସ୍ ବ୍ରୋଞ୍ଜ ପଦକ ହାସଲକାରୀ ଭାରତୀୟ ମହିଳା ଦଳର ଉପ-ଅଧିନାୟିକା ଥିଲେ। ଉଭୟ ଖେଳାଳିଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ଓ ଅନ୍ୟ ସିନିୟର ଅଫିସିଆଲମାନେ ଉପସ୍ଥିତ ଥିଲେ।

# ଭାରତୀୟ ଦଳ ଘୋଷିତ, ଚାନୁଙ୍କୁ ବିଶ୍ରାମ

## ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

## ଉପ ଅଧିନାୟିକା ରହିଲେ ଦୀପ୍ ଗ୍ରେସ୍

**ନୂଆଦିଲ୍ଲୀ, ୧୧।୧୦ (ପି.ଟି.)**

ଚଳିତ ମାସ ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ରାଞ୍ଚିରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଗୋଲକିପର ସବିତା ପୁନିଆ ଅଧିନାୟିକା ଓ ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ଉପ-ଅଧିନାୟିକା ଭାବେ ଅପରିବର୍ତ୍ତିତ ରହିଛନ୍ତି। ଆହତ ସୁଶୀଳା ଚାନୁଙ୍କୁ ବିଶ୍ରାମ ଦିଆ ଯାଇଛି। ଏହା ବ୍ୟତୀତ ଏସିଆନ ଗେମ୍ସ ଖେଳିଥିବା ଦଳରେ ସେପରିକିଛି ପରିବର୍ତ୍ତନ କରାଯାଇନାହିଁ। ସୁଶୀଳାଙ୍କ ସ୍ଥାନରେ ବଲଜିତ କୌର ଦଳକୁ ଆସିଛନ୍ତି। ଏସିଆନ ଗେମ୍ସ ଦଳରେ ଥିବା ବୈଷ୍ଣବୀ ବିଠଲ ଫାଲ୍‌କେ ଓ ଶର୍ମିଳା ଦେବୀ ରିପ୍ଲେସମେଣ୍ଟ ପ୍ଲେୟର ଭାବେ ଦଳରେ ରହିଛନ୍ତି। ବ୍ୟାକ୍-ଅପ୍ ଖେଳାଳିଭାବେ ଏମାନେ ଦଳସହ ଯାତ୍ରା କରିବେ। ସବିତାଙ୍କ ବ୍ୟତୀତ ବିଚ୍ଚୁ ଦେବୀ ଖାରିବାମ୍ ଅନ୍ୟତମ ଗୋଲକିପର ରହିଛନ୍ତି। ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ ଓ ଦୀପ୍ ଗ୍ରେସ୍‌ଙ୍କ ଉପରେ ରକ୍ଷଣଭାଗର ଗୁରୁ ଦାୟିତ୍ୱ ରହିବ। ଆଗାମୀ ପ୍ରତିଯୋଗିତାରେ ଭାରତ ବ୍ୟତୀତ ଜାପାନ, କୋରିଆ, ମାଲେସିଆ ଓ ଥାଇଲାଣ୍ଡ ଅଂଶଗ୍ରହଣ କରିବେ। ଚଳିତ ମାସ ୨୭ ତାରିଖରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ୨୮ରେ ମାଲେସିଆ, ୩୦ରେ ଚାଇନା, ୩୧ରେ ଜାପାନ ଓ ନଭେମ୍ବର ୨ରେ କୋରିଆକୁ ଭେଟିବ। ନଭେମ୍ବର ୪ରେ ସେମିଫାଇନାଲ ଓ ୫ରେ ଫାଇନାଲ ଅନୁଷ୍ଠିତ ହେବ। ‘‘ମୋମେଣ୍ଟମ ବଜାୟ ରଖିବା ପାଇଁ ଏହା ଆମପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଏସିଆନ ଗେମ୍ସରେ ଆମେ ଭଲ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଥିଲୁ। ଏସିଆନ ଚ୍ୟାଲେଞ୍ଜର୍ସଙ୍କ ବିପକ୍ଷରେ ପ୍ରଦର୍ଶନରେ ଉନ୍ନତି ଆଣି ଷ୍ଟାଣ୍ଡିଂରେ ଉପରେ ରହିବା ଆମର ମୁଖ୍ୟ ଲକ୍ଷ୍ୟ’’ ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ଗୋଲକିପର୍ସ: ସବିତା (ଅଧିନାୟିକା), ବିଚ୍ଚୁ ଦେବୀ ଖାରିବାମ୍।

ଡିଫେଣ୍ଡର୍ସ: ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ଦୀପ୍ ଗ୍ରେସ୍ ଏକ୍କା (ଉପ-ଅଧିନାୟିକା)।

ମିଡ୍‌ଫିଲ୍ଡର୍ସ: ନିଶା, ସାଲିମା ଟେଟେ, ନେହା, ନବନୀତ କୌର, ସୋନିକା, ମୋନିକା, ଜ୍ୟୋତି, ବଲଜିତ କୌର।

ଫରୱାର୍ଡ୍ସ: ଲାଲରେମସିଆମି, ସଙ୍ଗିତା କୁମାରୀ, ଦୀପିକା, ବନ୍ଦନା କାଟରିୟା।

ରିପ୍ଲେସମେଣ୍ଟ ପ୍ଲେୟର୍ସ: ଶର୍ମିଳା ଦେବୀ, ବୈଷ୍ଣବୀ ବିଠଲ ଫାଲ୍‌କେ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ